୫୭ତମ ବର୍ଷ ୨୧ ଫେବୃଆରୀ ୨୦୧୪ ପ୍ରଥମ ସଂଖ୍ୟା

# ନବଜ୍ୟୋତି

ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣାଙ୍ଗ ଓ ପ୍ରଗତିଶୀଳ ଅଧ୍ୟାତ୍ମ ଜୀବନ-ଦୃଷ୍ଟି ଦ୍ୱାରା ପ୍ରେରିତ
ଯୋଗ, ସମାଜ, ଶିକ୍ଷା ଓ ସଂସ୍କୃତି ସମ୍ବନ୍ଧୀୟ ତ୍ରୈମାସିକ ପତ୍ରିକା ।

ପ୍ରେରଣା : ଶ୍ରୀ ରାମକୃଷ୍ଣ ଦାସ ପ୍ରତିଷ୍ଠାତା : ଶ୍ରୀ ପ୍ରପତ୍ତି
ସଂପାଦକ : ଶ୍ରୀ ବିଶ୍ୱମ୍ଭର ସାମନ୍ତ

**ପ୍ରତି ସଂଖ୍ୟା : ୨୦ ଟଙ୍କା, ବାର୍ଷିକ ଚାନ୍ଦା : ୮୦ ଟଙ୍କା, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ୮୦୦ ଟଙ୍କା**

# ସୂଚୀପତ୍ର

[ନବଜ୍ୟୋତି • ଫେବ୍ରୁଆରୀ, ୨୦୧୪]


**ଯୋଗ-ଦର୍ଶନ**

| | | | | |
|---|---|---|---|---|
| ଶ୍ରୀଅରବିନ୍ଦଙ୍କୁ ଦର୍ଶନ କରିବାର ସେହି ଅନୁଭୂତି | ... | ଶ୍ରୀମା | ... | ୫ |
| ଭାରତରେ ଶ୍ରୀମାଙ୍କ ପଦାର୍ପଣ | ... | ... | ... | ୭ |
| ଶ୍ରୀମା'ଙ୍କ ସମ୍ବନ୍ଧରେ ଶ୍ରୀଅରବିନ୍ଦ | ... | ... | ... | ୯ |
| ନିଜ ସମ୍ବନ୍ଧରେ ଶ୍ରୀମା | ... | ... | ... | ୧୦ |
| ମା'ଙ୍କ ପଥ ଓ ମୋ ପଥ ଏକ ଓ ଅଭିନ୍ନ | ... | ଶ୍ରୀଅରବିନ୍ଦ | ... | ୧୨ |
| ମୁଁ ତୁମ ସହିତ ରହିଛି | ... | ଶ୍ରୀମା | ... | ୧୩ |
| ପ୍ରେମ ଓ ଆନନ୍ଦର ଦିବ୍ୟ ଜନନୀ | ... | ଶ୍ରୀମା | ... | ୧୭ |

**ସଂସ୍କୃତି-କଳା-ସାହିତ୍ୟ-ବିଜ୍ଞାନ**

| | | | | |
|---|---|---|---|---|
| ବନ୍ଦେ ମାତରମ୍ | ... | ଶ୍ରୀଅରବିନ୍ଦ | ... | ୨୨ |
| ମଧୁମୟୀ ମା (୨ୟ ପର୍ଯ୍ୟାୟ - ସଂଖ୍ୟା ୩) | ... | ଶ୍ରୀ ନଳିନୀକାନ୍ତ ଗୁପ୍ତ | ... | ୨୪ |
| ଅନ୍ଧକାରର ସନ୍ତାନଗଣ (୨) | ... | ଶ୍ରୀଅରବିନ୍ଦ | ... | ୨୭ |
| ୨୯ ମାର୍ଚ୍ଚ ୨୦୧୪ ବିବର୍ତ୍ତନର ଇତିହାସରେ ମହତ୍ତମ ମୁହୂର୍ତ୍ତ ସ୍ମରଣ ଓ ଶ୍ରଦ୍ଧାଞ୍ଜଳି | ... | ଶ୍ରୀ ମନୋଜ ଦାସ | ... | ୩୧ |
| ଶରୀରର ଜୀବକୋଷରେ ଯୋଗ | ... | ମମତା ଦାଶ | ... | ୩୮ |
| ମାନବଜୀବନ ଓ ସମାଜରେ ପୂର୍ଣ୍ଣଯୋଗର ପୂର୍ଣ୍ଣାଙ୍ଗ ପ୍ରୟୋଗ (୫) | ... | ଶ୍ରୀପତି ଦାସ | ... | ୪୧ |
| ଅମରତ୍ୱର ଦିଗ୍‌ଦର୍ଶିକା ଦିବ୍ୟଜନନୀ | ... | ଶ୍ରୀ ବିମଳ ପ୍ରସନ୍ନ ଦାସ | ... | ୪୫ |

**ସାଧନା ପରମ୍ପରା**

| | | | | |
|---|---|---|---|---|
| ରାଗାନୁଗାଭକ୍ତି ଓ ଶ୍ରୀଚୈତନ୍ୟ (୭) | ... | ... | ... | ୪୮ |

**ଅନ୍ତରାଳ ଜଗତ୍**

| | | | | |
|---|---|---|---|---|
| ଗୁହ୍ୟବିଦ୍ୟା ଓ କେତେକ ଅନୁଭୂତି | ... | ଶ୍ରୀମା | ... | ୫୩ |
| **ସମ୍ପାଦକୀୟ** | ... | ... | ... | ୫୫ |


❖

## ବିଷୟଗୁଡ଼ିକର ମୂଳଗ୍ରନ୍ଥ ସୂଚନା

ପୃ : ୧୦-୧୧ (MCW, Vol. 13, pp. 37- 42); ପୃ : ୧୩-୧୬ (M.C.W. Vol-13 - pp. -72-76); ପୃ : ୧୭-୨୧ (C.W.M. Vol. 6, pp.291 - 304)

I came to India to meet Sri Aurobindo. I remained in India to live with Sri Aurobindo. When he left his body, I continued to live here in order to do his work which is, by serving the Truth and enlightening mankind, to hasten the rule of the Divine's Love upon earth.

*21 February 1968*

(MCW. Vol. 13, p. 45) – The Mother

ଶ୍ରୀଅରବିନ୍ଦଙ୍କ ସହିତ ସାକ୍ଷାତ୍ କରିବା ପାଇଁ ମୁଁ ଭାରତକୁ ଆସିଥିଲି । ଶ୍ରୀଅରବିନ୍ଦଙ୍କ ସହିତ ଏକତ୍ର ବାସ କରିବା ନିମନ୍ତେ ମୁଁ ଭାରତରେ ରହିଗଲି । ସେ ଯେତେବେଳେ ଦେହତ୍ୟାଗ କଲେ, ସେତେବେଳେ ତାଙ୍କର କାର୍ଯ୍ୟଟିକୁ କରିବା ସକାଶେ ମୁଁ ତଥାପି ଏଠାରେ ରହିବାକୁ ଲାଗିଲି । ତାଙ୍କର ସେହି କାର୍ଯ୍ୟଟି ହେଉଛି, ପରମସତ୍ୟର ସେବା କରି ଓ ମନୁଷ୍ୟଜାତିକୁ ସନ୍ଦୀପିତ କରାଇ ପୃଥିବୀପୃଷ୍ଠରେ ଦିବ୍ୟ ପରମପ୍ରେମର ଶାସନକୁ ତ୍ୱରାନ୍ୱିତ କରି ଆଣିବା ।

୨୧ ଫେବ୍ରୁଆରୀ, ୧୯୬୮ — ଶ୍ରୀମା



Always one has to keep absolute faith in the Mother that one is in her hands, that everything will be done through her power.

– Sri Aurobindo

ସବୁ ସମୟରେ ମା'ଙ୍କ ଉପରେ ପୂର୍ଣ୍ଣ ଅଖଣ୍ଡ ବିଶ୍ୱାସ ରଖିବାକୁ ହେବ ଯେ ଆମେ ତାଙ୍କରି ହାତରେ ରହିଛୁ, ତାଙ୍କରି ଶକ୍ତି ଦ୍ୱାରାହିଁ ସବୁକିଛି ସମ୍ପନ୍ନ ହେବ ।

– ଶ୍ରୀଅରବିନ୍ଦ

*

It is by doing work for the Mother with surrender to her, with obedience to her expressed will, without fancies and vital self will that you can remain in touch with the embodied Mother here and progress in the Yoga.

– Sri Aurobindo

ମା'ଙ୍କୁ ସମର୍ପଣ କରି ତାଙ୍କ ପାଇଁ କର୍ମ କରିବା ଦ୍ୱାରା, ନିଜର କୌଣସି ଖିଆଲୀ କଳ୍ପନା ବା ଆତ୍ମପ୍ରବଣ ପ୍ରାଣିକ ଝୁଙ୍କକୁ ପ୍ରଶ୍ରୟ ନ ଦେଇ ମା'ଙ୍କର ବ୍ୟକ୍ତ ଇଚ୍ଛା ପ୍ରତି ଆଜ୍ଞାନୁବର୍ତ୍ତୀ ହୋଇ ରହିବା ଦ୍ୱାରାହିଁ ତୁମେ ଏଠାରେ ଦିବ୍ୟ ଜନନୀ ଶ୍ରୀମା'ଙ୍କ ମୂର୍ତ୍ତରୂପ ସଙ୍ଗେ ସଂଯୋଗ ରଖିପାରିବ ଓ ଯୋଗରେ ଅଗ୍ରଗତି କରିପାରିବ ।

– ଶ୍ରୀଅରବିନ୍ଦ

# ଶ୍ରୀଅରବିନ୍ଦଙ୍କୁ ଦର୍ଶନ କରିବାର ସେହି ଅନୁଭୂତି

ଶ୍ରୀମା

[୧୯୧୪ ମସିହା ମାର୍ଚ୍ଚ ୨୯ ତାରିଖ ଶ୍ରୀଅରବିନ୍ଦଙ୍କ ସହ ଶ୍ରୀମାଙ୍କର ପ୍ରଥମ ସାକ୍ଷାତ୍ – ଏହି ଯୁଗ୍ମ ଅବତାରଙ୍କ ମହାମିଳନର ଅମୃତଲଗ୍ନ । ବିଶ୍ୱର ଆଧ୍ୟାତ୍ମିକ ଇତିହାସରେ ଏହା ଏକ ଅବିସ୍ମରଣୀୟ ଅନନ୍ୟ ମୁହୂର୍ତ୍ତ । ଚଳିତ ବର୍ଷ ୨୦୧୪, ଦିବ୍ୟଜନନୀଙ୍କର ଭାରତ ଆଗମନ ତଥା ଶ୍ରୀଅରବିନ୍ଦଙ୍କ ଦର୍ଶନର ଶତବାର୍ଷିକୀ । ଏହି ଅବସରରେ ଦିବ୍ୟଜନନୀଙ୍କ ଏହି ଅପୂର୍ବ ଅନୁଭୂତିର କିଛିଅଂଶ ନିମ୍ନରେ ପ୍ରଦତ୍ତ ହେଲା ।]

... ଏଠାରେ, ତୁମକୁ ଏକ ଉଦାହରଣ ଦିଆ ଯାଇପାରେ : ମୁଁ ଯେତେବେଳେ ପ୍ରଥମେ ଏହି ଦିଗରେ କାମ କରିବାକୁ ଆରମ୍ଭ କଲି (ବ୍ୟକ୍ତିଗତ ଭାବରେ ତେଓଁଙ୍କ ସଙ୍ଗେ ନୁହେଁ କିନ୍ତୁ ଫ୍ରାନ୍ସରେ ଥିବା ତାଙ୍କର ଜଣେ ପରିଚିତ ତରୁଣଙ୍କ ସଙ୍ଗେ, ଯେକି ମୋର ଭାଇଙ୍କର ବନ୍ଧୁ ଥିଲେ) ସେତେବେଳେ ମୋର ଅନେକଗୁଡ଼ିଏ ସୂକ୍ଷ୍ମଦର୍ଶନ ହୋଇଥିଲା (ମନେରଖ, ସେତେବେଳେ ମୁଁ ଭାରତ ସମ୍ପର୍କରେ କିଛି ବି ଜାଣି ନ ଥିଲି, ଆଦୌ କିଛି ନୁହେଁ; ଅଧିକାଂଶ ଇଉରୋପବାସୀ ଯେପରି କିଛି ଜାଣି ନ ଥା'ନ୍ତି । ସେମାନଙ୍କର ଧାରଣାରେ ଭାରତ ହେଉଛି ଜନସଂଖ୍ୟା- ବହୁଳ ଏକ ଦେଶ ଯେଉଁଠି ଗୁଡ଼ିଏ ପ୍ରଥା ଓ ଧର୍ମ ରହିଛି; ତାହାର ଇତିହାସ ଅତ୍ୟନ୍ତ ଗୋଳମାଳିଆ ଓ ଅସ୍ପଷ୍ଟ । ସେଠାରେ ଅନେକ ଅସାଧାରଣ, ଅଲୌକିକ ଘଟଣାସବୁ ଘଟିଥାଏ; ପ୍ରକୃତରେ ମୁଁ କିଛି ବି ଜାଣି ନ ଥିଲି) । ଏହିସବୁ ସୂକ୍ଷ୍ମ ଦର୍ଶନ ଭିତରୁ କେତେଗୁଡ଼ିକରେ ମୁଁ ଶ୍ରୀଅରବିନ୍ଦଙ୍କୁ ଦେଖିଥିଲି, ତାଙ୍କର ଦୈହିକ ଚେହେରାରେ ଯେପରି ଦେଖା ଯାଆନ୍ତି ଠିକ୍ ସେହିପରି, କିନ୍ତୁ ଅଧିକ ମହିମୋଜ୍ଜ୍ୱଳ ସେହି ଏକା ଲୋକଙ୍କୁହିଁ ମୁଁ ଦେଖିବାକୁ ପାଇଥିଲି ମୋର ପ୍ରଥମ ଭାରତ ଆଗମନ ବେଳେ; ଶରୀର ପ୍ରାୟ ପତଳା, ସେଇ ସ୍ୱର୍ଣ୍ଣାଭ ବ୍ରୋଞ୍ଜର ଦେହରଙ୍ଗ, ଆକୃତିରେ ତୀକ୍ଷଣତାର ଛାପ, ଅଯତ୍ନ ଶ୍ମଶ୍ରୁ ଓ ଦୀର୍ଘ କେଶ, ପିନ୍ଧିଥିବା ଧୋତିର ଗୋଟିଏ ପାଖ କାନି ପଡ଼ିଥାଏ କାନ୍ଧ ଉପରେ, ବାହୁ ଓ ବକ୍ଷ ଅନାବୃତ ଓ ଖାଲି ପାଦ । ସେତେବେଳେ ମୁଁ ଭାବିଥିଲି ଏହା ବୋଧହୁଏ ''ସୂକ୍ଷ୍ମଦର୍ଶନର ବେଶ-ବିନ୍ୟାସ !'' ମୋର ପ୍ରକୃତରେ ଭାରତ ସମ୍ପର୍କରେ କିଛି ବି ଧାରଣା ନ ଥିଲା, ଭାରତୀୟ ଢଙ୍ଗରେ ପୋଷାକ ପିନ୍ଧିଥିବା କାହାକୁ ସେପର୍ଯ୍ୟନ୍ତ ମୁଁ ଦେଖି ନ ଥିଲି ।

ବାସ୍, ମୁଁ ତାଙ୍କୁ ଦେଖିଥିଲି । ମୋର ଯେଉଁ ଅନୁଭୂତି ହୋଇଥିଲା ତା ହେଉଛି ଏକ ସଙ୍ଗରେ ପ୍ରତୀକାତ୍ମକ ସୂକ୍ଷ୍ମଦର୍ଶନ ଓ ବାସ୍ତବ ଆଧ୍ୟାତ୍ମିକ ଘଟଣା । ସୂକ୍ଷ୍ମଦର୍ଶନର ସେହି ସାକ୍ଷାତ୍‌ରେ ମିଳିଥିଲା ପୂରାପୂରି ନିଷ୍ପତ୍ତିମୂଳକ ଅଖଣ୍ଡ ଆଧ୍ୟାତ୍ମିକ ଅନୁଭୂତି ଓ ତଥ୍ୟସବୁ ଏବଂ ଯେଉଁ ଦିବ୍ୟକର୍ମ ସମ୍ପନ୍ନ କରିବାକୁ ହେବ ତାହାର ଏକ ମିଳିତ ଉପଲବ୍ଧି ଓ ପ୍ରତ୍ୟକ୍ଷ । ଏବଂ ଏହିସବୁ ସୂକ୍ଷ୍ମଦର୍ଶନରେ ମୁଁ ଏପରି କିଛି କରିଥିଲି ଯାହାକି ମୁଁ ସ୍ଥୂଳ ଦେହରେ କେବେ ବି କରି ନ ଥିଲି : ମୁଁ ହିନ୍ଦୁ ରୀତିରେହିଁ ତାଙ୍କୁ ସାଷ୍ଟାଙ୍ଗ ପ୍ରଣାମ କରିଥିଲି । ମୋର କ୍ଷୁଦ୍ର ମସ୍ତିଷ୍କଟିରେ ଏ ସଂପର୍କରେ କୌଣସି ଧାରଣା ନ ଥାଇ ମୁଁ ତାହା କରିଥିଲି, (ମୋର କହିବା କଥା ହେଲା ପ୍ରକୃତରେ ମୁଁ ଜାଣି ନ ଥିଲି କ'ଣ କରୁଥିଲି ଓ କିପରି ତାହା କରୁଥିଲି, ସେ ସଂପର୍କରେ ମୋର ଆଦୌ କିଛି ଧାରଣା ନ ଥିଲା) ମୁଁ ତାହା କରିଥିଲି ଏବଂ ସେହି ସମୟରେ ମୋର ବାହ୍ୟସତ୍ତା ପଚାରୁଥିଲା, ''ଏସବୁର ଅର୍ଥ କ'ଣ ?''

ମୁଁ ଏହି ସୂକ୍ଷ୍ମଦର୍ଶନଟି ଲିପିବଦ୍ଧ କରିଥିଲି (ବା ବୋଧହୁଏ ପରବର୍ତ୍ତୀ ସମୟରେ ତାହା କରିଥିଲି) କିନ୍ତୁ ଏ ବିଷୟରେ ମୁଁ କାହାକୁ କିଛି କହି ନଥିଲି (ସ୍ୱାଭାବିକଭାବରେ ଏସବୁ ବିଷୟରେ କାହାକୁ କିଛି କୁହାଯାଏ ନାହିଁ) । ତେବେ ମୋର ଧାରଣା ହୋଇଥିଲା ଏହା ଭବିଷ୍ୟତର ସୂଚନା ଦେଉଥିବା ଏକ ସୂକ୍ଷ୍ମ-ଦର୍ଶନ । ଭବିଷ୍ୟତରେ ଦିନେ ଏଇ ଧରଣର କିଛି ଘଟିବ । ଏବଂ ଏହା ମୋର ଚେତନାର ପ୍ରଚ୍ଛଦପଟରେ ବରାବର ରହିଥିଲା, ସକ୍ରିୟ ଭାବରେ ନୁହେଁ, କିନ୍ତୁ ତାହା ରହିଥିଲା ନିତ୍ୟ ନିରନ୍ତର ନିରବଚ୍ଛିନ୍ନ ଭାବେ ।

ତେଓଁଙ୍କ ସମ୍ପର୍କରେ କହିବାକୁ ଗଲେ, ସେ ଜଣେ ଇଉରୋପବାସୀ ଥିଲେ ଏବଂ ବାଇଗଣୀ ରଙ୍ଗର ଏକ ଲମ୍ବା ପୋଷାକ ପିନ୍ଧୁଥିଲେ ଯାହାର କି ମୋର ସୂକ୍ଷ୍ମଦର୍ଶନ ସଙ୍ଗେ ଆଦୌ କୌଣସି ସାମଞ୍ଜସ୍ୟ ନ ଥିଲା । (ମୁଁ ଠିକ୍ କହିପାରିବିନି ସେ ପୋଲାଣ୍ଡବାସୀ କି ରୁଷ୍‌ବାସୀ ଥିଲେ, ତେବେ ଖୁବ୍

ସମ୍ଭବତଃ ଇହୁଦୀ ବଂଶୋଦ୍ଭବ ରୁଷବାସୀ ଥିଲେ ଏବଂ ତାଙ୍କ ଦେଶରୁ ତାଙ୍କୁ ନିର୍ବାସିତ କରାଯାଇଥିଲା; ମୋର ଏହା ଏକ ଧାରଣା ମାତ୍ର, ସେ ଏ ସମ୍ପର୍କରେ କାହାକୁ କିଛି କହି ନ ଥିଲେ) ମୁଁ ଯେତେବେଳେ ତାଙ୍କୁ ଦେଖିଥିଲି, ମୋତେ ଲାଗିଥିଲା ସେ ଜଣେ ବିରାଟ ଶକ୍ତିଶାଳୀ ସତ୍ତା । ଶ୍ରୀଅରବିନ୍ଦଙ୍କ ସଙ୍ଗେ ତାଙ୍କର କିଛିଟା ସାଦୃଶ୍ୟ ଥିଲା : ତେଓଁଙ୍କ ଦେହାକୃତି ପ୍ରାୟ ସମାନ ଧରଣର ଥିଲା, ବେଶୀ ଡେଙ୍ଗା ନୁହେଁ, ମଧ୍ୟମ ଧରଣର ଉଚ୍ଚତା, ପତଳା, କ୍ଷୀଣକାୟ, ମୁଖମଣ୍ଡଳର ଆକୃତିରେଖାରେ ମଧ୍ୟ ଅନେକଟା ସାଦୃଶ୍ୟ ଥିଲା । କିନ୍ତୁ ଯେତେବେଳେ ତେଓଁଙ୍କ ସଙ୍ଗେ ମୋର ସାକ୍ଷାତ୍ ହୁଏ ସେତେବେଳେ ମୁଁ ଦେଖିଲି (ବରଂ ଅନୁଭବ କଲି) ମୋର ସୂକ୍ଷ୍ମଦର୍ଶନରେ ମୁଁ ଯାହାଙ୍କୁ ଦେଖୁଥିଲି ଏ ସେହି ବ୍ୟକ୍ତି ନୁହନ୍ତି । କାରଣ... ତାଙ୍କ ଭିତରେ ସେହି ସ୍ପନ୍ଦନଟି ନ ଥିଲା । ତଥାପି ଏହିସବୁ ବିଷୟ ସଂପର୍କରେ ପ୍ରଥମ ଶିକ୍ଷା ମୁଁ ତେଓଁଙ୍କଠାରୁହିଁ ପାଇଥିଲି ଏବଂ ତ୍ଲେମ୍‌ସେନ ଯାଇ ଦୁଇବର୍ଷ ଧରି ତାଙ୍କ ସଙ୍ଗେ ସାଧନା କରୁଥିଲି । କିନ୍ତୁ ସୂକ୍ଷ୍ମଦର୍ଶନର ବିଷୟଟି ମୋ ଚେତନାର ପ୍ରଚ୍ଛଦପଟରେ ବରାବର ରହିଥିଲା ।

ତା'ପରେ ଯେତେବେଳେ ରିଚାର୍ଡ଼ ଏଠାକୁ ଆସିଲେ, ସେ ଶ୍ରୀଅରବିନ୍ଦଙ୍କୁ ଦେଖାକଲେ । (ଜଣେ 'ମହାପୁରୁଷ', ଗୁରୁ ଓ 'ମହାନ୍ ଶିକ୍ଷକ'ଙ୍କୁ ଭେଟିବାର ଏକ ପ୍ରବଳ ସ୍ପୃହା ତାଙ୍କୁ ଘାରିଥିଲା ।) ଶ୍ରୀଅରବିନ୍ଦ ସେତେବେଳେ ଆତ୍ମଗୋପନ କରି ରହିଥିଲେ, କାହା ସଙ୍ଗେ ସାକ୍ଷାତ୍ କରୁ ନ ଥିଲେ । କିନ୍ତୁ ଯେତେବେଳେ ରିଚାର୍ଡ଼ ତାଙ୍କୁ ଭେଟିବା ପାଇଁ ବିଶେଷ ଆଗ୍ରହ ପ୍ରକାଶ କଲେ, ସେ ତାଙ୍କୁ ଭେଟିଲେ ଏବଂ ରିଚାର୍ଡ଼ ତାଙ୍କର ଏକ ଫଟୋ ନେଇ ଫେରିଥିଲେ । ଏହା ଥିଲା ତାଙ୍କର ଆଗକାର ଫଟୋଗୁଡ଼ିକ ଭିତରୁ ଗୋଟିଏ, ଯେଉଁଥିରେ କିଛିବି ବିଶେଷତ୍ୱ ନ ଥିଲା । ଏହା ଥିଲା ଅନେକଟା ଫମ୍ପା, ତାଙ୍କ ରାଜନୈତିକ ବ୍ୟକ୍ତିତ୍ୱର କିଛିଟା ଅବଶେଷ ମାତ୍ର; ମୁଁ ସୂକ୍ଷ୍ମଦର୍ଶନରେ ଯେପରି ଦେଖିଥିଲି ତାହା ସହିତ ଏହାର ଆଦୌ କୌଣସି ସାଦୃଶ୍ୟ ନ ଥିଲା– ମୁଁ ତାଙ୍କୁ ଚିହ୍ନି ପାରି ନ ଥିଲି । 'ଏହା ତ ଖୁବ୍ ଆଶ୍ଚର୍ଯ୍ୟଜନକ' ମୁଁ ନିଜକୁ କହିଲି, 'ଏତ ସେହି ବ୍ୟକ୍ତି ନୁହନ୍ତି' । (କାରଣ ଏଥିରେ ମୁଁ କେବଳ ତାଙ୍କର ବାହ୍ୟ ଚେହେରାଟିକୁ ଦେଖିଥିଲି ଅନ୍ତରର କୌଣସି ଯୋଗାଯୋଗ ନ ଥିଲା ।) କିନ୍ତୁ, ତଥାପି ତାଙ୍କୁ ଭେଟିବା ପାଇଁ ମୁଁ କୌତୂହଳୀ ହୋଇ ଉଠିଲି । ସେ ଯାହାହେଉ, ମୁଁ କହିପାରିବି ନାହିଁ ଯେ ମୁଁ ଯେତେବେଳେ ଏହି ଫଟୋଟି ଦେଖିଲି ସେତେବେଳେ ମୁଁ ଅନୁଭବ କରିଥିଲି, ''ସେଇହିଁ ହେଉଛନ୍ତି ସେହି ବ୍ୟକ୍ତି ।'' ଆଦୌ ନୁହେଁ । ସେହି ଫଟୋରୁ ସେ ଜଣେ ଖୁବ୍ ଆଗ୍ରହୋଦ୍ଦୀପକ ବ୍ୟକ୍ତି ହୋଇଥିବେ ବୋଲି ମୋ ମନରେ ଏକ ଛାପ ରହିଲା, କିନ୍ତୁ ତା'ଠାରୁ ଅଧିକ କିଛି ନୁହେଁ ।

ମୁଁ ଏଠାକୁ ଆସିଲି... କିନ୍ତୁ ମୋ ଭିତରେ କିଛିଟା ଚାହୁଁଥିଲା ଯେ ପ୍ରଥମ ଥର ସାକ୍ଷାତରେ ମୁଁ ତାଙ୍କୁ ପୂରା ଏକାକୀ ଭେଟିବି । ରିଚାର୍ଡ଼ ତାଙ୍କୁ ସକାଳେ ଯାଇ ଦେଖା କରିଥିଲେ ଏବଂ ମୋ ସଙ୍ଗରେ ତାଙ୍କର ସାକ୍ଷାତର ସମୟ ସ୍ଥିର ହୋଇଥିଲା ଅପରାହ୍ଣରେ । ବର୍ତ୍ତମାନ ଯେଉଁ ଘରଟି ଦ୍ୱିତୀୟ ଡର୍‌ମିଟରିର ଏକ ଅଂଶବିଶେଷ, ସେହି ପୁରୁଣା 'ଗେଷ୍ଟ୍‌ହାଉସ୍'ରେ ସେ ରହୁଥିଲେ । ମୁଁ ପାହାଚସବୁ ଦେଇ ଉପରକୁ ଉଠିଯାଉଥିଲି, ସେ ସେଠାରେ ଠିଆ ହୋଇଥିଲେ, ପାହାଚଗୁଡ଼ିକର ଶେଷପ୍ରାନ୍ତରେ ଠିଆ ହୋଇ ସେ ମୋତେ ଅପେକ୍ଷା କରିଥିଲେ... ଠିକ୍ ମୋର ସୂକ୍ଷ୍ମଦର୍ଶନରେ ଯେପରି ଦେଖିଥିଲି ! ଠିକ୍ ସେହିଭାବରେ ପରିଧାନ ପିନ୍ଧିଥିଲେ, ଠିକ୍ ସେହି ଠାଣିରେ ରହିଥିବା ତାଙ୍କ ମୁଖାକୃତିର ଗୋଟିଏ ପାର୍ଶ୍ୱ ମୁଁ ଦେଖିବାକୁ ପାଇଥିଲି, ତାଙ୍କର ମସ୍ତକ ଉନ୍ନତ ହୋଇ ରହିଥିଲା । ତା'ପରେ ମୋ ଆଡ଼କୁ ତାଙ୍କର ମୁହଁ ଫେରାଇଲେ... ଏବଂ ମୁଁ ତାଙ୍କର ଚକ୍ଷୁ ଓ ଦୃଷ୍ଟି ଭିତରେ ଦେଖିଥିଲି ଯେ **ସେହିଁ** ହେଉଛନ୍ତି ସେହି ମହାନ୍ ବ୍ୟକ୍ତି । ଦୁଇଟି ଜିନିଷ ଏକତ୍ର ଘଟିଗଲା ସେହି ମୁହୂର୍ତ୍ତରେ (ଏକ ତାତ୍‌କ୍ଷଣିକ ଆଘାତର ଭଙ୍ଗୀ), ଆନ୍ତର ଅନୁଭୂତିଟି ସଙ୍ଗେ ସଙ୍ଗେ ବାହ୍ୟ ଅନୁଭୂତି ସଙ୍ଗେ ମିଶି ଏକ ହୋଇଗଲା ଏବଂ ତାହା ଥିଲା ସେହି ନିଷ୍ପତ୍ତିମୂଳକ ଦିବ୍ୟ-ଆଘାତର ଏକ ଦ୍ରବୀଭୂତ ମିଶ୍ରଣ ।

କିନ୍ତୁ ଏହା ଥିଲା ମୋର ସୂକ୍ଷ୍ମଦର୍ଶନର ଏକ ଆରମ୍ଭ ମାତ୍ର । କେବଳ ଅନେକଗୁଡ଼ିଏ ଅନୁଭୂତିର କ୍ରମ ପରେ – ପଣ୍ଡିଚେରୀରେ ଦଶମାସ ରହଣି, ପାଞ୍ଚବର୍ଷର ବିଚ୍ଛେଦ ଓ ପୁଣି ପଣ୍ଡିଚେରୀକୁ ପ୍ରତ୍ୟାବର୍ତ୍ତନ ଓ ସେହି ସମାନ ଗୃହରେ ସେଇ ସମାନ ଢଙ୍ଗରେ ଶ୍ରୀଅରବିନ୍ଦଙ୍କ ସହ ସାକ୍ଷାତ୍‌ରେହିଁ ପରିସମାପ୍ତି ଘଟିଲା ସେହି ସୂକ୍ଷ୍ମ ଦର୍ଶନର ।... ❖

# ଭାରତରେ ଶ୍ରୀମାଙ୍କ ପଦାର୍ପଣ

**ମାର୍ଚ୍ଚ ୨୯, ୧୯୧୪**

୧୯୧୪ ମାର୍ଚ୍ଚ ୬ ତାରିଖରେ ଶ୍ରୀମା ପଣ୍ଡିଚେରୀ ଅଭିମୁଖରେ ପାରିସ୍ ଛାଡ଼ିଲେ । ଜାପାନୀ ଜାହାଜ 'କାଗାମାରୁ'ରେ ସେ ଆସିଥିଲେ ଭାରତ । କଲମ୍ବୋରେ ଓହ୍ଲାଇ 'ତାଲୁଇମାନ୍ନାର' ପ୍ରଣାଳୀ ପାର ହୋଇ ସେ ପହଞ୍ଚିଲେ ଧନୁଷ୍କୋଟିରେ ଏବଂ ସେଠାରୁ ଟ୍ରେନ୍ ଧରି ମାର୍ଚ୍ଚ ୨୯ ତାରିଖରେ ତତ୍କାଳୀନ ଫରାସୀ-ଭାରତ ଅନ୍ତର୍ଗତ ପଣ୍ଡିଚେରୀରେ ପଦାର୍ପଣ କଲେ ।

*

**ମା'ଙ୍କର ଏକ ଅନୁଭୂତି :**

ପଣ୍ଡିଚେରୀ ଆସିବା ପୂର୍ବରୁ ମା' ନିଜର ଏକ ଅନୁଭୂତି ସମ୍ପର୍କରେ କହିଥିଲେ,

''ମୋର ଏଗାର ଓ ତେର ବର୍ଷ ବୟସ ଭିତରେ କ୍ରମାଗତଭାବେ କେତେକ ଚୈତ୍ୟ ଓ ଆଧ୍ୟାତ୍ମିକ ଅନୁଭୂତି ଆସି ମୋ ଆଗରେ କେବଳ ଯେ ଭଗବାନଙ୍କ ଅସ୍ତିତ୍ୱକୁ ସ୍ପଷ୍ଟଭାବରେ ପ୍ରକାଶ କରିଦେଲା ଖାଲି ସେତିକି ନୁହେଁ, ଏହା ମଧ୍ୟ ମୋ ଭିତରେ ଏହି ଉପଲବ୍ଧି ଆଣି ଦେଇଥିଲା ଯେ ମଣିଷ ଭିତରେ ଭଗବାନଙ୍କ ସଙ୍ଗେ ଯୁକ୍ତ ଓ ମିଳିତ ହେବାର, ନିଜ ଚେତନା ଓ କର୍ମରେ ତାଙ୍କୁ ପୂର୍ଣ୍ଣାଙ୍ଗରୂପେ ଉପଲବ୍ଧି କରିବାର ଓ ଏକ ଦିବ୍ୟଜୀବନ ଭିତରେ ତାଙ୍କୁ ଏହି ପୃଥିବୀପୃଷ୍ଠରେ ଅଭିବ୍ୟକ୍ତ କରିବାର ସମସ୍ତ ସମ୍ଭାବନା ରହିଛି । ମୋର ଶରୀର ନିଦ୍ରାଯିବା ସମୟରେ, ଏହି ଉପଲବ୍ଧି ଓ ଏହା ସଙ୍ଗରେ ଏହାକୁ ପୂର୍ଣ୍ଣ ଓ ସାର୍ଥକ କରିବା ପାଇଁ ଏକ ବାସ୍ତବ ସାଧନାର ଧାରା ମୋତେ ପ୍ରାପ୍ତ ହୋଇଥିଲା ବିଭିନ୍ନ ଗୁରୁଙ୍କଠାରୁ, ଯେଉଁମାନଙ୍କ ଭିତରୁ କେତେକଙ୍କୁ ମୁଁ ପରେ ସ୍ଥୂଳ ଦୈହିକ ସ୍ତରରେ ଭେଟିଥିଲି ।

ପରବର୍ତ୍ତୀ ସମୟରେ ଏହି ସତ୍ତାମାନଙ୍କ ଭିତରୁ ଜଣକଙ୍କ ସଙ୍ଗରେ ମୋର ଏକ ଚୈତ୍ୟ ଓ ଆଧ୍ୟାତ୍ମିକ ସମ୍ବନ୍ଧ ଅଧିକରୁ ଅଧିକ ସ୍ପଷ୍ଟ ହୋଇଥିଲା ଓ ତାହା ବାରଂବାର ଘଟୁଥିଲା । ତାଙ୍କୁ ମୁଁ କୃଷ୍ଣ ବୋଲି ସମ୍ବୋଧନ କରିବା ପାଇଁ ମୋ ଭିତରୁ ଏକ ପ୍ରେରଣା ଆସିଥିଲା । ସେହି ସମୟରେ ମୁଁ ସଚେତ ହୋଇଥିଲି ଯେ ତାଙ୍କ ସଙ୍ଗେ ଏକତ୍ର ମିଳିତ ହୋଇ (ମୁଁ ଜାଣିଥିଲି ଯେ ନିଶ୍ଚୟ ଦିନେ ନା ଦିନେ ପୃଥିବୀପୃଷ୍ଠରେ ତାଙ୍କ ସଙ୍ଗେ ସାକ୍ଷାତ୍ ହେବ) ସେହି ଦିବ୍ୟକର୍ମଟି ସଂପନ୍ନ ହେବ ।

*

**ଶ୍ରୀଅରବିନ୍ଦଙ୍କ ସଙ୍ଗେ ସାକ୍ଷାତ୍ :**

୧୯୧୪ ମାର୍ଚ୍ଚ ୨୯ ତାରିଖ ଅପରାହ୍ଣରେ, '୩୭, ର୍ୟୁ ଫ୍ରାସୁଁଆ ମାର୍ତାଁଆ' ଷ୍ଟ୍ରିଟ୍ ସ୍ଥିତ ପୁରାତନ ଗେଷ୍ଟ ହାଉସ୍‌ରେ ଦୋତାଲାରେ ଶ୍ରୀମା ଶ୍ରୀଅରବିନ୍ଦଙ୍କୁ ସାକ୍ଷାତ୍ କରିଥିଲେ । ମା'ଙ୍କ କଥାରେ, ''ଶ୍ରୀଅରବିନ୍ଦଙ୍କୁ ଦେଖିବା ସଙ୍ଗେ ସଙ୍ଗେ ମୁଁ ଚିହ୍ନି ପାରିଲି ଯେ ସେହିଁ ହେଉଛନ୍ତି ମୋର ସେହି ସୁପରିଚିତ ଦିବ୍ୟସତ୍ତା ଯାହାଙ୍କୁ ମୁଁ କୃଷ୍ଣ ବୋଲି କହୁଥିଲି । ...ଭାରତରେ ତାଙ୍କ ସାନ୍ନିଧ୍ୟରେହିଁ ମୋର ସ୍ଥାନ ଓ କର୍ମ ବୋଲି ମୋର ଯେଉଁ ପୂର୍ଣ୍ଣ ହୃଦ୍‌ବୋଧ ହୋଇଥିଲା ତାହା ବ୍ୟାଖ୍ୟା କରିବା ପାଇଁ ଏତିକିହିଁ ଯଥେଷ୍ଟ ।''

*

**ମା'ଙ୍କ ଦିନଲିପିରୁ ଦୁଇଟି ଉଦ୍ଧୃତାଂଶ :**

**ମାର୍ଚ୍ଚ ୩୦, ୧୯୧୪**

... ଶତ ଶତ ଜୀବ ଯଦି ଗାଢ଼ତମ ଅଜ୍ଞାନ ମଧ୍ୟରେ ବୁଡ଼ି ରହିଥାଆନ୍ତି, ସେଥିରେ କିଛି ଯାଏ ଆସେ ନାହିଁ । କାଲି ମୁଁ ଯାହାଙ୍କୁ ଦେଖିଲି ସେ ପୃଥିବୀ ଉପରେ ବିଦ୍ୟମାନ । ତାଙ୍କର ଉପସ୍ଥିତିହିଁ ଯଥେଷ୍ଟ ପ୍ରମାଣ ଯେ ଏପରି ଏକ ଦିନ ଆସିବ ଯେତେବେଳେ ଅନ୍ଧକାର ଆଲୋକରେ ରୂପାନ୍ତରିତ ହେବ, ତୁମର ରାଜତ୍ୱ ଯଥାର୍ଥରେ ପୃଥିବୀ ଉପରେ ପ୍ରତିଷ୍ଠିତ ହେବ ।

ହେ ଭଗବାନ୍, ଏହି ଅତ୍ୟାଶ୍ଚର୍ଯ୍ୟର ଦିବ୍ୟସ୍ରଷ୍ଟା, ଯେବେ ମୁଁ ଏହି ଚିନ୍ତାକରେ, ଆନନ୍ଦ ଓ କୃତଜ୍ଞତାରେ ମୋର ହୃଦୟ ପରିପ୍ଲୁତ ହୋଇଯାଏ – ଆଶା ମୋର ଅସୀମ ହୋଇଉଠେ ।

ହେ ପ୍ରଭୁ, ମୋର ଆରାଧନା ସକଳ ବାକ୍ୟର ଅତୀତ, ନିର୍ବାକ୍ ମୋର ପୂଜା ।

**ଅପ୍ରେଲ ୩, ୧୯୧୪**

ହୃଦୟ ମୋର ଅସୀମ କୃତଜ୍ଞତାରେ ଭରିଉଠିଛି, ମନେ

ହେଉଛି, ଯାହା ସକାଶେ ଏତେଦିନ ଅନ୍ୱେଷଣ କରୁଥିଲି, ଅବଶେଷରେ ତାହାର ଦ୍ୱାରଦେଶରେ ଆଜି ଉପସ୍ଥିତ ହୋଇଛି ।

*

## ମା' ସ୍ମରଣ କରନ୍ତି :

ଶ୍ରୀଅରବିନ୍ଦଙ୍କୁ ଭେଟିବାର ବହୁ ବର୍ଷ ପୂର୍ବରୁ, ସଚେତ ଯୋଗ କରିବାର ୧୦/୧୨ ବର୍ଷ ପୂର୍ବରୁ ମୁଁ ଦୁଇଟି ବିପଦ ବିଷୟରେ ସଚେତ ଥିଲି : ଗୋଟିଏ ବିପଦ ହେଉଛି ଭଗବାନଙ୍କ ଛଦ୍ମରୂପ ଧାରଣ କରିଥିବା ଅସୁରମାନଙ୍କ ଭିତରୁ କାହାକୁ ଭଗବାନ୍ ବୋଲି ଗ୍ରହଣ କରିବା ଏବଂ ଅନ୍ୟ ବିପଦଟି ହେଉଛି ନିମ୍ନପ୍ରକୃତିର ଗତିବୃତ୍ତିଗୁଡ଼ିକୁ ଊର୍ଦ୍ଧ୍ୱରୁ ଆସୁଥିବା ପ୍ରେରଣା ବୋଲି ଭୁଲ୍ କରିବା ।

*

.... ତା'ପରେ ମୁଁ ଯେତେବେଳେ ଶ୍ରୀଅରବିନ୍ଦଙ୍କୁ ଭେଟିଲି ସେତେବେଳେ ସଙ୍ଗେ ସଙ୍ଗେ ଜାଣିଗଲି ଏ ହେଉଛନ୍ତି ସେ, ସ୍ୱୟଂ ଭଗବାନ୍, ଏବଂ ତାଙ୍କ ପାଖରେ ମୁଁ ନିଜକୁ ପୂର୍ଣ୍ଣଭାବରେ ସମର୍ପଣ କରିଦେଲି, ମୋର ସମଗ୍ର ସତ୍ତା ଏଥିରେ ପୂର୍ଣ୍ଣ ସମ୍ମତି ପ୍ରଦାନ କଲା ...ତା'ପରଠାରୁ ଶ୍ରୀଅରବିନ୍ଦ ଯାହା କହୁଥିଲେ, ସାମାନ୍ୟତମ ସନ୍ଦେହ, ପ୍ରଶ୍ନ ବା ଦ୍ୱିଧା ନ ରଖି ମୁଁ ତାହା ଗ୍ରହଣ କରି ନେଉଥିଲି ।

*

ମୁଁ ଯେତେବେଳେ ପ୍ରଥମ ଥର ପାଇଁ ଶ୍ରୀଅରବିନ୍ଦଙ୍କୁ ପଣ୍ଡିଚେରୀରେ ଭେଟିଥିଲି, ସେତେବେଳେ ମୁଁ ଗଭୀର ଧ୍ୟାନରେ ରହିଥିଲି, ବସ୍ତୁସବୁକୁ ଦେଖୁଥିଲି ଅତିମାନସରେ, ଯେଉଁ ବସ୍ତୁଗୁଡ଼ିକ ବାସ୍ତବରେ ରୂପ ନେବା କଥା କିନ୍ତୁ କୌଣସି କାରଣବଶତଃ ସେଗୁଡ଼ିକ ଏଠାରେ ଅଭିବ୍ୟକ୍ତ ହୋଇପାରୁ ନାହାନ୍ତି । ମୁଁ ଯାହା ଦେଖୁଥିଲି ତାହା ଶ୍ରୀଅରବିନ୍ଦଙ୍କୁ ଜଣାଇଲି ଏବଂ ତାଙ୍କୁ ପଚାରିଲି ସେଗୁଡ଼ିକ ବାସ୍ତବରେ ଅଭିବ୍ୟକ୍ତ ହେବେ କି ? ସେ ସହଜଭାବରେ କହିଲେ, 'ହଁ', ଏବଂ ତତ୍‌କ୍ଷଣାତ୍ ସଙ୍ଗେ ସଙ୍ଗେ ମୁଁ ଦେଖିଲି ଯେ ଅତିମାନସ ସତ୍ୟ ପୃଥିବୀକୁ ସ୍ପର୍ଶ କଲା ଏବଂ ତାହାର ଉପଲବ୍ଧି ଆରମ୍ଭ ହୋଇଗଲା । ଯାହା ସତ୍ୟ ତାହାକୁ ବାସ୍ତବରେ ପରିଣତ କରିବାର ଶକ୍ତିକୁ ମୁଁ ଦେଖିଲି ପ୍ରଥମ ଥର ପାଇଁ ।

*

ଏହାର ଅନେକ ବର୍ଷ ପରେ କେତେକ ଶିଷ୍ୟଙ୍କ ସଙ୍ଗେ କଥୋପକଥନ ବେଳେ ମା' ତାଙ୍କର କାମରେ ୨୯ ମାର୍ଚ୍ଚର ଯେଉଁ ଗଭୀର ତାତ୍ପର୍ଯ୍ୟ ରହିଛି ତାହାର ଆଉ ଏକ ସ୍ତର ବିଷୟରେ ସ୍ପଷ୍ଟ କରିଦେଲେ ।

## ମାର୍ଚ୍ଚ ୩୦, ୧୯୭୨

''ଗତକାଲି (ମାର୍ଚ୍ଚ ୨୯, ୧୯୭୨) ମୁଁ ଏଠାକୁ ପ୍ରଥମ ଥର ପାଇଁ ଆସିବାର ୫୮ବର୍ଷ ପୂରିଗଲା । ଗତ ୫୮ବର୍ଷ ଧରି ମୁଁ ସେହି ସତ୍ୟଟି ପାଇଁ କାମ କରୁଛି ଯେପରିକି ଶରୀର ଯେତେ ଅଧିକ ସମ୍ଭବ ସ୍ୱଚ୍ଛ ଓ ଜଡ଼ହୀନ ହୋଇଉଠିବ, ଅନ୍ୟ କଥାରେ ଅବତରଣ କରୁଥିବା ଦିବ୍ୟଶକ୍ତିର କ୍ରିୟାରେ ତାହା ଯେପରି କୌଣସି ବାଧା ସୃଷ୍ଟି ନ କରେ ।

ବର୍ତ୍ତମାନ, ବର୍ତ୍ତମାନ ଏହାହିଁ ହେଉଛି ସେହି ଶରୀର, ସ୍ୱୟଂ ଶରୀର ତା'ର ସମସ୍ତ ଦେହକୋଷ ଦେଇ ଏହାହିଁ ଚାହୁଁଛି । ଏହା ଯେ ନିଜର ଅସ୍ତିତ୍ୱକୁ ବଜାୟ ରଖିଛି ଏହାହିଁ ତା'ର ଏକମାତ୍ର କାରଣ । ଏହା ଚେଷ୍ଟାକରୁଛି, ପୃଥିବୀପୃଷ୍ଠରେ ଏପରି ଏକ ବିଶୁଦ୍ଧ, ସ୍ୱଚ୍ଛ, ଅମ୍ଳାନ ଉପାଦାନର ସିଦ୍ଧି ପାଇଁ ଚେଷ୍ଟା କରୁଛି ଯାହାକି କୌଣସି ବିରୂପ ବା ବିକୃତି ବିନା ଦିବ୍ୟଶକ୍ତିକୁ ଅବାଧରେ କ୍ରିୟା କରିବା ପାଇଁ ଛାଡ଼ିଦେବ ।

*

## ଶ୍ରୀଅରବିନ୍ଦଙ୍କ ମନ୍ତବ୍ୟ :

ଅନେକ ବର୍ଷ ପରେ ଜଣେ ସାଧକ ଶ୍ରୀଅରବିନ୍ଦଙ୍କୁ ପଚାରିଥିଲେ, ''ଆପଣଙ୍କୁ ଦେଖିବା ପରେ ମା' ଯାହା ଅନୁଭବ କରିଥିଲେ ତାହା ସେ ତାଙ୍କ 'ଧ୍ୟାନ ଓ ପ୍ରାର୍ଥନା'ରେ ଉଲ୍ଲେଖ କରିଛନ୍ତି । କିନ୍ତୁ ଆପଣ ମା'ଙ୍କୁ ଦେଖିବା ପରେ ଆପଣଙ୍କ ଭିତରେ କେଉଁ ଭାବର ଉଦ୍ରେକ ହୋଇଥିଲା ?''

**ଶ୍ରୀଅରବିନ୍ଦ** : ପ୍ରଥମଥର ପାଇଁ ମୁଁ ଜାଣିପାରିଲି ଯେ ଶେଷ ଦେହକୋଷଟି ପର୍ଯ୍ୟନ୍ତ ମାନୁଷୀ ଭାବରେ ପୂର୍ଣ୍ଣ ସମର୍ପଣ ସମ୍ଭବପର । ଯେତେବେଳେ ମା' ଆସିଲେ ଓ ମସ୍ତକ ଅବନତ କରି ପ୍ରଣାମ କଲେ, ମୁଁ ଦେଖିପାରିଲି କର୍ମ ଭିତର ଦେଇ କିପରି ପୂର୍ଣ୍ଣ ଓ ନିଃଶେଷ ସମର୍ପଣ କରିବାକୁ ହୁଏ । ❖

# ଶ୍ରୀମା'ଙ୍କ ସମ୍ବନ୍ଧରେ ଶ୍ରୀଅରବିନ୍ଦ

...ଭଗବାନ୍ ମାନବରୂପ ଧରନ୍ତି, ମନୁଷ୍ୟର ବାହ୍ୟ ପ୍ରକୃତିକୁ ଗ୍ରହଣ କରନ୍ତି ସ୍ୱୟଂ ପଥରେ ଚାଲିବେ ଓ ମାନବକୁ ପଥ ଦେଖାଇବେ ବୋଲି, କିନ୍ତୁ ସେ ତାଙ୍କର ଦିବ୍ୟସ୍ୱରୂପକୁ କେବେ ବି ତ୍ୟାଗ କରି ନଥା'ନ୍ତି। ଯାହା ଘଟେ ତା' ହେଉଛି ଏକ ଅଭିବ୍ୟକ୍ତି, ନିତ୍ୟବର୍ଦ୍ଧମାନ ଦିବ୍ୟଚେତନାରହିଁ ଏକ ଅଭିବ୍ୟକ୍ତି, ତାହାକୁ ମାନବଚେତନାର ଏକ ଦିବ୍ୟପରିଣତି ବୋଲି କୁହାଯାଇ ପାରିବ ନାହିଁ। ମା' ତାଙ୍କର ଶୈଶବରେ ବି ମାନବତ୍ୱର ବହୁ ଊର୍ଦ୍ଧ୍ୱରେ ଥିଲେ।...

*

... ତାଙ୍କର (ମା'ଙ୍କର) ମୂର୍ତ୍ତିପରିଗ୍ରହହିଁ ପାର୍ଥିବ ଚେତନାକୁ ସୁଯୋଗ ଦେଇଛି ନିଜ ମଧ୍ୟରେ ଅତିମାନସକୁ ଗ୍ରହଣ କରିବାକୁ ଏବଂ ସେଦିଗରେ ନିଜର ପ୍ରାରମ୍ଭିକ ରୂପାନ୍ତର ସାଧନ କରିବାକୁ। ପରେ ଅତିମାନସହିଁ ଆହୁରି ଏକ ରୂପାନ୍ତର ଘଟାଇବ କିନ୍ତୁ ତଥାପି ସମଗ୍ର ଚେତନା ଅତିମାନସରେ ରୂପାନ୍ତରିତ ହେବ ନାହିଁ। ଅତିମାନସର ପ୍ରତିନିଧିରୂପେ ଏକ ନୂତନ ଜାତିର ଆବିର୍ଭାବ ହେବ – ଯେପରି ମାନବ ହେଲା ମାନସର ପ୍ରତିନିଧି।

*

ସେହି ଏକ ଦିବ୍ୟଶକ୍ତିହିଁ ବ୍ୟକ୍ତି ଓ ବିଶ୍ୱରେ ତଥା ବିଶ୍ୱାତୀତରେ କାର୍ଯ୍ୟକରୁଛନ୍ତି – ମା' ଏହି ସମସ୍ତର ପ୍ରତୀକ, କିନ୍ତୁ ସେ ଏହି ବିଶ୍ୱରେ ମୂର୍ତ୍ତ ହୋଇ କାର୍ଯ୍ୟ କରୁଛନ୍ତି ଏପରି ଏକ ବସ୍ତୁକୁ ଆଣିବା ସକାଶେ ଯାହା ଆଜି ବି ଏହି ଜଡ଼ ଜଗତରେ ପ୍ରଘଟ ନୁହେଁ, ତାଙ୍କର ଉଦ୍ଦେଶ୍ୟ ହେଲା ପାର୍ଥିବ ଜୀବନର ରୂପାନ୍ତର। ତାଙ୍କୁ ତୁମେ ଦେଖିବ ଏହିଭାବରେ, ଏହି ଉଦ୍ଦେଶ୍ୟ ନେଇ କ୍ରିୟାଶୀଳା ଦିବ୍ୟଶକ୍ତି ବୋଲି। ଦେହଧାରୀ ଜନନୀଙ୍କର ଏହି ହେଲା ସ୍ୱରୂପ, କିନ୍ତୁ ତାଙ୍କର ସମଗ୍ର ଚେତନାରେ ସେ ଭଗବାନଙ୍କର ଅନ୍ୟ ସମସ୍ତ ବିଭାବ ସହ ଅଭିନ୍ନ।

*

ପୂର୍ଣ୍ଣ ନିଷ୍ଠାର ଅର୍ଥ ହେଲା ଏକମାତ୍ର ଦିବ୍ୟସତ୍ୟକୁ ଚାହିଁବା ଏବଂ ନିଜକୁ ଅଧିକରୁ ଅଧିକ ଭାବରେ ଦିବ୍ୟଜନନୀଙ୍କ ନିକଟରେ ସମର୍ପଣ କରିବା। କେବଳ ଏହି ଏକ ଅଭୀପ୍ସା ବ୍ୟତୀତ ଅନ୍ୟ ସମସ୍ତ ବ୍ୟକ୍ତିଗତ ଦାବି ଓ ସମସ୍ତ କାମନାବାସନା ପ୍ରତ୍ୟାଖ୍ୟାନ କରିବା, ଜୀବନର ସମସ୍ତ କର୍ମ ଭଗବାନଙ୍କୁ ଉତ୍ସର୍ଗ କରିବା ଏବଂ ଅହଂଶୂନ୍ୟ ଭାବରେ, କର୍ତ୍ତବ୍ୟକର୍ମ ଭାବରେ ଏହା କରିବା, – ଏହାହିଁ ହେଲା ଦିବ୍ୟଜୀବନର ଭିତ୍ତି।

*

ଯୋଗପଥରେ କେହି ଥରେ ପ୍ରବେଶ କଲେ, ତାଙ୍କୁ କେବଳ ଏହାହିଁ କରିବାକୁ ହେବ : ଯାହାକିଛି ଘଟୁ, ଯେକୌଣସି ବାଧା ଆସୁ, ନିଜର ଏହି ସ୍ଥିର ସଂକଳ୍ପ ରଖିବାକୁ ହେବ ଯେ ଶେଷ ପର୍ଯ୍ୟନ୍ତ ଯିବାକୁ ହେବ। ନିଜ ଶକ୍ତିରେ କେହି ଯୋଗସିଦ୍ଧି ଲାଭ କରେ ନାହିଁ – ତୁମ ଊର୍ଦ୍ଧ୍ୱରେ ଯେଉଁ ମହତ୍ତର ଶକ୍ତି ରହିଛି, ତାହାରି ଦ୍ୱାରାହିଁ ସେହି ମହତ୍ତର ସିଦ୍ଧି ପ୍ରାପ୍ତ ହେବ। ସମସ୍ତ ବିପର୍ଯ୍ୟୟ ସତ୍ତ୍ୱେ ଅବ୍ୟାହତ ସେହି ମହତ୍ତର ଶକ୍ତି ପ୍ରତି ଆବାହନ ଦ୍ୱାରାହିଁ ସିଦ୍ଧିଲାଭ ହେବ। ଏପରିକି ତୁମେ ଯେତେବେଳେ ସକ୍ରିୟ ଭାବରେ ଅଭୀପ୍ସା କରି ନପାର, ସେତେବେଳେ ମଧ୍ୟ ମା'ଙ୍କ ସାହାଯ୍ୟ ପାଇବା ପାଇଁ ତାଙ୍କ ପ୍ରତି ଉନ୍ମୁଖ ହୋଇ ରହ। ଏହି କାର୍ଯ୍ୟଟିହିଁ ସର୍ବଦା କରଣୀୟ।

*

ଯେଉଁମାନେ ସରଳ ନୁହନ୍ତି, ସେମାନେ ମା'ଙ୍କ ସାହାଯ୍ୟ ଦ୍ୱାରା ଲାଭ ପାଇପାରିବେ ନାହିଁ, କାରଣ ସେମାନେ ନିଜେ ନିଜେ ସେହି ସାହାଯ୍ୟକୁ ଫେରାଇ ଦିଅନ୍ତି। ଯଦି ସେମାନେ ପରିବର୍ତ୍ତିତ ନହୁଅନ୍ତି, ତେବେ ନିମ୍ନପ୍ରାଣ ଓ ଦୈହିକ ପ୍ରକୃତିରେ ଅତିମାନସ ଆଲୋକ ଏବଂ ସତ୍ୟର ଅବତରଣ ଆଶା କରିପାରିବେ ନାହିଁ; ସେମାନେ ସ୍ୱକୃତ ପଙ୍କରେ ପଡ଼ି ରହନ୍ତି ଏବଂ ଉନ୍ନତି କରିପାରନ୍ତି ନାହିଁ। ❖

# ନିଜ ସମ୍ବନ୍ଧରେ ଶ୍ରୀମା

## ମୁଁ ଏବଂ ମୋର ସ୍ୱଧର୍ମ
## ଭଗବାନଙ୍କର ଯଥାର୍ଥ ସେବକର ଘୋଷଣା

ମୁଁ କୌଣସି ରାଷ୍ଟ୍ର, କୌଣସି ସଭ୍ୟତା, କୌଣସି ସମାଜ, କୌଣସି ଜାତିର ନୁହେଁ, ମୁଁ କେବଳ ଭଗବାନଙ୍କର ।

ମୁଁ କୌଣସି ପ୍ରଭୁ, କୌଣସି ଶାସକ, କୌଣସି ଆଇନ, କୌଣସି ସାମାଜିକ ପ୍ରଥାର ବଶ୍ୟତା ସ୍ୱୀକାର କରେ ନାହିଁ; କରେ ଏକମାତ୍ର ଭଗବାନଙ୍କର ।

ତାଙ୍କଠାରେ ମୁଁ ସମର୍ପଣ କରିସାରିଛି ସବୁ, ସଂକଳ୍ପ, ଜୀବନ ଏବଂ ସତ୍ତା; ଯଦି ସେପରି ତାଙ୍କର ଇଚ୍ଛା ହୁଏ ତାଙ୍କ ପାଇଁ ମୁଁ ସମ୍ପୂର୍ଣ୍ଣ ଆନନ୍ଦ ସହକାରେ ମୋର ସମସ୍ତ ରକ୍ତ, ବିନ୍ଦୁ ପରେ ବିନ୍ଦୁ, ଦେଇ ଦେବାକୁ ପ୍ରସ୍ତୁତ; ଆଉ ତାଙ୍କ ସେବା ଲାଗି କିଛି ବି ତ୍ୟାଗରୂପେ ଗଣ୍ୟ ହୋଇ ନପାରେ, କାରଣ ସବୁ ହୋଇଯାଏ ଅବିମିଶ୍ର ଆନନ୍ଦ ।

*

ମୁଁ ଜନ୍ମ ହେବା ଆଗରୁ ମଧ୍ୟ ମୋର ଶରୀର ତିଆରି କରିଥିଲେ ମହାସରସ୍ୱତୀ । ହଁ, ମୁଁ ଯେତେବେଳେ ମୋ ମାଆଙ୍କ ଗର୍ଭରେ ଥିଲି, ସେତିକିବେଳେ, ତା' ଆଗରୁ ମହାସରସ୍ୱତୀ ମୋ ମାଆଙ୍କର ଗର୍ଭାଶୟଟି ମଧ୍ୟ ନିର୍ମାଣ କରିଥିଲେ । ପରମା ଜନନୀଙ୍କର ବିଭିନ୍ନ ବିଭାବର ସମସ୍ତ ଉପାଦାନ ନେଇ ସେ ମୋର ଶରୀର ନିର୍ମାଣ କରିଥିଲେ, ସେହି ଉପାଦାନଗୁଡ଼ିକୁ ସଂଯୋଜନ ଓ ଏକତ୍ର କରିଥିଲେ ।

ପାଞ୍ଚ ବର୍ଷ ବୟସରୁ ମୁଁ ସଚେତ ହୋଇ ଯାଇଥିଲି ଯେ, ମୁଁ ଏହି ଜଗତର ନୁହେଁ, ମୋର ମାନୁଷୀ ଚେତନା ନାହିଁ । ସେହି ବୟସରୁ ଆରମ୍ଭ ହୋଇଥିଲା ମୋର ସାଧନା ।

ବିଶ୍ୱଜନନୀଙ୍କ ସହ ମୋର ସାରୂପ୍ୟ ଘଟିଥିଲା ତାଙ୍କ ସହ ଶାରୀର-ଚେତନାରେ, ଏହି ସାରୂପ୍ୟ ଘଟିଥିଲା ୧୯୧୪ରେ, ଅବଶ୍ୟ ତା' ପୂର୍ବରୁ ମୁଁ ଜାଣିଥିଲି ଯେ ମୁଁ ମାଆ, କିନ୍ତୁ ପୂର୍ଣ୍ଣ ସାରୂପ୍ୟ ଘଟିଲା ଯାଇ ୧୯୧୪ରେ ।

*

ମୁଁ ଜାଣେ ମୁଁ କ'ଣ । କିନ୍ତୁ ଏହି ଜୀବନ୍ତ ଜ୍ଞାନ ତା'ର ମୂଲ୍ୟପାଏ କେବଳ ମୋର ଆନ୍ତରିକତା ମାଧ୍ୟମରେ, ଆଉ ଏହି ଆନ୍ତରିକତାର ଏକମାତ୍ର ବିଚାରକ ହେଉଛନ୍ତି ପରାତ୍ପର ଭଗବାନ୍ ।

ପୃଥିବୀ ସୃଷ୍ଟି ହେଲା ଦିନରୁ ଯେତେବେଳେ ଏବଂ ଯେକୌଣସିଠାରେ ଚେତନାର ଗୋଟିଏ ରଶ୍ମିରୂପ ଗ୍ରହଣ କରିବାର ସମ୍ଭାବନା ଦେଖା ଦେଇଛି, ମୁଁ ରହିଛି ସେଠାରେ ।

*

କେବଳ ଗୋଟିଏ ବିଷୟରେ ମୁଁ ପୂର୍ଣ୍ଣମାତ୍ରାରେ ନିଶ୍ଚିତ, ତାହା ହେଉଛି **ମୁଁ କିଏ** । ଶ୍ରୀଅରବିନ୍ଦ ମଧ୍ୟ ଏକଥା ଜାଣିଥିଲେ ଏବଂ ପ୍ରକାଶ କରିଥିଲେ । ଏପରିକି ସମଗ୍ର ମାନବଜାତି ଯଦି ଏହାକୁ ସନ୍ଦେହ କରେ, ତଥାପି ତାହା ଏ ସତ୍ୟକୁ ତିଳେ ମାତ୍ର ବଦଳାଇ ପାରିବ ନାହିଁ ।

ସମୟହିଁ ଦେଖାଇଦେବ ଏହା ଦ୍ୱାରା ପୃଥିବୀ କେତେ ଉପକୃତ ହୋଇଛି ।

*

ମୋ ଦୃଷ୍ଟିରେ ମଣିଷଜୀବନର ପ୍ରତ୍ୟେକ କ୍ଷେତ୍ରରେ ରହିଛି ମିଶ୍ରଣ, କୌଣସି କିଛି ପୂରାପୂରି ଭଲ ନୁହେଁ କି କୌଣସି କିଛି ପୂରାପୂରି ଖରାପ ନୁହେଁ । ଏହି ମତ ବା ସେହି ମତ ପ୍ରତି, ଏହି ଲକ୍ଷ୍ୟ ବା ସେହି ଲକ୍ଷ୍ୟ ପ୍ରତି ମୁଁ ମୋର ସମ୍ପୂର୍ଣ୍ଣ ଓ ଏକୈକ ସମର୍ଥନ ଦେଇ ପାରିବି ନାହିଁ । କାର୍ଯ୍ୟକ୍ଷେତ୍ରରେ ମୋ ପାଖରେ ଏକମାତ୍ର ଗୁରୁତ୍ୱପୂର୍ଣ୍ଣ ହେଉଛି ଶ୍ରୀଅରବିନ୍ଦଙ୍କ କର୍ମ; ଯାହାସବୁ ସେହି କର୍ମକୁ ସାହାଯ୍ୟ କରେ, ମୋର ସଚେତ ସମର୍ଥନ ତା'ପ୍ରତି ସ୍ୱତଃ ରହିଥାଏ ଏବଂ ରହିଥାଏ, ସେହି କର୍ମକୁ ତାହା ଯେତିକି ସାହାଯ୍ୟ କରୁଥାଏ, ତା'ରି ଅନୁପାତରେ । ସେ କର୍ମ ଯେପରି ହେବା ଦରକାର, ସେହି ଭାବେ ତାହା କରାଇବାକୁ ହେଲେ ମୋର ସମସ୍ତ ସହଯୋଗ ଓ ସମସ୍ତ ସାହାଯ୍ୟ ଲୋଡ଼ା । ମୁଁ କେବଳ ଏହାକୁ ବା କେବଳ ତାହାକୁ ନେଇ ଅନ୍ୟସବୁକୁ ପରିହାର କରିପାରିବି ନାହିଁ । ମୁଁ ଏ ଦଳର ବା ସେ ଦଳର ହୋଇ ପାରିବି ନାହିଁ । ମୁଁ ଏକମାତ୍ର ଭଗବାନଙ୍କର ଏବଂ ଶ୍ରେଣୀ ଓ ଦଳ ନିର୍ବିଶେଷରେ ପୃଥିବୀପୃଷ୍ଠରେ ମୋର କାର୍ଯ୍ୟ ସର୍ବଦା ହେବ ଭଗବାନଙ୍କର ବିଜୟ ଲାଗି ।

*

ମୁଁ ଯେଉଁ ସତ୍ୟ ସଙ୍ଗରେ ଆଣିଛି, ତାହା ମୂର୍ତ୍ତିମନ୍ତ ହୋଇ ଏହି ପୃଥିବୀରେ ଦେଖାଦେବ, କାରଣ ଏଠାକାର ଜଗତ୍ ପକ୍ଷରେ ତାହା ଅବଶ୍ୟମ୍ଭାବୀ ନିୟତି । ସମୟର ପ୍ରଶ୍ନ ଏଠାରେ ଅପ୍ରାସଙ୍ଗିକ । କହିବାକୁ ଗଲେ, ଗୋଟିଏ ହିସାବରେ ବର୍ତ୍ତମାନ ସେହି ସତ୍ୟ ପ୍ରକାଶିତ ହୋଇଛି, ଏହା ମଧ୍ୟରେ ସେ ସତ୍ୟ ଏଠାରେ ପ୍ରତିଷ୍ଠା ଲାଭ କରିଛି : ସମୟର ପ୍ରଶ୍ନକୁ ମୁଁ ଆଦୌ ବିଚାରକୁ ନେଉ ନାହିଁ । ତାହା ଚେତନା ମଧ୍ୟରେ ରହିଛି ଏବଂ ସେହି ଚେତନା କାଳାତୀତ, ଶାଶ୍ୱତ । ଯେତେବେଳେ କାଳାତୀତ ବ୍ୟାପାରଟି କାଳର ଅନ୍ତର୍ଗତ ବ୍ୟାପାରରେ ରୂପାନ୍ତରିତ ହୋଇଯାଏ, ସେତେବେଳେହିଁ ଆମ୍ଭେମାନେ ତାହାକୁ ଜାଣିପାରୁ । ଯେଉଁ ଫାଙ୍କ ମଧ୍ୟବର୍ତ୍ତୀ ଅବସ୍ଥାରେ ରହିଗଲା, ତାହା ଆପେକ୍ଷିକ ମାତ୍ର, ତାହା ସେହି ଚେତନାର ମାପ ଅନୁସାରେ ହେବ – ଯାହାର ମାପକାଠି କାହା ନିକଟରେ ହ୍ରସ୍ୱ ଓ କାହା ନିକଟରେ ଦୀର୍ଘ । କିନ୍ତୁ ସମସ୍ୟାଟିର ଅସଲ କଥାଟି ସେଠାରେ ନାହିଁ : ଅସଲ କଥାଟି ଏହି ଯେ ଯେଉଁଠାରେ ଅଗ୍ରଗତି ବାସ୍ତବ ଓ ମୂର୍ତ୍ତିମନ୍ତ ହୋଇ ପ୍ରତିଷ୍ଠିତ ହେବାକୁ ଯାଉଛି, ସତ୍ୟ ସେଠାରେ ସକ୍ରିୟ, କେବଳ ତୁମ ତରଫରୁ ତାହାକୁ ଦେଖିବାର ସମର୍ଥ ଚକ୍ଷୁ ଓ ତାହାକୁ ଆବାହନ ବା ସ୍ୱାଗତ କରିନେବାର ଅନ୍ତର ଥିବା ଆବଶ୍ୟକ । ❖

# ମୁଁ ଯାହା ଚାହେଁ

## ଶ୍ରୀମା

ଏହି ସ୍ଥୂଳ ଜଗତରେ, ପୃଥିବୀପୃଷ୍ଠରେ ମୁଁ ଯେଉଁ ପରିବର୍ତ୍ତନ ଆଣିବାକୁ ଚାହେଁ :

୧. ଅଖଣ୍ଡ ଚେତନା;
୨. ପୂର୍ଣ୍ଣ ଜ୍ଞାନ ଓ ସର୍ବଜ୍ଞତା;
୩. ଏପରି ଶକ୍ତି ଯାହା ଅପରାଜେୟ, ଅପ୍ରତିରୋଧ, ନିରବଚ୍ଛିନ୍ନ ସର୍ବଶକ୍ତିମତ୍ତା;
୪. ଏପରି ସ୍ୱାସ୍ଥ୍ୟ ଯାହା ଅଖଣ୍ଡ, ନିରବଚ୍ଛିନ୍ନ ଦୃଢ଼, ନିତ୍ୟନବୀନ ଶକ୍ତି;
୫. ଚିରତାରୁଣ୍ୟ, ନିରନ୍ତର ଅଭିବୃଦ୍ଧି, ଅବିରତ ଉନ୍ନତି;
୬. ଅଖଣ୍ଡ ସୌନ୍ଦର୍ଯ୍ୟ, ବହୁମୁଖୀ ଓ ପୂର୍ଣ୍ଣ ସଙ୍ଗତି;
୭. ଅକ୍ଷୟ ଓ ଅତୁଳନୀୟ ଐଶ୍ୱର୍ଯ୍ୟ, ପୃଥିବୀର ସମସ୍ତ ଐଶ୍ୱର୍ଯ୍ୟ ଉପରେ ନିୟନ୍ତ୍ରଣ;
୮. ଆରୋଗ୍ୟ ଓ ଆନନ୍ଦପ୍ରଦାନର ଶକ୍ତି;
୯. ସମସ୍ତ ଦୁର୍ଘଟଣାରୁ ମୁକ୍ତି, ସମସ୍ତ ବିରୋଧିଶକ୍ତିର ଆକ୍ରମଣକୁ ପ୍ରତିରୋଧ କରିବାର ଶକ୍ତି;
୧୦. ସମସ୍ତ କ୍ଷେତ୍ରରେ ଓ ସମସ୍ତ କ୍ରିୟାକଳାପରେ ଯଥାର୍ଥ ଅଭିବ୍ୟକ୍ତିର ପୂର୍ଣ୍ଣ ଶକ୍ତି;
୧୧. ବାକ୍‌ଶକ୍ତି, ଅନ୍ୟମାନଙ୍କଠାରେ ନିଜର ବକ୍ତବ୍ୟକୁ ପୂର୍ଣ୍ଣତଃ ବୁଝାଇ ପାରିବାର ଶକ୍ତି;
୧୨. ଭଗବତ୍ କର୍ମର ସମ୍ପାଦନ ନିମିତ୍ତ ଅନ୍ୟ ଯାହାସବୁ ଆବଶ୍ୟକ ।

(୨୩ ଅକ୍‌ଟୋବର, ୧୯୩୭)

*

ମୁଁ ଚାହେଁ :

୧. ବ୍ୟକ୍ତିଗତଭାବେ ଚିରନ୍ତନ ରୂପେ ପରମ ଭଗବାନଙ୍କର ଅଖଣ୍ଡ ଅଭିବ୍ୟକ୍ତି ହେବା ସକାଶେ;
୨. ଅତିମାନସ ବିଜୟ, ଅଭିବ୍ୟକ୍ତି ଏବଂ ରୂପାନ୍ତର ଅବିଳମ୍ବେ ଘଟିବା ଉଚିତ;
୩. ବର୍ତ୍ତମାନ ଓ ଭବିଷ୍ୟତ୍‌ର ଜଗତ୍‌ସମୂହରୁ ଚିରକାଳ ସକାଶେ ସମସ୍ତ ଦୁଃଖଯନ୍ତ୍ରଣା ତିରୋହିତ ହେବା ଉଚିତ । ❖

# ମା'ଙ୍କ ପଥ ଓ ମୋ ପଥ ଏକ ଓ ଅଭିନ୍ନ

## ଶ୍ରୀଅରବିନ୍ଦ

*ଶିଷ୍ୟ : ସଂସାରରେ ଏପରି କିଛି ରହିଛି ଯାହା ଅଦିବ୍ୟ, ଏହି ଅଂଶଟି ଅଜ୍ଞାନାଚ୍ଛନ୍ନ ବୋଲି ମନେହୁଏ । ମୁଁ ମା'ଙ୍କୁ କହିଲି ଯେ ମା'ଙ୍କ ଦିବ୍ୟ ଆଲୋକ ଦ୍ୱାରାହିଁ ଏହାର ସତ୍ୟ ପ୍ରକାଶିତ ହୁଏ । ଅନ୍ୟଟି ହେଉଛି ଶ୍ରୀଅରବିନ୍ଦଙ୍କ ଦିବ୍ୟ ଆଲୋକ । ଏ ଦୁଇଟି ପଥ ପରସ୍ପରଠାରୁ ସଂପୂର୍ଣ୍ଣ ଭିନ୍ନ ଏବଂ ପରସ୍ପର ଭିତରେ ମେରୁର ବ୍ୟବଧାନ ରହିଛି ବୋଲି ମନେହୁଏ; ତଥାପି ଏହି ଦୁଇଟି ପଥ ଊର୍ଦ୍ଧ୍ୱରେ କେଉଁଠି ପରସ୍ପର ସହିତ ମିଳିତ ହୁଅନ୍ତି ?*

ଶ୍ରୀଅରବିନ୍ଦ : ଯଦି ତୁମେ ଏହିପରି ଅଦ୍ଭୁତ ଓ ସଂପୂର୍ଣ୍ଣ ଭ୍ରମାତ୍ମକ ଧାରଣାକୁ ତୁମ ଭିତରେ ଆସନ ଜମାଇବାକୁ ପ୍ରଶ୍ରୟ ଦିଅ, ତା'ହେଲେ ତୁମେ ଯେ ନାନା ବିଭ୍ରାନ୍ତିରେ ପଡ଼ିବ ଏବଂ କୌଣସି ନିଶ୍ଚିତ ଅଗ୍ରଗତି କରିବା ତୁମ ପାଇଁ କଷ୍ଟକର ହେବ, ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ।

ମା'ଙ୍କର ଚେତନା ହେଉଛି ଭଗବତ୍ ଦିବ୍ୟଚେତନା ଏବଂ ଏଥିରୁ ଯେଉଁ ଦିବ୍ୟ ଆଲୋକ ଉତ୍ସାରିତ ହୋଇଥାଏ, ତା ହେଉଛି ଦିବ୍ୟସତ୍ୟର ଆଲୋକ; ମା' ଯେଉଁ ଦିବ୍ୟଶକ୍ତିକୁ ଉତାରି ଆଣିଥାଆନ୍ତି ତା' ହେଉଛି ଦିବ୍ୟସତ୍ୟର ଶକ୍ତି । ଯେଉଁ ବ୍ୟକ୍ତି ମା'ଙ୍କ ଦିବ୍ୟ ଆଲୋକକୁ ସ୍ୱୀକାର ଓ ଗ୍ରହଣ କରିଥାଏ ଏବଂ ତହିଁରେ ବାସ କରିଥାଏ, ସେ ମନ, ପ୍ରାଣ ଓ ଦେହର ସମସ୍ତ ସ୍ତରରେ ସତ୍ୟ ଦେଖିବାକୁ ଆରମ୍ଭ କରିବ, ଯାହା କିଛି ଅଦିବ୍ୟ ତାହାକୁ ସେ ପ୍ରତ୍ୟାଖ୍ୟାନ କରିବ । ଅଦିବ୍ୟ ହେଉଛି ଯାହା କିଛି ମୂଢ଼, ଅଜ୍ଞାନମୟ ଏବଂ ଦିବ୍ୟ ଭଗବତ୍ ସତ୍ୟକୁ ତାହାର ଆଲୋକ ଓ ଶକ୍ତିକୁ ଗ୍ରହଣ କରିବା ପାଇଁ ଯାହା ସଂପୂର୍ଣ୍ଣ ଅନିଚ୍ଛୁକ । ତେଣୁ ଯାହାକିଛି ମା'ଙ୍କର ଆଲୋକ ଓ ଶକ୍ତିକୁ ଗ୍ରହଣ କରିବା ପାଇଁ ଅନିଚ୍ଛୁକ ତାହା ଅଦିବ୍ୟ । ତେଣୁ ମୁଁ ତୁମକୁ ମା'ଙ୍କ ସଙ୍ଗେ ଓ ତାଙ୍କର ଦିବ୍ୟ ଆଲୋକ ଓ ଶକ୍ତି ସଙ୍ଗେ ସଂପର୍କ ରଖିବା ପାଇଁ ବରାବର କହିଥାଏ, କାରଣ କେବଳ ଏହି ଭାବରେହିଁ ତୁମେ ସମସ୍ତ ଅଜ୍ଞାନ ଓ ବିଭ୍ରାନ୍ତି ଭିତରୁ ବାହାରି ଆସିପାରିବ ଓ ଊର୍ଦ୍ଧ୍ୱରୁ ଆସୁଥିବା ଦିବ୍ୟସତ୍ୟକୁ ଗ୍ରହଣ କରିପାରିବ ।

ଆମେ ଯେତେବେଳେ ବିଶେଷ କିଛି ଅର୍ଥରେ ମା'ଙ୍କର ଆଲୋକ ବା ମୋ ଆଲୋକ କଥା କହିଥାଉ, ସେତେବେଳେ ଆମେ ଏକ ବିଶେଷ ଗୂଢ଼ କ୍ରିୟା ବିଷୟରେହିଁ ସୂଚିତ କରିଥାଉ – ଆମେ ଏପରି କେତେକ ଆଲୋକ ବିଷୟରେ କହିଥାଉ ଯାହା ଅତିମାନସରୁହିଁ ଆସିଥାଏ । ଏହି କ୍ରିୟାରେ ମା'ଙ୍କର ଆଲୋକ ହେଉଛି ସେହି ଶୁଭ୍ର ଦିବ୍ୟ ଆଲୋକ ଯାହା ଶୁଦ୍ଧ କରେ, ଆଲୋକିତ କରେ ଏବଂ ଦିବ୍ୟ ସତ୍ୟର ସମଗ୍ର ସାର ଓ ଶକ୍ତିକୁ ଉତାରି ଆଣେ ଓ ରୂପାନ୍ତରକୁ ସମ୍ଭବ କରାଏ । କିନ୍ତୁ ପ୍ରକୃତରେ ଊର୍ଦ୍ଧ୍ୱରୁ ଆସୁଥିବା ସମସ୍ତ ଆଲୋକ, ସର୍ବୋଚ୍ଚ ଦିବ୍ୟସତ୍ୟର ସମସ୍ତ ଆଲୋକ ହେଉଛି ମା'ଙ୍କର ଆଲୋକ ।

ମା'ଙ୍କର ପଥ ଓ ମୋ ପଥରେ କୌଣସି ପାର୍ଥକ୍ୟ ନାହିଁ । ଆମେ ସେହି ଏକ ଓ ଅଭିନ୍ନ ପଥକୁ ଗ୍ରହଣ କରି ଆସିଛୁ ଓ ସବୁ ସମୟରେ ଗ୍ରହଣ କରି ଆସିଥିଲୁ । ଏହି ପଥ ଅତିମାନସ ରୂପାନ୍ତର ଓ ଦିବ୍ୟ ଭଗବତ୍ ଉପଲବ୍ଧିର ପଥରେ ଆଗେଇ ନିଏ; କେବଳ ଶେଷରେ ନୁହେଁ, ଆରମ୍ଭରୁହିଁ ତାହା ବରାବର ସେହି ଏକହିଁ ପଥ ହୋଇ ରହିଆସିଛି ।

ତହିଁରେ ଏହି ଧରଣର କୌଣସି ବିରୋଧିତା ବା ବିଭାଜନ ସୃଷ୍ଟି ପାଇଁ ଚେଷ୍ଟା କରିବା, ଗୋଟିଏ ପାର୍ଶ୍ୱରେ ମା'ଙ୍କ ପଥକୁ ରଖି ତା'ର ଅପର ପାର୍ଶ୍ୱରେ ବା ଭିନ୍ନ ଓ ସଂପୂର୍ଣ୍ଣ ବିପରୀତ ପାର୍ଶ୍ୱରେ ମୋ ପଥକୁ ରଖିବା ବରାବର ବିରୋଧି-ଅପଶକ୍ତିର ଏକ କୌଶଳ ହୋଇଆସିଛି, ଯେତେବେଳେ ସେହି ଅପଶକ୍ତି ସାଧକ ପାଇଁ ସତ୍ୟର ଉପଲବ୍ଧିରେ ପହଞ୍ଚିବା ପଥରେ ନାନା ବାଧା ସୃଷ୍ଟି କରିବାକୁ ଚାହାନ୍ତି । ତୁମେ ମନରୁ ଏହି ସମସ୍ତ ମିଥ୍ୟାଚାରକୁ ପୂରା ଦୂରୀଭୂତ କରିଦିଅ ।

ତୁମେ ଜାଣିରଖ ଯେ ମା'ଙ୍କ ଆଲୋକ ଓ ଶକ୍ତି ହେଉଛି ଦିବ୍ୟ ସତ୍ୟର ଆଲୋକ ଓ ଶକ୍ତି । ମା'ଙ୍କର ସେହି ଆଲୋକ ଓ ଶକ୍ତିସହ ସବୁ ସମୟରେ ସଂପର୍କ ସ୍ଥାପନ କରି ରୁହ । ତା'ହେଲେ କେବଳ ଦିବ୍ୟସତ୍ୟ ଭିତରକୁ ତୁମର ପ୍ରବେଶ ଓ ଅଭିବୃଦ୍ଧି ସମ୍ଭବ ହୋଇ ପାରିବ ।

ସେପ୍ଟେମ୍ବର ୯, ୧୯୩୧ ✤

# ମୁଁ ତୁମ ସହିତ ରହିଛି

## ଶ୍ରୀମା

*''ମୁଁ ତୁମ ସହିତ ରହିଛି'' – ଏହାର ପ୍ରକୃତ ଅର୍ଥ କ'ଣ ?*

*ଯେତେବେଳେ ଆମେ ପ୍ରାର୍ଥନା କରୁଥାଉ ଅଥବା ନିଜ ଭିତରେ କୌଣସି ଏକ ସମସ୍ୟା ସହିତ ସଂଗ୍ରାମ କରିବାରେ ଲାଗିଥାଉ, ସେତେବେଳେ, ଆମର ଯାବତୀୟ ଅଯୋଗ୍ୟତା ଏବଂ ଅପୂର୍ଣ୍ଣତା ସତ୍ତ୍ୱେ, ଏପରିକି ଆମର ଯାବତୀୟ ଅସଦିଚ୍ଛା ଓ ଆମେ କରୁଥିବା ଯାବତୀୟ ଭୁଲ ସତ୍ତ୍ୱେ ଆମର ପ୍ରାର୍ଥନା କ'ଣ ପ୍ରକୃତରେ ଆପଣଙ୍କ କାନରେ ଯାଇ ବାଜେ ? ସେତେବେଳେ କିଏ ତାକୁ ଶୁଣେ ? ଆପଣ, ଯିଏକି ଆମ ପାଖରେ ଅଛନ୍ତି, କ'ଣ ସେଇ ଶୁଣନ୍ତି ?*

*ଏବଂ, ଯିଏ ଶୁଣନ୍ତି, ସିଏ କ'ଣ ଆପଣଙ୍କର ସେହି ସର୍ବୋଚ୍ଚ ଚେତନା, ଏକ ନୈର୍ବ୍ୟକ୍ତିକ ଦିବ୍ୟଶକ୍ତି, ଯୋଗରୁ ଲବ୍ଧ ଶକ୍ତିର ଏକ ସ୍ଥିତି, ନା ଆପଣ, ଏକ ଶରୀର ଧରି ରହିଥିବା ଓ ଏହି ଭୌତିକ ଚେତନାରେ ଥିବା ମାଆ ? ଏକ ବ୍ୟକ୍ତିଗତ ଉପସ୍ଥିତି, ଯିଏକି ପ୍ରକୃତରେ ସକଳ ଭାବନା ଓ ସକଳ କର୍ମକୁ ଜାଣିଛି ଓ ଆଦୌ କୌଣସି ଏକ ଅଜ୍ଞାତ ଓ ନାମହୀନ ସତ୍ତା ନୁହେଁ ? ଆପଣ ପ୍ରକୃତରେ କିପରି ଓ କେଉଁଭଳି ରୀତିରେ ଆମ ନିକଟରେ ଉପସ୍ଥିତ ରହିଥା'ନ୍ତି, ଆପଣ ଆମକୁ ସେକଥା କହି ପାରିବେ କି ?*

*କୁହାଯାଇଥାଏ ଯେ ଶ୍ରୀଅରବିନ୍ଦ ଓ ଆପଣ ଗୋଟିଏ ଚେତନାରହିଁ ପ୍ରତିନିଧିତ୍ୱ କରୁଛନ୍ତି; ମାତ୍ର ଶ୍ରୀଅରବିନ୍ଦଙ୍କର ବ୍ୟକ୍ତିଗତ ଉପସ୍ଥିତି ଓ ଆପଣଙ୍କର ବ୍ୟକ୍ତିଗତ ଉପସ୍ଥିତି,– ଏପରି ଦୁଇଟି ଅଲଗା ଅଲଗା କଥା ରହିଛି କି, ଏବଂ ପ୍ରତ୍ୟେକଟି ନିଜନିଜର ସ୍ୱତନ୍ତ୍ର ଭୂମିକା ଗ୍ରହଣ କରୁଛି କି ?*

**ଶ୍ରୀମା** : ମୁଁ ତୁମମାନଙ୍କ ସହିତ ରହିଛି, କାରଣ ମୁଁ କହିଲେ ତୁମମାନଙ୍କୁ ବୁଝାଏ ଓ ତୁମେମାନେ କହିଲେ ଅଭିନ୍ନ ଭାବରେ ମୋତେହିଁ ବୁଝାଏ ।

ମୁଁ ତୁମମାନଙ୍କ ସହିତ ରହିଛି, ଏହି କଥାଟିର ଏକ ପୃଥିବୀବ୍ୟାପୀ କେତେ ନା କେତେ ତାତ୍ପର୍ଯ୍ୟ ରହିଛି, – କାରଣ ତୁମମାନଙ୍କ ସହିତ ମୁଁ ସକଳ ସ୍ତରରେ, ସକଳ ଭୂମିରେ, ସର୍ବୋଚ୍ଚ ଚେତନାର ସ୍ତରଠାରୁ ଆରମ୍ଭ କରି ମୋର ସ୍ଥୂଳତମ ଚେତନାସ୍ତର ପର୍ଯ୍ୟନ୍ତ ସକଳ ଭୂମିରେ ରହିଛି । ଏଠାରେ ପଣ୍ଡିଚେରୀରେ ତୁମେ ମୋର ଚେତନାକୁ ନିଃଶ୍ୱାସରେ ଗ୍ରହଣ ନ କରି ନିଃଶ୍ୱାସ ମଧ ନେଇପାରିବ ନାହିଁ । ଏହା ପ୍ରାୟ ସ୍ଥୂଳ ଭାବରେ ସୂକ୍ଷ୍ମଭୌତିକର ଭୂମିରେ ସମସ୍ତ ବାତାବରଣକୁ ଭେଦି କରିରହିଛି ଏବଂ ଏଠାରୁ ଦଶ କିଲୋମିଟର୍ ପର୍ଯ୍ୟନ୍ତ 'ଲେକ୍' ଯାଏ ବିସ୍ତୃତ ହୋଇ ରହିଛି । ଆହୁରି ଦୂରକୁ ମଧ, ଭୌତିକ ପ୍ରାଣିକର ସ୍ତରରେ ମୋର ଚେତନାକୁ ଅନୁଭବ କରାଯାଇ ପାରିବ ଏବଂ ତା'ପରେ ମନର ସ୍ତରରେ ତଥା ଅନ୍ୟ ଉଚ୍ଚତର ଭୂମିଗୁଡ଼ିକରେ ସର୍ବତ୍ର ଅନୁଭବ କରିହେବ । ଯେତେବେଳେ ମୁଁ ଏଠାକୁ ପ୍ରଥମ ଥର ପାଇଁ ଆସିଥିଲି ସେତେବେଳେ ଶ୍ରୀଅରବିନ୍ଦଙ୍କର ପରିବେଶଟିକୁ ଅନୁଭବ କରିଥିଲି, ସ୍ଥୂଳ ଭାବରେ, ଦଶ ମାଇଲ ଯାଏ, ଦଶ କିଲୋମିଟର୍ ନୁହେଁ, ମାତ୍ର ସମୁଦ୍ର-ଗଣିତ ହିସାବର ଦଶ ମାଇଲ୍ ଯାଏ ଅନୁଭବ କରିପାରିଥିଲି । ଏହି ଅନୁଭୂତି ଭାରି ହଠାତ୍ ହୋଇଥିଲା, ଅତ୍ୟନ୍ତ ମୂର୍ତ୍ତ ଭାବରେ ହୋଇଥିଲା; ଏକ ଶୁଦ୍ଧ, ସନ୍ଦୀପନଯୁକ୍ତ ଓ ତୁମକୁ ସତେଅବା ଉପରକୁ ଉଠାଇ ନେଇ ଯାଉଥିବା ଅତ୍ୟନ୍ତ ହାଲୁକା ପରିବେଶର ଅନୁଭବ ହୋଇଥିଲା ।

ତୁମେ ଜାଣ, ଦୀର୍ଘ ଅନେକ ବର୍ଷ ହେଲା ଆଶ୍ରମର ସବୁ ସ୍ଥାନରେ ଶ୍ରୀଅରବିନ୍ଦ ସେହି ସର୍ବବିଦିତ ସ୍ମାରକବାଣୀଟିକୁ ଲଗାଇ ରଖିଛନ୍ତି : ''ତୁମେ ଏପରି ଆଚରଣ କରିବ, ସତେଯେମିତି ମାଆ ତୁମଆଡ଼କୁ ଅନାଇ ରହିଛନ୍ତି; କାରଣ, ସିଏ ପ୍ରକୃତରେ ସର୍ବଦାହିଁ ଉପସ୍ଥିତ ରହିଛନ୍ତି ।''

ଏହାକୁ କେବଳ ଗୋଟାଏ ବାକ୍ୟ ଅଥବା କେତେଗୁଡ଼ାଏ ଶବ୍ଦ ବୋଲି ମୋଟେ କୁହାଯାଇ ପାରିବ ନାହିଁ । ଏହା ଏକ ପ୍ରକୃତ ସତ୍ୟ । ମୁଁ ଅତ୍ୟନ୍ତ ମୂର୍ତ୍ତ ଭାବରେ ତୁମମାନଙ୍କ ସହିତ ରହିଛି ଏବଂ, ଯେଉଁମାନଙ୍କର ଏକ ସୂକ୍ଷ୍ମଦୃଷ୍ଟି ରହିଛି, ସେମାନେ ମୋତେ ଅବଶ୍ୟ ଦେଖି ପାରୁଛନ୍ତି ।

ସାଧାରଣ ଭାବରେ ମୋର ଶକ୍ତି ଏଠାରେ ସତତ କାର୍ଯ୍ୟ କରୁଛି । ତୁମମାନଙ୍କ ସତ୍ତାକୁ ନାନା ନୂତନ ସମ୍ବନ୍ଧରେ ଆଣି ରଖିବାକୁ ଓ କ'ଣ ସବୁର ପରିବର୍ତ୍ତନ, ବିକାଶ ଏବଂ

ପ୍ରତ୍ୟାଖ୍ୟାନ କରିବାକୁ ହେବ, ଯେପରିକି ତୁମେମାନେ ସେକଥାକୁ ଦେଖିପାରିବ, ସେଥିଲାଗି ତୁମ ସ୍ୱଭାବର ବିଭିନ୍ନ ବିଭାବକୁ ତୁମ ପାଇଁ ବ୍ୟାଖ୍ୟା କରିଦେବାକୁ ସେହି ଶକ୍ତି ତାହାର ମନୋଭୂମିଗତ ଉପାଦାନଗୁଡ଼ିକୁ ଅଦଳବଦଳ କରିବାରେ ଲାଗିଛି ।

ମାତ୍ର ତଦ୍‌ବ୍ୟତୀତ, ତୁମ ଆଉ ମୋ' ଭିତରେ ଏକ ବିଶେଷ ବ୍ୟକ୍ତିଗତ ଡୋର ମଧ୍ୟ ରହିଛି; ଯେଉଁମାନେ ଶ୍ରୀଅରବିନ୍ଦଙ୍କର ଶିକ୍ଷା ଲାଗି ଆଗ୍ରହୀ ହୋଇଆସିଛନ୍ତି, ସେମାନଙ୍କ ଓ ମୋ' ଭିତରେ ଏକ ବିଶେଷ ଡୋର ବନ୍ଧାହୋଇ ରହିଛି । ଏବଂ, ତାହା ଅତ୍ୟନ୍ତ ଉତ୍ତମ ଭାବରେ ବୋଧ ହୋଇ ରହିଛି; ଏଠାରେ ଦୂରତାର କୌଣସି ପ୍ରଶ୍ନହିଁ ନାହିଁ, ତୁମେ ଫ୍ରାନ୍ସରେ ଥାଅ, ପୃଥିବୀର ଏକାବେଳେକେ ଅନ୍ୟ ପ୍ରାନ୍ତରେ ଯାଇଥାଅ ଅଥବା ଏଠି ପଣ୍ଡିଚେରୀରେ ଥାଅ ପଛକେ, ଏହି ଡୋର ସର୍ବଦା ବାସ୍ତବ ଏବଂ ଜୀବନ୍ତ ହୋଇରହିଛି । ଏବଂ, ଯେତେବେଳେ ଏକ ଡାକରା ଆସି ପହଞ୍ଚୁଛି, ଯେପରିକି ମୁଁ ଏକ ଶକ୍ତି, ଏକ ପ୍ରେରଣା, ଏକ ସୁରକ୍ଷା ବା ସେହିପରି ଆଉ କୌଣସି ବସ୍ତୁ ପ୍ରେରଣ କରିପାରିବି, ସେଥିଲାଗି ଯେତେବେଳେ ମୋର କିଛି ଜାଣିବା ଦରକାର ପଡୁଛି, ସେତେବେଳେ ପ୍ରତ୍ୟେକ କ୍ଷେତ୍ରରେ ମୋ' ପାଖରେ ହଠାତ୍ ଏକ ବାର୍ତ୍ତା ପରି କିଛି ଆସି ପହଞ୍ଚିଯାଉଛି ଓ ମୁଁ ଯାହା କରିବା ଆବଶ୍ୟକ ତାହା କରୁଛି । ଯେକୌଣସି ମୁହୂର୍ତ୍ତରେ ଅତ୍ୟନ୍ତ ସୁନିଶ୍ଚିତ ଭାବରେ ଏହିସବୁ ସଂଯୋଗ ସ୍ଥାପିତ ହୋଇଯାଉଛି ଏବଂ, ତୁମେମାନେ ଅବଶ୍ୟ ଏକାଧିକ ବାର ଲକ୍ଷ୍ୟ କରିଥିବ ଯେ, ମୁଁ କ'ଣ କହୁଥିବା ଅଥବା କରୁଥିବା ସମୟରେ ହଠାତ୍ ମଝିରେ ଅଟକି ରହିଯାଏ; ଏପରି ହୁଏ, କାରଣ ମୋ' ପାଖରେ ସେହିପରି କିଛି ଆସି ପହଞ୍ଚିଯାଏ; ଏକ ସଂଯୋଗ ସ୍ଥାପିତ ହୋଇଯାଏ ଓ ମୁଁ ଅଭିନିବେଶିତ ହୁଏ ।

ଯେଉଁମାନଙ୍କୁ ମୁଁ ଶିଷ୍ୟରୂପେ ଗ୍ରହଣ କରିଛି, ଯେଉଁମାନଙ୍କୁ ମୁଁ 'ହଁ' ବୋଲି କହିଛି, ସେମାନଙ୍କର କ୍ଷେତ୍ରରେ ଏକ ଡୋରଠାରୁ ଆହୁରି ଅଧିକ କିଛି ରହିଛି, ସେହି କ୍ଷେତ୍ରରେ ମୋର ଏକ ପ୍ରସର୍ଜନ ଉପସ୍ଥିତି ରହିଛି । ଯେତେବେଳେ କୌଣସି ପ୍ରୟୋଜନ ହେଉଛି, ସେତେବେଳେ ସେହି ପ୍ରସର୍ଜନ ମୋତେ ଆସି ସତର୍କ କରିଦେଉଛି ଏବଂ ଯାହାସବୁ ସେତେବେଳେ ଘଟୁଛି, ମୋତେ ତାହାର ଏକ ବିବରଣୀ ଆଣି ଦେଉଛି । ମୁଁ ବସ୍ତୁତଃ ସତତ ଏହିପରି ସମ୍ବାଦମାନ ପାଉଥାଏ, ମାତ୍ର ସେହି ସବୁଗୁଡ଼ିକ ଯେ ମୋର ସକ୍ରିୟ ସ୍ମରଣ ମଧ୍ୟରେ ଲିପିବଦ୍ଧ ହୋଇ ରହୁଥାଏ, ସେକଥା ଆଦୌ ନୁହେଁ । ତାହା ହେଉଥିଲେ ତ ବନ୍ୟାର ଏକ ପ୍ଲାବନ ହୋଇ ଯାଉଥା'ନ୍ତା; ଏହି କ୍ଷେତ୍ରରେ ଭୌତିକ ଚେତନା ଫିଲ୍‌ଟର୍ ପରି କାର୍ଯ୍ୟ କରେ । ବିଷୟଗୁଡ଼ିକ ଏକ ସୂକ୍ଷ୍ମ ଭୂମିରେ ଲିପିବଦ୍ଧ ହୋଇ ରହେ,– ସେଗୁଡ଼ିକ ସେଠାରେ ଏକ ସୁପ୍ତ ଅବସ୍ଥାରେ ରହିଥାଏ,– ବଜା ହୋଇ ନ ଥିବା କୌଣସି ସଂଗୀତର ରେକର୍ଡ଼ ପରି ସଞ୍ଚିତ ହୋଇ ରହିଥାଏ । ଏବଂ, ଯେତେବେଳେ ନିଜର ଭୌତିକ ଚେତନାରେ ତାହାକୁ ଜାଣିବାକୁ ଇଚ୍ଛା କରେ, ସେତେବେଳେ ମୁଁ ଏହି ସୂକ୍ଷ୍ମ ଭୌତିକ ଭୂମି ସହିତ ସଂଯୋଗ ସ୍ଥାପନ କରେ ଏବଂ ତା'ପରେ ସଙ୍ଗୀତର ରେକର୍ଡ଼ଟି ବୁଲିବାକୁ ଆରମ୍ଭକରେ । ତା'ପରେ ମୁଁ ବସ୍ତୁଗୁଡ଼ିକର ସ୍ଥିତିକୁ ଦେଖିପାରେ, କାଳର ପରିପ୍ରେକ୍ଷୀ ଉପରେ ସେଗୁଡ଼ିକର ବିକାଶଟି ସହିତ ପରିଚିତ ହୁଏ, ପ୍ରକୃତ ପରିଣାମଟିକୁ ମଧ୍ୟ ଜାଣେ ।

ଏବଂ, ଯଦି କୌଣସି କାରଣବଶତଃ ତୁମେ ମୋର ସାହାଯ୍ୟ ମାଗି ମୋତେ ପତ୍ର ଲେଖ, ଏବଂ ମୁଁ ''ମୁଁ ତୁମ ସହିତ ରହିଛି'' ବୋଲି ଉତ୍ତର ଦିଏ, ତେବେ ତାହାର ଅର୍ଥ ହେଉଛି ଯେ ତୁମ ସହିତ ସଂଯୋଗର ପ୍ରକ୍ରିୟାଟି ପ୍ରକୃତରେ ସକ୍ରିୟ ହୋଇଛି,– ତୁମେ କିୟତ୍‌କ୍ଷଣ ନିମିତ୍ତ ମୋର ସକ୍ରିୟ ଚେତନା ମଧ୍ୟକୁ ଚାଲିଆସ,– ଯେତିକି ସମୟ ପାଇଁ ଆବଶ୍ୟକ, ସେତିକି ସମୟ ପାଇଁ ଆସ ।

ଏବଂ, ତୁମ ଆଉ ମୋ' ଭିତରେ ରହିଥିବା ଏହି ଡୋର କଦାପି ଛିନ୍ନ ହୁଏ ନାହିଁ । ଏପରି ଅନେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ କି ବହୁ ପୂର୍ବରୁ ଆଶ୍ରମ ଛାଡ଼ି ଚାଲିଗଲେଣି,– ସେମାନେ ବିଦ୍ରୋହ କରି ଚାଲିଯାଇଛନ୍ତି,– ମାତ୍ର ତଥାପି ମୁଁ ସେମାନଙ୍କର ସକଳ ସମ୍ବାଦ ରଖିଥାଏ, ମୁଁ ସେମାନଙ୍କର ପରିଚର୍ଯ୍ୟା କରିଥାଏ । ତୁମେ କେହି କଦାପି ପ୍ରତ୍ୟାଖ୍ୟାତ ହୋଇ ରହିଯାଅ ନାହିଁ ।

ସତକଥା ହେଉଛି, ମୁଁ ନିଜକୁ ପ୍ରତ୍ୟେକ ବ୍ୟକ୍ତି ଲାଗି ଦାୟୀ କରି ରଖିଥାଏ; ଏପରିକି ଯେଉଁମାନଙ୍କ ସହିତ ମୋ'ର ମାତ୍ର ଗୋଟିଏ ସେକେଣ୍ଡ୍ ଲାଗି ଦେଖା ହୋଇଥାଏ, ସେମାନଙ୍କ ଲାଗି ମଧ୍ୟ ମୁଁ ଦାୟୀ ହୋଇ ରହିଥାଏ ।

ବର୍ତ୍ତମାନ ଗୋଟିଏ କଥା ଅବଶ୍ୟ ସ୍ମରଣ ରଖିବ । ଶ୍ରୀଅରବିନ୍ଦ ଏବଂ ମୁଁ ହେଉଛୁ ଅଭିନ୍ନ ଗୋଟିଏ ଚେତନା, ଆମେ ଦୁହେଁ ଅଭିନ୍ନ ଗୋଟିଏ ବ୍ୟକ୍ତି । କେବଳ, ଯେତେବେଳେ

ଏହି ଶକ୍ତି ବା ଏହି ଉପସ୍ଥିତି,— ଯାହା ପ୍ରକୃତରେ ଅଭିନ୍ନ,— ଯେତେବେଳେ ତାହା ତୁମର ବ୍ୟକ୍ତି ଚେତନା ମଧ୍ୟଦେଇ ଗତି କରୁଥାଏ, ସେତେବେଳେ ତାହା ଏକ ଆକାର ଗ୍ରହଣ କରେ, ଏକ ରୂପ ଧାରଣ କରେ ଯାହାକି ତୁମର ଅନ୍ତର୍ଗତ ଭାବ ଅନୁସାରେ ଭିନ୍ନ ଭିନ୍ନ ହୋଇଥାଏ; ତୁମର ଅଭୀପ୍ସା, ଆବଶ୍ୟକତା ଏବଂ ତୁମ ସତ୍ତାର କୌଣସି ବିଶେଷ ଅଭିମୁଖୀନତା ଅନୁସାରେ ଭିନ୍ନ ଭିନ୍ନ ହୋଇଥାଏ । ତୁମର ବ୍ୟକ୍ତିଗତ ଚେତନା ହେଉଛି ଏକ ଫିଲ୍‌ଟର୍ ପରି; ଅଥବା, ଯଦି ମୁଁ ଏପରି ବି କହିବି, ତାହା ଏକ ନିର୍ଦ୍ଦେଶକ ପରି । ତାହା ନିଜକୁ ଏକ ନିର୍ବାଚନର ବଶବର୍ତ୍ତୀ କରେ ଏବଂ ଦିବ୍ୟ ସମ୍ଭାବନାର ଅନନ୍ତ ପ୍ରକାର ମଧ୍ୟରୁ ଗୋଟିଏ ସମ୍ଭାବନାକୁ ଠାବ କରିନିଏ । ପ୍ରକୃତ କଥା ହେଉଛି, ପ୍ରତ୍ୟେକ ବ୍ୟକ୍ତି ପରମ ଦିବ୍ୟସତ୍ତାଙ୍କୁ ଯେଉଁପରି ଦେଖିବ ବୋଲି ପ୍ରତ୍ୟାଶା କରୁଥାଏ, ସିଏ ତାହାକୁ ସେହି ରୂପ ଆଣିଦିଅନ୍ତି । ପରମ ଦିବ୍ୟସତ୍ତା ଅତ୍ୟନ୍ତ କ୍ରୂର ଓ ସେ ଅତ୍ୟନ୍ତ ଦୂର ହୋଇ ରହିଛନ୍ତି ବୋଲି ଯଦି ତୁମେ ବିଶ୍ୱାସ କରୁଥାଅ, ତେବେ ସେ ପ୍ରକୃତରେ କ୍ରୂର ହୁଅନ୍ତି ଓ ଦୂର ହୋଇରହନ୍ତି; କାରଣ, ତୁମର ଚରମ କଲ୍ୟାଣ ନିମିତ୍ତହିଁ ତୁମେ ପରମେଶ୍ୱରଙ୍କର କୋପକୁ ଅନୁଭବ କର ବୋଲି ଏକ ଆବଶ୍ୟକତା ରହିଥାଏ । କାଳୀ-ଉପାସକମାନଙ୍କ ପାଇଁ ସେ କାଳୀ, ଭକ୍ତମାନଙ୍କ ପାଇଁ ସେ ପରମାନନ୍ଦ । ଜ୍ଞାନର ଅନ୍ୱେଷକ ସକାଶେ ସିଏ ସର୍ବଜ୍ଞାନମୟ, ମାୟାବାଦୀ ପାଇଁ ବିଶ୍ୱାତୀତ ପରମ ନୈର୍ବ୍ୟକ୍ତିକ । ନାସ୍ତିକ ପାଖରେ ନାସ୍ତିକ, ପ୍ରେମିକ ପାଖରେ ପ୍ରେମ । ଯେଉଁମାନେ ତାଙ୍କୁ ପ୍ରତ୍ୟେକ ଗତି ଓ ପ୍ରତ୍ୟେକ କ୍ରିୟାରେ ପ୍ରତି ମୁହୂର୍ତ୍ତରେ ଅନ୍ତରସ୍ଥ ପଥପ୍ରଦର୍ଶକ ବୋଲି ଅନୁଭବ କରୁଥା'ନ୍ତି, ସେମାନଙ୍କ ଲାଗି ସେ ସହୋଦରସମ ଓ ଅତ୍ୟନ୍ତ ଅନ୍ତରଙ୍ଗ, ସର୍ବଦା ବିଶ୍ୱସ୍ତ ହୋଇରହିଥିବା ଓ ସର୍ବଦା ସାହାଯ୍ୟ କରିବା ଲାଗି ପ୍ରସ୍ତୁତ ହୋଇରହିଥିବା ଜଣେ ବନ୍ଧୁ । ଏବଂ, ସିଏ ସବୁକିଛି ମାର୍ଜନା କରିଦେଇ ପାରିବେ ବୋଲି ଯଦି ତୁମେ ବିଶ୍ୱାସ କରୁଥାଅ, ତେବେ ଯେ ଅକ୍ଳାନ୍ତ ଭାବରେ ତୁମର ସକଳ ଦୋଷ ତଥା ସକଳ ପ୍ରମାଦକୁ ଅବଶ୍ୟ ମାର୍ଜନା କରି ନେଇଯିବେ ଏବଂ ତୁମେ ସକଳ ମୁହୂର୍ତ୍ତରେ ତାଙ୍କର ସେହି ଅନନ୍ତ ପରମକରୁଣାକୁହିଁ ଅନୁଭବ କରୁଥିବ । ଆପଣାର ଗଭୀରତମ ଅଭୀପ୍ସାର ଭୂମିରେ ପରମ ଦିବ୍ୟସତ୍ତା ଯାହା ହୁଅନ୍ତୁ ବୋଲି ତୁମେ ପ୍ରତ୍ୟାଶା କରୁଥିବ, ସିଏ ବସ୍ତୁତଃ ତାହାହିଁ ହୋଇ ରହିଥିବେ ।

ଏବଂ ଯେତେବେଳେ ତୁମେ ଏହି ଚେତନାଟି ମଧ୍ୟରେ ପ୍ରବେଶ କର, ଯେଉଁଠାରେ କି ତୁମେ ଗୋଟିଏ ମାତ୍ର ଅବଲୋକନରେ ସକଳ ବସ୍ତୁକୁ ପ୍ରତ୍ୟକ୍ଷ କରିପାର, ତୁମେ ଯେତେବେଳେ ଦିବ୍ୟ ପରମସତ୍ତା ଓ ମନୁଷ୍ୟମାନଙ୍କ ମଧ୍ୟରେ ରହିଥିବା ସମ୍ବନ୍ଧଗତ ଅନନ୍ତ ଅନେକତ୍ୱକୁ ପ୍ରତ୍ୟକ୍ଷ କରିବାକୁ ଆରମ୍ଭ କର, ଏହି ସବୁକିଛି, ତାହାର ଯାବତୀୟ କ୍ଷେତ୍ରରେ, ପ୍ରକୃତରେ ଯେ କେଡ଼େ ସୁନ୍ଦର, ତୁମେ ସେତେବେଳେ ତାହା ପ୍ରତ୍ୟକ୍ଷ କରିବାକୁ ଆରମ୍ଭ କର । ଏହିପରି ଭାବରେ ତୁମେ ମାନବସମାଜର ଇତିହାସ ଭିତରକୁ ମଧ୍ୟ ଦୃଷ୍ଟିପାତ କରିପାରିବ ଏବଂ, ମନୁଷ୍ୟମାନେ ସକଳ ବସ୍ତୁକୁ କିପରି ଭାବରେ ବୁଝୁଛନ୍ତି, କ'ଣ ସବୁ ବାସନା ରଖିଛନ୍ତି, ଆଶା କରିଛନ୍ତି ଓ ସ୍ୱପ୍ନ ଦେଖିଛନ୍ତି, ସେହି ଅନୁସାରେ ଦିବ୍ୟ ପରମସତ୍ତା ପ୍ରକୃତରେ କେତେଦୂର ବିବର୍ତ୍ତିତ ହୋଇ ପାରିଛନ୍ତି ତଥା ସିଏ କିପରି ବସ୍ତୁବାଦୀର ଭୂମିରେ ବସ୍ତୁବାଦୀ ହୋଇ ରହିଥିଲେ ଓ ସେ କିପରି ପ୍ରତିଦିନହିଁ ଅଭିବୃଦ୍ଧି ଲାଭ କରିବାରେ ଲାଗିଛନ୍ତି ଓ ମନୁଷ୍ୟର ଚେତନା ଆପଣାକୁ ଅଧିକରୁ ଅଧିକ ପ୍ରସାରିତ କରି ଆଣିବା ସଙ୍ଗେ ସଙ୍ଗେ ସିଏ କିପରି ଅଧିକ ନିକଟବର୍ତ୍ତୀ ଏବଂ ଅଧିକ ଆଲୋକଯୁକ୍ତ ହୋଇ ଆସୁଛନ୍ତି, ତୁମେ ସେହି କଥାଟିକୁ ଦେଖିବାକୁ ପାଇବ । ଆପଣାର ନିର୍ବାଚନଟିକୁ କରିବା ଲାଗି ପ୍ରତ୍ୟେକ ବ୍ୟକ୍ତିର ସ୍ୱତନ୍ତ୍ରତା ରହିଛି । ଈଶ୍ୱରଙ୍କ ସହିତ ମନୁଷ୍ୟର ରହି ଆସିଥିବା ସମ୍ବନ୍ଧର ଏହି ଅସୀମ ବୈଚିତ୍ର୍ୟ ପୃଥିବୀ-ଇତିହାସର ଯୁଗେ ଯୁଗେ କିପରି କ୍ରମପରିପୂର୍ଣ୍ଣତା ଲାଭ କରି ଆସିଛି, ତାହା ପ୍ରକୃତରେ ଏକ ଅନିର୍ବଚନୀୟ ବିସ୍ମୟ ହୋଇ ରହିଆସିଛି । ଏବଂ, ଏହି ସବୁକିଛିକୁ ଏକତ୍ର କରି ବିଚାର କଲେ ମଧ୍ୟ ତାହାକୁ ପ୍ରକୃତରେ ଦିବ୍ୟ ପରମସତ୍ତାଙ୍କର ସମଗ୍ର ପରିପ୍ରକାଶର କାଳାଧାରଟି ଉପରେ ହୁଏତ କେବଳ ଗୋଟିଏ ମାତ୍ର ସେକେଣ୍ଡ ବୋଲି କୁହାଯାଇ ପାରିବ ।

ତୁମର ଅଭୀପ୍ସା ଅନୁସାରେହିଁ ଦିବ୍ୟ ପରମସତ୍ତା ତୁମ ସହିତ ରହିଛନ୍ତି । ଅତ୍ୟନ୍ତ ସ୍ୱାଭାବିକ ଭାବରେ, ତାହାର କଦାପି ଏପରି ଅର୍ଥ କରାଯାଇ ପାରିବ ନାହିଁ ଯେ ସିଏ ତୁମ ବାହ୍ୟ ସ୍ୱଭାବର ଖିଆଲଗୁଡ଼ାକ ପାଖରେହିଁ ବଶ୍ୟତା ସ୍ୱୀକାର କରୁଛନ୍ତି,— ମୁଁ ଏଠାରେ ତୁମ ସତ୍ତାର ଯଥାର୍ଥ ସତ୍ୟଟି ବିଷୟରେହିଁ କହୁଛି । ଏବଂ ତଥାପି, ବେଳେବେଳେ ସିଏ ତୁମର ବାହ୍ୟସ୍ତରୀୟ ଅଭୀପ୍ସାଗୁଡ଼ିକ ଅନୁସାରେ ମଧ୍ୟ ଆପଣାକୁ ଏକ ରୂପ ଦେଇଥା'ନ୍ତି ଏବଂ ଯଦି, ଭକ୍ତ ଓ ଉପାସକମାନଙ୍କ ସଦୃଶ,

ତୁମେ ଭୂମିକା ପରିବର୍ତ୍ତନ କରି ଉଭୟ ବିଚ୍ଛେଦ ଓ ମିଳନ ତଥା ଉଲ୍ଲାସ ଏବଂ ନୈରାଶ୍ୟ ମଧ୍ୟରେ ବାସ କରିବାକୁ ମନ କରୁଥାଅ, ତେବେ ଦିବ୍ୟ ପରମସତ୍ତା ମଧ୍ୟ ତୁମରି ବିଶ୍ୱାସ ଅନୁସାରେ ତୁମଠାରୁ ବିଚ୍ଛିନ୍ନ ହୋଇ ଯାଉଥିବେ ଓ ପୁଣି ତୁମ ସହିତ ଆସି ସମ୍ମିଳିତ ହୋଇ ଯାଉଥିବେ । ଏହିପରି ଭାବରେ ତୁମର ଦୃଷ୍ଟିକୋଣଟି, ଏପରିକି ବାହ୍ୟ ଦୃଷ୍ଟିକୋଣଟି ମଧ୍ୟ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ଆମ ବିଶ୍ୱାସ ଯେ ପ୍ରକୃତରେ କେଡ଼େ ମହତ୍ତ୍ୱପୂର୍ଣ୍ଣ ଏବଂ ବିଶ୍ୱାସହିଁ କିପରି ଅଲୌକିକକୁ ବାସ୍ତବରେ ପରିଣତ କରି ଆଣିପାରେ, ଲୋକମାନେ ସେକଥା ଆଦୌ ଜାଣି ନାହାନ୍ତି । ଯଦି ତୁମେ ପ୍ରତ୍ୟେକ ମୁହୂର୍ତ୍ତରେ ଦିବ୍ୟ ପରମସତ୍ତାଙ୍କ ଆଡ଼କୁ ଉତ୍ତୋଳିତ ହୋଇଯିବା ପାଇଁ ଏବଂ ଆକର୍ଷିତ ହେବା ପାଇଁ ଇଚ୍ଛା କରୁଥିବ, ତେବେ ସିଏ ତୁମକୁ ଉଠାଇ ନେବାକୁ ଅବଶ୍ୟ ଆସିବେ ଏବଂ ତୁମର ଅତ୍ୟନ୍ତ ନିକଟବର୍ତ୍ତୀ ହୋଇ ରହିଥିବେ; ପାଖ, ଆହୁରି ପାଖ ଓ ଅଧିକରୁ ଅଧିକ ପାଖ ହୋଇ ଆସୁଥିବେ । ❖

... ...ଏହି ପୂର୍ଣ୍ଣତାରେ ପହଞ୍ଚିବାକୁ ହେଲେ ଆମକୁ ସେହି ଦିବ୍ୟ ମହାଶକ୍ତିଙ୍କ ସମ୍ପର୍କରେ ସଚେତ ହେବାକୁ ହେବ ଏବଂ ଆମର ସମଗ୍ର ଆଧାରଟିକୁ ପରିପୂର୍ଣ୍ଣ କରିଦେବା ଲାଗି ଓ ଆମର ସମସ୍ତ କର୍ମର ଦାୟିତ୍ୱ ଗ୍ରହଣ କରିବା ଲାଗି ତାଙ୍କୁ ଆମ ଭିତରକୁ ଆକର୍ଷିତ କରି ଆଣିବାକୁ ହେବ ଓ ଆବାହନ କରି ଆଣିବାକୁ ହେବ । ତାହେଲେ ସେତେବେଳେ ଆଉ ଆମ କର୍ମସବୁକୁ ଚାଳିତ କରିବା ପାଇଁ ଚେଷ୍ଟା କରୁଥିବା କୌଣସି ପୃଥକ୍ ବ୍ୟକ୍ତି-ସଂକଳ୍ପ ବା ବ୍ୟକ୍ତିଗତ ଶକ୍ତି ରହିବ ନାହିଁ ବା କର୍ମର କର୍ତ୍ତା ହୋଇ ରହୁଥିବା ଏକ କ୍ଷୁଦ୍ର ବ୍ୟକ୍ତି ସତ୍ତାର କୌଣସି ବୋଧ ରହିବ ନାହିଁ କିଂବା ମାନସିକ, ପ୍ରାଣିକ ଓ ଦୈହିକ ପ୍ରକୃତିର ତ୍ରିଗୁଣାତ୍ମିକା ନିମ୍ନତର ଶକ୍ତିର କ୍ରିୟା ହୋଇ କିଛି ରହିବ ନାହିଁ । ସେତେବେଳେ ଦିବ୍ୟ ମହାଶକ୍ତିହିଁ ଆମକୁ ପରିପୂର୍ଣ୍ଣ କରି ଦେବେ, ଓ ଆମର ସମସ୍ତ ଆନ୍ତର କ୍ରିୟାକଳାପ ତଥା ବାହ୍ୟ ଜୀବନ ଓ ଯୋଗର ଅଧୀଶ୍ୱରୀ ହୋଇ ସବୁକିଛି ନିଜ ହାତକୁ ଗ୍ରହଣ କରିନେବେ । ସେ ନିଜ ହାତକୁ ଗ୍ରହଣ କରିନେବେ ମନର ଶକ୍ତିକୁ ଯାହା ତାଙ୍କ ନିଜ ଶକ୍ତିରହିଁ ନିମ୍ନତର ଗଠନ, ଏବଂ ତାହାକୁ ଉଠାଇ ନେଇ ପରିଣତ କରିବେ ବୁଦ୍ଧି, ସଂକଳ୍ପ ଓ ଚୈତ୍ୟ କ୍ରିୟାକଳାପର ଉଚ୍ଚତମ, ଶୁଦ୍ଧତମ ଓ ପୂର୍ଣ୍ଣତମ ସାମର୍ଥ୍ୟରେ । ମନ, ପ୍ରାଣ ଓ ଦେହର ଯେଉଁ ଯାନ୍ତ୍ରିକ ଶକ୍ତିଗୁଡ଼ିକ ବର୍ତ୍ତମାନ ଆମକୁ ଶାସନ କରୁଛନ୍ତି, ସେଗୁଡ଼ିକୁ ସେ ରୂପାନ୍ତରିତ କରିବେ ତାଙ୍କର ନିଜର ଜୀବନ୍ତ ଓ ସଚେତ ଶକ୍ତି ଓ ଉପସ୍ଥିତିର ଆନନ୍ଦପୂର୍ଣ୍ଣ ଅଭିବ୍ୟକ୍ତି ସବୁରେ । ମନ ଯେଉଁସବୁ ନାନାବିଧ ଆଧ୍ୟାତ୍ମିକ ଅନୁଭୂତି ଲାଭ କରିବା ପାଇଁ ସମର୍ଥ, ସେ ସେଗୁଡ଼ିକୁ ଆମ ଭିତରେ ଅଭିବ୍ୟକ୍ତ କରିବା ସଙ୍ଗେ ସଙ୍ଗେ ସେଗୁଡ଼ିକୁ ପରସ୍ପର ସହ ସମ୍ବନ୍ଧଯୁକ୍ତ କରାଇନେବେ । ଏବଂ ଏହି ପ୍ରକ୍ରିୟାଟିର ଚରମ ସିଦ୍ଧି ଓ ମୁକୁଟ ରୂପେ ସେ ମାନସିକ ସ୍ତରଗୁଡ଼ିକ ଭିତରକୁ ଅତିମାନସ ଦିବ୍ୟ ଆଲୋକକୁ ଅବତରଣ କରାଇ ଆଣିବେ ଓ ମନର ଉପାଦାନଟିକୁ ଅତିମାନସ ଉପାଦାନରେ ବଦଳାଇ ଦେବେ ଏବଂ ନିମ୍ନର ସମସ୍ତ ଶକ୍ତିଗୁଡ଼ିକୁ ନିଜ ଅତିମାନସ ପ୍ରକୃତିର ଶକ୍ତିରେ ରୂପାନ୍ତରିତ କରି ଆମକୁ ଆମର ବିଜ୍ଞାନମୟ ସତ୍ତା ଭିତରକୁ ଉତ୍ତୋଳିତ କରିନେବେ । ସେତେବେଳେ ସେହି ଦିବ୍ୟ ମହାଶକ୍ତି ନିଜକୁ ପୁରୁଷୋତ୍ତମଙ୍କ ଶକ୍ତି ରୂପେ ପ୍ରକାଶ କରିଦେବେ ଓ ସ୍ୱୟଂ ଈଶ୍ୱର ନିଜର ଅତିମାନସ ଶକ୍ତି ଓ ଦିବ୍ୟଭାବ ଭିତରେ ଆପଣାକୁ ଅଭିବ୍ୟକ୍ତ କରି ଆମ ସତ୍ତା, କର୍ମ, ଜୀବନ ଓ ଯୋଗର ପ୍ରଭୁ ହୋଇ ଉଠିବେ ।

(SABCL, Vol. 21, pp. 732-33) — ଶ୍ରୀଅରବିନ୍ଦ

# ପ୍ରେମ ଓ ଆନନ୍ଦର ଦିବ୍ୟଜନନୀ

## ଶ୍ରୀମା

''ଦିବ୍ୟଜନନୀଙ୍କର ଅନ୍ୟାନ୍ୟ ମହାରୂପ ମଧ୍ୟ ଅଛି – କିନ୍ତୁ ସେସବୁକୁ ଅବତରଣ କରାଇବା ଅଧିକତର କଠିନ, ପୃଥିବୀର ଆତ୍ମପୁରୁଷଙ୍କର କ୍ରମବିକାଶରେ ସେମାନେ ସେପରି ସ୍ପଷ୍ଟ ଭାବରେ ସମ୍ମୁଖକୁ ଆସି ଛିଡ଼ା ହୁଅନ୍ତି ନାହିଁ । ତେବେ ସେମାନଙ୍କ ମଧ୍ୟରୁ କେତେଜଣ ଅଛନ୍ତି, ଯେଉଁମାନଙ୍କର ଆବିର୍ଭାବ ଅତିମାନସ ସିଦ୍ଧି ସକାଶେ ଅପରିହାର୍ଯ୍ୟ । ସର୍ବାପେକ୍ଷା ବେଶୀ ପ୍ରୟୋଜନ ଜଣଙ୍କର, ଯେ ମା'ଙ୍କର ଦୁର୍ଜ୍ଜେୟ, ଦୁର୍ବାର ଆନନ୍ଦର ବିଗ୍ରହ, ସେହି ଆନନ୍ଦ ଏକ ଭାଗବତ ପ୍ରେମର ପରମ ପଦରୁ ଉତ୍ସାରିତ, କେବଳ ସେହି ଆନନ୍ଦହିଁ ଅତିମାନସର ଉଚ୍ଚତମ ଉଚ୍ଚତା ଆଉ ଜଡ଼ର ଅଧସ୍ତନ ଗହ୍ୱର, ଏହି ଦ୍ୱୟର ବିଚ୍ଛେଦକୁ ଦୂର କରି ଉଭୟ ମଧ୍ୟରେ ମିଳନର ସେତୁ ସ୍ଥାପନ କରିବାକୁ ସକ୍ଷମ । ଏହି ଆନନ୍ଦ ମଧ୍ୟରେ ନିହିତ ଅଛି ଗୋଟିଏ ଅନୁପମ ପରମ ଦିବ୍ୟଜୀବନର ଗୁପ୍ତମନ୍ତ୍ର, ଆଉ ବର୍ତ୍ତମାନ ବି ଏହି ଆନନ୍ଦହିଁ ଅନ୍ତରାଳରୁ ବିଶ୍ୱର ଅନ୍ୟାନ୍ୟ ମହାଶକ୍ତିର କ୍ରିୟାକୁ ଧାରଣ କରି ରହିଛି ।''

*ପ୍ରଶ୍ନ : ମଧୁମୟି ମା', ଏହା ମା'ଙ୍କର କେଉଁ ମହାରୂପ ଏବଂ କେତେବେଳେ ତାହା ପ୍ରକାଶିତ ହେବ ?*

ଶ୍ରୀମା : ମୁଁ ମୋର ଉତ୍ତର ପ୍ରସ୍ତୁତ କରି ରଖିଛି । ମୁଁ ଜାଣିଥିଲି କେହିହେଲେ ଏହି ପ୍ରଶ୍ନଟି ପଚାରିବ, କାରଣ ଏ ସମସ୍ତ ଭିତରୁ ଏହି ଅଧ୍ୟାୟରେ ଏହା ସବୁଠୁ ବେଶୀ ଚିତ୍ତାକର୍ଷକ ଏବଂ ମୁଁ ମୋର ଉତ୍ତର ପ୍ରସ୍ତୁତ କରି ରଖିଛି । ଏହାର ଉତ୍ତର ସଙ୍ଗେ ସଙ୍ଗେ ଆଉ ଏକ ପ୍ରଶ୍ନର ଉତ୍ତର ମଧ୍ୟ ମୁଁ ପ୍ରସ୍ତୁତ କରି ରଖିଛି । କିନ୍ତୁ ପ୍ରଥମେ ଏହି ବିଷୟରେହିଁ ମୋର ଉତ୍ତରଟି ପଢ଼ିବାକୁ ଯାଉଛି ।

ତୁମେ ପଚାରିଥିଲ, ''ଏହା ମା'ଙ୍କ କେଉଁ ରୂପ ଓ ସେ କେବେ ଆସିବେ ?'' (ନୀରବତା) ଏବଂ ଏହା ହେଉଛି ମୋର ଉତ୍ତର :

''ସେ ଆସିଛନ୍ତି, ନିଜ ସଙ୍ଗରେ ଶକ୍ତି ଓ ପ୍ରେମର ଏକ ବିପୁଳ ଐଶ୍ୱର୍ଯ୍ୟ ନେଇ ଓ ପୃଥିବୀ ପାଇଁ ଏଯାଏଁ ଅଜଣା ଦିବ୍ୟ-ଆନନ୍ଦର ଏକ ନିବିଡ଼ତା ନେଇ ।

ଏହାଦ୍ୱାରା ସ୍ଥୂଳ ଭୌତିକ ବାତାବରଣ ସଂପୂର୍ଣ୍ଣ ବଦଳି ଯାଇଛି, ନୂତନ ଓ ବିସ୍ମୟକର ସମ୍ଭାବନା ସବୁରେ ଏହା ସିକ୍ତ ଓ ପରିପୂର୍ଣ୍ଣ ହୋଇ ଉଠିଛି ।

କିନ୍ତୁ ସେ ଏଠାରେ ସ୍ଥିର ଭାବରେ ଅବସ୍ଥାପିତ ହୋଇ କ୍ରିୟା କରିବାକୁ ହେଲେ ତାଙ୍କୁ ଗ୍ରହଣ କରିବା ପାଇଁ ଅନ୍ତତଃ ଏକ ସର୍ବନିମ୍ନ ଗ୍ରହଣଶୀଳତାର ପ୍ରୟୋଜନୀୟତା ରହିଛି । ସେ ଅନ୍ତତଃପକ୍ଷେ ଏପରି ଜଣେ ବ୍ୟକ୍ତିଙ୍କୁ ପାଇବା ଦରକାର ଯାହାଙ୍କର ପ୍ରାଣ ଓ ଶରୀର-ପ୍ରକୃତିରେ ଆବଶ୍ୟକ ଗୁଣ ଓ କ୍ଷମତା ରହିଥିବ; ସେ ଯେପରି ଏକ ଶୁଦ୍ଧ ବ୍ୟକ୍ତି ହୋଇଥିବେ, ସ୍ୱତଃସ୍ଫୂର୍ତ୍ତ ଓ ପୂର୍ଣ୍ଣାଙ୍ଗ ଶୁଦ୍ଧତା ନେଇ ସଂପୂର୍ଣ୍ଣ ଏକ ଉଚ୍ଚକୋଟୀର ବ୍ୟକ୍ତିତ୍ୱ ହୋଇଥିବେ ଓ ତହିଁ ସଙ୍ଗେ ସଙ୍ଗେ ତାଙ୍କର ଏପରି ଏକ ଦୃଢ଼, ବଳିଷ୍ଠ ଓ ସମତୁଲ ଶରୀର ରହିଥିବ ଯାହାକି ମା'ଙ୍କର ଏହି ରୂପ ନିଜ ସଙ୍ଗରେ ଆଣୁଥିବା ଦିବ୍ୟ-ଆନନ୍ଦର ନିବିଡ଼ ତୀବ୍ରତାରେ ଭାଙ୍ଗି ନ ପଡ଼ି ତାହାକୁ ସହ୍ୟ କରିବା ପାଇଁ ସକ୍ଷମ ହୋଇଥିବ ।

ଏପର୍ଯ୍ୟନ୍ତ ସେଇ ଧରଣର ଉପଯୁକ୍ତ କୌଣସି ବ୍ୟକ୍ତିକୁ ସେ ପାଇ ନାହାନ୍ତି । ମଣିଷମାନେ ଜିଦ୍‌ଖୋର ଭାବରେ ସେହି ମଣିଷ ହୋଇହିଁ ରହିଯାଇଛନ୍ତି, ଅତିମାନବ ହେବାକୁ କେହି ଚାହାନ୍ତି ନାହିଁ ବା ହୋଇ ମଧ୍ୟ ପାରିବେ ନାହିଁ । ସେମାନଙ୍କ ନିଜ ମାପ ଅନୁସାରେ କାଣ୍ଟଛାଣ୍ଟ ହୋଇଥିବା ଏକ ମାନୁଷୀ ପ୍ରେମହିଁ ସେମାନେ ଚାହାନ୍ତି । ଦିବ୍ୟ ଭଗବତ୍ ଆନନ୍ଦର ସମସ୍ତ ମହିମମୟ ଐଶ୍ୱର୍ଯ୍ୟ ସେମାନଙ୍କ ଦୃଷ୍ଟି ଓ ପ୍ରତ୍ୟକ୍ଷ ଆଗରେ ଧରା ପଡ଼େ ନାହିଁ ।

ତେଣୁ ସମୟ ସମୟରେ, ସେ ନିଜକୁ ପ୍ରତ୍ୟାହାର କରିନେବା କଥା ଭାବନ୍ତି କାରଣ ସେ ଦେଖୁଛନ୍ତି ତାଙ୍କୁ ଗ୍ରହଣ କରିବାକୁ ପୃଥିବୀ ପ୍ରସ୍ତୁତ ନୁହେଁ । ଏବଂ ଏହା ହେବ ଏକ ନିଷ୍ଠୁର କ୍ଷତି । ଅବଶ୍ୟ ଏହା ସତ୍ୟ ଯେ ବର୍ତ୍ତମାନ ସୁଦ୍ଧା ତାଙ୍କର ଉପସ୍ଥିତି ଅନେକଟା ନାମ ମାତ୍ର, ସେତେଟା ସକ୍ରିୟ ନୁହେଁ, କାରଣ ନିଜକୁ ପ୍ରକାଶ ଓ ଅଭିବ୍ୟକ୍ତ କରିବାର ସୁଯୋଗ ସେ ପାଇ ନାହାନ୍ତି । କିନ୍ତୁ ତଥାପି ମଧ୍ୟ ଭଗବତ୍ କର୍ମ ପାଇଁ ତାଙ୍କର ସହାୟତା ଖୁବ୍ ଶକ୍ତିଶାଳୀ । କାରଣ ମା'ଙ୍କର ସମସ୍ତ ବିଭାବ ଭିତରୁ ଏହି ବିଭାବଟିରହିଁ ଶରୀର ରୂପାନ୍ତର ପାଇଁ ସର୍ବଶ୍ରେଷ୍ଠ ଶକ୍ତି ଓ କ୍ଷମତା ରହିଛି । ଏହା ନିଶ୍ଚିତ ଯେ ଭଗବତ୍ ଆନନ୍ଦର ସଂସ୍ପର୍ଶ ଲାଭକରି ଯେଉଁ ଦେହକୋଷଗୁଡ଼ିକ ସ୍ପନ୍ଦିତ ହୁଅନ୍ତି,

ସେହି ଦିବ୍ୟ-ଆନନ୍ଦକୁ ଗ୍ରହଣ ଓ ସୁରକ୍ଷିତ କରି ରଖିବା ପାଇଁ ସକ୍ଷମ ହୁଅନ୍ତି, ସେଗୁଡ଼ିକ ଅମରତ୍ୱ ଲାଭ ଦିଗରେ ଆଗେଇ ଯାଉଥିବା ପୁନରୁଜ୍ଜୀବିତ ଦେହକୋଷ । କିନ୍ତୁ ଦିବ୍ୟ-ଆନନ୍ଦର ସ୍ପନ୍ଦନ ଓ ସୁଖର ସ୍ପନ୍ଦନ ସେହି ଗୋଟିଏ ପ୍ରାଣିକ ଓ ଦୈହିକ ବ୍ୟବସ୍ଥାର ଗଠନ ଭିତରେ ଏକତ୍ର ରହିପାରିବେ ନାହିଁ । ତେଣୁ ଦିବ୍ୟ-ଆନନ୍ଦକୁ ଗ୍ରହଣ କରିବାର ଅବସ୍ଥା ଭିତରେ ରହିବାକୁ ହେଲେ ତୁମକୁ ଅନ୍ୟ ସମସ୍ତ ସୁଖର ଅନୁଭୂତିକୁ ସଂପୂର୍ଣ୍ଣ ରୂପେ ପରିତ୍ୟାଗ କରିବାକୁ ହେବ । କିନ୍ତୁ ଏପରି ଖୁବ୍ କମ୍ ଲୋକ ବାହାରିବେ ଯେଉଁମାନେ ସୁଖଭୋଗକୁ ସଂପୂର୍ଣ୍ଣ ପରିତ୍ୟାଗ କରିଦେଇ ପାରିବେ ଯଦି ତାହା କରିବାକୁ ଯାଇ ତହିଁ ସଙ୍ଗେ ସଙ୍ଗେ ସେମାନେ ସକ୍ରିୟ ଜୀବନରେ ସମସ୍ତ ପ୍ରକାର ଅଂଶଗ୍ରହଣକୁ ମଧ୍ୟ ପରିତ୍ୟାଗ କରି ନ ଦିଅନ୍ତି ଓ ଏକ କଠୋର କୃଚ୍ଛ୍ର ସାଧନା ଭିତରେ ବୁଡ଼ି ନ ଯାଆନ୍ତି । ଏବଂ ଯେଉଁମାନେ ଜାଣନ୍ତି ଯେ କେବଳ ସକ୍ରିୟ ଜୀବନରେହିଁ ରୂପାନ୍ତର ଘଟିବା ସମ୍ଭବପର, ସେମାନେ ଏହା ଦେଖିବା ପାଇଁ ଚେଷ୍ଟା କରନ୍ତି ଯେ ସୁଖ ହେଉଛି ଊଣା-ଅଧିକେ ଦିବ୍ୟ-ଆନନ୍ଦରହିଁ ଏକ ଅଶୋଧିତ ରୂପ; ଏବଂ ଏହିପରି ଭାବରେ ସେମାନେ ନିଜ ଭିତରେ ସେମାନଙ୍କ ବ୍ୟକ୍ତିଗତ ସୁଖଭୋଗଲିପ୍ସାର ଯାଥାର୍ଥ୍ୟ ପ୍ରତିପାଦନ କରନ୍ତି ଓ ନିଜର ରୂପାନ୍ତର ପଥରେ ପ୍ରାୟ ଏକ ଅନତିକ୍ରମଣୀୟ ପ୍ରତିବନ୍ଧକ ସୃଷ୍ଟି କରନ୍ତି ।

ଆମେ ଏହିଠାରେ ଆମ ଆଲୋଚନା ବନ୍ଦ କରିବା କି ? ଆସନ୍ତା ଥର ଏହାକୁ ଶେଷ କରିବା । ତା'ହେଲେ ମୋତେ ସମୟ ମିଳିବ ଆଉ କିଛି ଦେଖିବା ପାଇଁ ।

ତା'ହେଲେ ଏହିଠାରେ ବନ୍ଦ କରିବା । ବର୍ତ୍ତମାନ, ତୁମେ ଯଦି କିଛି ପଚାରିବାକୁ ଚାହୁଁଥାଅ...

(ଦୀର୍ଘ ନୀରବତା) ପଚାର !

ଯଦି କାହାର କିଛି କହିବାର ଥାଏ ସେ କହିପାରେ... ଖାଲି ଛାତ୍ରମାନେ ନୁହନ୍ତି, ଯାହାର କିଛି କହିବାର ଥାଏ ସେ କହିପାରନ୍ତି ।

*ପ୍ରଶ୍ନ : ଯଦି ଜଣେ ସାଫଲ୍ୟଲାଭ କରି ନାହିଁ, ସେ ଚେଷ୍ଟା କରିପାରେ ।*

ଶ୍ରୀମା : କ'ଣ କହିଲ !

*ପ୍ରଶ୍ନ : ଏପର୍ଯ୍ୟନ୍ତ ଯଦି ଜଣେ ସଫଳ ହୋଇପାରି ନାହିଁ, ସେ ଚେଷ୍ଟା କରିପାରେ ?*

ଶ୍ରୀମା : ଓଃ, ଜଣେ ସବୁସମୟରେ ଚେଷ୍ଟା କରିପାରେ... ଏହି ପୃଥିବୀ ପ୍ରତ୍ୟେକ ମୁହୂର୍ତ୍ତରେ ପୁଣିଥରେ ନୂଆ କରି ସୃଷ୍ଟ ହେଉଛି । ତୁମେ ଏଇ ମୁହୂର୍ତ୍ତରେହିଁ ଏକ ଜଗତର ପୁନର୍ସୃଷ୍ଟି କରିପାର ଯଦି ତୁମେ ଜାଣିଥାଅ ଏହି ସୃଷ୍ଟିଟି କିପରି କରିବାକୁ ହୁଏ ଅର୍ଥାତ୍ ତୁମେ ଯଦି ତୁମର ପ୍ରକୃତିକୁ ବଦଳାଇବାକୁ ସକ୍ଷମ ହୁଅ ।

ମୁଁ ତୁମକୁ ଏପରି କହି ନାହିଁ ଯେ ସେ ଚାଲିଯାଇଛନ୍ତି ବୋଲି । ମୁଁ ତୁମକୁ କହିଥିଲି ଯେ ସମୟ ସମୟରେ ସେ ଛାଡ଼ି ଚାଲିଯିବା କଥା ଭାବୁଛନ୍ତି ।

*ପ୍ରଶ୍ନ : କିନ୍ତୁ ମା', ସେ ଓହ୍ଲାଇ ଆସିଥିଲେ କାରଣ ସେ ନିଶ୍ଚୟ କୌଣସି ସମ୍ଭାବନା ଦେଖିପାରିଥିଲେ ?*

ଶ୍ରୀମା : ଏଃ ?

ସେ ଓହ୍ଲାଇ ଆସିଥିଲେ କାରଣ ଏକ ସମ୍ଭାବନା ଥିଲା; କାରଣ ଜିନିଷସବୁ ଗୋଟାଏ ଅବସ୍ଥାରେ ପହଞ୍ଚିଥିଲା ଏବଂ ସେହି ସମୟ ଆସିଥିଲା ଯେତେବେଳେ ତାଙ୍କର ଅବତରଣ ସମ୍ଭବ ହୋଇଥିଲା ।

ପ୍ରକୃତରେ ସେ ଅବତରଣ କରି ଆସିଥିଲେ କାରଣ ମୁଁ ଭାବିଥିଲି ଯେ ଏହା ସମ୍ଭବ... ସେ ସଫଳ ହୋଇପାରିବେ । (ନୀରବତା) ସବୁସମୟରେ ସମ୍ଭାବନା ରହିଛି, କେବଳ... ସେଗୁଡ଼ିକ ବାସ୍ତବତାରେ ପରିଣତ ହେବା ଆବଶ୍ୟକ । ଦେଖ, ମୁଁ ତୁମକୁ ଯାହା କହିଥିଲି ତାହାର ପ୍ରମାଣ ହେଉଛି ଏହା ଘଟିଥିଲା ଏକ ନିର୍ଦ୍ଦିଷ୍ଟ ସମୟରେ, ଏବଂ ସେହି ସମୟରେ... ଦୁଇ, ତିନି ସପ୍ତାହ ଧରି... କେବଳ ଆଶ୍ରମ ବାତାବରଣ ନୁହେଁ, ସମଗ୍ର ପୃଥିବୀର ବାତାବରଣ ଏପରି ଶକ୍ତି, ନିର୍ଦ୍ଦିଷ୍ଟ ଭାବରେ ଏପରି ଦିବ୍ୟ-ଆନନ୍ଦରେ ପରିପ୍ଲୁତ ହୋଇଥିଲା ଓ ତାହା ଏପରି ଏକ ବିସ୍ମୟକର ଶକ୍ତିର ସଂଚାର କରିଥିଲା ଯେ ଯେଉଁ କାମଗୁଡ଼ିକ କରିବା ପାଇଁ ବେଶ୍ କଷ୍ଟକର ହେଉଥିଲା, ତାହା ପ୍ରାୟ ତତ୍‌କ୍ଷଣାତ୍ ସମ୍ପନ୍ନ ହେଉଥିଲା । ସମଗ୍ର ପୃଥିବୀରେ ତାହାର ପ୍ରଭାବ ପଡ଼ିଥିଲା ଏବଂ ମୁଁ ଭାବୁ ନାହିଁ ଯେ ତୁମ ଭିତରୁ ଏପରି ଜଣେ କେହି ଅଛନ୍ତି ଯେ କି ଏ ସଂପର୍କରେ ସଚେତ ଓ ଅବଗତ ଥିଲେ । ଏପରିକି ତୁମେ କହିପାରିବ ନାହିଁ ଏହା କେଉଁ ସମୟରେ ଘଟିଥିଲା, କହିପାରିବ କି ?

*ପ୍ରଶ୍ନ : ଏହା କେବେ ଘଟିଥିଲା ? (ହାସ୍ୟ)*

ଶ୍ରୀମା : ମୁଁ ଠିକ୍ ତାରିଖଟି ଜାଣି ନାହିଁ । ମୋର ତାରିଖସବୁ ମନେ ରୁହେ ନାହିଁ । ମୁଁ ତୁମକୁ କହିପାରେ ଯେ ପ୍ରାୟ, ପାଖାପାଖି... (ନୀରବତା) । ବୋଧହୁଏ ମୁଁ ଯଦି ମୋର

କାଗଜପତ୍ର ଦେଖିବି, ତେବେ ତାରିଖଟି ପାଇପାରିବି । କିନ୍ତୁ ତାରିଖଟି ମୋତେ ଜଣା ନାହିଁ । ଏ ଜିନିଷଗୁଡ଼ିକ ମୋ ପାଇଁ... ମୁଁ ଏତିକି ଜାଣେ ଯେ ଏହା ଘଟିଥିଲା ଶ୍ରୀଅରଅବିନ୍ଦଙ୍କ ଦେହତ୍ୟାଗ ପୂର୍ବରୁ, ପୂର୍ବରୁ ତାଙ୍କୁ ଏହା ଜଣାଇ ଦିଆଯାଇଥିଲା ଏବଂ ସେ ଏହାକୁ ଚିହ୍ନି ପାରିଥିଲେ ।

(ନୀରବତା)

ନିଶ୍ଚେତନ ସଙ୍ଗରେ ଏକ ଭୟଙ୍କର ଲଢ଼ାଇ ହୋଇଥିଲା, କାରଣ ମୁଁ ଯେତେବେଳେ ଦେଖିଲି ଯେତିକି ଗ୍ରହଣଶୀଳତା ରହିବା ଉଚିତ ତାହା ନାହିଁ, ସେତେବେଳେ ଏଥିପାଇଁ ନିଶ୍ଚେତନାକୁହିଁ ଦାୟୀ କରିଲି ଓ ସେହି ନିଶ୍ଚେତନାରେହିଁ ଏହା ସହିତ ସଂଘର୍ଷରେ ପ୍ରବୃତ୍ତ ହେଲି । ମୁଁ କହୁ ନାହିଁ ଯେ ତା'ର କିଛି ଫଳ ହେଲା ନାହିଁ ବୋଲି, କିନ୍ତୁ ଯେଉଁ ଫଳଲାଭ ହେଲା ଓ ଯେଉଁ ଫଳ ଆଶା କରା ଯାଉଥିଲା, ତାହା ଭିତରେ ଏକ ବିରାଟ ବ୍ୟବଧାନ ଥିଲା ।

ମୁଁ ତୁମକୁ ଏହା କହୁଛି, ଦେଖ... ତୁମେ ସମସ୍ତେ ଏତେ ଘନିଷ୍ଠ ଓ ନିକଟବର୍ତ୍ତୀ ହୋଇ ରହିଛ ଯେ ତୁମେ ଏହି ବାତାବରଣରେହିଁ ସ୍ନାନ କରୁଛ, କିନ୍ତୁ ଏ ସଂପର୍କରେ କେହି ଆଦୌ ସଚେତ ଅଛ କି ? ତୁମେ ପୂର୍ବପରି ତୁମର ଛୋଟିଆ ଜୀବନଟିକୁହିଁ ବଞ୍ଚି ଚାଲିଛ, ନୁହେଁ କି ?

(ନୀରବତା)

*ପ୍ରଶ୍ନ : ମା', ମୁଁ ଭାବୁଛି, ଏହା ଘଟିଥିଲା ୧୯୪୬ରେ, କାରଣ ସେତେବେଳେ ଆମକୁ ଆପଣ କେତେ କେତେ କଥା କହିଥିଲେ ?*

ଶ୍ରୀମା : ଠିକ୍ !

(ଦୀର୍ଘ ନୀରବତା)

*ପ୍ରଶ୍ନ : ମା', ବର୍ତ୍ତମାନ ସେ ଆସିଛନ୍ତି, ଆମମାନଙ୍କର କ'ଣ କରିବା ଉଚିତ ?*

ଶ୍ରୀମା : ଏଃ ?

*ପ୍ରଶ୍ନ : ଆମମାନଙ୍କର କ'ଣ କରିବା ଉଚିତ ?*

ଶ୍ରୀମା : ତୁମେ ଜାଣନା ? ତୁମେ... (ନୀରବତା) ତୁମର ଚେତନାକୁ ପରିବର୍ତ୍ତନ କରିବା ପାଇଁ ଚେଷ୍ଟା କର ।

(ଦୀର୍ଘ ନୀରବତା)

*ପ୍ରଶ୍ନ :ଆମେମାନେ କିପରି ଆପଣଙ୍କ ସ୍ପର୍ଶ ପ୍ରତି ନମନୀୟ ହେବୁ ?*

ଶ୍ରୀମା : ଓଃ, ନମନୀୟତା ? ତୁମେ ଯେତେବେଳେ ସଦିଚ୍ଛାରେ ପରିପୂର୍ଣ୍ଣ ହୋଇଉଠିବ, ତୁମେ ଯେତେବେଳେ ଜାଣିବ ଯେ ତୁମେ କିଛି ବି ଜାଣି ନାହଁ, ସବୁକିଛି ରହିଛି ତୁମର ଶିଖିବାକୁ, ସେତେବେଳେ ତୁମେ ଟିକିଏ ନମନୀୟ ହେବାକୁ ଆରମ୍ଭ କର ଏବଂ ଯେତେବେଳେ ଚାପ ଦେବା ପାଇଁ ଏକ ଶକ୍ତି ରହିଥାଏ, ତୁମେ ଉତ୍ତର ଦିଅ ।

କିନ୍ତୁ ଦେଖ, ଏଠାରେ ଯେଉଁ ବର୍ଣ୍ଣନା ରହିଛି,... ତୁମକୁ କେବଳ ବହିଟି ନେଇ ଶେଷ ବର୍ଣ୍ଣନାଟି ଆଉଥରେ ପଢ଼ିବାକୁ ହେବ, ବାସ୍, ସେତିକି । ଲୋକମାନେ ବର୍ତ୍ତମାନ ଯେଉଁ ଅବସ୍ଥାରେ ଅଛନ୍ତି, ଏହା ତା'ର ଏକ ସମ୍ପୂର୍ଣ୍ଣ ଠିକ୍ ଚିତ୍ର । ଏହା ରହିଛି ଶେଷ ପୃଷ୍ଠାରେ... ଦେହର ବର୍ଣ୍ଣନା, ମନର ବର୍ଣ୍ଣନା, ପ୍ରାଣର ବର୍ଣ୍ଣନା, ଏଠି ଯାହାକିଛି ରହିଛି ତାହାର ବର୍ଣ୍ଣନା, ତା'ଛଡ଼ା ସେ ଅନେକ ସମୟରେ ଏହିପରି ବର୍ଣ୍ଣନା ଦିଅନ୍ତି; ନୁହେଁ କି ? (ଦୀର୍ଘ ନୀରବତା, ବହିଟିକୁ ମା' ହାତରେ ନେଲେ ଏବଂ ପାରାଗ୍ରାଫ୍‌ଟିକୁ ଖୋଜିଲେ) ଏଇଠାରେ, ଏହି ପାରାଗ୍ରାଫ୍‌ରେ ଏହା ରହିଛି । ''କିନ୍ତୁ ସାବଧାନ, ତୁମର କ୍ଷୁଦ୍ର ପାର୍ଥିବ ମନରେ ଭାଗବତୀ ଜନନୀଙ୍କୁ ବୁଝିବାକୁ ବା ବିଚାର କରିବାକୁ ଚେଷ୍ଟା କର ନାହିଁ । ଯେଉଁସବୁ ବସ୍ତୁ ସ୍ୱୀୟ ସୀମାର ଅତୀତ, ସେସବୁକୁ ମନ ନିଜର ଛାଞ୍ଚର ଓ ଛନ୍ଦର, ସଂକୀର୍ଣ୍ଣ ଯୁକ୍ତି ଓ ଭ୍ରମପୂର୍ଣ୍ଣ ଧାରଣାର, ପ୍ରବଳ ଅତଳ ଅଜ୍ଞାନର, ତୁଚ୍ଛ ଆତ୍ମମ୍ଭରୀ ଜ୍ଞାନର ଅନୁଗତ କରି ରଖିବାକୁ ଚାହେଁ ।'' ଏହି କଥାଗୁଡ଼ିକୁ ତୁମକୁ ବାରଂବାର ପୁଣି ପଢ଼ିବାକୁ ହେବ, ଏହା ତୁମକୁ ତୁମର ସଦ୍‌ବୁଦ୍ଧି ଭିତରକୁ ଫେରାଇ ଆଣିବ ।

ବାସ୍, କଥାଟି ଏଇୟା । ଏତିକି ଯଥେଷ୍ଟ ତ ? ଆଉ କିଛି ପଚାରିବାର ନାହିଁ ? କାହାର କିଛି ପଚାରିବାକୁ ନାହିଁ ? ଯେ କେହି ଆଜି ସନ୍ଧ୍ୟାରେ କିଛି କହିବାକୁ ଚାହେଁ, ସେ ତାହା କହିପାରେ । (ଗୋଟିଏ ପିଲାକୁ) ତୁମର କିଛି କହିବାର ନାହିଁ ? ତୁମର ନାହିଁ ? କାହାର କିଛି କହିବାକୁ ନାହିଁ ? କେହି ହେଲେ ଗୋଟିଏ ଶବ୍ଦ କହୁ ନାହଁ !

*ପ୍ରଶ୍ନ : କୃଚ୍ଛସାଧନା ଆମକୁ ଆସକ୍ତିକୁ ଅତିକ୍ରମ କରିବା ପାଇଁ ସାହାଯ୍ୟ କରେ ନାହିଁ କି ?*

ଶ୍ରୀମା : ନା, ଏହା ତୁମର ଦମ୍ଭକୁ ଆହୁରି ବଢ଼ାଇ ଦିଏ ଓ ମଜଭୁତ କରେ ।

*ପ୍ରଶ୍ନ : କିନ୍ତୁ ଆପଣ କହିଛନ୍ତି, ''ସୁଖଭୋଗକୁ ପରିତ୍ୟାଗ କର ।'' ତା'ହେଲେ...*

ଶ୍ରୀମା : ସୁଖଭୋଗକୁ ପରିତ୍ୟାଗ କର... କିନ୍ତୁ କୌଣସି

କୃଚ୍ଛ୍ରସାଧନା ଦ୍ୱାରା କେହି ସୁଖଭୋଗକୁ ପରିତ୍ୟାଗ କରେ ନାହିଁ ! ଏକ ଆନ୍ତର ଆଲୋକର ଉଦ୍ଭାସନ ଓ ସତ୍ତାର ମାର୍ଜିତ ଉନ୍ନୟନ ଦ୍ୱାରା ତୁମେ ଅନୁଭବ କରିବ ସୁଖଭୋଗ ଭିତରେ କିପରି ସବୁ ସ୍ଥୂଳ, ଅଜ୍ଞାନାଚ୍ଛନ୍ନ ଓ ଅସ୍ୱସ୍ତିକର ବସ୍ତୁ ରହିଛି ।

*ପ୍ରଶ୍ନ : ଆମେ ଯଦି ସ୍ଥୂଳ ସୁଖଭୋଗ ଭିତରେ ରହିଛୁ, ତା'ହେଲେ ତାକୁ ଅତିକ୍ରମ କରିବୁ କିପରି ?*

ଶ୍ରୀମା : କିନ୍ତୁ ଅନ୍ୟସବୁକୁ ବାଦ୍ ଦେଇ କେବଳ ସ୍ଥୂଳ ସୁଖଭୋଗ ଭିତରେ ତ ତୁମେ ରହି ନାହଁ; ତା'ହେଲେ ମୁଁ ଭାବୁଛି ତୁମେ ଏଠି ରହି ପାରନ୍ତ ନାହିଁ ।

*ପ୍ରଶ୍ନ : କିନ୍ତୁ ଏଠାରେ ସବୁକିଛି ତ ସୁଖମୟ, ନୁହେଁ କି ? ସୁଖମୟ, ଅର୍ଥାତ୍... ସୁଖପୂର୍ଣ୍ଣ । ଆମେ ଏଠାରେ ବେଶ୍ ଆରାମରେ ରହିଛୁ, ଭଲ ଭାବରେ ଖିଆପିଆ ଆଦି କରି ବେଶ୍ ସ୍ୱଚ୍ଛନ୍ଦରେ ରହିଛୁ । ଏସବୁଗୁଡ଼ିକ ସୁଖଭୋଗ ନୁହେଁ କି ?*

ଶ୍ରୀମା : (ବିସ୍ମିତ ହୋଇ) ତୁମେ ଏସବୁ କରୁଛ ସୁଖଭୋଗ ପାଇଁ ? (ହାସ୍ୟ) ଏହାହିଁ ବୋଧହୁଏ ତୁମର ଧାରଣା, ତୁମକୁ ମୋର ଆଉ କିଛି କହିବାର ନାହିଁ । ତୁମେ ଯଦି ଏହି ପାର୍ଥକ୍ୟଟିକୁ ଅନୁଭବ କରିପାରିବ ନାହିଁ ଯେ ଏପରି କିଛି ରହିଛି ଯାହା ଉଚ୍ଚତର ଜୀବନ ପାଇଁ ଅଭୀପ୍ସା କରିଥାଏ ଓ ଆଉ ମଧ୍ୟ ଏପରି କିଛି ରହିଛି ଯାହାକି ସାଧାରଣ ଜୀବନରେ ପୂରା ସ୍ୱଚ୍ଛନ୍ଦ ଓ ଆରାମ ଅନୁଭବ କରି ରହିଥାଏ,— ଏ ଦୁଇଟି ଭିତରେ ତୁମେ ଯଦି ପାର୍ଥକ୍ୟ ଅନୁଭବ କରିପାରିବ ନାହିଁ ତେବେ ମୁଁ ତୁମକୁ ସାହାଯ୍ୟ କରିପାରିବି ନାହିଁ । ପ୍ରଥମେ ନିଜ ଭିତରେ ତୁମକୁ ତାହା ଖୋଜି ବାହାର କରିବାକୁ ହେବ ।

*ପ୍ରଶ୍ନ : କିନ୍ତୁ ବାହ୍ୟ କିଛି ସାଧନା-ଶୃଙ୍ଖଳା ଏ ଦିଗରେ ସାହାଯ୍ୟ କରେ ନାହିଁ କି ?*

ଶ୍ରୀମା : ତୁମେ ଯଦି ନିଜ ଉପରେ ବାହ୍ୟ ସାଧନାଶୃଙ୍ଖଳା କିଛି ଧାର୍ଯ୍ୟ କରିଦିଅ ଓ ତାହା ଯଦି ନିତାନ୍ତ ନିର୍ବୋଧ ନ ହୁଏ, ତେବେ ତାହା ହୁଏତ ସାହାଯ୍ୟ କରିପାରେ । କୌଣସି ଶୃଙ୍ଖଳା, ମୁଁ ତୁମକୁ କହି ରଖେ, ସାଧନା-ଶୃଙ୍ଖଳା ସବୁ, ତପସ୍ୟାସବୁ, କୃଚ୍ଛ୍ର ସାଧନା ସବୁ — ସେଗୁଡ଼ିକୁ ସାଧାରଣତଃ ଯେପରି ଭାବରେ ଅଭ୍ୟାସ କରାଯାଏ — ସେଗୁଡ଼ିକ ତୁମକୁ ଗର୍ବୀ ଓ ଦାମ୍ଭିକ କରିବା ଦିଗରେ ସବୁଠୁ ବଡ଼ ଉପାୟ ହୋଇଉଠେ, ସେଗୁଡ଼ିକ ତୁମ ଭିତରେ ଏପରି ଭୟାନକ ଗର୍ବ ଓ ଦାମ୍ଭିକତା ଆଣିଦିଏ ଯେ ତୁମେ କେବେହେଲେ ଆଉ ବଦଳିପାର ନାହିଁ । ଏଗୁଡ଼ିକୁ ପୂରା ହାତୁଡ଼ିମାଡ଼ ଦେଇ ଭାଙ୍ଗି ଦେବାକୁ ପଡ଼ିବ ।

ପ୍ରଥମ ସର୍ତ୍ତ ହେଉଛି ଏକ ସୁସ୍ଥ ନମ୍ରଭାବ ଯାହାକି ତୁମ ଭିତରେ ଏହି ଉପଲବ୍ଧି ଆଣିଦିଏ ଯେ ଯଦି ତୁମେ ଭଗବାନଙ୍କ ଦ୍ୱାରା ଲାଳିତ, ପୋଷିତ ନ ହୁଅ, ତାଙ୍କର ସହାୟତା ଓ ଜ୍ଞାନାଲୋକ ଲାଭ ନ କର, ତାଙ୍କରି ନିର୍ଦ୍ଦେଶରେ ଚାଳିତ ନ ହୁଅ, ତେବେ ତୁମେ ଆଦୌ କିଛି ନୁହଁ, ଆଦୌ କିଛି ବି ହୋଇପାରିବ ନାହିଁ । ଏହାହିଁ ବୁଝିବାକୁ ହେବ । ତୁମେ ଯେତେବେଳେ ଏହା ଅନୁଭବ କରିବ, କେବଳ ମନରେ ବୁଝିଲେ ଚଳିବ ନାହିଁ, ତୁମର ପୂରା ଶାରୀର ସତ୍ତା ପର୍ଯ୍ୟନ୍ତ ଯେତେବେଳେ ଏହା ଅନୁଭବ କରିବ, ସେତେବେଳେହିଁ ତୁମେ ବିଜ୍ଞ ହେବାକୁ ଆରମ୍ଭ କର, ତା' ପୂର୍ବରୁ ନୁହେଁ ।

*ପ୍ରଶ୍ନ : ମା', ଆପଣ ଯେଉଁ ଅନ୍ୟ ବିଷୟଟି ଲେଖିଛନ୍ତି ତା' କ'ଣ ?*

ଶ୍ରୀମା : ମୁଁ ଭାବିଥିଲି କେହି ମୋତେ ଏହି ପ୍ରଶ୍ନଟି ପଚାରିବ ଯେ ''ଆପଣଙ୍କ ଯୋଗୁଁ ତ ସେ ରହିପାରନ୍ତେ, ଯେହେତୁ ସେ ଆପଣଙ୍କ ଆହ୍ୱାନରେହିଁ ଆସିଛନ୍ତି, ସେ କାହିଁକି ଆପଣଙ୍କ ଯୋଗୁଁ ରହୁ ନାହାନ୍ତି ?'' କିନ୍ତୁ ମୋତେ ଏହି ପ୍ରଶ୍ନଟି କରାଯାଇ ନାହିଁ ।

*ପ୍ରଶ୍ନ : ମା' ଆମକୁ ସେହି ବିଷୟଟି କହନ୍ତୁ !*

ଶ୍ରୀମା : ଆଗାମୀ ଅନନ୍ତକାଳ ଭିତରେ ଅନ୍ୟାନ୍ୟ ଯେଉଁସବୁ ଶରୀର ତାଙ୍କର ଯନ୍ତ୍ର ହୋଇ କ୍ରିୟା କରିବେ, ମୋର ଏହି ଶରୀର ସେମାନଙ୍କ ଭିତରୁ ମାତ୍ର ଗୋଟିଏ । ଏହି ଶରୀରକୁ ପୃଥିବୀ ଓ ମନୁଷ୍ୟମାନେ ଯେଉଁଭଳି ଗୁରୁତ୍ୱ ଦେବେ ଏବଂ ସେହି ମହାଶକ୍ତିଙ୍କର ଅଭିବ୍ୟକ୍ତି ଓ ବିକିରଣରେ ସହାୟତା ପାଇଁ ମଧ୍ୟବର୍ତ୍ତୀ ରୂପେ ଏହି ଶରୀର ଯେଉଁ ପରିମାଣରେ କ୍ରିୟା କରିପାରିବ ତାହାଛଡ଼ା ତାଙ୍କ ପାଇଁ ଏହି ଶରୀରର ଅନ୍ୟ କୌଣସି ଗୁରୁତ୍ୱ ନାହିଁ ।

ମୁଁ ଯଦି ଏପରି ସବୁ ଲୋକଙ୍କ ଦ୍ୱାରା ପରିବେଷ୍ଟିତ ହୋଇ ରୁହେ ଯେଉଁମାନେ ତାଙ୍କୁ ଗ୍ରହଣ କରିପାରିବେ ନାହିଁ ତା'ହେଲେ ତାଙ୍କ ପାଇଁ ମୋର କୌଣସି ଅର୍ଥ ନାହିଁ, କୌଣସି ଉପଯୋଗିତା ନାହିଁ, ଏହା ଅତି ସ୍ପଷ୍ଟ । ତେଣୁ ମୋ ଯୋଗୁଁ ଯେ ତାଙ୍କୁ ରହିବାକୁ ହେବ, ଏପରି କିଛି କଥା ନାହିଁ ଏବଂ ନିଶ୍ଚିତ ଭାବରେ କୌଣସି ସ୍ୱାର୍ଥପର କାରଣ ଯୋଗୁଁ ମୁଁ ତାଙ୍କୁ ରହିବା ପାଇଁ କହିପାରିବି ନାହିଁ । ଏବଂ ତା'ହେଲେ

ଦିବ୍ୟଜନନୀଙ୍କର ଯେଉଁସବୁ ବିଭାବ, ଯେଉଁସବୁ ନିରନ୍ତର ଅଭିବ୍ୟକ୍ତ ହେଉଛନ୍ତି, ସେମାନେ ଆଦୌ କୌଣସି ବ୍ୟକ୍ତିଗତ କାରଣରୁ ଅଭିବ୍ୟକ୍ତ ହେଉ ନାହାନ୍ତି । ସେମାନଙ୍କ ଭିତରୁ କେହି ଜଣେ ହେଲେ ମୋର ଶରୀରକୁ ସହାୟତା କରିବା କଥା କେବେ ଭାବି ନାହାନ୍ତି ବା ମୁଁ ତାଙ୍କୁ ସେଥିପାଇଁ କହି ନାହିଁ, କାରଣ ସେମାନେ ସେଥିପାଇଁ ଆସି ନାହାନ୍ତି । କିନ୍ତୁ ଏହା ଅତି ସ୍ୱଷ୍ଟ ଯେ ଯଦି ମୋ ଚାରିପାଖରେ ଗ୍ରହଣଶୀଳତା ରହିଥାଆନ୍ତା, ଯଦି ଏପରି ସବୁ ବ୍ୟକ୍ତି ଥାଆନ୍ତେ ଯେଉଁମାନେ ଗ୍ରହଣ କରିବା ପାଇଁ ସକ୍ଷମ ଏବଂ ସେହି କାରଣରୁ ଦିବ୍ୟଜନନୀଙ୍କର ଏହି ବିଭାବସବୁ ନିତ୍ୟ ନିରନ୍ତର ପ୍ରକାଶିତ ଓ ଅଭିବ୍ୟକ୍ତ ହେଉଥାଆନ୍ତେ, ତା'ହେଲେ ତାହା ନିଶ୍ଚୟ ମୋ ଶରୀରକୁ ବିପୁଳ ଭାବରେ ସାହାଯ୍ୟ କରନ୍ତା । କାରଣ, ଦେଖ ସେହି ସମସ୍ତ ସ୍ପନ୍ଦନଗୁଡ଼ିକ ମୋର ଶରୀର ଭିତର ଦେଇହିଁ ଆତଯାତ ହୁଅନ୍ତା, ଏବଂ ତାହା ଏହି ଶରୀରକୁ ସାହାଯ୍ୟ କରନ୍ତା । କିନ୍ତୁ ସେ (ପରମ ଦିବ୍ୟ ପ୍ରେମରୁ ଉତ୍ସାରିତ ମା'ଙ୍କର ସେହି ଆନନ୍ଦର ମହାଶକ୍ତି) ଅଭିବ୍ୟକ୍ତ ହେବା ପାଇଁ କୌଣସି ସୁଯୋଗ ପାଉ ନାହାନ୍ତି, ତାଙ୍କର କୌଣସି ସୁଯୋଗ ନାହିଁ । ସେ କେବଳ ଏହିପରି ଲୋକମାନଙ୍କୁ ଭେଟୁଛନ୍ତି, ଯେଉଁମାନେ ଏହା ଅନୁଭବ ମଧ କରୁ ନାହାନ୍ତି ଯେ ସେ ଆସିଛନ୍ତି ଓ ଏଠାରେ ଉପସ୍ଥିତ ରହିଛନ୍ତି, ସେମାନେ ଏପରିକି ତାହା ଜାଣି ମଧ ନାହାନ୍ତି । ସେମାନଙ୍କ ପାଇଁ ତାଙ୍କର ଆସିବା ଓ ନ ଆସିବାରେ କୌଣସି ପାର୍ଥକ୍ୟ ନାହିଁ । ତା'ହେଲେ ସେ କିପରି ପ୍ରକାଶିତ ଓ ଅଭିବ୍ୟକ୍ତ ହେବେ ? ଏବଂ ମୁଁ ତାଙ୍କୁ ଏହା କହିବାକୁ ଯିବି ନାହିଁ ଯେ, ''ଯଦି ଚାହଁ, ତେବେ ଆସ ଏବଂ ମୋର ଶରୀରକୁ ରୂପାନ୍ତରିତ କରିଦିଅ । ଆମ ଭିତରେ ସେଇ ଧରଣର ସଂପର୍କ ନାହିଁ... ଏବଂ ସ୍ୱୟଂ ଏହି ଶରୀର ମଧ ତାହା ଚାହିଁବ ନାହିଁ । ଏହା କେବେହେଲେ ନିଜ କଥା ଭାବି ନାହିଁ, ନିଜ ସଂପର୍କରେ କୌଣସି ଭ୍ରୂକ୍ଷେପ କରି ନାହିଁ । କେବଳ କର୍ମ ଜରିଆରେହିଁ ଏହା ରୂପାନ୍ତରିତ ହୋଇପାରିବ । ହଁ, ଏହା ନିଶ୍ଚିତ ଯେ, ସେ ଯେତେବେଳେ ଆସିଲେ, ସେତେବେଳେ ଯଦି ଗ୍ରହଣଶୀଳତା ଥାଆନ୍ତା ଏବଂ ସେ ଯଦି ନିଜ ସଙ୍ଗରେ ଆଣିଥିବା ଶକ୍ତି ସହ ଅଭିବ୍ୟକ୍ତ ହୋଇଥାଆନ୍ତେ... । ଏପରିକି ତାଙ୍କର ଆସିବା ପୂର୍ବରୁ ମୁଁ ତୁମକୁ ଗୋଟିଏ କଥା କହିପାରେ ଯେ ମୁଁ ଯେତେବେଳେ ଶ୍ରୀଅରବିନ୍ଦଙ୍କ ସହ ଯୋଗ ପାଇଁ ଅବତରଣ କରିବାକୁ ଆରମ୍ଭ କରିଲି, ମନରୁ ଯେତେବେଳେ ପ୍ରାଣକୁ ଅବତରଣ କରିଲି, ଯେତେବେଳେ ଆମେ ଆମର ଯୋଗକୁ ମନରୁ ପ୍ରାଣକୁ ଓହ୍ଲାଇ ଆଣିଲୁ – ମୋର ବୟସ ସେତେବେଳେ ଚାଳିଶ ହୋଇଥିଲା, କିନ୍ତୁ ମୁଁ ଏତେ ବୟସ୍କା ଭଳି ଦିଶୁ ନ ଥିଲି, ଚାଳିଶ ବର୍ଷ ଅପେକ୍ଷା ଅନେକ କମ୍ ବୟସର ଦିଶୁଥିଲି, ତଥାପି ସେତେବେଳକୁ ମୋତେ ଚାଳିଶ ବର୍ଷ ହୋଇଥିଲା ଏବଂ ଗୋଟିଏ ମାସର ଯୋଗ ପରେ ମୁଁ ଦିଶୁଥିଲି ଠିକ୍ ଅଠର ବର୍ଷ ବୟସର ବୋଲି । ଏବଂ ଜଣେ ବ୍ୟକ୍ତି, ଯେ ମୋତେ ଆଗରୁ ଦେଖିଥିଲେ ଓ ଜାପାନରେ ମୋ ସଙ୍ଗେ ରହୁଥିଲେ, ଏଠାକୁ ଆସି ମୋତେ ଚିହ୍ନିବା ତାଙ୍କ ପାଇଁ ବେଶ୍ କଷ୍ଟକର ହୋଇଥିଲା । ସେ ମୋତେ ପଚାରିଲେ ''ପ୍ରକୃତରେ ତୁମେ କ'ଣ ସେହି ଲୋକ ?'' ମୁଁ କହିଲି ''ଏଥିରେ ସନ୍ଦେହ କ'ଣ ଅଛି ?''

କିନ୍ତୁ କେବଳ ଯେତେବେଳେ ଆମେ ପ୍ରାଣରୁ ଶରୀରକୁ ଓହ୍ଲାଇ ଆସିଲୁ, ସେତେବେଳେ ଏହା ଚାଲି ଯାଇଥିଲା; କାରଣ ଶରୀରରେ କାମଟି ଅନେକ ବେଶୀ କଠିନ ଥିଲା । କାରଣ ଅନେକ ଅଧିକ ଜିନିଷର ପରିବର୍ତ୍ତନ ଆବଶ୍ୟକ ହୋଇଥିଲା । କିନ୍ତୁ ଯଦି ସେଇ ଧରଣର ଏକ ଶକ୍ତିର ଆବିର୍ଭାବ ହୁଏ ଏବଂ ତାହାକୁ ଗ୍ରହଣ କରାଯାଏ ତା'ହେଲେ ତାହାର ଏକ ବିପୁଳ କ୍ରିୟା ହେବ ! ତଥାପି, ଦେଖ ଏହା ହେଉଛି... ମୁଁ ଏ ବିଷୟରେ କହୁଛି କାରଣ ମୁଁ ଭାବିଥିଲି ତୁମେ ଏହି ପ୍ରଶ୍ନଟି ପଚାରିବ... ତା' ନ ହେଲେ... ତାଙ୍କ ସଙ୍ଗରେ ମୋର ସଂପର୍କର ଧରଣ ଏପରି ନୁହେଁ । ଦେଖ, ମୋର କହିବା କଥା ହେଲା, ମୋର ଶରୀରଟିକୁ ନିଅ, ଏହି ବିଚାରା ଶରୀରଟି, ଏହା ବେଶ୍ ନିରୀହ, ଏହା କେବେହେଲେ କୌଣସି ଦୃଷ୍ଟି ବା ଶକ୍ତି ଆକର୍ଷଣ କରିବାକୁ ଚେଷ୍ଟା କରି ନାହିଁ, ବା ନିଜ କାମଟିକୁ ଯେତେ ଅଧିକ ସମ୍ଭବ ଭଲ ଭାବରେ କରିବା ଛଡ଼ା ଆଉ ଅନ୍ୟ କିଛି କରିବାକୁ ଚେଷ୍ଟା କରି ନାହିଁ । ତୁମେ ଜାଣି ରଖ ଏହା ଏହିପରି । କାମ ପାଇଁ ଏହାର ଗୁରୁତ୍ୱ ହେଉଛି ଏହାର ଉପଯୋଗିତା ଅନୁପାତରେ ଏବଂ ପୃଥିବୀ ଏହାକୁ କେଉଁ ଭଳି ଗୁରୁତ୍ୱ ଦେଉଛି, ସେହି ଅନୁପାତରେ, କାରଣ କାମଟି ହେଉଛି ଏହି ପୃଥିବୀ ପାଇଁ । ନିଜର ସ୍ୱରୂପରେ ଏହା ଅନ୍ୟାନ୍ୟ ଅଗଣିତ ଶରୀରମାନଙ୍କ ଭିତରୁ ଗୋଟିଏ ।

ଯଦି ତୁମେ ତୁମର ଚୈତ୍ୟସତ୍ତାକୁ ଅନୁଭବ କରିବା ପାଇଁ ଛୋଟିଆ ନିଷ୍ପତ୍ତିଟିଏ ନିଅ ତେବେ ମୋର ସମୟ ନଷ୍ଟ ହୋଇଛି ବୋଲି ମନେ କରିବି ନାହିଁ । ✥

# ବନ୍ଦେ ମାତରମ୍

## ଶ୍ରୀଅରବିନ୍ଦ

### ପ୍ରସଙ୍ଗ କ୍ରମେ

'ଷ୍ଟେଟ୍‌ସ୍‌ମ୍ୟାନ୍' ଆଉ 'ଇଂଲିଶ୍‌ମ୍ୟାନ୍' ଭିତରେ ଚାଲିଥିବା ଅନ୍ତର୍ଦ୍ୱନ୍ଦ୍ୱ ଦର୍ଶକଙ୍କୁ ଅତ୍ୟନ୍ତ ଆମୋଦପ୍ରଦ ଲାଗୁଛି । ଉଭୟଙ୍କ ହାତରେ ଆଙ୍ଗ୍ଲୋଭାରତର ସ୍ୱାର୍ଥ ବେଶ୍ ସୁରକ୍ଷିତ; କେତେଦୂର ପର୍ଯ୍ୟନ୍ତ ବିଦେଶୀ ଶୃଙ୍ଖଳକୁ ହାଲୁକା କରାଯାଇ ପାରିବ, ଏଥିନେଇ ସେମାନଙ୍କ ମଧ୍ୟରେ ଯାହା ମତ ପାର୍ଥକ୍ୟ ରହିଛି । ଇଂଲିଶ୍‌ମ୍ୟାନ୍ ଏକ ଖୋଲାଖୋଲି ଓ ସିଧାସଳଖ ପନ୍ଥା ସପକ୍ଷରେ ଯୁକ୍ତି ବାଢ଼ିଛି – ଅର୍ଥାତ୍ ଭାରତୀୟମାନେ ଯେମିତି ଅନୁଭବ କରିବାକୁ ବାଧ୍ୟ ହେବେ ଯେ ସେମାନେ ହେଉଛନ୍ତି ଏକ ବିଜିତ ଜାତି (Conquered people) – ବିଜେତାମାନଙ୍କ ହାତରେ ସେମାନେ ଅସହାୟ ଠିକ୍ ଯେମିତି ଗଳ୍ପରେ ଅସୁରର ଲୌହ ମୁଷ୍ଟି ଭିତରେ ରହିଥିବା ସେଇ ଅସହାୟ ବାମନଟି ସଦୃଶ । ପକ୍ଷାନ୍ତରେ, 'ଷ୍ଟେଟ୍‌ସ୍‌ମ୍ୟାନ୍' ଚାହେଁ ବ୍ରିଟିଶ୍‌ମାନଙ୍କର ଜୋତାର ହିଲ୍‌କୁ ନରମ ମଖମଲୀରେ ଆଚ୍ଛାଦିତ କରିବା ପାଇଁ । ଆମେ ତା'ହେଲେ ନିଜ ପାଇଁ ଏକ କୁଟିଳ ନୀତି ଅପେକ୍ଷା ଉନ୍ମୁକ୍ତ ପଥଟିଏ ପସନ୍ଦ କରୁ ।

*

କଥାଟିର ଅସଲ ମଜା ହେଉଛି ପନ୍ଥାଗୁଡ଼ିକ ବିଷୟରେ ବିଚାର କରୁକରୁ ସେମାନେ ଖସିପଡ଼ି ଆସି ପହଞ୍ଚିଛନ୍ତି ଅନେକ ବ୍ୟକ୍ତିତ୍ୱଙ୍କ ପାଖରେ । ଶ୍ୱାନସମ ବିଶ୍ୱସ୍ତତା ସହ ମିଃ ସୁରେନ୍ଦ୍ରନାଥ ବାନାର୍ଜୀଙ୍କୁ ଅନୁସରଣ କରିବାର ପ୍ରବୃତ୍ତି ଯୋଗୁଁ 'ଇଂଲିଶ୍‌ମ୍ୟାନ୍' ବାହାଦୁରି ଦେଇଛି 'ଷ୍ଟେଟ୍‌ସ୍‌ମ୍ୟାନ୍‌କୁ' । ଏହାର ଉତ୍ତର ଛଳରେ 'ଷ୍ଟେଟ୍‌ସ୍‌ମ୍ୟାନ୍' କହିଛି – 'ଇଂଲିଶ୍‌ମ୍ୟାନ୍'କୁ ଏକଥା କେମିତି ଅଜବ ଅଜବ ଲାଗିପାରେ; ଆମ ନିଜ ମତାମତଗୁଡ଼ିକୁ ସୃଷ୍ଟି କରିବାରେ ଆଉ କୌଣସି ବହିର୍ଶକ୍ତିର ସାହାଯ୍ୟ ନନେଇ ତାକୁ ପ୍ରକାଶ କରିବାରେ ଆମେ ତ ବେଶ୍ ଅଭ୍ୟସ୍ତ – ଏମିତିକି ବାର୍ ଲାଇବ୍ରେରି ହେଉ କିଂବା ଆଉ କେଉଁଠାରୁ ହେଉ । ମିଃ : ବାନାର୍ଜୀ ତାଙ୍କ ତରଫରୁ ସାହାଯ୍ୟ କରିବାର ପ୍ରସ୍ତାବ ଆଣି ଆମକୁ ସମ୍ମାନିତ କରି ନାହାନ୍ତି କିଂବା ଏହାକୁ ମାଗିବାର ଆବଶ୍ୟକତା ଥିଲା ବୋଲି ଆମେ ଦେଖିପାରିନୁ'' । ଆମ ସମସାମୟିକ ପତ୍ରିକାକୁ ଆମେ ସଂକ୍ଷେପରେ ଗ୍ରହଣ କରିନେଉ । 'ନିଉ ଇଣ୍ଡିଆ' ସମ୍ବନ୍ଧରେ ଯେଉଁ ଅନୁଚ୍ଛେଦକୁ ଆମେ ଆଉ ଏକ ଦିନ ଉଲ୍ଲେଖ କରିଥିଲୁ ତାହା ଶ୍ୱେତାଙ୍ଗ ହେଉ କି ଧୂସର ବର୍ଣ୍ଣ ହେଉ କୌଣସି ବାହ୍ୟ ଶକ୍ତିର ଏକ ପ୍ରେରଣାବଶତଃ ଲେଖାଯାଇ ନଥିଲା ବୋଲି ଆମ ବନ୍ଧୁଙ୍କୁ ପଚାରିବା ପାଇଁ ଆମକୁ ଅନୁମତି ମିଳିପାରେ କି ? ଏହାପରେ ଆମ ଚୌରଙ୍ଗୀସ୍ଥ ବନ୍ଧୁ ତାଙ୍କର ସ୍ୱାଧୀନ ନୀତି ଆଉ ଏହାର ନିର୍ଭୀକ ପ୍ରଚାର ପାଇଁ ଦମ୍ଭୋକ୍ତି ପ୍ରକାଶ କରିଛନ୍ତି । ଆମ ସମସାମୟିକ ପତ୍ରିକା କହୁଛନ୍ତି, ''ଏଇ ପତ୍ରିକା ତା'ର ମୂଲ୍ୟ ଏକ ଅଣାକୁ ଖସେଇ ଆଣିବାର ଯେଉଁ ଦୃଷ୍ଟାନ୍ତ ପଚିଶ ବର୍ଷ ପୂର୍ବେ ରଖିଥିଲା, ପତ୍ରିକାର ଏକ ବ୍ୟାପକ ପ୍ରସାର ପାଇଁ ଏବଂ ତାକୁ ଏକ ପ୍ରଭାବଶାଳୀ ସ୍ଥିତିରେ ପହଞ୍ଚେଇବା ପାଇଁ ସେଇ ସୂତ୍ରକୁ ଏବେ ଖାଲି ଅନୁସରଣ କଲେ ଯଥେଷ୍ଟ ହେବ ନାହିଁ । ଯଦି 'ଇଂଲିଶ୍‌ମ୍ୟାନ୍'କୁ ଆଉ କେବେ ସାମ୍ବାଦିକତା କ୍ଷେତ୍ରରେ ଏକ ଶକ୍ତିଭାବେ ଦଣ୍ଡାୟମାନ ହେବାକୁ ହୁଏ, ତା'ହେଲେ ଦୈନିକ ସଂଖ୍ୟାର ମୂଲ୍ୟକୁ ଦେଖିବା ପରିବର୍ତ୍ତେ ଏହା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ 'ଷ୍ଟେଟ୍‌ସ୍‌ମ୍ୟାନ୍'କୁ ନକଲ କରିବା ଉଚିତ । ଏକ ସଙ୍କୋଚ ଆଉ ସ୍ୱୟଂକ୍ରିୟ ନୀତି ରହିବା ସଙ୍ଗେ ସଙ୍ଗେ ସେଇ ନୀତିର ପ୍ରଚାର ମଧ୍ୟ ଏହା ନିର୍ଭୀକଭାବେ କରୁଥିବ ।'' ମଣିଷର ଭୁଲ୍‌ଭଟକାଗୁଡ଼ିକ ଯେ ନାଗରିକର ଦାବିଗୁଡ଼ିକ ପରି ନାନା ସୀମା ଦ୍ୱାରା ଅବରୁଦ୍ଧ ଆମ ପତ୍ରିକା-ବନ୍ଧୁଜଣକ ଏକଥା ଚିନ୍ତା କଲାପରି ମନେ ହେଉଛି କିଂବା ଅକ୍ଳେଶରେ ତାଙ୍କ ସ୍ମୃତି କ୍ଷଣସ୍ଥାୟୀ ହୋଇପଡୁଛି, ନହେଲେ ସେ କେମିତି ଏତେ ଶୀଘ୍ର ପାସୋରି ଦେଲେ ତାଙ୍କର ସେଇ ବିପଜ୍ଜନକ ସ୍ଥିତିକୁ, ଭୂରାଜସ୍ୱ ବିଲ୍ ବିବାଦ ସମୟରେ ସେ ଯେଉଁଠି ଆସି ପଡ଼ିଥିଲେ ଆଉ ସେଥିରୁ ମୁକୁଳିବାର ରାସ୍ତା ତାଙ୍କୁ ମିଳିଥିଲା ମିଃ ରିୟାଟ୍ ନାମକ ଏକ ଦାୟିତ୍ୱସମ୍ପନ୍ନ ସମ୍ପାଦକଙ୍କୁ ହଟାଇ ଦେବା ଫଳରେ ?

*

ଏସବୁ କଥା ବିଚାର କଲାପରେ ଆମେ ହତାଶ ହୋଇ ପଡ଼ିନୁ । ଆମ ସମାଚାର ବନ୍ଧୁଙ୍କ ପାଇଁ ତଥାପି ଏବେ ବି କିଛି ଆଶା ପୋଷଣ କରିବାକୁ ଅଛି କାରଣ ସେ ମଧ୍ୟ ବୁଝି ପାରନ୍ତି

ଯେ – ଠିକ୍ ଯେମିତି ଏକ ବ୍ୟକ୍ତି ପକ୍ଷରେ, ସେମିତି ଏକ ସମ୍ବାଦପତ୍ର ପକ୍ଷରେ ବେଳେବେଳେ ଭୁଲ୍ କରି ବସିବା ଆଉ ଦୃଷ୍ଟିଭଙ୍ଗୀଗୁଡ଼ିକୁ ନିଷ୍କପଟଭାବେ ଉପସ୍ଥାପିତ କରିବା ସମ୍ଭବ ଯାହା ହୁଏତ ଭୁଲ୍ ହୋଇଥାଇପାରେ ।

*

ମୋଟରେ କହିଲେ, ''ଇଣ୍ଡିଆନ୍ ମିରର୍'' ଚରମ-ପନ୍ଥୀମାନଙ୍କର ଆତ୍ମ-ରକ୍ଷଣ ଭିତରେ ଭଲ ପ୍ରସଙ୍ଗଟିଏ ଦେଖିପାରିଛି । ଆମର ପୁରାତନ ପତ୍ରିକା-ବନ୍ଧୁ ଜଣକର କହିବା ଅନୁସାରେ ସେମାନେ କୌଣସି ପ୍ରକାର ଛଳନାକୁ ସହ୍ୟ କରିପାରିବେନି ଆଉ ଜଣେ ବି କେହି ତାଙ୍କ ମତାମତର ସତ୍ୟାସତ୍ୟ ସମ୍ପର୍କରେ ପ୍ରଶ୍ନ କରିବାକୁ ସାହସ କରିବେନି କାରଣ ଯାହା ସେ କହିଥାଏ ତାହା ନିଜ ବ୍ୟକ୍ତିଗତ ଅଭିଜ୍ଞତାରୁହିଁ କହିଥାଏ ।

*

ବାଲ୍ଲି (Bally)ର ତରୁଣ ଛାତ୍ରମାନଙ୍କୁ ବାବୁ ସୁରେନ୍ଦ୍ରନାଥ ବାନାର୍ଜୀ ଉପଦେଶ ଦେଇଥିବାର ରିପୋର୍ଟ ମିଳିଛି – ''ସେମାନେ ନିଜକୁ ଆଇନର ପରିସର ଭିତରେ ରଖିବେ ଆଉ କେବେବି ଉତ୍ତେଜନାବଶତଃ ମାତ୍ରାଧିକ କାର୍ଯ୍ୟକଳାପ କରିବସିବେ ନାହିଁ କିନ୍ତୁ କେବଳ ମାତୃଭୂମିର ସେବା ଅଟଳ ଭକ୍ତି ସହକାରେ କରିବେ ''ଭଲ ଓ ମନ୍ଦ ରିପୋର୍ଟ'ର ମଧଦେଇ'', ଆଉ ପୁରୁଣା ନେତାହିଁ ଠିକ୍, କାରଣ ସବୁଠାରୁ ପଛରେ ଲବ୍ଧ ଅଭିଜ୍ଞତାରୁ ଦେଖା ଯାଉଛି ଯେ ଭାରତୀୟ ବିଧିବ୍ୟବସ୍ଥା ଲେଖକ (publicist) ଆଉ ଦେଶପ୍ରେମୀମାନଙ୍କର ଉପଯୁକ୍ତ କାରଣ ରହିଛି ରିପୋର୍ଟ ଭୟରେ ମୁକାବିଲା କରିବା ପାଇଁ ।

*

'ଇଣ୍ଡିଆନ୍ ମିରର୍' ଦେଖି ଆଶ୍ଚର୍ଯ୍ୟ ଯେ କଂଗ୍ରେସର ନୌକା ଯେତେବେଳେ ଦ୍ରୁତଗତିରେ ଚାଲିବା କଥା ସେତେବେଳେ ଆମେ ଆହୁଲା ଉପରେ ଭରାଦେଇ ଆରାମ କରୁଛୁ । ଏଇସବୁ ରେଡିୟମ୍ ଆଉ ରଞ୍ଜନରଶ୍ମି ଯୁଗରେ 'ମିରର୍'ରୁ ଯେଉଁ ଆଲୋକ ପ୍ରତିଫଳିତ ହେଉଛି ତାହା ନିଷ୍ପ୍ରଭ ଓ ପ୍ରାଚୀନ ଧରଣର । ଆମ ସମ୍ବାଦଟି ହେଲା 'ମାନ୍ୟତାପ୍ରାପ୍ତ' ନେତାମାନେ କଂଗ୍ରେସ ପାଇଁ ବ୍ୟବସ୍ଥାସବୁ କରୁଛନ୍ତି ଏମିତିକି ଯଦିଓ ମିରର୍ ସେମାନଙ୍କର ବିଶ୍ୱାସଭାଜନ ହୋଇପାରି ନାହିଁ ।

*

ପୁରାତନ ପ୍ରବାଦ ଚଳିଆସିଛି ଯେ ବହୁ ପରିଶ୍ରମରେ ପର୍ବତ ଖୋଳାଗଲା ଅଥଚ ଦେଖିଲା ବେଳକୁ ମୂଷାଟିଏ ବାହାରିଲା – ଅର୍ଥାତ୍ 'ବହୁ ଆଡ଼ମ୍ବର ଲଘୁ କ୍ରିୟା' । କିନ୍ତୁ ଆଧୁନିକ ପ୍ରବାଦ ହେଲା ବହୁ ପରିଶ୍ରମ କରି ରାଜନୀତିଜ୍ଞମାନେ କେବଳ ଗୁଡ଼ିଏ ଭାଷଣ ଆଉ ସାକ୍ଷାତ୍କାର ଦେଉଛନ୍ତି । କୌଣସି ପ୍ରକାରେ ଖବରଟା ପଦାରେ ପ୍ରକାଶ ପାଇଗଲା ଯେ ଏବେ ନିକଟରେ ଇଂଲଣ୍ଡ ପରିଦର୍ଶନ ସମୟରେ ମାନ୍ୟବର ମିଃ: ଗୋଖିଲେ ସେମିତି ବେଶୀ କିଛି ସଫଳତା ହାସଲ କରିପାରି ନାହାନ୍ତି । ବର୍ତ୍ତମାନ ସାର୍ ଉଇଲିୟମ୍ ୱେଡ୍‌ଡର୍‌ବର୍ଣ୍ଣ (Sir William Wedderborn) ବୟୋସ୍ଥିତ ଦେଶପ୍ରେମୀଙ୍କ ଉଦ୍ଧାର ପାଇଁ ଆଗେଇ ଆସିଛନ୍ତି ଆଉ କହୁଛନ୍ତି ଯେ ମାନ୍ୟବର ଭଦ୍ରବ୍ୟକ୍ତି ଜଣକ ପ୍ରଧାନମନ୍ତ୍ରୀ ଓ ଖ୍ୟାତନାମା ବ୍ରିଟିଶ୍ ରାଜନୀତିଜ୍ଞଙ୍କଠାରୁ ଆରମ୍ଭ କରି ଶହେ ପଚାଶଜଣ ସମର୍ଥକ ଭାରତୀୟ ପାର୍ଲାମେଣ୍ଟ ସଭ୍ୟଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ସାଥିରେ ଅନେକ ସାକ୍ଷାତ୍କାର କରିଥିଲେ । କେତେ ବଡ଼ ସାଫଲ୍ୟ ସତେ !

*

''ନକ୍ଷତ୍ରରୁ ନକ୍ଷତ୍ରକୁ ଆଲୋକ ସ୍ପନ୍ଦିତ ହୋଇଉଠେ''– ଠିକ୍ ଅନୁରୂପ ସଂବେଦନତା ମଧ୍ୟ ରହିଛି ମନ ଆଉ ଜଡ଼ବସ୍ତୁ ମଧ୍ୟରେ କିଂବା ତା' ନହେଲେ 'ସୁନାର୍ ବାଙ୍ଗ୍‌ଲା' ଆଉ 'ଶାନ୍ତି ସେଚନ' ଦ୍ୱାରା ବଙ୍ଗଳାରେ ତେଜି ଉଠିଥିବା ବର୍ତ୍ତମାନର ବିକ୍ଷୋଭକୁ ଦେଖି ନିର୍ଭୀକ ବ୍ରିଟିଶ୍ ଆଉ ଭୀରୁ ଭାରତୀୟ ହୃଦୟରେ ସ୍ନାୟବିକ ଉତ୍ତେଜନାଜନିତ କମ୍ପନ ସହିତ ତାଳ ଦେଇ ଧରିତ୍ରୀ ମା' ଭିତରେ ଏମିତି ରହି ରହି ଭୟାର୍ତ୍ତ ଶିହରଣ କାହିଁକି ସୃଷ୍ଟି ହେବ ?

[ବନ୍ଦେ ମାତରଂ, ଅକ୍ଟୋବର ୧, ୧୯୦୬]

(କ୍ରମଶଃ)

ଅନୁବାଦକ : ଶ୍ରୀ ଉମେଶ ପ୍ରସାଦ ପଟ୍ଟନାୟକ

# ମଧୁମୟୀ ମା

## (୨ୟ ପର୍ଯ୍ୟାୟ - ସଂଖ୍ୟା ୩)

## ଶ୍ରୀ ନଳିନୀକାନ୍ତ ଗୁପ୍ତ

ଊର୍ଦ୍ଧ୍ୱର ଚାପ ଅପସରି ଯାଇଛି । ପାର୍ଥିବ-ଚେତନା ତା'ର ସ୍ୱାଭାବିକ ସ୍ୱାଚ୍ଛନ୍ଦ୍ୟ ଫେରିପାଇଛି ।

ଚାପର ଅର୍ଥହିଁ ହେଉଛି ଏକ ବିଭେଦର ଅବସ୍ଥାନ ଅର୍ଥାତ୍ ଅନ୍ୟ କୌଣସି ଜାଗାରୁ କହିଲେ ବୁଝାଇବ ଯେ ବହିରାଗତ କିଛି ହେତୁରୁ ପ୍ରତିକ୍ରିୟା, ଦ୍ୱିତୀୟ ଶକ୍ତିର ହସ୍ତକ୍ଷେପ, ଏକ ସାମୟିକ କର୍ମକୌଶଳ ହିସାବରେ, ଏକ ସୋପାନ ହିସାବରେ, ଏକ ବିଶେଷ ଉଦ୍ଦେଶ୍ୟ ନେଇ, ଏକ ବିଶେଷ ଅବସ୍ଥାରେ ତାହାର ଆବଶ୍ୟକତା ଥିଲା । ମାତ୍ର ଅବସ୍ଥାର ପରିବର୍ତ୍ତନ ଘଟିଯାଇଛି ।

ଊର୍ଦ୍ଧ୍ୱତର ଚେତନା ସର୍ବଦା ଊର୍ଦ୍ଧ୍ୱରେ ରହିଲେ କିଛି ଲାଭ ନାହିଁ, ତାହାକୁ ସ୍ୱାଭାବିକ ଚେତନା ସହ ସମଭୂମିରେ ଆସି ପ୍ରତିଷ୍ଠିତ ହେବାକୁ ପଡ଼ିବ । ଊର୍ଦ୍ଧ୍ୱକୁ ହୁଏତ ଓହ୍ଲାଇ ଆସିବାକୁ ହେବ ତଳକୁ, ପୂରାପୂରି ନିମ୍ନତର ସହ ମିଶିଯିବାକୁ ହେବ; ଏପରି ନହେଲେ ନିମ୍ନତରକୁ ଉପରକୁ ଉଠିଯିବାକୁ ହେବ, ପୂର୍ଣ୍ଣଭାବେ ଲୀନ ହୋଇଯିବାକୁ ହେବ ଊର୍ଦ୍ଧ୍ୱତର ସ୍ତର ସହିତ; ଏପରି ବି ହୋଇପାରେ : ମଧ୍ୟ-ପଥରେ ଉଭୟ ଊର୍ଦ୍ଧ୍ୱ ଓ ନିମ୍ନକୁ ମିଳିତ ହେବାକୁ ପଡ଼ିବ, ଦୁହିଁଙ୍କୁ ମିଶି ଏକାକାର ହୋଇଯିବାକୁ ପଡ଼ିବ ।

ପୃଥିବୀ ବା ଜଡ଼ପ୍ରକୃତି ବହିରାଗତ ଏବଂ ଅପରିଚିତ କିଛି ଜିନିଷକୁ ସହଜରେ ଗ୍ରହଣ କରିପାରେ ନାହିଁ, ଏପରିକି ତାହାରହିଁ ମଙ୍ଗଳ ପାଇଁ ହେଲେ ମଧ୍ୟ; ତାହା ବହିରାଗତର ସ୍ପର୍ଶରେ ସଙ୍କୁଚିତ ହୋଇଉଠେ, ନିଜ ଭିତରେ ନିଜକୁ ଗୋଟାଇ ନିଏ, ବାହାର ଜିନିଷକୁ ସହ୍ୟ କରିବା ତା' ପକ୍ଷରେ କ୍ଲେଶକର ହୁଏ । କାର୍ଯ୍ୟତଃ ପୃଥିବୀକୁ ଅଙ୍କୁଶାଘାତରେ ବା ବଳପ୍ରୟୋଗରେ ଆଗକୁ ଚଲେଇ ନେଇହେବ ନାହିଁ; ସେ ନିଜ ଇଚ୍ଛାରେହିଁ ଯାହା ଚାଲିବ । ତାକୁ ପୂରା ଆତ୍ମନିର୍ଭରଶୀଳ ହେବାକୁ ପଡ଼ିବ, ନିଜ ଭିତରେ ସିଏ ଯାହା ବହନ କରୁଛି ବା ଯାହା ଆୟତ୍ତ କରିଛି ବା ସଞ୍ଚୟ କରିଛି, ତାହାକୁ ବାହାରେ ରୂପ ଦେବାକୁ ହେବ । ଯେଉଁକାଳରେ ଶିକ୍ଷା ଗ୍ରହଣ କରାଯାଏ, ଅର୍ଥାତ୍ ଶିକ୍ଷାନବିସର ଅବସ୍ଥାରେହିଁ ଖାଲି ସଙ୍ଗତ ପରିମାଣର ଚାପ ବା ବାଧ୍ୟତାର ଆବଶ୍ୟକତା ହୋଇପାରେ – ସେତିକିମାତ୍ରହିଁ ଅପରିହାର୍ଯ୍ୟ ହୋଇଥାଏ; ସେଇ ଅବସ୍ଥା ବା କାଳକୁ ତାକୁ ଅତିକ୍ରମ କରି ଆସିବାକୁ ପଡ଼ିବ । ଏବଂ ସେଇ ସମୟଟି ଡେଇଁଗଲା ପରେ ପାର୍ଥିବ ଜୀବନର ସ୍ୱାଭାବିକ ଅଭିବ୍ୟକ୍ତି ହେବ ଊର୍ଦ୍ଧ୍ୱତର ସିଦ୍ଧିଲାଭ : ଯାହାର ଊର୍ଦ୍ଧ୍ୱତର ସହଜ ଅବସ୍ଥା ହେବ ଊର୍ଦ୍ଧ୍ୱତର ଚେତନାର ସ୍ତରରେ ସ୍ଥିତି, ତାହାର ଜୀବନଧାରା ସେତେବେଳେ ସ୍ୱାଭାବିକ ଭାବେ ଚାଳିତ ହେବ ତା'ର ସ୍ୱଭାବ ଧର୍ମାନୁଯାୟୀ ଆପଣାର ସତ୍ୟକୁ ପ୍ରକଟିତ କରି ।

ପୃଥିବୀର ଭବିତବ୍ୟ ଯଦି ଦିବ୍ୟପରିଣତି ହୋଇଥାଏ, ତେବେ ତାକୁ ସ୍ୱେଚ୍ଛାରେ ସେଇ ଜିନିଷଟିକୁ ବାଛି ନେବାକୁ ପଡ଼ିବ । ତାହାର ବାହାରୁ ଅନ୍ୟ କୌଣସି କିଛିର ଚାପ, ଏମିତିକି ଭାଗବତ କରୁଣା ମଧ୍ୟ ତାକୁ ସେଥିରେ ବାଧ୍ୟକଲେ ଚଳିବ ନାହିଁ, ତାକୁ ଜୋରକରି ସେ ପଥରେ ଟାଣିନେଇ ଚଳାଇବା ସମ୍ଭବ ନୁହେଁ । ସେ ପଥରେ ଯିବା ପାଇଁ ତା'ର ନିଜର ଅନ୍ତରରୁ ଗୋଟିଏ ନିଜସ୍ୱ ସାନନ୍ଦ ସ୍ୱତଃସ୍ଫୂର୍ତ୍ତ ପ୍ରେରଣା-ପ୍ରବେଗ ବାହାରି ଆସିବା ଦରକାର – ତା'ର ସ୍ୱେଚ୍ଛାକୃତ ନିର୍ବାଚିତ ଭବିତବ୍ୟର ପଥ ଧରି ଆଗେଇବା ଉଦ୍ଦେଶ୍ୟରେ ।

ଅଜ୍ଞାନର ଆଦିଜନ୍ମ ଘଟିଥିଲା ତା'ର ସ୍ୱେଚ୍ଛା ନିର୍ବାଚନ ହେତୁ, ପୁଣି, ଅଜ୍ଞାନକୁ ତା'ର ପୁରାତନ ଉତ୍ସକୁ ପୁନରାବର୍ତ୍ତନ କରିବାକୁ ହେଲେ ତାକୁ ସେଇଭଳି ଆତ୍ମାନୁସନ୍ଧାନ କରିବାକୁ ହେବ । ଭଗବାନ୍ ଯେଉଁ ମଣିଷକୁ ବାଛି ନେଇଛନ୍ତି ବୋଲି ଯାହା କୁହାଯାଏ, ସେଇ ମଣିଷଟି ଯେ କେବଳ ନିର୍ବାଚିତ ହୋଇଥାଏ – ସେକଥା ଅବଶ୍ୟ ସତ୍ୟ, ନିଶ୍ଚୟ ସତ୍ୟ, ତେବେ ବିଷୟଟା ଗଭୀରତର ଅର୍ଥରେ । ସେ କାହାଣୀ ପରେ ଆଲୋଚିତ ହେବ । ଏଠାରେ, ଏଇ ପୃଥିବୀ ବକ୍ଷରେ, ଆମେ ଏଇ ମର୍ତ୍ତ୍ୟଜୀବସବୁ ସ୍ୱାଧୀନ ପ୍ରତିଭୂ, ସେଇ ସ୍ୱାଧୀନତାକୁ ଆମେ ଗ୍ରହଣ କରିପାରୁ, ନକରିପାରୁ ମଧ୍ୟ ।

ସେ ଯାହା ହେଉନା କାହିଁକି, ଯଦି କିଛି ଜିନିଷକୁ ଅଧିଗତ କରିବା ଦରକାର ମନେକରୁ, ତେବେ ତାକୁ ଆୟତ୍ତ କରିବାକୁ ହେବ ନିଜ ଇଚ୍ଛାଶକ୍ତିର ପ୍ରୟୋଗରେ ଏବଂ ପୂର୍ଣ୍ଣ ସ୍ୱାଧୀନ ଭାବରେ । ବିନାମୂଲ୍ୟରେ ବା ବାଧ୍ୟତାମୂଳକଭାବେ

ଯେଉଁ ଦାନ, ତାହା ଯଦିବା ମୂଲ୍ୟବାନ୍ ହୋଇଥାଏ, ତେବେ ବି ତାହା ରହିଯିବ ଅପରିଚିତ, ଅସ୍ୱାଭାବିକ କିଛି ବସ୍ତୁ ହୋଇ । ଆପଣା ସକାଶେ ପୂରାପୂରି ଏକାନ୍ତ କରି କିଛି ପାଇବାକୁ ହେଲେ ସର୍ବାଦୌ ତାକୁ ଭଲ ପାଇବାକୁ ହେବ । ତାକୁ ସେଇ ଭଲ ପାଇବାଟା ଶିଖିବାକୁ ପଡ଼ିବ ଓ ନିଜ ସତ୍ତାର ଅବିଚ୍ଛେଦ୍ୟ ଅଂଶରୂପେ ଗଢ଼ିବାକୁ ହେବ ଏବଂ ଶେଷରେ ସ୍ୱାଧୀନ ନିର୍ବାଚନ ଫଳରେହିଁ ପ୍ରକୃତ ପ୍ରେମ ବଞ୍ଚିରହିପାରେ ।

ଶେଷବେଳକୁ ଯେବେ ଅତିମାନସ ଚେତନାର ଅବତରଣର କଥା ସେ ଜଣାଇଲେ, ମା' କହିଲେ : ଅବତରଣ ଘଟିବ — ଏ ପ୍ରଶ୍ନ ଆଉ ଉଠୁ ନାହିଁ, ପ୍ରଶ୍ନ ଉଠିପାରେ କେବଳ ରୂପାୟଣର; କାରଣ ଯେଉଁ ବସ୍ତୁଟି ଅବତରଣ କରିବାର ଥିଲା, ତାହା ଏଥିପୂର୍ବରୁ ଏଠାରେ ଆସି ପହଞ୍ଚି ସାରିଛି । ଅବତରଣର ଅର୍ଥ, ଏଠାରେ ଯାହା ଅବସ୍ଥିତ ନଥିଲା, ସେଇ ଜିନିଷଟିର ବାହାରୁ ଅନ୍ୟ କେଉଁଠାରୁ ଏଠାକୁ ଆସିବାକୁ ବୁଝାଏ । ବର୍ତ୍ତମାନ ପ୍ରସଙ୍ଗଟି ହେଲା ଉକ୍ତ ବସ୍ତୁଟି ଯାହା ଆମ ଭିତରେ ରହିସାରିଛି, ତାହା କେମିତି ଆତ୍ମପ୍ରକାଶ କରିବ ।

ଏକ ସମୟ ଥିଲା, ଯେବେ ମା' ଚାହୁଁଥିଲେ ଜଡ଼ପ୍ରକୃତି ଆମର ଆସ୍ପୃହା ସଙ୍ଗେ ଯେପରି ସହଯୋଗିତା କରେ । ସେଥିରେ ତାହା ସମ୍ମତି ଦେଇଥିଲା ଅବଶ୍ୟ, ତାହା ଥିଲା ନୀତିଗତ ଭାବରେ, କିନ୍ତୁ କାର୍ଯ୍ୟକ୍ଷେତ୍ରରେ ତାହାର ଅଭାବ ଦେଖାଯାଇଥିଲା । ଏବେ ଚକ ଓଲଟି ଯାଇଛି । ଏବେ ପାର୍ଥିବ ଚେତନାକୁହିଁ ଚାହିଁବାକୁ ହେବ ଯେପରି ସେ ଭଗବାନଙ୍କର ସହଯୋଗିତା ପାଏ । ବିବର୍ତ୍ତନରଧାରାରେ ଜଡ଼ଚେତନାକୁ ଆଗେଇ ଆସିବାକୁ ହେବ ଆଗକୁ, ପୁରୋଭାଗରେ ଚାଲିବାକୁ ହେବ, ପ୍ରଧାନ କର୍ମୀ ହୋଇ କର୍ମ କରିବାକୁ ହେବ । ମା'ଙ୍କର ପାର୍ଥିବ ଜଡ଼ ଦେହର ମାଧ୍ୟମରେ ଯେଉଁ ସହଯୋଗିତା ଥିଲା, ତାହା ପ୍ରତ୍ୟାହାର କରାହୋଇଛି, ଯାହାଫଳରେ ଶାରୀର-କର୍ମର କ୍ଷେତ୍ରରେ ଆମେ ସ୍ୱାଧୀନ ହୋଇପାରୁ, ଶ୍ରମାନୁଶୀଳନ ଶିଖିପାରୁ, ଏବଂ ପରିପୂର୍ଣ୍ଣ ସ୍ୱାଧୀନତା ଭିତରେ ପ୍ରୟାସ କରିପାରୁ ତାହାର ସେବାରେ — ଏଇ ଜିନିଷଟି ସିଏ ଆମଠାରୁ ଆଶା କରନ୍ତି । ଆମେ କହୁ ମା' ଆମଠାରୁ ଘୁଞ୍ଚି ଯାଇଛନ୍ତି — ତା'ର ଅର୍ଥ ସେ ତାଙ୍କ ଜଡ଼ଦେହରୁ ଅପସରି ଯାଇଛନ୍ତି, କିନ୍ତୁ ତେବେ ବି ସେ ରହିଛନ୍ତି, ତାଙ୍କର ସତ୍ତା ରହିଛି । ତାଙ୍କର ଉପସ୍ଥିତିର ଅର୍ଥ ହେଉଛି ଶକ୍ତି — ସହାୟ ଶକ୍ତି, ତାହାହିଁ ଯଥେଷ୍ଟ ସହଯୋଗିତା ଏବଂ ତାହା ସର୍ବଦାହିଁ ରହିଛି ଆମ ହାତ ପାଖରେ ।

ବର୍ତ୍ତମାନ, ସବୁକିଛି ନିର୍ଭର କରୁଛି ଆମର ପାର୍ଥିବ ଚେତନା ଭାଗବତଚେତନାର କେତେ ଅଂଶ ଗ୍ରହଣ ଓ ଆତ୍ମଗତ କରିପାରିଛି, ତହିଁର କେତେଭାଗ ଆପଣାର ଅଙ୍ଗୀଭୂତ କରିଛି — ତା' ଉପରେ । ସେହିତକହିଁ ମନୁଷ୍ୟର ସାର୍ଥକତାର ପରିମାପ ହେବ । ଊର୍ଦ୍ଧ୍ୱତନ ସତ୍ୟର ଯେତିକି ଅଂଶ ଆମର ବାହ୍ୟଜୀବନରେ ଆମେ — ଏଇ ମର୍ତ୍ତ୍ୟଜୀବଗଣ ଅନୁଭବ କରୁ ଓ ପ୍ରକଟ କରିପାରୁ, କେବଳ ସେଇତକ ଅଂଶହିଁ ଦିବ୍ୟ ଓ ସତ୍ୟ ହୋଇଉଠିବ । ପୁଣି ଆମେ ଲକ୍ଷ୍ୟକରିବା ଯେ ଆମେ ଯଦି ଆମର ସେଇ ଆଗର ପୁରୁଣା ସୃଷ୍ଟିର ଅଙ୍ଗ ଅପେକ୍ଷା ଅଧିକା କିଛି ଆଜିଯାଏଁ ନ ହୋଇଥାଉ ଅର୍ଥାତ୍ ଆମର ଅଗ୍ରଗତି ସେଇ ପୁରାତନ ସୃଷ୍ଟିର ସୀମା ଭିତରେହିଁ ଅଟକି ଯାଇଥାଏ, କିଛି ବି ପରିବର୍ତ୍ତନ ଆମ ଭିତରେ ଆସି ନଥାଏ, କିଂବା ଯେଉଁ କିଞ୍ଚିତ୍ ବଦଳ ଆସିଥାଏ ଆମଠାରେ, ତାହା ଯତ୍‌ସାମାନ୍ୟ — ତେବେ ସେକ୍ଷେତ୍ରରେ ଆମକୁ ଆହୁରି କେତେଲକ୍ଷ ବର୍ଷ ଅପେକ୍ଷା କରିବାକୁ ହେବ ।

ତାହାର ଅର୍ଥ ବୁଝାଉଛି ଯେ ଆମଦିଗରୁ ଅନେକ ପରିବର୍ତ୍ତନ ଘଟିଯିବାର ସମ୍ଭାବନା ରହିଥିଲା; ଏହାଛଡ଼ା ଅନ୍ୟ କୌଣସି ପନ୍ଥା ରହିଛି ବୋଲି ବୋଧଗମ୍ୟ ହେଉ ନାହିଁ । ମାତ୍ର ବେଶ୍ ପରିବର୍ତ୍ତନ ଅବଶ୍ୟମ୍ଭାବୀ ଏବଂ ସାଦରେ ତାହାକୁ ମାନି ନେବାକୁ ହେବ; କାରଣ ତାହା ଅତି ବେଶୀ ପୁରୁଣା ହୋଇଗଲେ, ସେଥିରୁ ଦୁର୍ଗନ୍ଧ ବାହାରିବ । ଥରେ ଯଦି ନଦୀ ବୈତରଣୀରେ (ଆମେ ଗ୍ରୀସ୍ ଦେଶବାସୀ ହୋଇଥିଲେ) 'ଆକେରନ୍' (Acheron) ନଦୀରେ ଆମେ ଥରେ ଗୋଟାଏ ବୁଡ଼ ଦେଇଦେଉ ତେବେ ଯଥେଷ୍ଟ — କାରଣ ଏଇ ବୁଡ଼ ଦେଇ ଉଠିବା ଫଳରେ ପୁନରାୟ ନବ-କଳେବର ଲାଭ କରିପାରିବା । ଅବଶ୍ୟ, ତେବେ ବି ଅଲୌକିକ କିଛି ଘଟିଯିବାର ସମ୍ଭାବନା ସର୍ବଦା ରହିଥାଏ, ଏଇ ସମ୍ଭାବନାର କଥା ମା' ବାରଂବାର କହୁଥିଲେ । ସେଇଟି ଘଟିଲେ ତୁମେମାନେ ହୁଏତ ଆତ୍ମପରିବର୍ତ୍ତନର କୌଶଳ ଶିଖିଯିବ — କେମିତି ଭାବରେ ଭିତରୁହିଁ ନିଜକୁ ନୂଆକରି ରୂପାନ୍ତର କରିବାକୁ ହୁଏ — ଏହା ଯେପରି ବେଦର ଗାଭୀମାନଙ୍କ ଭଳି : ଋଷି କହୁଛନ୍ତି — ପଲିକ୍ନୀରିଦ୍ ଯୁବତୟୋ ଭବନ୍ତି — ଏପରିକି ବୟସର ଭାରରେ ଶୁକ୍ଳକେଶ ହୋଇଯାଇଥିଲେ ଯେଉଁ ଗାଭୀଗଣ, ସେମାନେ ମଧ୍ୟ ନବୀନା ହୋଇ ଉଠିଲେ । (ଋ. ବେଦ, ୫-୨-୪)

ସ୍ୱଭାବତଃହିଁ ଭଗବାନଙ୍କର ପରାଚେତନାର ଏଥିରେ

କିଛି ଯାଏଆସେ ନାହିଁ – ସମଗ୍ର ଅନନ୍ତକାଳହିଁ ତାଙ୍କର କ୍ରୀଡ଼ାକ୍ଷେତ୍ର, କେତେଲକ୍ଷ ବର୍ଷ ଏପଟେ ବା ସେପଟେ ବଢ଼ିଗଲେ ବା କମିଗଲେ, ତାଙ୍କର ସେଥିରେ କିଛି କମ୍‌ବେଶୀ ହୁଏ ନାହିଁ । ତେବେ ବି ଆମେମାନେ ତ ମଣିଷ, ଅନ୍ୟ ଦୃଶ୍ୟାବଳୀର ସ୍ୱପ୍ନ ମଧ୍ୟ ଆମେ ମନରେ ପୋଷଣ କରିପାରୁ । ସେଗୁଡ଼ିକ ବି ଏକାଭଳି ଦିବ୍ୟ ହୋଇପାରେ ।

ସେଇ ଉଦ୍ଦେଶ୍ୟରେ ତ ମା' ଆମଭଳି ମାନୁଷୀ ଜୀବ ହୋଇଥିଲେ – ଯେତେଦୂର ସମଗ୍ରଭାବେ ତାହା ଘଟିପାରେ ତାଙ୍କଦ୍ୱାରା, ଯାହାଫଳରେ ରୂପାନ୍ତରକୁ କେତେଲକ୍ଷ ସମ୍ବତ୍ସର ମଧ୍ୟରେ ସଂକ୍ଷିପ୍ତ ଓ ହ୍ରସ୍ୱ କରାଯାଇ ପାରିବ, ସେଇ ପ୍ରଯତ୍ନ କରିଯାଇଛନ୍ତି ଶ୍ରୀମା ଆମ ପାଇଁ ।

*

ବର୍ତ୍ତମାନ ପରିସ୍ଥିତିରେ ଯାହା କରିବା ନିହାତି ପ୍ରୟୋଜନ, ମା' ତା'ଠାରୁ ବହୁ ଅଧିକ କରିଚାଲିଛନ୍ତି, ତାଙ୍କ କାମ ସେ ବନ୍ଦ କରିନାହାନ୍ତି । କିନ୍ତୁ ସବୁଠାରୁ ଯାହା ଗୁରୁତ୍ୱପୂର୍ଣ୍ଣ ଓ ସଂକଟପୂର୍ଣ୍ଣ, ତାହା ହେଉଛି ଆଭିମୁଖ୍ୟ ବଦଳାଇବା, ଏଇ କାମଟି କରାହୋଇ ସାରିଛି । ଶ୍ରୀଅରବିନ୍ଦ ଯେଉଁ କଥା ତାଙ୍କର ଅବିସ୍ମରଣୀୟ ଭାଷାରେ The Mother (ମା' ବହି) ପୁସ୍ତିକାରେ କହିଛନ୍ତି । ସେଇ କଥାଟି : ଉକ୍ତ ପୁସ୍ତିକାର ସୁପରିଚିତ ଅଂଶଟି ଆମେ ସମସ୍ତେ ଜାଣୁ । ସେଇ ପଙ୍‌କ୍ତି କେତୋଟିର ଉଦ୍ଧୃତି ଏଇଠାରେ ଦେଇ ମୁଁ ମୋର ବକ୍ତବ୍ୟ ଶେଷ କରୁଛି :

''ମା' କେବଳ ଉପରୁହିଁ ବିଶ୍ୱକୁ ଶାସନ କରନ୍ତି ନାହିଁ, ପୁଣି ସେ ଏଇ ନିମ୍ନତର ତ୍ରିଧା ଜଗତ୍ ମଧ୍ୟକୁ ଅବତରଣ କରନ୍ତି । ନୈର୍ବ୍ୟକ୍ତିକ ଭାବେ, ଏସ୍ଥାନର ଯାବତୀୟ ଜିନିଷ ଏପରିକି ଅଜ୍ଞାନର ସବୁ ଗତିବୃତ୍ତି ମଧ୍ୟ ସିଏ, ତେବେ ସେଠାରେ ତାଙ୍କ ଶକ୍ତି ଅବଗୁଣ୍ଠିତ; ସମସ୍ତକିଛି ତାଙ୍କରହିଁ ସୃଷ୍ଟି, ମାତ୍ର ଅଳ୍ପତର ମୂଲ୍ୟର ଉପକରଣ ଦେଇ ଗଢ଼ା, ସେଗୁଡ଼ିକ ତାଙ୍କର ପ୍ରକୃତି-ଦେହ ଏବଂ ପ୍ରକୃତି-ଶକ୍ତି; ସେଗୁଡ଼ିକ ତିଷ୍ଠି ରହିଛନ୍ତି, କାରଣ ପରମେଶ୍ୱରଙ୍କ ରହସ୍ୟମୟ ଅନୁଜ୍ଞା ସେମାନଙ୍କୁ ପରିଚାଳିତ କରୁଛି ଅସୀମଙ୍କ ଭିତରେ ଥିବା ଯେତେଗୁଡ଼ିଏ ସମ୍ଭାବନା, ସେସବୁକୁ ଏକ ଧାରାରେ କାର୍ଯ୍ୟକାରୀ କରିବା ସକାଶେ । ଅଧିକନ୍ତୁ, ସେଇ ଉଦ୍ଦେଶ୍ୟରେ ଏଇ ମହାଯଜ୍ଞରେ ସିଏ ଅମୃବଳି ଦେବାକୁ ସମ୍ମତ ହୋଇଛନ୍ତି ଓ ଅଜ୍ଞାନର ରୂପ ତଥା ସ୍ୱରୂପପର୍ଯ୍ୟନ୍ତ ବି ଆପଣା ଉପରେ ଆରୋପ କରିନେବାକୁ ସ୍ୱୀକୃତ ହୋଇଛନ୍ତି । ମାତ୍ର, ଏତିକି କେବଳ ନୁହେଁ, ବ୍ୟକ୍ତିଗତଭାବେ ତାଙ୍କର ବିଶେଷ ସତ୍ତା ନେଇ ସେ ଏଠାକୁ, ଏଇ ଅଜ୍ଞାନ ମଧ୍ୟକୁ କରୁଣାବଶତଃ ଓହ୍ଲାଇ ଆସିଛନ୍ତି, ଯାହା ଫଳରେ ସେ ଏଇ ଅଜ୍ଞାନକୁ ଜ୍ୟୋତିଃ ଦିଗରେ ପରିଚାଳିତ କରିପାରିବେ; ସେ ଆସିଛନ୍ତି ଓହ୍ଲାଇ ମିଥ୍ୟା ତଥା ପ୍ରମାଦ ମଧ୍ୟକୁ, ଯାହା ଫଳରେ, ଏଇ ମିଥ୍ୟା ଓ ପ୍ରମାଦକୁ ସତ୍ୟରେ ପରିଣତ କରିପାରିବେ; ସେ ଆସିଛନ୍ତି ଓହ୍ଲାଇ ଏଇ ମୃତ୍ୟୁ ମଧ୍ୟକୁ ଯାହା ଫଳରେ ମୃତ୍ୟୁକୁ ଦେବୋଚିତ ଜୀବନରେ ରୂପାନ୍ତରିତ କରିପାରିବେ; ସେ ଅବତରି ଆସିଛନ୍ତି ବିଶ୍ୱବେଦନା ଓ ତା'ର ଦୁର୍ଦ୍ଦମନୀୟ ଦୁଃଖ ଓ ଯନ୍ତ୍ରଣା ମଧ୍ୟକୁ, ଯାହାଫଳରେ ଏସବୁ ବ୍ୟଥା-ବେଦନାକୁ ପରମାନନ୍ଦର ରୂପାନ୍ତରକାରୀ ଉଲ୍ଲାସରେ ଅବସାନ କରିପାରିବେ । ତାଙ୍କ ସନ୍ତାନଗଣଙ୍କ ପ୍ରତି ଗଭୀର ଓ ବିପୁଳ ସ୍ନେହବଶତଃହିଁ ଏଇ ହୀନ ଓ ତମସାର ପରିଚ୍ଛଦଟିକୁ ନିଜ ଉପରକୁ ଘୋଡ଼ାଇନେବା ପାଇଁ ସମ୍ମତ ହୋଇଛନ୍ତି । ଅଜ୍ଞାନ ଓ ଅସତ୍ୟର ଶକ୍ତିସମୂହର ଆକ୍ରମଣ, ସେମାନଙ୍କର ଉତ୍ପୀଡ଼ନକାରୀ ପ୍ରଭାବର ସବୁ ବେଦନାକୁ ସଦୟ ହୋଇ ସହ୍ୟକରିଯିବାକୁ ସ୍ୱେଚ୍ଛାକ୍ରମେ ଉପରୁ ଓହ୍ଲାଇ ଆସିଛନ୍ତି ସେ, ମୃତ୍ୟୁର ଅନ୍ୟ ରୂପ ଯେଉଁ ଜନ୍ମ, ଉକ୍ତ ତୋରଣ ଦ୍ୱାର ସେ ପାରହୋଇ ଆସିଛନ୍ତି ଆମପାଖକୁ, ସୃଷ୍ଟିର ଯେତେସବୁ ବ୍ୟଥା ଓ ଯନ୍ତ୍ରଣାର କଷାଘାତ, ତାହା ସେ ନିଜେ ବରଣ କରି ନେଇଛନ୍ତି, ଏଇ କାରଣରୁ ସିଏ ଦେଖିଥିଲେ ଯେ କେବଳ ଏଇ ବାଟ ଦେଇହିଁ ଜ୍ୟୋତିଃ, ଆଲୋକ ଏବଂ ଆନନ୍ଦ ତଥା ସତ୍ୟର ଅନନ୍ତଜୀବନ ଆଡ଼କୁ ସେ ସୃଷ୍ଟିକୁ ଉନ୍ନୀତ କରିନେଇ ପାରିବେ । ଏଇ ଯେଉଁ ମହାନ୍ ଆତ୍ମବଳି ଯାହାକୁ ବେଳେବେଳେ କୁହାଯାଇଛି ପୁରୁଷଯଜ୍ଞ ବୋଲି, କିନ୍ତୁ ଗଭୀରତର ଅର୍ଥରେ – ଏହାକୁ କୁହାଯିବ ପ୍ରକୃତିର ଯଜ୍ଞ, ଭଗବତୀ ମା'ଙ୍କର ନିଃଶେଷ ଆତ୍ମବଳି !'' (ମା' ପୁସ୍ତିକା, ଷଷ୍ଠ ଅଧ୍ୟାୟ)

(ଶ୍ରୀ ନଳିନୀକାନ୍ତ ଗୁପ୍ତଙ୍କ ରଚନାବଳୀ
୯ମ ଖଣ୍ଡରୁ ଅନୂଦିତ ।)

ଅନୁବାଦ : କୃଷ୍ଣାଦେବୀ ✤

ବେଦରହସ୍ୟ - (ପୂର୍ବାର୍ଦ୍ଧ) : ଏକବିଂଶ ଅଧ୍ୟାୟ

# ଅନ୍ଧକାରର ସନ୍ତାନଗଣ

## (୨)

**ଶ୍ରୀଅରବିନ୍ଦ**

ଋ.୩।୩୪ରେ ବିଶ୍ୱାମିତ୍ର ‘‘ଆର୍ଯ୍ୟବର୍ଣ୍ଣ’’ କଥାଟିର ପ୍ରୟୋଗ କରିଛନ୍ତି ଏବଂ ତା’ସହିତ ଏହାର ମନସ୍ତାତ୍ତ୍ୱିକ ତାତ୍ପର୍ଯ୍ୟର ସମାଧାନ-ସୂତ୍ର ଦେଇଛନ୍ତି । ଏହି ସୂକ୍ତର ତିନିଟି ଋକ୍ (୮-୧୦) ଏହିପରି – ‘‘ଯେ ସ୍ୱର୍‌ର ଓ ଦିବ୍ୟଜଳରାଶି ଉପରେ ଅଧିକାର ଲାଭ କରନ୍ତି ସେହି ପରମ ବାଞ୍ଛନୀୟ ସଦାପରାଭବକାରୀ ଓ ଶକ୍ତିଦାତାଙ୍କୁ ସେମାନେ ସ୍ତୁତି କରନ୍ତି; ଯେଉଁ ଇନ୍ଦ୍ର ପୃଥିବୀ ଓ ସ୍ୱର୍ଗର ଅଧିକାର ଲାଭ କରନ୍ତି ତାଙ୍କ ଜାଗରଣରେ ଭାବୁକମାନେ ଆନନ୍ଦ ପାଆନ୍ତି । ଇନ୍ଦ୍ର ‘ଅଶ୍ୱମାନଙ୍କୁ’ ଅଧିକାର କରନ୍ତି ତଥା ‘ସୂର୍ଯ୍ୟ’ଙ୍କୁ ଓ ବହୁଳ ଉପଭୋଗରୂପିଣୀ ‘ଧେନୁ’କୁ ଜୟ କରନ୍ତି; ଆଉ ମଧ୍ୟ ସେ ହିରଣ୍ମୟ ଭୋଗକୁ ଅଧିଗତ କରନ୍ତି ଓ ଦସ୍ୟୁମାନଙ୍କୁ ବଧ କରି ଆର୍ଯ୍ୟବର୍ଣ୍ଣକୁ ପୋଷଣ (ଅଥବା ରକ୍ଷା) କରନ୍ତି; ଓଷଧି ଓ ଦିବସକୁ, ବୃକ୍ଷ ଓ ଅନ୍ତରୀକ୍ଷକୁ ଇନ୍ଦ୍ର ଜୟ କରନ୍ତି; ସେ ବଳକୁ ବିଦୀର୍ଣ୍ଣ କରି ବାକ୍‌ରାଜିର ବକ୍ତାଙ୍କୁ ସମ୍ମୁଖକୁ ଯିବାକୁ ଉଦ୍‌ବୋଧିତ କରନ୍ତି । ଯେଉଁମାନେ ତାଙ୍କ ବିରୋଧରେ ନିଜ କର୍ମସଂକଳ୍ପ (ଅଭିକ୍ରତୂନାମ୍) ପ୍ରୟୋଗ କରନ୍ତି ସେମାନଙ୍କୁ ସେ ଏହିଭାବେ ଆୟତ୍ତ କରନ୍ତି ।’’[୪] ଆର୍ଯ୍ୟମାନଙ୍କ ନିମନ୍ତେ ଇନ୍ଦ୍ର ଯେଉଁ ସମ୍ପଦମାନ ଜୟ କରନ୍ତି ଏଠାରେ ସେଗୁଡ଼ିକ ଯେ ପ୍ରତୀକାର୍ଥଯୁକ୍ତ ତତ୍ତ୍ୱ, ତାହା ଆମେ ଦେଖିବାକୁ ପାଉ, ଏବଂ ଏହି ସମ୍ପଦଗୁଡ଼ିକ ହେଉଛନ୍ତି – ସୂର୍ଯ୍ୟ, ଦିବସ, ପୃଥିବୀ, ସ୍ୱର୍ଗ ଓ ଅନ୍ତରୀକ୍ଷ, ଅଶ୍ୱଯୂଥ, ପୃଥିବୀଜାତ ସମସ୍ତ ଉଦ୍ଭିଦ, ଓଷଧି, ବନସ୍ପତି (ବନସ୍ପତୀନ୍ – ଏହା ଦ୍ୱିଅର୍ଥକ, ଯିଏ ବନସ୍ତର ଅଧିପତି / ଯିଏ ଭୋଗର ପ୍ରଭୁ); ଏବଂ ଏଠାରେ ବଳ ଓ ତା’ର ଦସ୍ୟୁମାନଙ୍କର ବିରୋଧୀ ରୂପେ ‘ଆର୍ଯ୍ୟ ବର୍ଣ୍ଣ’ର କଥା କୁହାଯାଇଛି ।

କିନ୍ତୁ ଏହା ପୂର୍ବର ଋକ୍ (ଋ.୩।୩୪।୪-୬)ମାନଙ୍କରେ ସତ୍ୟ ଓ ଜ୍ୟୋତିଃରେ ପୂର୍ଣ୍ଣ ଆର୍ଯ୍ୟଧୀତିର ରଙ୍ଗ ହିସାବରେ ‘ବର୍ଣ୍ଣ’ର ପ୍ରୟୋଗ ଆମେ ଦେଖିଛୁ । ‘‘ସ୍ୱର୍ବିଜୟୀ ଇନ୍ଦ୍ର ଦିନଗୁଡ଼ିକୁ ପ୍ରସବ କରି (ଅଙ୍ଗିରସମାନଙ୍କ) ଇଚ୍ଛାବଳରେ (ଦସ୍ୟୁମାନଙ୍କର) ଏହି ସେନାବାହିନୀକୁ ଆକ୍ରମଣ କରି ଜୟ କରିଥିଲେ; ମନୁଷ୍ୟ ପାଇଁ ଦିବସମାନଙ୍କ ଜ୍ଞାନଦୃଷ୍ଟିକୁ (**କେତୁମ୍ ଅହ୍ନାମ୍**) ଭାସ୍ୱର କଲେ, ବିଶାଳ ଭୋଗ ନିମନ୍ତେ ସେ ଜ୍ୟୋତିଃଲାଭ କଲେ (ଋକ୍-୪); ... ସେ ନିଜ ଉପାସକଙ୍କ ନିମନ୍ତେ ଏହି ଧୀଗୁଡ଼ିକୁ ଜ୍ଞାନ-ଚେତନା-ଯୁକ୍ତ କଲେ, (ଦସ୍ୟୁମାନଙ୍କ ବାଧା ଅତିକ୍ରମ କରି) ସେ ଏସମସ୍ତ ଧୀତିର ଉଜ୍ଜ୍ୱଳ ବର୍ଣ୍ଣକୁ ସମ୍ମୁଖକୁ ଆଣିଲେ – **ଅଚେତୟଦ୍ ଧିୟ ଇମା ଜରିତ୍ରେ, ପ୍ର ଇମଂ ବର୍ଣମ୍ ଅତିରତ୍ ଶୁକ୍ରମ୍ ଆସାମ୍** (ଋକ୍ -୫) । ସେମାନେ ମହେନ୍ଦ୍ରଙ୍କ ଅନେକ ମହତ୍ ଓ ନିର୍ଦୋଷ କର୍ମ ଆରମ୍ଭ କଲେ (ଅଥବା, ପ୍ରଶଂସା କଲେ); ସେ ନିଜ ପରାଭବକାରୀ ଶକ୍ତି ଓ ନିଜ ଜ୍ଞାନର ସକଳ କ୍ରିୟା ଦ୍ୱାରା (ମାୟାଭିଃ) ଅସାଧୁ ଦସ୍ୟୁମାନଙ୍କୁ ଦମନ କଲେ ।’’ (ଋକ୍-୬)[୫]

ଏଠାରେ ବୈଦିକ ‘‘କେତୁମ୍ ଅହ୍ନାମ୍’’ ଅର୍ଥାତ୍

---

[୪] **ସତ୍ରାସାହଂ ବରେଣ୍ୟଂ ସହୋଦାଂ ସସବାଂସଂ ସ୍ୱରପଶ୍ଚ ଦେବୀଃ ।**
**ସମାନ ୟଃ ପୃଥିବୀଂ ଦ୍ୟାମୁତେମାମିନ୍ଦ୍ରଂ ମଦନ୍ତ୍ୟନୁ ଧୀରଣାସଃ ।।୮।।**
**ସମାନାର୍ତ୍ୟାଁ ଉତ ସୂର୍ୟଂ ସମାନେନ୍ଦ୍ରଃ ସସାନ ପୁରୁଭୋଜସଂ ଗାମ୍ ।**
**ହିରଣ୍ୟୟମୁତ ଭୋଗଂ ସସାନ ହତ୍ୱୀ ଦସ୍ୟୂନ୍ ପ୍ରାର୍ୟଂ ବର୍ଣମାବତ୍ ।।୯।।**
**ଇନ୍ଦ୍ର ଓଷଧୀରସନୋଦହାନି ବନସ୍ପତୀଁରସନୋଦନ୍ତରିକ୍ଷମ୍ ।**
**ବିଭେଦ ବଳଂ ନୁନୁଦେ ବିବାଚୋଽଥାଭବଦ୍ ଦମିତାଭିକ୍ରତୂନାମ୍ ।।୧୦।।**

[୫] **ଇନ୍ଦ୍ରଃ ସ୍ୱର୍ଷା ଜନୟନ୍ନହାନି ବିଗାୟୋଶିଗ୍‌ଭିଃ ପୃତନା ଅଭିଷ୍ଟିଃ ।**
**ପ୍ରାରୋଚୟନ୍ମନବେ କେତୁମହ୍ନାମବିନ୍ଦଜ୍ଜ୍ୟୋତିର୍ବୃହତେ ରଣାୟ ।।୪।।** (*ଅବଶିଷ୍ଟାଂଶ ପରପୃଷ୍ଠାରେ*)

ଦିବସମାନଙ୍କ ଜ୍ଞାନଦୃଷ୍ଟିର କଥା ଆମେ ଦେଖୁ, ଏହାର ଅର୍ଥ – ମହାନନ୍ଦ ମଧ୍ୟକୁ ଘେନି ଯାଉଥିବା 'ସତ୍ୟସୂର୍ଯ୍ୟ'ଙ୍କ ଜ୍ୟୋତିଃ; କାରଣ, ମନୁଷ୍ୟ ନିମନ୍ତେ 'ଇନ୍ଦ୍ର'ଙ୍କ ଦ୍ୱାରା ସ୍ୱର୍ଜୟ ମଧ୍ୟ ଦେଇ ଦିବସଗୁଡ଼ିକ ଉତ୍ପନ୍ନ ହୁଅନ୍ତି, ଏହା ସମ୍ଭବ ହୋଇଥାଏ ଅଙ୍ଗିରସମାନଙ୍କ ସାହାଯ୍ୟରେ 'ପଣି'ମାନଙ୍କ ସେନାବାହିନୀ ଧ୍ୱଂସ ହେବା ତଥା ସୂର୍ଯ୍ୟ ଓ ଜ୍ୟୋତିର୍ଗୋମାନେ ଉର୍ଦ୍ଧ୍ୱକୁ ଚାଳିତ ହେବା ଦ୍ୱାରା । ମନୁଷ୍ୟର ଶକ୍ତି ରୂପେ ଦେବତାମାନେ ଏହିସବୁ କାର୍ଯ୍ୟ ମନୁଷ୍ୟ ନିମନ୍ତେ କରନ୍ତି କିନ୍ତୁ ନିଜ ପାଇଁ ନୁହେଁ, ଯେହେତୁ ସେମାନେ ପୂର୍ବରୁ ଏସବୁକୁ ଅଧିକାର କରିସାରିଛନ୍ତି;– କାରଣ, ଦିବ୍ୟମାନବ ବା 'ପୁରୁଷ' ଇନ୍ଦ୍ର 'ନୃ' (ମାନବଙ୍କ) ପାଇଁ ପୌରୁଷର ଅନେକ ଶକ୍ତି ବହନ କରନ୍ତି, **ନୃବଦ୍ ... ନର୍ଯ୍ୟା ପୁରୂଣି** (ଋକ୍-୫); ସେ ତାକୁ ଏହିସବୁ 'ଧୀ'ର ଜ୍ଞାନ ମଧ୍ୟରେ ପ୍ରବୁଦ୍ଧ କରନ୍ତି ଯାହାକୁ କି (ଜ୍ଞାନକୁ) ପ୍ରତୀକାତ୍ମିକା ଭାଷାରେ ପଣିଗଣଙ୍କଠାରୁ ମୁକ୍ତ କରାଯାଇଥିବା ଜ୍ୟୋତିର୍ଗୋଯୂଥ କୁହାଯାଏ; ଏବଂ ଏହି ସମସ୍ତ 'ଧୀତି'ର ଉଜ୍ଜ୍ୱଳ ରଙ୍ଗ, **ଶୁକ୍ରଂ ବର୍ଣମ୍ ଆସାମ୍,** ସ୍ପଷ୍ଟତଃ ନବମ ଋକ୍‌ରେ ଉକ୍ତ ସେହି ''ଶୁକ୍ର ବା ଶ୍ୱେତ'' ଆର୍ଯ୍ୟବର୍ଣ୍ଣ । ଇନ୍ଦ୍ର ଏହି ଧୀତିଗୁଡ଼ିକର ରଙ୍ଗକୁ ପଣିଗଣଙ୍କ ବିରୁଦ୍ଧ-କ୍ଷେତ୍ରର ସୀମାବାହାରକୁ ନେଇଯା'ନ୍ତି ବା ବୃଦ୍ଧି କରନ୍ତି – **ପ୍ର ବର୍ଣମ୍ ଅତିରତ୍ ଶୁକ୍ରମ୍** – ଏବଂ ଏହି କାର୍ଯ୍ୟ ଦ୍ୱାରା ସେ ଦସ୍ୟୁମାନଙ୍କୁ ବଧ କରି ଆର୍ଯ୍ୟବର୍ଣ୍ଣକୁ ରକ୍ଷା, ପୋଷଣ ଓ ବୃଦ୍ଧି କରନ୍ତି – **ହତ୍ୱୀ ଦସ୍ୟୂନ୍ ପ୍ର ଆର୍ଯ୍ୟଂ ବର୍ଣମ୍ ଆବତ୍** । ଆଉ ମଧ୍ୟ ଏହି ଦସ୍ୟୁମାନେ କୁଟିଳ (ବୃଜିନାନ୍), ଏବଂ ଏମାନେ ଇନ୍ଦ୍ରଙ୍କ କର୍ମ ବା ଜ୍ଞାନରୂପୀ 'ମାୟା' ଦ୍ୱାରା ପରାଭୂତ ହୁଅନ୍ତି, ଅନ୍ୟତ୍ର ଏହି ବିଷୟରେ ଆମକୁ କୁହାଯାଇଛି ଯେ ସେ ଏହିସବୁ ଦ୍ୱାରା 'ଦସ୍ୟୁ', 'ବୃତ୍ର' ବା 'ବଳ'ର ଯେଉଁ ବିରୋଧୀ 'ମାୟା', ତାହାକୁ ପରାସ୍ତ କରନ୍ତି । ବେଦରେ ଅନବରତ ଦେଖାଯାଏ ଯେ ଋଜୁ ଓ କୁଟିଳ : ସତ୍ୟ ଓ ମିଥ୍ୟାର ସମାର୍ଥକ ଶବ୍ଦ । ସୁତରାଂ ସ୍ପଷ୍ଟରୂପେ ଜଣାଯାଏ ଯେ ଏହି ପଣିଦସ୍ୟୁମାନେ ମିଥ୍ୟା ଓ ଅଜ୍ଞାନତାର କୁଟିଳ ଶକ୍ତିଗଣ, ଯେଉଁମାନେ କି ନିଜ ମିଥ୍ୟାଜ୍ଞାନ, ମିଥ୍ୟାଶକ୍ତି, ସଂକଳ୍ପ ଓ କର୍ମକୁ ଦେବଗଣଙ୍କର ତଥା ଆର୍ଯ୍ୟମାନଙ୍କର ସତ୍ୟଜ୍ଞାନ, ସତ୍ୟଶକ୍ତି, ସଂକଳ୍ପ ଓ କର୍ମମାନଙ୍କ ବିରୋଧରେ ପ୍ରୟୋଗ କରନ୍ତି । 'ଜ୍ୟୋତିଃ'ର ବିଜୟ କହିଲେ ଅର୍ଥ ହେଉଛି ଏହି ମିଥ୍ୟା ବା ଆସୁର ଜ୍ଞାନ ରୂପକ ଅନ୍ଧକାର ବିରୋଧରେ 'ସତ୍ୟ'ର, ଦିବ୍ୟଜ୍ଞାନର ବିଜୟ; ଏବଂ 'ସୂର୍ଯ୍ୟ'ଙ୍କ ଉତ୍ତରଣ, 'ଦିବସ'ମାନଙ୍କର ଜନ୍ମ, 'ଉଷା'ଙ୍କ ଉଦୟ, ଦୀପ୍ତିମୟ କିରଣରୂପୀ ଗୋଯୂଥଙ୍କର ଉଦ୍ଧାର ଓ ଜ୍ୟୋତିର୍ଲୋକ ମଧ୍ୟକୁ ସେମାନଙ୍କ ଆରୋହଣ ପ୍ରଭୃତି ଏହି ବିଜୟର ତାତ୍ପର୍ଯ୍ୟ ।

ଗୋମାନେ ଯେ ସତ୍ୟଧୀତି ଏକଥା 'ସୋମ'ଙ୍କ ଉଦ୍ଦେଶ୍ୟରେ ରଚିତ ଋ.୯।୧୧୧ ସୂକ୍ତରେ ଖୁବ୍ ସ୍ପଷ୍ଟରୂପେ କୁହାଯାଇଛି । ''ଏହି ହିରଣ୍ମୟ ଆଲୋକ ଦ୍ୱାରା ସେ ନିଜକୁ ପୂତ କରି ଆପେ ଯୋଚି ହୋଇ ଯାଉଥିବା ସୂର୍ଯ୍ୟାଶ୍ୱ ପରି ଆପେ ସଂଯୋଜିତ ତାଙ୍କ ଅଶ୍ୱମାନଙ୍କ ଦ୍ୱାରା ବିରୁଦ୍ଧ ଶକ୍ତିମାନଙ୍କୁ ଅତିକ୍ରମ କରିଯା'ନ୍ତି । ନିଃସାରିତ ଏହି 'ସୋମ' ଧାରା, ସ୍ୱୟଂପୂତ ଜ୍ୟୋତିର୍ମୟ ତଥା ଜ୍ଞାନଦୀପ୍ତ ଏହି 'ଦେବ' ସେତିକିବେଳେ ଜ୍ୟୋତିଷ୍ମାନ୍ ହୋଇଉଠନ୍ତି ଯେତେବେଳେ ସେ ଋକ୍‌ଗାତାମାନଙ୍କ ସହିତ, ସପ୍ତମୁଖ ଋକ୍‌ଗାନକାରୀ (ଅଙ୍ଗିରସଶକ୍ତିଗଣ)ଙ୍କ ସହିତ, ବସ୍ତୁଗୁଡ଼ିକର ସକଳ ଆକୃତିକୁ ଆବୋରି ରହନ୍ତି (ଋକ୍-୧) । ହେ ସୋମ, ତୁମେ ପଣିମାନଙ୍କର ସେହି ଧନର ସନ୍ଧାନ ପାଅ; ତୁମେ ନିଜ ଗୃହରେ ('ସ୍ୱର୍'ରେ) ମାଆମାନଙ୍କ ଦ୍ୱାରା (ପଣିଗଣଙ୍କ ଗୋବୃନ୍ଦ ଏହି ଭାବେ ପ୍ରାୟଶଃ ଅନ୍ୟ ସୂକ୍ତମାନଙ୍କରେ ଅଭିହିତ) ଓ ତୁମେ ନିଜ ଗୃହର ସତ୍ୟଧୀତି ଦ୍ୱାରା ନିଜକୁ ଉଜ୍ଜ୍ୱଳ କର – **ସଂ ମାତୃଭିଃ ମର୍ଜୟସି, ସ୍ୱ ଆ ଦମେ, ଋତସ୍ୟ ଧୀତିଭିଃ ଦମେ** । ସତେ ଯେପରି ଉଚ୍ଚତର ଜଗତର (**ପରାବତଃ**) 'ସମ' (ସମତାପୂର୍ଣ୍ଣ ସିଦ୍ଧି, **ସମାନେ ଉର୍ବେ** – ସମାନ ବ୍ୟାପ୍ତିରେ) ସେହି 'ସ୍ୱର୍', ଯେଉଁଠାରେ ସତ୍ୟଧୀତିଗୁଡ଼ିକ ନିଜ ଆନନ୍ଦ ଲାଭ କରନ୍ତି । ତ୍ରିବିଧ ଜଗତର (ଅଥବା, ତ୍ରିବିଧ ମୌଳିକ ପ୍ରକୃତିର ଏହି ଜ୍ୟୋତିର୍ମୟୀ ଗାଭୀମାନଙ୍କ ଦ୍ୱାରା ସେ ଜ୍ଞାନର ପ୍ରଶସ୍ତ ଅଭିବ୍ୟକ୍ତିକୁ ଧାରଣ କରନ୍ତି, ଦୀପ୍ତ ହୋଇ ସେ

---

**(ଇନ୍ଦ୍ରସ୍ତୁଜୋ ବର୍ହଣା ଆ ବିବେଶ ନୃବଦ୍ ଦଧାନୋ ନର୍ଯ୍ୟା ପୁରୂଣି) ।**
**ଅଚେତୟଦ୍ ଧିୟ ଇମା ଜରିତ୍ରେ ପ୍ରେମଂ ବର୍ଣମତିର୍-ଚ୍ଛୁକ୍ରମାସାମ୍ ।।୫।।**
**ମହୋ ମହାନି ପନୟନ୍ତ୍ୟସ୍ୟେନ୍ଦ୍ରସ୍ୟ କର୍ମ ସୁକୃତା ପୁରୂଣି ।**
**ବୃଜନେନ ବୃଜିନାନ୍ ସଂ ପିପେଷ ମାୟାଭିର୍ଦସ୍ୟୁଁରଭିଭୂତ୍ୟୋଜାଃ ।।୬।।**

ପ୍ରଶସ୍ତ ଅଭିବ୍ୟକ୍ତିକୁ ଧାରଣ କରନ୍ତି'' (ଋକ୍-୨)[୬]। ଆମେ ଦେଖୁ, ପଣିଗଣଙ୍କର ଏହି ସମସ୍ତ ଗୋ, ଯେଉଁମାନଙ୍କ ଦ୍ୱାରା ସୋମ ନିଜ ଧାମରେ ଅର୍ଥାତ୍ ଅଗ୍ନି ଓ ଅନ୍ୟ ସମସ୍ତ ଦେବତାଙ୍କ ଧାମରେ, ଯାହାକୁ ଆମେ 'ସ୍ୱର୍'ର ବୃହତ୍ ସତ୍ୟ (**ଋତଂ ବୃହତ୍**) ବୋଲି ଜାଣୁ, ସେଠାରେ ସ୍ୱଚ୍ଛ ଓ ଉଜ୍ଜ୍ୱଳ ହୁଅନ୍ତି; ପୁଣି ଏହିସବୁ ଉଜ୍ଜ୍ୱଳ ଗୋ, ଯେଉଁମାନଙ୍କ ମଧ୍ୟରେ ପରମ ଲୋକର ତ୍ରିବିଧ ପ୍ରକୃତି (**ତ୍ରିଧାତୁଭିଃ ଅରୁଷୀଭିଃ**) ବିଦ୍ୟମାନ ଏବଂ ଯେଉଁମାନଙ୍କ ଦ୍ୱାରା ସୋମ ସେହି 'ସତ୍ୟ'ର[୬] ଜନ୍ମ ବା ପ୍ରଶସ୍ତ ଅଭିବ୍ୟକ୍ତିକୁ ଧାରଣ କରନ୍ତି, ସେମାନେ ସତ୍ୟାନୁଭବୀ 'ଧୀତି' (ଭାବ) ଅଟନ୍ତି। ତିନିଟି ଜ୍ୟୋତିର୍ମୟ ଲୋକ ସମେତ ଏହି ଯେଉଁ 'ସ୍ୱର୍', ଯାହାର ବ୍ୟାପ୍ତି ମଧ୍ୟରେ 'ତ୍ରିଧାତୁ'ର ସମାନ ସାର୍ଥକତା ରହିଛି; ତ୍ରିଧାତୁ, କ୍ରିୟାତ୍ମକ ଉଚ୍ଚତମ ଲୋକତ୍ରୟ ଗଠନ କରେ ସେହି ପରମ ତତ୍ତ୍ୱକୁ ବୁଝାଇବାକୁ ଅଧିକାଂଶ ସମୟରେ ଏହି ଉକ୍ତି ବ୍ୟବହୃତ – **ତିସ୍ରଃ ପରାବତଃ**, ଏହାକୁ ଅନ୍ୟତ୍ର ପ୍ରଶସ୍ତ ଓ ଭୟମୁକ୍ତ ଚାରଣଭୂମି ବୋଲି ବର୍ଣ୍ଣନା କରାଯାଇଛି, ଏହା ମଧ୍ୟରେ ଗୋମାନେ ସ୍ୱଚ୍ଛନ୍ଦରେ ବିଚରଣ କରି ନିଜେ ଆନନ୍ଦ ଲାଭ କରନ୍ତି (ରଣନ୍ତି) ଏବଂ ଏଠାରେ ମଧ୍ୟ ଏହା ସେହି ଭୂମି ଯେଉଁଠାରେ ସତ୍ୟଧୀତିଗୁଡ଼ିକ ନିଜର ସୁଖ ଭୋଗ କରନ୍ତି – **ଯତ୍ର ରଣନ୍ତି ଧୀତୟଃ**। ପରବର୍ତ୍ତୀ ଋକ୍‌ରେ କୁହାଯାଇଛି, 'ସୋମ'ଙ୍କ ଦିବ୍ୟରଥ ଜ୍ଞାନ ଲାଭ କରିବା ପୂର୍ବକ ପରମ ଦିଶାର ଅନୁସରଣ କରେ ଏବଂ ଶ୍ରମପୂର୍ବକ କିରଣମାନଙ୍କ ସାହାଯ୍ୟରେ ଅଗ୍ରସର ହୁଏ,– **ପୂର୍ବାମ୍ ଅନୁ ପ୍ରଦିଶଂ ଯାତି ଚେକିତତ୍, ସଂରଶ୍ମିଭିଃ ଯତତେ ଦର୍ଶତୋ ରଥୋ ଦୈବ୍ୟୋ ଦର୍ଶତୋ ରଥଃ**। ଏହି ପରମଦିଶା ହେଉଛି ନିଶ୍ଚିତ ରୂପେ ଦିବ୍ୟ ବା ବୃହତ୍ ସତ୍ୟର ଦିଶା; ଏହି ରଶ୍ମିମାଳା ହେଉଛନ୍ତି ସ୍ପଷ୍ଟତଃ 'ଉଷା'ଙ୍କର ବା ସତ୍ୟ-ସୂର୍ଯ୍ୟଙ୍କର ରଶ୍ମିମାଳା; ଏମାନେ ପଣିମାନଙ୍କ ଦ୍ୱାରା ଗୁହାୟିତ ଗୋଯୂଥ, ଏମାନେ ହେଲେ ପ୍ରଦୀପ୍ତ ଧୀ ଓ ଉଜ୍ଜ୍ୱଳ ରଙ୍ଗର ଧୀତିରାଜି – **ଧିୟଃ, ଋତସ୍ୟ ଧୀତୟଃ**।

ଯେଉଁ ଯେଉଁ ସ୍ଥାନରେ ପଣି, ଗୋ ଓ ଅଙ୍ଗିରସଗଣଙ୍କ ରୂପକଳ୍ପ ଆସିଛି ସେ ସବୁଠାରେ ବେଦର ଏହି ସମସ୍ତ ଅନ୍ତଃସାକ୍ଷ୍ୟକୁ କୌଣସି ଅସାମଞ୍ଜସ୍ୟ ବିନା ଏହି ସମାନ ସିଦ୍ଧାନ୍ତକୁ ପ୍ରତିଷ୍ଠାପିତ କରନ୍ତି। ପଣିଗଣ ହେଉଛନ୍ତି ସତ୍ୟଧୀତିର ଅବରୋଧକ, ନିର୍ଜ୍ଞାନ ଅନ୍ଧକାରର ଅଧିବାସୀ (ତମଃ ଅବୟୁନମ୍), ଯାହାକୁ ଇନ୍ଦ୍ର ଓ ଅଙ୍ଗିରସମାନେ ଦିବ୍ୟବାକ୍ ଓ 'ସୂର୍ଯ୍ୟ'ଙ୍କ ଦ୍ୱାରା ନିବାରଣ କରନ୍ତି, ଏଇ କାରଣରୁ ଯେ ଯେଉଁଠାରେ ପ୍ରଥମେ ତମଃ ଅଧିକାର କରି ରହିଥିଲା ସେଠାରେ 'ସତ୍ୟ'ର ପ୍ରଶସ୍ତ ଅବସ୍ଥା ପ୍ରତିଷ୍ଠିତ ହୋଇପାରିବ। ଇନ୍ଦ୍ର ପଣିଗଣଙ୍କ ସହିତ ଯୁଦ୍ଧ କରନ୍ତି କୌଣସି ସ୍ଥୂଳ ଅସ୍ତ୍ରଶସ୍ତ୍ର ଦ୍ୱାରା ନୁହେଁ ବରଂ ବାକ୍‌ରାଜି ଦ୍ୱାରା – **ପଣୀନ୍ ବଚୋଭିଃ ଅଭି ଯୋଧତ୍ ଇନ୍ଦ୍ରଃ** (ଋ. ୬।୩୯।୨)। ଏହା ଯଥେଷ୍ଟ ହେବ ଯେ ଯେଉଁ ଯେଉଁ ସୂକ୍ତରେ ଏହି ବାକ୍ୟାଂଶ ଆସେ ତାହାକୁ ବ୍ୟାଖ୍ୟା ବିନା ଅନୁବାଦ କଲେ ବି ସେଥିରୁ ଏହି ପ୍ରତୀକବାଦର ଗୁଣଧର୍ମ ନିର୍ବିବାଦରେ ସ୍ପଷ୍ଟ ହୋଇଯାଏ। ''ଏହି ଦିବ୍ୟ ତଥା ଉଲ୍ଲାସଶୀଳ କ୍ରାନ୍ତଦ୍ରଷ୍ଟାଙ୍କର, ଯଜ୍ଞବାହକଙ୍କର, ଦୀପ୍ତଧୀତିଯୁକ୍ତ ମଧୁର ମନ୍ତ୍ରଗାୟକଙ୍କର (ସୋମଙ୍କର) ହେ ଦେବ, ତୁମେ ଆମକୁ ସେହି 'ବାକ୍'ର ବକ୍ତାଙ୍କ ସହ ଯୁକ୍ତ କର ଯାହାଙ୍କ ପ୍ରେରଣାକୁ ଜ୍ୟୋତିଃ-ଗୋଗଣ ଅଗ୍ରଭାଗରେ ଥାଇ ଚାଳିତ କରୁଛନ୍ତି, (**ଇଷୋ ଗୋଅଗ୍ରାଃ**)।୧। ସତ୍ୟ ସହ ସଂଯୋଗ କାରକ, ସତ୍ୟଧୀତି ସହିତ ଯାହାଙ୍କ ରଥ ସଂଯୋଜିତ (**ଋତଧୀତିଭିଃ ଋତୟୁଗ୍ ଯୁଜାନଃ**) ଗିରି ପରିପାର୍ଶ୍ୱରେ ବିଚରଣ କରୁଥିବା ଜ୍ୟୋତିଃ-ଗୋମାନଙ୍କୁ (ଉସ୍ରାଃ) ସେ ଇନ୍ଦ୍ର କାମନା କଲେ; (ତା'ପରେ) 'ବଳ'ର ଅଭଗ୍ନ ଗିରି-

---

[୬] **ଅୟା ରୁଚା ହରିଣ୍ୟା ପୁନାନୋ ବିଶ୍ୱା ଦ୍ୱେଷାଂସି ତରତି ସ୍ୱୟୁଗ୍ୱଭିଃ।**
**ସୂରୋ ନ ସ୍ୱୟୁଗ୍ୱଭିଃ।**
**ଧାରା ସୁତସ୍ୟ ରୋଚତେ ପୁନାନୋ ଅରୁଷୋ ହରିଃ।**
**ବିଶ୍ୱା ଯଦ୍ରୂପା ପରିୟାତ୍ୟୃକ୍ୱଭିଃ ସପ୍ତାସ୍ୟେଭିର୍ଋକ୍ୱଭିଃ ॥୧॥**
**ତ୍ୱଂ ତ୍ୟଦ୍ ପଣୀନାଂ ବିଦୋ ବସୁ ସଂ ମାତୃଭିର୍ମର୍ଜୟସି ସ୍ୱ ଆ ଦମ**
**ଋତସ୍ୟ ଧୀତିଭିର୍ଦମେ।**
**ପରାବତୋ ନ ସାମ ତଦ୍ ଯତ୍ରା ରଣନ୍ତି ଧୀତୟଃ।**
**ତ୍ରିଧାତୁଭିରରୁଷୀଭିର୍ବୟୋ ଦଧେ ରୋଚମାନୋ ବୟୋ ଦଧେ ॥୨॥** (ଋ. ୯।୧୧୧)

ଅଧିତ୍ୟକାକୁ (ସାନୁ) ବିଚୂର୍ଣ୍ଣ କଲେ ଓ ବାକ୍ ଦ୍ୱାରା ପଣିଗଣଙ୍କ ବିରୋଧରେ ଯୁଦ୍ଧ କଲେ ।୨। ସେ (ସୋମ) ଚନ୍ଦ୍ରଶକ୍ତି ରୂପେ (ଇନ୍ଦୁ) ଅହୋରାତ୍ର ଓ ବର୍ଷ ବର୍ଷ ବ୍ୟାପୀ ଆଲୋକହୀନା ରାତ୍ରିମାନଙ୍କୁ ଜ୍ୟୋତିଷ୍ମତୀ କଲେ ଓ ସେମାନେ (ରାତ୍ରିମାନେ) ଦିବସମାନଙ୍କ ଦୃଷ୍ଟି (କେତୁ) ବହନ କଲେ; ଜନ୍ମତଃ ଶୁଦ୍ଧ 'ଉଷା'ମାନଙ୍କୁ ସେ (ସୋମ) ରଚନା କଲେ ।୩। ଏ ସେହି ଯେ ସ୍ୱୟଂ ପ୍ରଦୀପ୍ତ ହୋଇ ଉଠି ଆଲୋକହୀନାମାନଙ୍କୁ ଆଲୋକମୟ କଲେ; ସତ୍ୟ ଦ୍ୱାରା ସେ ବହୁସଂଖ୍ୟକ ଉଷାଙ୍କୁ ଦୀପ୍ତିମତୀ କଲେ, କର୍ମସାଧକମାନଙ୍କୁ (ଧନ ଦ୍ୱାରା) ପରିତୃପ୍ତ କରିବା ପୂର୍ବକ (ଚର୍ଷଣିପ୍ରାଃ) 'ସତ୍ୟ'ରେ ଯୋଚିତ ଅଶ୍ୱ ଓ ସ୍ୱର୍‌ପ୍ରାପକ ରଥଚକ ସହିତ ଯାତ୍ରା କଲେ'' (ଋ.୬।୩୯।୧-୪)[୮] । ପଣିଗଣଙ୍କ ଗୋଯୂଥ ସହିତ ସର୍ବଦା ଧୀ, ଋତ ଓ ବାକ୍‌ର ଉଲ୍ଲେଖ ଦେଖିବାକୁ ମିଳେ; ଦିବ୍ୟମନଃଶକ୍ତି ରୂପୀ ଇନ୍ଦ୍ରଙ୍କ ବାକ୍ ଦ୍ୱାରା ଗୋ-ଅବରୋଧକମାନଙ୍କୁ ଜୟ କରାଯାଉଛି; ଯାହା ତମୋମୟ ଥିଲା ତାହା ଆଲୋକରେ ପରିଣତ ହୋଇଯାଉଛି; ସତ୍ୟରେ ଯୋଚା ଅଶ୍ୱମାନଙ୍କ ଦ୍ୱାରା ଚାଳିତ ରଥ (ଜ୍ଞାନ ଦ୍ୱାରା – **ସ୍ୱର୍ବିଦା ନାଭିନା**) ସେହି ସତ୍-ଚିତ୍-ଆନନ୍ଦର ଜ୍ୟୋତିର୍ମୟ ବ୍ୟାପ୍ତିକୁ ପ୍ରାପ୍ତ ହୁଏ ଯାହା ବର୍ତ୍ତମାନ ଆମ ଦୃଷ୍ଟିର ଅନ୍ତରାଳରେ ରହିଛି । ''ଇନ୍ଦ୍ର 'ବଳ'କୁ ବ୍ରହ୍ମ ଦ୍ୱାରା ବିଦୀର୍ଣ୍ଣ କରନ୍ତି, ଅନ୍ଧକାରକୁ ଅନ୍ତରାଳକୁ ନେଇଯା'ନ୍ତି ଓ 'ସ୍ୱର୍'କୁ ପ୍ରତ୍ୟକ୍ଷ କରାନ୍ତି'' –

**ଉଦ୍ ଗା ଆଜଦ୍ ଅଭିନଦ୍ ବ୍ରହ୍ମଣା ବଲମ୍ ।**
**ଅଗୂହତ୍ ତମୋ ବ୍ୟଚକ୍ଷୟତ୍ ସ୍ୱଃ ॥** ଋ. ୨।୨୪।୩

ସମଗ୍ର ଋଗ୍‌ବେଦ ହେଉଛି ଆଲୋକ-ଶକ୍ତିଗଣଙ୍କ ବିଜୟଗୀତି, ତଥା ସତ୍ୟର ଯେଉଁ ମୂଳ ସଦ୍ମ ଓ ଆସନ ରହିଛି, ଯାହା ସକଳ ମିଥ୍ୟାର ଆକ୍ରମଣରୁ ମୁକ୍ତ, ତା' ମଧ୍ୟକୁ ସତ୍ୟଶକ୍ତି ଓ ସତ୍ୟ ଦୃଷ୍ଟି ଦ୍ୱାରା ଆରୋହଣର ବିଜୟଗୀତି । '' 'ସତ୍ୟ' ଦ୍ୱାରା ଗୋ (ଦୀପ୍ତ ଧୀତି) ମାନେ 'ସତ୍ୟ' ମଧ୍ୟରେ ପ୍ରବେଶ କରନ୍ତି; 'ସତ୍ୟ' ଅଭିମୁଖେ ଅଧ୍ୟବସାୟୀ ହୋଇ ଜଣେ 'ସତ୍ୟ'କୁ ଜୟ କରେ; 'ସତ୍ୟ' ଦିଗରେ ପ୍ରବଳ ଗତିଶୀଳ ଶକ୍ତିହିଁ ଜ୍ୟୋତିର୍ଗୋଗଣଙ୍କୁ ଅନ୍ୱେଷଣ କରେ ଏବଂ (ଶତ୍ରୁକୁ) ଭେଦ କରି ଅଗ୍ରସର ହୁଏ; 'ସତ୍ୟ' ପାଇଁ ଦୁଇ ପ୍ରଶସ୍ତ ଲୋକ – ସ୍ୱର୍ଗ ଓ ପୃଥିବୀ – ବହୁଳ ଓ ଗଭୀର ହୋଇ ଉଠନ୍ତି, କାରଣ 'ସତ୍ୟ' ପାଇଁ ଦୁଇ ପରମା ମାତା ନିଜର ସ୍ତନ୍ୟ ଦାନ କରନ୍ତି''–

**ଋତେନ ଗାବ ଋତମ୍ ଆ ବିବେଶୁଃ ।**
**ଋତଂ ୟେମାନ ଋତମିଦ୍ ବନୋତି**
**ଋତସ୍ୟ ଶୁଷ୍ମଃ ତୁରୟା ଉ ଗବ୍ୟୁଃ ।**
**ଋତାୟ ପୃଥ୍ୱୀ ବହୁଳେ ଗଭୀରେ**
**ଋତାୟ ଧେନୂ ପରମେ ଦୁହାତେ ॥**

(ଋ. ୪।୨୩।୯-୧୦)

[ଶ୍ରୀଅରବିନ୍ଦଙ୍କ 'The Secret of the Veda' ଗ୍ରନ୍ଥର ଏକବିଂଶ ଅଧ୍ୟାୟ ''The Sons of Darkness''ର ଓଡ଼ିଆ ଅନୁବାଦ । ଶ୍ରୀ ଚକ୍ରଧର ଦାଶଙ୍କ ଦ୍ୱାରା ଅନୂଦିତ, ସର୍ବଶ୍ରୀ ନିମାଇ ଚରଣ ମହାପାତ୍ର, କୃଷ୍ଣାଦେବୀ ଓ ମଧୁସୂଦନ ମହାପାତ୍ରଙ୍କ ଦ୍ୱାରା ସମ୍ପାଦିତ] ✤

---

[୭] ଋ. ୬।୨୧।୨-୩ ରେ ଥିବା 'ବୟଃ' ପଦଟି ଦ୍ରଷ୍ଟବ୍ୟ, ସେଥିଲେ କୁହାଯାଇଛି ଯେ, ଇନ୍ଦ୍ର, ଯେ ଜ୍ଞାନବାନ୍ ଏବଂ ଯେ ଆମ ବାକ୍‌ଗୁଡ଼ିକୁ ବହନ କରନ୍ତି ତଥା ବାକ୍ ଦ୍ୱାରା ଯଜ୍ଞରେ ବୃଦ୍ଧିଲାଭ କରନ୍ତି – **ଇନ୍ଦ୍ରଂ ୟୋ ବିଦାନୋ ଗିର୍ବାହସଂ ଗୀର୍ଭିର୍ୟଜ୍ଞବୃଦ୍ଧମ୍**, ସେ ନିର୍ଜ୍ଞାନ ତମଃକୁ, ଯାହା ସ୍ୱୟଂ ବ୍ୟାପ୍ତ ହୋଇ ରହିଥିଲା ତାକୁ ସୂର୍ଯ୍ୟଙ୍କ ଦ୍ୱାରା ଏପରି ଏକ ରୂପରେ ପରିବର୍ତ୍ତିତ କଲେ ଯାହା ଜ୍ଞାନରହିଁ ଏକ ଅଭିବ୍ୟକ୍ତି –
**ସ ଇତ୍ ତମୋ ଅବୟୁନଂ ତତନ୍ୱତ୍ ସୂର୍ୟେଣ ବୟୁନବତ୍ ଚକାର ।**

[୮] **ମନ୍ଦ୍ରସ୍ୟ କବେର୍ଦିବ୍ୟସ୍ୟ ବହ୍ନେର୍ବିପ୍ରମନ୍ମନୋ ବଚନସ୍ୟ ମଧ୍ୱଃ ।**
**ଅପା ନସ୍ତସ୍ୟ ସଚନସ୍ୟ ଦେବେଷୋ ୟୁବସ୍ୱ ଗୃଣତେ ଗୋଅଗ୍ରାଃ ॥୧॥**
**ଅୟମୁଶାନଃ ପର୍ୟଦ୍ରିମୁସ୍ରା ଋତଧୀତିଭିର୍ଋତୟୁଗ୍ୟୁଜାନଃ ।**
**ରୁଜଦରୁଗ୍ଣଂ ବି ବଳସ୍ୟ ସାନୁଂ ପଣୀଁର୍ବଚୋଭିରଭି ୟୋଧଦିନ୍ଦ୍ରଃ ॥୨॥**
**ଅୟଂ ଦ୍ୟୋତୟଦଦ୍ୟୁତୋ ବ୍ୟକ୍ତୂନ୍ ଦୋଷା ବସ୍ତୋଃ ଶରଦ ଇନ୍ଦୁରିନ୍ଦ୍ର ।**
**ଇମଂ କେତୁମଦଧୁର୍ନୂ ଚିଦହ୍ନାଂ ଶୁଚିଜନ୍ମନ ଉଷସଶ୍ଚକାର ॥୩॥**
**ଅୟଂ ରୋଚୟଦରୁଚୋ ରୁଚାନୋଽୟଂ ବାସୟଦ୍ ବ୍ୟୃତେନ ପୂର୍ବୀଃ ।**
**ଅୟମୀୟତ ଋତୟୁଗ୍‌ଭିରଶ୍ୱୈଃ ସ୍ୱର୍ବିଦା ନାଭିନା ଚର୍ଷଣିପ୍ରାଃ ॥୪॥**

# ୨୯ ମାର୍ଚ୍ଚ ୨୦୧୪
# ବିବର୍ତ୍ତନର ଇତିହାସରେ ମହତ୍ତମ ମୁହୂର୍ତ୍ତ
## ସ୍ମରଣ ଓ ଶ୍ରଦ୍ଧାଞ୍ଜଳି
### ଶ୍ରୀ ମନୋଜ ଦାସ

ପୂର୍ବରୁ ନିର୍ଦ୍ଧାରିତଭାବେ ହେଉ ଅଥବା ସାଧାରଣ ଦୃଷ୍ଟିରେ ଆକସ୍ମିକଭାବେ ହେଉ, କେବେ କେବେ ଦୁଇ ବ୍ୟକ୍ତିଙ୍କର ପରସ୍ପର ପ୍ରଥମ ସାକ୍ଷାତ୍ ଇତିହାସରେ ସୃଜିପାରେ ବିପୁଳ ବା ବୈପ୍ଳବିକ ପରିବର୍ତ୍ତନ; ମହାକାଳର ପ୍ରବାହକୁ ତାହା ଦେଇପାରେ ଏକ ଯୁଗାନ୍ତକାରୀ ଗତିପଥର ସଙ୍କେତ । କେବେ ଦୃଶ୍ୟମାନ ସ୍ଥୂଳସ୍ତରରେ; କେବେ ବା ଅତୀନ୍ଦ୍ରିୟ ସ୍ତରରେ ।

ବହୁ ବିଦିତ ଦୁଇଟି ଦୃଷ୍ଟାନ୍ତ ସ୍ମରଣ କରାଯାଉ । ପ୍ରଥମଟି ସ୍ଥୂଳ । ମଗଧର ନନ୍ଦରାଜ-ଶାସନ ଦ୍ୱାରା ଅପମାନିତ ଯୁବକ ଚନ୍ଦ୍ରଗୁପ୍ତ(ମୌର୍ଯ୍ୟ)ଙ୍କ ସହ ଅକସ୍ମାତ୍ ନନ୍ଦ-ବିରୋଧୀ କ୍ରୁଦ୍ଧ ବ୍ରାହ୍ମଣ ଚାଣକ୍ୟଙ୍କ ଭେଟ ହୋଇଗଲା । ଭାରତର ରାଜନୈତିକ ଭାଗ୍ୟରେ ସେତିକିବେଳେ ଅନ୍ୟ ସଭିଙ୍କ ଅଜାଣତରେ ଏକ ବିପୁଳ ପରିବର୍ତ୍ତନର ଭୂମିକା ପ୍ରସ୍ତୁତ ହୋଇଗଲା ।

ଏହାତ ମାତ୍ର ଦୁଇ ହଜାର ତିନିଶହ ବର୍ଷ ତଳର ଇତିହାସର କଥା । ଯିବା ବହୁ ପ୍ରାଚୀନ ପୁରାଣ ଯୁଗକୁ । ରାଜକୁମାରଟିଏ ଆସି ରାଜା ଜନକଙ୍କ ହେପାଜତରେ ଥିବା ମହାଦେବଙ୍କ ଆଶିଷପୂତ ଅସ୍ତ୍ର ହରଧନୁ ଭାଙ୍ଗି ପକାଇବ ? ଶିବଭକ୍ତ ପରଶୁରାମଙ୍କ ପାଇଁ ଏହା ଅସହ୍ୟ । ସେ ତଡ଼ିତ୍-ବେଗରେ ଆସି ଉପନୀତ ହେଲେ ସେ ଉଦ୍ଧତ ଯୁବକ ସହ ମୁକାବିଲା ଉଦ୍ଦେଶ୍ୟରେ । ହେଲା ରାମଚନ୍ଦ୍ର-ପରଶୁରାମ ସାକ୍ଷାତ୍ । ଚେତନାର କ୍ରମବିକାଶର ଇତିହାସରେ ସେହି ମୁହୂର୍ତ୍ତରେ ହେଲା ଏକ ନବଯୁଗର ପ୍ରଭାତ । ପରଶୁରାମ ଥିଲେ ରୁଦ୍ର ପ୍ରତାପର ଅବତାର । କ୍ଷମତାମତ୍ତ ଔଦ୍ଧତ୍ୟକୁ ଦମନ କରିବା ନିମନ୍ତେ ପ୍ରତିଶୋଧର ସ୍ଥୂଳ ରୂପ କୁଠାରହିଁ ସେ ପ୍ରୟୋଗ କରି ଚାଲିଥିଲେ । ସ୍ଥୂଳ ସ୍ତରରେ ଅପଶକ୍ତି ବିରୋଧରେ ଶୁଦ୍ଧ ଶକ୍ତିର ଅଭିଯାନ ଅଦ୍ୟାବଧି ଅବ୍ୟାହତ ରହିଛି, କିନ୍ତୁ ଶୁଦ୍ଧ ଶକ୍ତିର ଆଦର୍ଶ ରୂପେ ରାମଚନ୍ଦ୍ର-ପ୍ରବର୍ତ୍ତିତ ନୈତିକତା ଏବଂ ସତ୍ୟ-ପରାୟଣତାର ଅଭିଷେକ ସେତିକିବେଳେ ହେଲା ଯେତେବେଳେ ପରଶୁରାମଙ୍କ ଅବତାର-ମହତ୍ତ୍ୱ ଶ୍ରୀରାମଙ୍କ ଭିତରେ ବିଲୀନ ହୋଇଗଲା; ସେ ତେଣିକି ଜଣେ ଋଷି ମାତ୍ର ହୋଇ ରହିଲେ । ଶ୍ରୀରାମଙ୍କ ଦ୍ୱାରା ପ୍ରସ୍ତୁତ ନୂତନ ଚେତନାର ଭିତ୍ତି ଉପରେହିଁ ସମ୍ଭବ ହେଲା ଶ୍ରୀକୃଷ୍ଣଙ୍କ ଅବତାର; ବିପୁଳ ଆଧ୍ୟାତ୍ମିକ ପ୍ରଜ୍ଞାର ଅବତରଣ ।

୧୯୧୪ ମସିହା ମାର୍ଚ୍ଚ ମାସ ୨୯ ତାରିଖ ଅପରାହ୍ନରେ ଯେଉଁ ସାକ୍ଷାତଟି ସମ୍ଭବପର ହୋଇଥିଲା, ତାହା ଉପରୋକ୍ତ ତାତ୍ପର୍ଯ୍ୟପୂର୍ଣ୍ଣ ସାକ୍ଷାତ୍ ତାଲିକାରେ ମହତ୍ତମ ସଂଯୋଜନ । ର୍ୟୁ ପ୍ରାନ୍ସୁଆ ମାର୍ତ୍ତାସ୍ଥିତ ଶ୍ରୀଅରବିନ୍ଦଙ୍କ ବାସଗୃହର ଦ୍ୱିତଳରେ ଶ୍ରୀମା' ଶ୍ରୀଅରବିନ୍ଦଙ୍କୁ ଭେଟିଥିଲେ । ସେହି ମୁହୂର୍ତ୍ତରେ (ଦିନ ୩ଟା ୩୦ ମିନିଟ୍ ପ୍ରାୟ) ସେ ହୃଦୟଙ୍ଗମ କରିଥିଲେ, ପୃଥିବୀର ଅସଂଖ୍ୟ ଲୋକ ଅଜ୍ଞାନ ତିମିରରେ ରହିଥା'ନ୍ତୁ ନା କାହିଁକି, ଭୂପୃଷ୍ଠରେ ଶ୍ରୀଅରବିନ୍ଦଙ୍କ ଉପସ୍ଥିତିହିଁ ଦିନେ ସେ ଅଜ୍ଞାନ ଆଲୋକରେ ରୂପାନ୍ତରିତ ହେବାର ତଥା ଦିବ୍ୟଯୁଗର ଆଗମନର ନିଶ୍ଚିତ ପ୍ରତିଶ୍ରୁତି ।

ବିଶ୍ୱାସର ଏ ଦଲିଲ ଅନନ୍ୟ ।

ସେହି ମୁହୂର୍ତ୍ତରେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ସ୍ୱରୂପ ନିର୍ଣ୍ଣୟ କରିପାରିଲେ ବୋଲି ଆମେ ଆଜି ତାହା ଜାଣୁଛୁ ।

ବିଧାତାର ପଞ୍ଜିକାରେ ସେହି ମୁହୂର୍ତ୍ତରେ ସ୍ପଷ୍ଟ ହୋଇଉଠିଥିବ ଶ୍ରୀମାଙ୍କ ଭୂମିକା – ଶ୍ରୀଅରବିନ୍ଦଙ୍କ ଯୋଗଯଜ୍ଞରେ ସେ ହେବେ ପୁରୋହିତ, ହେବେ ଆହୁତି, ଚେତନାର ରହସ୍ୟଲୋକରେ ସେ ନିଜକୁ ସମର୍ପଣ କରିବେ ଯୋଗେଶ୍ୱରଙ୍କ ଦୁଃସହ ପରୀକ୍ଷା-ନିରୀକ୍ଷାର କଦବା ଆଧାର, କଦବା ସହଯୋଗୀ, କଦବା ସହକାରୀ, କଦବା ନିରୀକ୍ଷକ ଏବଂ କଦବା ଧାତ୍ରୀରୂପେ ।

ଶ୍ରୀମାଙ୍କୁ ଇତିହାସର ବିଡ଼ମ୍ବନା ହେତୁ ଫ୍ରାନ୍ସ ପ୍ରତ୍ୟାବର୍ତ୍ତନ କରିବାକୁ ପଡ଼ିଲା ସତ, କିନ୍ତୁ ସେ ଯୋଗଯଜ୍ଞର ସୂତ୍ରପାତ ହୋଇସାରିଥିଲା । ୧୯୨୦ ଏପ୍ରିଲ ୨୪ରେ ତାଙ୍କ ପୁନରାଗମନ ଉତ୍ତାରୁ ତାହା ଯେଉଁ ଯୁଗ୍ମ ତପସ୍ୟାର

ରୂପନେଲା, ଆମ ମନବୁଦ୍ଧିର ମାଧ୍ୟମ ଯୋଗେ ତା'ର ଆକଳନ ଅସମ୍ଭବ । କିନ୍ତୁ ଆକାଶକୁ ମାପି ନପାରିଲେ ମଧ୍ୟ ମହାଶୂନ୍ୟକୁ ଦୃଷ୍ଟିପାତ କଲେ ତା'ର ଅସୀମତାର ଧାରଣା କରିହୁଏ । ସେହି ରୀତିରେ, ମାତୃବିଭୂତି ପ୍ରତି ଆସ୍ଥାଶୀଳ ହୋଇ ତାଙ୍କ ପ୍ରତି ଉନ୍ମୁଖ ହେଲେ ସେ ଅଭୂତପୂର୍ବ ତପସ୍ୟାର ଉଣାଧିକ ଉତ୍ତାପ ଅନୁଭବ କରିହୁଏ । ଯେଉଁ ଅନୁଭୂତିକୁ ଅନ୍ୟକୌଣସି ଉପଯୁକ୍ତ ଶବ୍ଦ ଅଭାବରୁ ଏ ଲେଖକ ଉତ୍ତାପ ବୋଲି କହୁଛି, ତାହା ସୌମ୍ୟ ଉତ୍ତାପ; ବିନା ପ୍ରଦାହରେ ତାହା ଆମର ଶୀତଳ ଚେତନାରେ ସଞ୍ଚାର କରେ ସଞ୍ଜୀବନୀର ଉଷ୍ମତା ।

ସ୍ଥୂଳ ଜୀବନରେ ମଧ୍ୟ ଶ୍ରୀମାଙ୍କର ପ୍ରତି ପଦକ୍ଷେପ ଥିଲା ସାଙ୍କେତିକ । ତାଙ୍କର ସମସ୍ତ କର୍ମ ପଶ୍ଚାତରେ ପ୍ରଚ୍ଛନ୍ନ ଥିଲା ଅତିଭୌତିକ ହେତୁ । ଆଧ୍ୟାତ୍ମିକ ଅନ୍ତର୍ଦୃଷ୍ଟି ବିନା ତାହାର ତାତ୍ପର୍ଯ୍ୟ ବୁଝି ହେବ ନାହିଁ । କିନ୍ତୁ ଭକ୍ତିସିକ୍ତ ମନ ତା'ର ଆଭାସ ଲାଭ କରିବାରୁ ବଞ୍ଚିତ ହୁଏ ନାହିଁ ।

ଶ୍ରୀମାଙ୍କ ସ୍ଥୂଳ ଜୀବନର ପ୍ରାସଙ୍ଗିକ ଇତିବୃତ୍ତ ଏହିପରି : ୧୮୭୮ ମସିହା ଫେବ୍ରୁଆରୀ ୨୧ ତାରିଖରେ ପ୍ୟାରିସ ନଗରୀରେ ସେ ହୋଇଥିଲେ ଭୂମିଷ୍ଠ । ତହିଁର ମାତ୍ର ବର୍ଷକ ପୂର୍ବରୁ ତାଙ୍କ ପିତାମାତା ମରିସ୍ ଆଲ୍‌ଫାସା ଏବଂ ମାତିଲ୍‌ଦେ ଆଲ୍‌ଫାସା ଇଜିପ୍ଟ୍‌ରୁ ଆସି ଫରାସୀ ମାଟିରେ ବସବାସ ଆରମ୍ଭ କରିଥିଲେ ।

ଶ୍ରୀମାଙ୍କ ଜନନୀ ମାଡାମ୍ ଆଲ୍‌ଫାସା ଇଜିପ୍ଟ୍‌ର ପ୍ରଖ୍ୟାତ ତଥା ସୁପ୍ରାଚୀନ ସମ୍ରାଟ ବା ଫାରୋ (Pharaoh)ମାନଙ୍କ ବଂଶଧର ।

ଶୈଶବାବସ୍ଥାରେ ମୀରା ନାମରେ ପରିଚିତ ଶ୍ରୀମା କିପରି ଦୀର୍ଘ ସମୟ ଧ୍ୟାନାବିଷ୍ଟ ହୋଇ ରହୁଥିଲେ, ତାଙ୍କ ପରାଦୃଷ୍ଟିରେ କିପରି ଜଣକ ପରେ ଜଣେ ଅଧ୍ୟାତ୍ମ ପୁରୁଷଙ୍କୁ ଦେଖୁଥିଲେ, ସେମାନଙ୍କ ଭିତରେ ସର୍ବାଧିକ ଅନ୍ତରଙ୍ଗ ଜଣଙ୍କୁ ଶବ୍ଦଟିର ତାତ୍ପର୍ଯ୍ୟ ନବୁଝି ମଧ୍ୟ ସ୍ୱତଃସ୍ଫୂର୍ତ୍ତ ଭାବରେ 'କୃଷ୍ଣ' ବୋଲି ନିଜେ ଅଭିହିତ କରୁଥିଲେ, ତାରୁଣ୍ୟରେ ଚିତ୍ରକଳାରେ ଅସାଧାରଣ ବ୍ୟୁତ୍ପତ୍ତି ଲାଭ, ଅତୀନ୍ଦ୍ରିୟ ବିଜ୍ଞାନରେ ବିପୁଳ ସାଫଲ୍ୟ – ଏସବୁର ବିବରଣୀ ଆଗ୍ରହୀମାନଙ୍କୁ ବିଦିତ । ଶ୍ରୀମାଙ୍କ ସହ ବହୁବିଧ ଆଦାନପ୍ରଦାନ ଭିତରେ, ପ୍ରଶ୍ନୋତ୍ତର ଅବସରରେ, ସେ ଆମକୁ କହିଛନ୍ତି : ''ଏ ଶରୀରର ସ୍ଥୂଳ ସ୍ଥିତି-ଭିତ୍ତିକ ବିଶେଷ ବିବରଣୀ ସଂପର୍କରେ ପ୍ରଶ୍ନ କର ନାହିଁ ।... ଏ ଜୀବନବ୍ୟାପୀ, ଜ୍ଞାତସାରରେ ହେଉ ବା ଅଜ୍ଞାତ ସାରରେ, ଭଗବାନ୍ ଯାହା ଚାହିଁଛନ୍ତି, ମୁଁ ତାହାହିଁ ହୋଇଛି, ଭଗବାନ୍ ଯାହା ଚାହିଁଛନ୍ତି, ମୁଁ ତାହାହିଁ କରିଛି । ସେତିକହିଁ ଅର୍ଥପୂର୍ଣ୍ଣ ।''[୧]

କିନ୍ତୁ ଥରେ ଥରେ ତାଙ୍କ ସ୍ମୃତିରେ ଉଦ୍‌ଭାସିତ ହେଉଥିଲା ସେ ବହୁ ଅତୀତରେ ଛାଡ଼ି ଆସିଥିବା ନିଜ ପୂର୍ବ-ଜନ୍ମସବୁର ଚିତ୍ର । ହଜାର ହଜାର ବର୍ଷ ତଳର ଦୃଶ୍ୟସବୁ ହୋଇଉଠୁଥିଲେ ପୁନରୁଜ୍ଜୀବିତ ।

ଥରେ ୧୯୫୬ ମସିହାରେ, ସେମିତି ଏକ ଦୃଶ୍ୟ ସେ ବର୍ଣ୍ଣନା କରିଥିଲେ ତାଙ୍କ ସ୍ନେହଧନ୍ୟ ସନ୍ତାନବର୍ଗଙ୍କ ସମ୍ମୁଖରେ । ସ୍ଥାନ – ଇଜିପ୍ଟ୍ । ଏକ ବିରାଟ ପ୍ରାସାଦ ଭିତରେ ଅର୍ଦ୍ଧନଗ୍ନ ଶିଶୁଟିଏ ଗୋଟିଏ ଆବର୍ଜନାବାହୀ ନାଳ ପାଖରେ ଖେଳୁଥିବାର ସେ ଦେଖିଲେ । ପିଲାଟିର ଶିକ୍ଷକ ଉପରେ ସେ ବିରକ୍ତ ହୁଅନ୍ତେ ସେ କୈଫିୟତ୍ ଦେଲେ, 'କିନ୍ତୁ ଆମେନ୍‌ହୋଟେପ୍‌ଙ୍କୁ ତ ଏଇଟା ଭଲଲାଗେ !'

ଶ୍ରୀମା'ଙ୍କର ମନେପଡ଼ିଗଲା । ସେ କହିଲେ, ''ସେ ପିଲାଟି ଆମେନ୍‌ହୋଟେପ୍ ବୋଲି ବୁଝିଲି ।... ଏବଂ ଏହା ମଧ୍ୟ ଜାଣିଲି ଯେ ମୁଁ ଥିଲି ତା'ର ମାଆ ।''[୨]

ଇଜିପ୍ଟର ବିସ୍ମୃତ ଇତିହାସରେ ଅଷ୍ଟାଦଶ ସମ୍ରାଟ ବଂଶରେ ଥିଲେ ଚାରିଜଣ ଆମେନ୍‌ହୋଟେପ୍ । ଏ ଲେଖକର ବିଶ୍ୱାସ (ଅନ୍ୟାନ୍ୟ ପ୍ରାସଙ୍ଗିକ ବିବରଣୀକୁ ବିଚାରକୁ ନେଇ), ଶ୍ରୀମା ଖ୍ରୀଷ୍ଟପୂର୍ବ ପଞ୍ଚଦଶ ଶତାବ୍ଦୀରେ ରାଜୁତି କରିଥିବା ଦ୍ୱିତୀୟ ଆମେନ୍‌ହୋଟେପ୍‌ଙ୍କୁ ବୁଝାଇଛନ୍ତି । ବିଶ୍ୱ-ଇତିହାସରେ ପ୍ରଥମ ନାରୀ-ଶାସିକା ସାମ୍ରାଜ୍ଞୀ ହୁସେପ୍‌ସୁଟ ଥିଲେ ତାଙ୍କ ଜନନୀ ।

ଶ୍ରୀମାଙ୍କର ସ୍ୱନାମଧନ୍ୟ ଜୀବନୀକାର ଡ: ଶ୍ରୀନିବାସ ଆୟେଙ୍ଗାର ଲେଖିଛନ୍ତି : ଇତିହାସର ଦିଗ୍‌ବଳୟରେ କେତେ ଅତୀତ – ସୁଦୂର ଅତୀତପର୍ଯ୍ୟନ୍ତ ବିସ୍ତାରିତ ଥିଲା ଶ୍ରୀମାଙ୍କ ଚେତନା, ସେହି କଥାଟିହିଁ ଏଠାରେ ତାତ୍ପର୍ଯ୍ୟପୂର୍ଣ୍ଣ । ସୁପ୍ରାଚୀନ କାଲ୍‌ଡିଆନ୍, ଫୋଣେସିଆନ୍, ଇଜିପ୍‌ସିଆନ୍, ଆର୍ଯ୍ୟ, ୟୁରୋପୀୟ – ସବୁ ଥିଲା ସେଇ ସ୍ମୃତିର ଅନ୍ତର୍ଭୁକ୍ତ । କୌଣସି ନିର୍ଦ୍ଦିଷ୍ଟ ଭୂଖଣ୍ଡରେ ସୀମିତ ନୁହେଁ ତାଙ୍କ ମହାପ୍ରାଣ ।[୩]

ଶ୍ରୀମାଙ୍କର ଉପରୋକ୍ତ ସ୍ମୃତିଚାରଣ ଅଧିକ ଭାସ୍ୱର ହୋଇଉଠେ ୧୯୭୨ ମସିହାର ମାର୍ଚ୍ଚ ୧୪ ତାରିଖରେ ତାଙ୍କ ବାର୍ତ୍ତାର ପଟ୍ଟଭୂମିରେ : ''ଏ ଧରିତ୍ରୀର ପ୍ରାରମ୍ଭରୁ ଯେଉଁଠାରେ ଏବଂ ଯେତେବେଳେ ଚେତନାର ସାମାନ୍ୟ ରଶ୍ମିରେଖାଟିଏ ପ୍ରକଟିତ କରିବାର ସମ୍ଭାବନା ଥିଲା, ସେତେବେଳେହିଁ ମୁଁ ଥିଲି ବିଦ୍ୟମାନ ।''[୪]

ଶ୍ରୀମାଙ୍କ ସ୍ଥାୟୀ ଆଗମନ ପୂର୍ବରୁ ଆଶ୍ରମ ନଥିଲା । କେତେଜଣ ଏକାନ୍ତ ବିଶ୍ୱସ୍ତ ଓ ଅନୁରକ୍ତ ସେବକଙ୍କ ଗହଣରେ ଶ୍ରୀଅରବିନ୍ଦ ଥିଲେ ଯୋଗମଗ୍ନ । ସେ ସେବକମାନେ ଥିଲେ ଅତ୍ୟନ୍ତ ଭଦ୍ର, ବିବେକୀ ତଥା ବୁଦ୍ଧିଦୀପ୍ତ । କିନ୍ତୁ ସେମାନଙ୍କ ସ୍ୱାଭିମାନ ଥିଲା ଖୁବ ଉଗ୍ର । ପରିବର୍ତ୍ତନଶୀଳ ପୃଥିବୀ ସଂପର୍କରେ ଯଥେଷ୍ଟ ଜ୍ଞାନ ଥିବାସତ୍ତ୍ୱେ ସଂସ୍କାରରେ ସେମାନେ ଥିଲେ ସ୍ୱାଭାବିକ ରକ୍ଷଣଶୀଳ । ଶ୍ରୀଅରବିନ୍ଦଙ୍କର ପ୍ରଥମ ପର୍ଯ୍ୟାୟର ଜୀବନୀକାର ପ୍ରମୁଖ ଶିଷ୍ୟ ଅମ୍ବାଭାଇ ପୁରାଣୀ ଲେଖିଛନ୍ତି : ''ଶ୍ରୀମାଙ୍କ ଆଗମନ ଆମ ନିବାସରେ ଗୋଟାଏ ଚାଞ୍ଚଲ୍ୟ ସୃଷ୍ଟି କଲା ।''(୫)

ବିଂଶ ଶତାବ୍ଦୀର ପ୍ରଥମ ଚଉଠରେ ସାମାଜିକ ଧାନ-ଧାରଣା, ମନସ୍ତାତ୍ତ୍ୱିକ ଅବସ୍ଥା ଇତ୍ୟାଦି ସବିଶେଷ ବିଚାରକୁ ନେଇ ଅବସ୍ଥାଟି ଅନୁଧ୍ୟାନ କଲେ ଆମେ ଅବଶ୍ୟ ସେଦିନର ସେ ଯୁବକମାନଙ୍କର ସଂକଟ କଥା ବୁଝିପାରିବା । ସେମାନଙ୍କଠାରୁ ବୁଦ୍ଧି, ଧୀଶକ୍ତି ଓ ଜ୍ଞାନରେ ଅମାପ ମାତ୍ରାରେ ଅଧିକ ଗରୀୟାନ, ଆଚରଣରେ ଅପୂର୍ବ ମାର୍ଜିତ, ସମ୍ଭ୍ରମ ଓ ଗାମ୍ଭୀର୍ଯ୍ୟ, ସହନଶୀଳତା ତଥା ସୌହାର୍ଦ୍ଦ୍ୟର ସଂହତିରେ ପ୍ରଜ୍ୱୋଳ ସେ ୟୁରୋପୀୟ ମହିଳାଙ୍କ ସହ ସ୍ୱାଭାବିକଭାବେ ଚଳପ୍ରଚଳ ହେବାର ଆବଶ୍ୟକତା ଭଳି ସମସ୍ୟା ସେମାନଙ୍କ ବେପରୁଆ ଜୀବନରେ ଥିଲା ସ୍ୱପ୍ନାତୀତ । କିନ୍ତୁ ସେମାନଙ୍କ ସ୍ମୃତିକଥାମାନଙ୍କରୁ ଆମେ ଯାହା ଜାଣିବାକୁ ପାଉ ସେଥିରେ ଆମେ ବିସ୍ମୟ ଓ ପୁଲକରେ ଅଭିଭୂତ ଅନୁଭବ କରୁ । ଶ୍ରୀମାଙ୍କ ଜନନୀସୁଲଭ ସ୍ନେହ ସୌହାର୍ଦ୍ଦ୍ୟ ସହ ନମ୍ରତା ସେମାନଙ୍କ ଅଜାଣତରେହିଁ ତାଙ୍କ ଆଗରେ ସେମାନଙ୍କୁ ଅବନତ ଓ ପ୍ରଣତ କରାଇଦେଲା ।

ସେତିକି ନୁହେଁ, ଶ୍ରୀମାହିଁ ସେମାନଙ୍କୁ ହୃଦ୍‌ବୋଧ କରାଇଦେଲେ – ଯେଉଁ ନିରାଭିମାନୀ ସରଳ ଅନ୍ତେବାସୀ ଶ୍ରୀଅରବିନ୍ଦଙ୍କୁ ସେମାନେ ନିଜର ସଖା ଓ ଦିଗ୍‌ଦର୍ଶକ ରୂପେ ଧରିନେଇଛନ୍ତି,– ସେ ସେତିକିଠାରୁ ବହୁତ – ବହୁତ – ଅଧିକ ମହୀୟାନ୍ ।

ଶ୍ରୀମାଙ୍କ ସେହି ଶ୍ରଦ୍ଧାମୟ ଉପସ୍ଥିତିର ପ୍ରଭାବରେହିଁ କ୍ରମେ ଅନୁଗତମାନଙ୍କ ସଂଖ୍ୟା ବୃଦ୍ଧି ହେବାକୁ ଲାଗିଲା । ଶ୍ରୀଅରବିନ୍ଦ ତାଙ୍କ ତପସ୍ୟାର ଦୁରଗମ୍ୟ ପର୍ବରେ ନିମଜ୍ଜିତ ରହି ୧୯୨୬ ମସିହା ୨୪ ନଭେମ୍ବରରୁ ଅନୁଗତମାନଙ୍କ ଦୃଷ୍ଟିର ଅନ୍ତରାଳକୁ ଚାଲିଯିବା ପରଠାରୁ ଏ ସମାବେଶ ଶ୍ରୀମାଙ୍କ କରୁଣାର ଆଲୋକରେ, ପ୍ରତି ପର୍ଯ୍ୟାୟରେ ତାଙ୍କ ସାଂଗଠନିକ ବ୍ୟବସ୍ଥା ଅନୁସାରେ ବିକଶିତ ହେବାକୁ ଲାଗିଲା । ଏହା ହେଲା ବିଧିବଦ୍ଧ ଆଶ୍ରମରେ ପରିଣତ । (୧୯୨୬ରେ ଅନ୍ତେବାସୀ ସଂଖ୍ୟା ଥିଲା ୨୫ ସରିକି ।)

କିନ୍ତୁ ଅନନ୍ୟ ହେଲା ଏ ଆଶ୍ରମର ଚରିତ୍ର । ଅନ୍ୟ କୌଣସି ମଠ ବା ଆଶ୍ରମ ନାମ ବହନ କରୁଥିବା ପ୍ରତିଷ୍ଠାନରେ ଯେଉଁମାନେ ଯୋଗଦାନ କରନ୍ତି, ସେମାନେ କେତେକ କଠୋର ବାହ୍ୟ ନିୟମ ପାଳନ କରିବା ନିମନ୍ତେ ମାନସିକଭାବେ ପ୍ରସ୍ତୁତ ହୋଇଆସିଥା'ନ୍ତି । ପୋଷାକ-ପରିଚ୍ଛଦ, ଖାଦ୍ୟପେୟ – ନିରୂପିତ ସମୟରେ ଗାତ୍ରୋତ୍ଥାନଠାରୁ ଆରମ୍ଭ କରି ଧ୍ୟାନ, ପ୍ରାର୍ଥନାର ଧରାବନ୍ଧା ସୂଚୀ ସେମାନଙ୍କୁ ଅନୁସରଣ କରିବାକୁ ପଡ଼େ ।

ଶ୍ରୀମାଙ୍କର ଆସ୍ଥା ଥିଲା, ଯେଉଁ ଅଭୀପ୍ସୁମାନେ ଶ୍ରୀଅରବିନ୍ଦ ଆଶ୍ରମର ଅନ୍ତେବାସୀ ହେବାକୁ ଚାହିଁବେ, ସେମାନେ ଏଭଳି ଏକ ବିରାଟ ଆଦର୍ଶ ପ୍ରତି ହୃଦୟରେ ଉନ୍ମୁଖତା ଓ ଅନୁରକ୍ତି ନେଇ ଆସିଥିବେ ଯେ ସେମାନଙ୍କ ଉପରେ ବହିଃଶୃଙ୍ଖଳା ଆରୋପ କରିବା ହେବ ବାହୁଲ୍ୟ । ସେମାନଙ୍କ ଆଭ୍ୟନ୍ତରୀଣ ପ୍ରସ୍ତୁତି ଆପଣାଛାଏଁ ସେମାନଙ୍କ ବହିଃସତ୍ତାର ଆଚରଣକୁ ନିୟନ୍ତ୍ରିତ କରିବ । ବିବର୍ତ୍ତନର ଆରମ୍ଭରୁ ଆଜି ପର୍ଯ୍ୟନ୍ତ ଯେଉଁ ଅଜ୍ଞାନ-ଅନ୍ଧକାର ଭିତରଦେଇ ଚେତନା ଗତିକରୁଛି, ସେଥିରୁ ଉତ୍ତୀର୍ଣ୍ଣ ହେବା ନିମନ୍ତେ କିଏ ବା ନଚାହେଁ ! କିନ୍ତୁ କୌଣସି ନୀତିଗତ ଆଦର୍ଶ, ଧାର୍ମିକତତ୍ତ୍ୱ ସଂଧାନୀ ମଣିଷର ସେ ଆଶା ପୂରଣ କରିପାରି ନାହିଁ । ଏକ ମହାଶକ୍ତି – ଅତିମାନସ – ଆମ ଚେତନାରେ ଅଭିଷିକ୍ତ ନହେବା ପର୍ଯ୍ୟନ୍ତ ସେ ଆଶା ପୂରଣ ହେବାର ସମ୍ଭାବନା ନାହିଁ । ଅନ୍ୟ ସବୁ ଯୋଗରେ ସାଧକମାନଙ୍କର ନିଜ ନିଜର ବ୍ୟକ୍ତିଗତ ଶକ୍ତି ଉପରେ ସେମାନଙ୍କ ସିଦ୍ଧି ନିର୍ଭର କରେ । ଶ୍ରୀଅରବିନ୍ଦଙ୍କ ଯୋଗର ଆଭିମୁଖ୍ୟ ଭିନ୍ନ; ସେ ଯୋଗ ପ୍ରତି ଉନ୍ମୁଖ ସାଧକମାନଙ୍କୁ ନେଇ ଗଠିତ ଆଶ୍ରମର ଚରିତ୍ର ଭିନ୍ନ । ଏଠାରେ ସାଧକମାନଙ୍କ ସିଦ୍ଧିର ମାତ୍ରା ଜଣେ କେତେ ପରିମାଣରେ ଶ୍ରୀମାଙ୍କ ପାଖରେ ସମର୍ପିତ, ତାହାରି ଉପରେ ନିର୍ଭରଶୀଳ । ଅବଶ୍ୟ ସମର୍ପଣ ସଙ୍ଗେ ସଙ୍ଗେ ସାଧକକୁ ମାତୃଦତ୍ତ ଆଧାତ୍ମିକ ଅନୁଭୂତି ମିଳୁଥିବ । କିନ୍ତୁ ଏ ଯୋଗର ଉଦ୍ଦେଶ୍ୟ ଯେ ଆଧାତ୍ମିକତାର ଇତିହାସରେ ନୂତନ, ସେବିଷୟରେ ସାଧକମାନେ ଅବହିତ ନରହିଲେ ମାନସିକ ଦ୍ୱନ୍ଦ୍ୱ ଓ ସନ୍ଦେହ ଅନିବାର୍ଯ୍ୟ ।

ବିବର୍ତ୍ତନରେ ଏକ ନୂତନ ଦିଗନ୍ତ ଉନ୍ମୋଚିତ ହେବ, ସେଥିପାଇଁ ପ୍ରସ୍ତୁତିର ଆହ୍ୱାନରେ ଅନୁପ୍ରାଣିତ ହୋଇ ବହୁ ଅଭୀପ୍ସୁ ଆଶ୍ରମରେ ଯୋଗଦାନ କରିଥିଲେ ସତ, କିନ୍ତୁ ଦ୍ୱିତୀୟ ମହାଯୁଦ୍ଧର ଆରମ୍ଭ ପରେ ପରେ ଅନେକ ଭକ୍ତ ସମ୍ଭାବ୍ୟ ବିପୁଳ ସଙ୍କଟରୁ ମୁକ୍ତି ପାଇବା ମାନସରେ ଶ୍ରୀଅରବିନ୍ଦ ଏବଂ ଶ୍ରୀମାଙ୍କ ଅଭୟ-ବଳୟ ଭିତରେ ରହିବା ନିମନ୍ତେ ଏଠାରେ ଆଶ୍ରୟ ଲୋଡ଼ିଲେ । ୧୯୪୫ ମସିହା ଫେବ୍ରୁଆରୀ ୨୫ ତାରିଖରେ ଶ୍ରୀଅରବିନ୍ଦ ଜଣେ ଶିଷ୍ୟ ପାଖକୁ ଲେଖିଥିଲେ, ''ଶ୍ରୀମା ଏବଂ ମୋ ପକ୍ଷରେ ଏ ଆଶ୍ରମ ବଜାୟ ରଖିବା ଅତ୍ୟନ୍ତ କଷ୍ଟକର ହୋଇଛି ।'' ଯୁଦ୍ଧ ସମୟରେ ଏକ ଦିଗରେ ଅତ୍ୟଧିକ ଦରଦାମ ବୃଦ୍ଧି, ଅନ୍ୟ ଦିଗରେ ଆଶ୍ରମର କୌଣସି ନିର୍ଦ୍ଦିଷ୍ଟ ଆୟ ପନ୍ଥାର ଅନୁପସ୍ଥିତି ଯୋଗୁଁ ସେଭଳି ସମସ୍ୟା ଉପୁଜିଥିଲା । ତେବେ ସେ ଏହା ମଧ୍ୟ ସେହି ଚିଠିରେ ଲେଖିଥିଲେ, ''ଏକ ଦିବ୍ୟଶକ୍ତି କାର୍ଯ୍ୟକାରୀ ହେଉ ନଥିଲେ ଏ ବ୍ୟାପକ ପ୍ରତିଷ୍ଠାନ ତିଷ୍ଠି ପାରନ୍ତା ନାହିଁ ।''[୬]

ଆଶ୍ରମରେ କାହିଁକି କେବଳମାତ୍ର ସୁନିର୍ବାଚିତ, ଯୋଗ୍ୟ ଲୋକଙ୍କୁ ଗ୍ରହଣ କରାଯାଉ ନାହିଁ, ସେଭଳି ପ୍ରଶ୍ନ ଅନେକଙ୍କ ମନରେ ଉଦୟ ହେବା ଥିଲା ସ୍ୱାଭାବିକ । ଶ୍ରୀଅରବିନ୍ଦ ବୁଝାଇ ଲେଖିଥିଲେ କି ଏ ଆଶ୍ରମ ଏକ ପରୀକ୍ଷାଗାର । ସମଗ୍ର ମାନବଜାତି ଉପରେ ଅତିମାନସ ଶକ୍ତି କାର୍ଯ୍ୟକାରୀ ହେବାର ଆବଶ୍ୟକତା ଦୃଷ୍ଟିରୁ ସବୁପ୍ରକାର ମଣିଷଙ୍କ ନମୁନାମାନ ଏଠାରେ ସମାବିଷ୍ଟ ।[୭]

ଭିନ୍ନ ଭିନ୍ନ ସଂସ୍କାର ଓ କୁସଂସ୍କାର, ଅପୂର୍ଣ୍ଣ ବିଶ୍ୱାସ ଏବଂ ଅଜ୍ଞାନର ନାନାଦି ବିଭୀଷିକା, ଉଚ୍ଚାକାଂକ୍ଷା ସମେତ ସର୍ବୋପରି ଅହଂର ନାନାଦି ବିଚିତ୍ର ପରିପ୍ରକାଶ କେତେ ସାଧକଙ୍କୁ ବାରଂବାର କକ୍ଷଚ୍ୟୁତ କରିଛି । ସୀମାହୀନ ଧୈର୍ଯ୍ୟ ସହକାରେ ଶ୍ରୀଅରବିନ୍ଦ ଏବଂ ଶ୍ରୀମା ସେମାନଙ୍କୁ ସହାୟତା ଏବଂ ଆଶିଷ-ଶକ୍ତି ଦେଇ ସୁଧାରିବାର ପ୍ରୟାସ କରିଛନ୍ତି ।

ଶ୍ରୀଅରବିନ୍ଦ ଏକ ପତ୍ରରେ ଦର୍ଶାଇଥିଲେ ଅନେକଙ୍କ ଭିତରେ ପରସ୍ପର-ବିରୋଧିଗୁଣ ଏକତ୍ର ରହିଥା'ନ୍ତି । ପ୍ରଥମେ ଶ୍ରୀଅରବିନ୍ଦଙ୍କ ମହାନ୍ ଆଦର୍ଶ ଦ୍ୱାରା ଅନୁପ୍ରାଣିତ ହୋଇ ଏବଂ ଶ୍ରୀମାଙ୍କ ଦିବ୍ୟ-ଆକର୍ଷଣରେ ଆକୃଷ୍ଟ ହୋଇ ଆଶ୍ରମରେ ଅନେକେ ଯୋଗଦିଅନ୍ତି । କିନ୍ତୁ କିଛିଦିନ ପରେ ପୁରୁଣା ସଂସ୍କାର ଏବଂ ଅହଂ ସେ ଆଦର୍ଶକୁ ଚାପିଦିଏ କିଂବା ତା'ର ଭୁଲ୍ ଅଥବା ଏକଦେଶଦର୍ଶୀ ବ୍ୟାଖ୍ୟା କରେ । କେହି କେହି ଭ୍ରାନ୍ତ ସାଧକ ଅନ୍ତେବାସୀଙ୍କୁ ନେଇ ଗୋଷ୍ଠୀ ବନାଇ ନିଜେ କୁନି ଗୁରୁଟିଏ ଭଳି ଆଚରଣ କରେ । ଶ୍ରୀଅରବିନ୍ଦଙ୍କୁ ଏମନ୍ତ ଚେତାବନୀ ଦେବାକୁ ପଡ଼ିଥିଲା :

''ତୁମେ ଆହୁରି ବୁଝିବା ଉଚିତ ଯେ ଏଠାରେ ଗୋଟାଏ ମାତ୍ର ମହାଶକ୍ତି କାର୍ଯ୍ୟରତ ଏବଂ ତୁମର କିଂବା ଆଉ କାହାର ଗୁରୁତ୍ୱ ନାହିଁ । ପ୍ରତ୍ୟେକେ ନିଜ ଭିତରେ ସେହି ମହାଶକ୍ତିର କାର୍ଯ୍ୟକାରିତା ପ୍ରତି ଉନ୍ମୁଖ ହେବା ଚାହି । କିଛି ସାଧକଙ୍କୁ ନେଇ ଗୋଷ୍ଠୀ ବନାଇ କେହି ଜଣେ ନେତୃତ୍ୱ ନେବାର ଅଥବା ସେ ମହାଶକ୍ତି ଏବଂ ସାଧକମାନଙ୍କ ମଝିରେ ହସ୍ତକ୍ଷେପ କରିବାର ପ୍ରୟାସ ନହେଉ ।''[୮]

ସାଧନା ସକାଶେ ଉନ୍ମୁଖ କୌଣସି ଭାବୀ ସାଧକଙ୍କୁ କୌଣସି ଆଧ୍ୟାତ୍ମିକ ଗୁରୁଙ୍କ ପ୍ରେରଣାରେ ପ୍ରତିଷ୍ଠିତ ଯେଉଁ ପ୍ରତିଷ୍ଠାନ ଆଶ୍ରୟ ଦିଏ, ତାହା ଆଶ୍ରମ । ଏ ପରିପ୍ରେକ୍ଷୀରେ ଆଶ୍ରମ ବୋଇଲେ ସାଧକର ସର୍ବନିମ୍ନ ଆବଶ୍ୟକତା – ବାସସ୍ଥାନ, ଆହାର, ପରିଧେୟର ସ୍ଥୂଳ ବ୍ୟବସ୍ଥା ସଙ୍ଗେ ସଙ୍ଗେ ଗୁରୁ ପ୍ରବର୍ତ୍ତିତ ନୀତିରେ ଏକନିଷ୍ଠ ରହିବାର ସୁଯୋଗ । ଶ୍ରୀମାଙ୍କ ବ୍ୟବସ୍ଥା ଏପରି, ଜଣେ ନିଜ ଜୀବନ ଧାରଣ ସକାଶେ ପ୍ରୟୋଜନୀୟ ବସ୍ତୁର ଆୟୋଜନରେ କାଳକ୍ଷେପଣ ନକରି ଦିବ୍ୟଶକ୍ତିର ସେବାରୂପେ ତା' ପାଇଁ ଉଦ୍ଦିଷ୍ଟ କର୍ମରେ ଆତ୍ମନିୟୋଗ କରିବ । କିନ୍ତୁ ମଣିଷର ଗତାନୁଗତିକ ପ୍ରବୃତ୍ତି ନିଜକୁ ମିଳୁଥିବା ସୁଯୋଗ ଅନୁପାତରେ ନିଜ ବିକାଶରେ ଏକନିଷ୍ଠ ନରହି ଅନ୍ୟର ତ୍ରୁଟି ଦର୍ଶାଇ ସନ୍ତୋଷ ଲାଭକରେ । ଶ୍ରୀମାଙ୍କୁ ଲେଖିବାକୁ ପଡ଼ିଲା, ''ଅନ୍ୟଠାରେ, ଅଥବା ପରିସ୍ଥିତିରେ କିଛି ଭୁଲ୍ ରହିଛି ବୋଲି ସିଦ୍ଧାନ୍ତ କରିବା ପୂର୍ବରୁ ତୁମ ବିଚାର ଠିକ୍ ବୋଲି ତୁମେ ନିଜେ ସମ୍ପୂର୍ଣ୍ଣ ନିଶ୍ଚିତ ହେବା ଚାହି । ଏବଂ ଯେପର୍ଯ୍ୟନ୍ତ ଜଣେ ଅଜ୍ଞାନ ଓ ମିଥ୍ୟାମୟ ମାମୁଲି ଚେତନାରେ ଥିବ, ସେପର୍ଯ୍ୟନ୍ତ ତା'ର କେଉଁ ବିଚାର ବା ନିର୍ଭୁଲ ହେବ ?

''ଏକମାତ୍ର ସତ୍ୟ ଚେତନାହିଁ ବିଚାର କରିପାରେ । ଅତଏବ ସବୁ ପରିସ୍ଥିତିରେ ବିଚାର ଦାୟିତ୍ୱ ଭଗବାନଙ୍କ ଉପରେ ଛାଡ଼ିଦେବା ଉତ୍ତମ ।''[୯]

କିନ୍ତୁ ହାୟ, ଆଜି ଭଳି ୧୯୫୭ରେ ମଧ୍ୟ ଆମ ଭଳି ସାଧକମାନେ ନିଜ ନିଜର ଅହଂଚାଳିତ ଦୁଷ୍ଟ ଅଭ୍ୟାସ ଛାଡ଼ି ପାରି ନଥିଲେ । ଶ୍ରୀମାଙ୍କୁ କହିବାକୁ ପଡ଼ିଲା :

''ମୁଁ ଆଉ ବାରଂବାର ଏକଥାର ପୁନରାବୃତ୍ତି

କରିପାରିବି ନାହିଁ – ଅନ୍ୟମାନେ କ'ଣ କରୁଛନ୍ତି, ସେକଥା ଉପରେ ତୁମ୍ଭେମାନେ ମୁଣ୍ଡ ଖେଳାଅ ନାହିଁ । ଅନ୍ୟକୁ ବିଚାର କର ନାହିଁ, ସମାଲୋଚନା କର ନାହିଁ, (ଅନ୍ୟ ସହ ନିଜକୁ) ତୁଳନା କର ନାହିଁ । ସେସବୁ ତୁମ କାମ ନୁହେଁ ।''(୧୦)

ଆଶ୍ରମ ଗତାନୁଗତିକ ସାମାଜିକ ପ୍ରତିଷ୍ଠାନ ନୁହେଁ । ଏଠାକୁ ଜଣେ ଆସେ ନିଜ ଅଧିକାର ସାବ୍ୟସ୍ତ କରିବାକୁ ନୁହେଁ – ବରଂ ବିପରୀତ ପ୍ରୟାସ କରିବାକୁ – ଅଧିକାରବୋଧ ଦିବ୍ୟଶକ୍ତି ପାଖରେ ସମର୍ପଣ କରିବାକୁ ଅଥବା ତାହାକୁ ନିର୍ମୂଳ କରିବାକୁ । ଆଶ୍ରମ ସାମାଜିକ ଅର୍ଥରେ ସୁଖମୟ ଜୀବନଯାପନ ସକାଶେ କାହାକୁ ନିମନ୍ତ୍ରଣ କରିଆଣେ ନାହିଁ । ସାଧନାରେ ବାଧାବିଘ୍ନ, ଅହଂ ଉପରେ ଆଘାତ ଅନିବାର୍ଯ୍ୟ । କାରଣ ସେହିସବୁକୁ ସାମନା କରିବା ଦ୍ୱାରାହିଁ ଆମର ଆଧ୍ୟାତ୍ମିକ ପ୍ରଗତି ସମ୍ଭବପର । କିନ୍ତୁ ଏ ମୌଳିକ ସତ୍ୟ ପାସୋରିଦେଇ, ଅନ୍ୟମାନେ ଆରାମରେ ଅଛନ୍ତି ବୋଲି ଧରିନେଇ କେହି କେହି ହତାଶା ଅନୁଭବ କରନ୍ତି । ଶ୍ରୀମାଙ୍କୁ କହିବାକୁ ପଡ଼ିଛି : ''ଯେଉଁମାନଙ୍କ ପାଇଁ ଏଠାରେ ଜୀବନ ଦୁର୍ବିଷହ ମନେହୁଏ, ଏବଂ ଯେଉଁମାନେ ଏଠାରେ ନିଜ ଅଭିଳଷିତ ଆରାମ ପାଆନ୍ତି ନାହିଁ, ସେମାନେ ଏଠାରେ ନରହିବା ଉଚିତ ।... ଆରାମପ୍ରଦ ଜୀବନର ବ୍ୟବସ୍ଥା ଆମର ଆଭିମୁଖ୍ୟ ନୁହେଁ, ଦିବ୍ୟଜୀବନ ପାଇଁ ପ୍ରସ୍ତୁତିହିଁ ଲକ୍ଷ୍ୟ – ଯାହା ଏକ ଭିନ୍ନ ବ୍ୟାପାର ।''(୧୧) (People who feel miserable here and find that they have not the comfort they require ought not to stay... after all our aim is not to give to people a comfortable life, but to prepare them for the Divine Life which is quite a different matter.)

ଶ୍ରୀମା ଆହୁରି ମଧ୍ୟ ସାଧକମାନଙ୍କୁ ସ୍ମରଣ କରାଇ ଦେଲେ, ''ଏଠାରେ ଆମ ପାଇଁ ମାତ୍ର ଗୋଟାଏ କଥା ଗୁରୁତ୍ୱପୂର୍ଣ୍ଣ । ଆମେ ଭଗବାନଙ୍କ ପାଇଁ ଅଭୀପ୍ସା ପୋଷଣ କରୁ । ଭଗବାନଙ୍କ ପାଇଁ ଜୀବନଧାରଣ କରୁ, ତାଙ୍କ ପାଇଁ କାର୍ଯ୍ୟ କରୁ ।''(୧୨)

ଆଶ୍ରମର ଅନ୍ତେବାସୀମାନଙ୍କର ଶତ ଦୁର୍ବଳତା, ଅବାଧ୍ୟତା, ଅକୃତଜ୍ଞତା ଏବଂ ଆଶ୍ରମ-ବିରୋଧୀ କାର୍ଯ୍ୟକଳାପ ସତ୍ତ୍ୱେ ଶ୍ରୀମା ଯେଉଁ ପ୍ରକାର କ୍ଷମାଚରଣ କରୁଥିଲେ, ସହନଶୀଳତାର ଯେଉଁ ଦୃଷ୍ଟାନ୍ତ ରଖୁଥିଲେ, ତାହା କୌଣସି ମାନୁଷୀ ଗୁରୁ ପକ୍ଷରେ ସମ୍ଭବପର ନୁହେଁ । ନଳିନୀକାନ୍ତ ଗୁପ୍ତଙ୍କ ଭାଷାରେ, ଶ୍ରୀମାଙ୍କ ବ୍ୟକ୍ତିତ୍ୱର ଥିଲା ଦୁଇ ଦିଗ, ଦୁଇ ବାହୁ- ଦିବ୍ୟ ଏବଂ ମାନବିକ !

ସେହି ଦୁଇ ବାହୁ ଯୋଗେ ସେ ସାଧକମାନଙ୍କୁ ନିଜ ନିଜ ଚେତନାର ବିଷଠାରୁ ରକ୍ଷା କରିଛନ୍ତି ।

ଆଜି, ସ୍ଥୂଳଭାବରେ ଦୃଶ୍ୟମାନ ନଥିବା ସତ୍ତ୍ୱେ ଶ୍ରୀମା ତାହାହିଁ କରି ଚାଲିଛନ୍ତି । ଆମ ଭଳି ଆଶ୍ରମବାସୀମାନଙ୍କୁ ଆମ ଗ୍ରହଣଶୀଳତା ଅନୁପାତରେ ଯଥାସମ୍ଭବ ସୁରକ୍ଷା ଦେବା ସଙ୍ଗେ ସଙ୍ଗେ ବିଶ୍ୱବ୍ୟାପୀ ସଂଖ୍ୟାରେ କ୍ରମାଗତଭାବେ ବୃଦ୍ଧିଲାଭ କରୁଥିବା ତାଙ୍କର ଅସଂଖ୍ୟ ସନ୍ତାନ ଏବଂ ଅନୁଗତମାନଙ୍କ ଚେତନାରେ ଦିବ୍ୟବିଭୂତିର ସ୍ପର୍ଶ ଦେଉଛନ୍ତି ।

ଆଶ୍ରମର ପ୍ରତିଟି ବିଭାଗ ତାଙ୍କରି ସୃଷ୍ଟି – ସବୁକୁ ସେ ଜୀବନ୍ୟାସ ଦେଇଛନ୍ତି । ମାନବ-ଚେତନାରେ ଦିବ୍ୟଶକ୍ତିର ପ୍ରଭାବକୁ ଆହୁରି ବ୍ୟାପକତର କରିବାର ପରୀକ୍ଷା ରୂପେ ଆଶ୍ରମ ପରେ ସେ ଅରୋଭିଲ୍ ଭଳି ଦୁଃସାହସିକ ଆନ୍ତର୍ଜାତିକ ପରୀକ୍ଷା ଆରମ୍ଭ କରିଛନ୍ତି ।

ଅଜ୍ଞାନ ମଣିଷର ବିଚାରରେ କେଉଁ କାମ ବଡ଼ ତ କେଉଁ କାମ ଛୋଟ । ଆମର ସେ ମୂଢ଼ତା ଦୂରୀଭୂତ କରି ଭଗବତ୍-ସମର୍ପିତ ଯାବତୀୟ କର୍ମ କିପରି ଯୋଗରେ ପରିଣତ ହୋଇପାରେ, ସେ ସତ୍ୟ ସେ ଆମକୁ ବାରଂବାର ସ୍ମରଣ କରାଇ ଦେଇଛନ୍ତି ।

ଶ୍ରୀଅରବିନ୍ଦ ତାଙ୍କର ଏକ କାରିକାରେ ଦର୍ଶାଇ ଥିଲେ, ବଡ଼ ବଡ଼ ସନ୍ଥମାନେ ଚମତ୍କାର (miracle) ପ୍ରଦର୍ଶନ କରନ୍ତି; ଆହୁରି ବଡ଼ମାନେ ସେସବୁକୁ ତାଚ୍ଛଲ୍ୟ କରନ୍ତି; ସବୁଠୁଁ ବଡ଼ମାନେ ତାଚ୍ଛଲ୍ୟ ବି କରନ୍ତି ଏବଂ ସଙ୍ଗେ ସଙ୍ଗେ ଚମତ୍କାର ପ୍ରଦର୍ଶନ ମଧ୍ୟ କରନ୍ତି । ଅର୍ଥାତ୍ ଶେଷ ପର୍ଯ୍ୟାୟର ସନ୍ଥମାନେ ସମସ୍ତ ନୀତିନିୟମ, ଧାନଧାରଣାରୁ ପ୍ରମୁକ୍ତ; ସେସବୁର ଊର୍ଦ୍ଧ୍ୱରେ ସେମାନଙ୍କ ଚେତନାର ସ୍ଥିତି । ଶ୍ରୀମାଙ୍କ ଚମତ୍କାରିତା ସହସ୍ର ସନ୍ତାନ – ଆଶ୍ରମରେ, ଭାରତରେ ଏବଂ ବିଶ୍ୱର ବିଭିନ୍ନ ପ୍ରାନ୍ତରେ ତାଙ୍କ ପ୍ରତି ଉନ୍ମୁକ୍ତ ଅନୁଗତମାନେ ଅନୁଭବ କରିଛନ୍ତି । ସ୍ଥୂଳ ସ୍ତରରେ ମଧ୍ୟ କେହି କେହି ତା'ର ପ୍ରତ୍ୟକ୍ଷ ଦ୍ରଷ୍ଟା ।

ଡା : ପ୍ରମଥ କୁମାର ସାନ୍ୟାଲଙ୍କ ଦୃଷ୍ଟାନ୍ତ ନିଆଯାଉ । ଶ୍ରୀଅରବିନ୍ଦ ୧୯୫୦ ମସିହା ଡିସେମ୍ବର ୫ ତାରିଖ ପ୍ରତ୍ୟୁଷ ପୂର୍ବରୁ କଳେବର ତ୍ୟାଗ କଲେ । କିନ୍ତୁ ଦୀର୍ଘ ଚାରିଦିନ ଯାଏ ମୃତ୍ୟୁର କୌଣସି ଲକ୍ଷଣ ତାଙ୍କ ଶରୀରରେ ଦେଖାଦେଲା

ନାହିଁ — ନଅ ତାରିଖରେ ଯାଇ ତାଙ୍କୁ ସମାଧିସ୍ଥ କରାଗଲା, ଏକଥା ସମସ୍ତେ ଜାଣନ୍ତି । ସେହି ସମୟ ଭିତରେ ଥରେ ସେ ଦିବ୍ୟଶରୀର ପାଖରେ ଶ୍ରୀମା ଏବଂ ଡା: ସାନ୍ୟାଲ୍‌ଙ୍କ ବ୍ୟତୀତ ଆଉ କେହି ନଥିବା ଅବସରରେ ଡାକ୍ତର ମହାଶୟ ଶ୍ରୀମାଙ୍କୁ ପଚାରିଦେଲେ : ଗୁରୁଦେବଙ୍କ କଳେବର ସେମିତି ଦୀପ୍ତିମାନ୍ ରହିବାର ରହସ୍ୟ କ'ଣ ? ସାଧାରଣ ସତ୍ୟଟିଏ ଉଚ୍ଚାରଣ କଲାଭଳି ସ୍ୱରରେ ଶ୍ରୀମା ଜଣାଇଲେ କି ସେ କଳେବର ଯେଉଁ ଅତିମାନସ ଶକ୍ତି ଧାରଣ କରିରଖିଛି, ସେ ଆଲୋକ ସେ କଳେବରରୁ ଅପସାରିତ ନହେବା ପର୍ଯ୍ୟନ୍ତ ତହିଁ ଉପରେ ପ୍ରାକୃତିକ ନିୟମ କାର୍ଯ୍ୟକାରୀ ହୋଇପାରିବ ନାହିଁ ।

ସାହସଭରେ ଡାକ୍ତର ମହାଶୟ ପଚାରିଦେଲେ, ମା', ମୁଁ ସେ ଆଲୋକ ଥରେ ଦେଖି ପାରନ୍ତି ନାହିଁ ?

ଶ୍ରୀମା ସ୍ପର୍ଶ କଲେ ଡାକ୍ତର ମହାଶୟଙ୍କ ଶିରୋଦେଶ । ସେ ଭାଗ୍ୟବାନ୍ ସନ୍ତାନ ଦେଖିଲେ ସେ କଳେବରକୁ ଆଶ୍ଳେଷାବଦ୍ଧ କରି ରଖିଥିବା ଅପୂର୍ବ କନକ-ନୀଳଦ୍ୟୁତି; ଅତିମାନସ ଆଲୋକ ।

ଏହା ଶ୍ରୀମାଙ୍କ ସ୍ୱତଃସ୍ଫୂର୍ତ୍ତ କୃପାର ଏକ ଦୃଷ୍ଟାନ୍ତ । କିନ୍ତୁ ତାଙ୍କର ପ୍ରକୃତ ଚମତ୍କାର ଆମେ ସଭିଏଁ ଆମ ଚେତନାରେ ଅନୁଭବ କରିପାରିବୁ — ଏହାହିଁ ଥିଲା ତାଙ୍କର ପ୍ରତିଶ୍ରୁତି ଏବଂ ପ୍ରତ୍ୟାଶା ।

ପରିଶେଷରେ ଏ ଲେଖକ ଶ୍ରୀମାଙ୍କୁ ନିଜର ପ୍ରଥମ ଦର୍ଶନକାଳୀନ ଅଭିଜ୍ଞତାଟି ସ୍ମରଣ କରୁଛି । ଆଧାତ୍ମିକ ଦୃଷ୍ଟିରୁ ଏ ପର୍ଯ୍ୟାୟର ଅଭିଜ୍ଞତାର ବିବରଣୀ ପ୍ରଦାନ ଉଚିତ କି ଅନୁଚିତ, ସେସମ୍ପର୍କରେ ମନ ଆନ୍ଦୋଳିତ ହେବା ପୂର୍ବରୁ ଏହା କେତେକଙ୍କ ଆଗରେ ଅଭିବ୍ୟକ୍ତ କରିସାରିଥିଲି । ଅତଏବ ଲିପିବଦ୍ଧ କରୁଛି ।

ଅର୍ଦ୍ଧ ଶତାବ୍ଦୀରୁ ଏକ ବର୍ଷ ଅଧିକ କାଳ ତଳର କଥା । ସେ ଦିନଟି ୧୯୬୩ ମସିହାର ଫେବ୍ରୁଆରୀ ୨୧ ତାରିଖ । ବାତାବରଣ ନିସ୍ତବ୍ଧ । କେତେ ହଜାର ନରନାରୀ ଆଶ୍ରମ କୋଠାର ପୂର୍ବ ତ୍ରିତଳ ବାରନ୍ଦା (Terrace) ଉପରେ ଦୃଷ୍ଟି ନିବଦ୍ଧ ରଖି ଦଣ୍ଡାୟମାନ । ଏଡ଼େ ବଡ଼ ସମାବେଶଟିଏ ହୋଇଥିବ ଅଥଚ କ୍ଷୀଣତମ ଧ୍ୱନି ମଧ୍ୟ ଶୁଭୁ ନଥିବ — ଏହା ଅସ୍ୱାଭାବିକ ନିଶ୍ଚୟ, କିନ୍ତୁ ବଡ଼ ପ୍ରୀତିପ୍ରଦ ସେ ଅସ୍ୱାଭାବିକତା !

ସେ ପବିତ୍ର ନିସ୍ତବ୍ଧତା ଯେପରି ଆହୁରି ଘନୀଭୂତ ହୋଇ ଆସୁଥିଲା; ଶ୍ରୀମା ଆବିର୍ଭୂତ ହେବାର ମୁହୂର୍ତ୍ତ ଆସନ୍ନ । ଶହ ଶହ ଆଗନ୍ତୁକଙ୍କ ଛଡ଼ା ଆଶ୍ରମବାସୀମାନେ ମଧ୍ୟ ତାଙ୍କ ଦର୍ଶନ ପାଇଁ ଥିଲେ ଅଧୀର — ଯେହେତୁ ବର୍ଷାଧିକ କାଳ ତାଙ୍କ ଦୈନିକ ଦର୍ଶନରୁ ସଭିଏଁ ବଞ୍ଚିତ ଥିଲେ ।

ଏ ଲେଖକର ଊର୍ଦ୍ଧ୍ୱଦୃଷ୍ଟି ମଧ୍ୟ ସେ ଆକାଂକ୍ଷିତ ପରିସରରେ ଥିଲା ନିବଦ୍ଧ । ତେବେ, କେତେବେଳେ ଟିକିଏ ଅନ୍ୟମନସ୍କ ହୋଇ ପଡ଼ିଥିଲି । ହଠାତ୍ ଚେତି ଉଠିଲି : ସତେ ଯେପରି ମୋ ଦୃଷ୍ଟି ଆଗରେ ଅବତରଣ କରିଛି ଏକ ଅସମ୍ଭବ ଦୃଶ୍ୟ ! ମୁଁ କ'ଣ ତନ୍ଦ୍ରାଚ୍ଛନ୍ନଭାବେ ବିସ୍ମୟକର ଏବଂ ଅବାସ୍ତବ ସ୍ୱପ୍ନଟିଏ ଦେଖୁଛି ? କିନ୍ତୁ ନିଜ ଉପରେ ମୋ ସନ୍ଦେହ ହେଲା ଅବିଳମ୍ବେ ଦୂରୀଭୂତ !

ମୁଁ ଦେଖୁଛି ଶ୍ରୀମାଙ୍କୁ — ଅନ୍ତତଃ ଏ ଜୀବନରେ ପ୍ରଥମ ଥର ପାଇଁ !

କିନ୍ତୁ ପୂର୍ବରୁ ଆଲୋକଚିତ୍ର ଏବଂ ଛାୟାଚିତ୍ର ମାଧ୍ୟମରେ ଯେଉଁ ମୁଖମଣ୍ଡଳ ସହ ମୋର ପରିଚୟ ଥିଲା, ଏହା କ'ଣ ସେହିସବୁ ଚିତ୍ରର ଆଧାର ? ଅସମ୍ଭବ ! ସେ ମୁହୂର୍ତ୍ତରେ ମୁଁ ଯାହା ଦେଖୁଥିଲି, ତାହା କୌଣସି ମଣିଷର ମୁହଁ ହୋଇ ପାରେନା । ତାହା ଅତୀନ୍ଦ୍ରିୟ, ସ୍ୱର୍ଗାଦପି ସ୍ୱର୍ଗାଗତ ଏକ ଅଲୌକିକ ସୌନ୍ଦର୍ଯ୍ୟର ନିର୍ଯାସ । ଇନ୍ଦ୍ରଧନୁର ବର୍ଣ୍ଣ-ବୈଚିତ୍ର୍ୟ ସହ ଦୂର ଦିଗନ୍ତର ସୂର୍ଯ୍ୟାସ୍ତକାଳୀନ ପ୍ରଶାନ୍ତ ଆଭାର ଅବିଶ୍ୱାସ୍ୟ ସମାହାର, ମୋ କଳ୍ପନାର ସମସ୍ତ ଦେବୀଙ୍କର ମାଧୁର୍ଯ୍ୟର ଏକତ୍ର ଏବଂ ଏକାନ୍ତ ପ୍ରତିଫଳନ ତାହା । ଅବିଶ୍ୱାସ୍ୟ, ଅବର୍ଣ୍ଣନୀୟ ।

ଗୋଟାଏ ପାର୍ଥିବ ମୁଖମଣ୍ଡଳ ଏତେ ସୌନ୍ଦର୍ଯ୍ୟ ଧରି ରଖିପାରେ, ସ୍ୱଚକ୍ଷୁରେ ସନ୍ଦର୍ଶନ କରି ନଥିଲେ ମୁଁ କଳ୍ପନା କରିପାରି ନଥା'ନ୍ତି ।

ସ୍ମିତ ହସଟିଏ ଖେଳାଇ ଶ୍ରୀମା ଅପସରି ଗଲେ । କିଛି ସମୟ ପର୍ଯ୍ୟନ୍ତ ମୋ ନିଜ ଅଭିଜ୍ଞତା ମୋତେ ଅବିଶ୍ୱାସ୍ୟ ମନେ ହୋଇଥିଲା ।

ଏ ଅଭିଜ୍ଞତାହିଁ ମୋ ଭିତରେ ଆଣି ଦେଇଥିଲା ଏହି ଅଟଳ ପ୍ରତ୍ୟୟ : ତାଙ୍କ ପଦ ପ୍ରାନ୍ତରେ ସ୍ଥାନ ପାଇବାହିଁ ହେବ ଏ ଜୀବନର ପରମ ସାର୍ଥକତା ।

ପରେ ବୁଝିଲି, ମୁଁ ଯାହା ଦେଖିଲି ତାହା ଶ୍ରୀମାଙ୍କ ମହାଲକ୍ଷ୍ମୀ ବିଭବ-ବିକିରିତ ଅନବଦ୍ୟ ସ୍ୱର୍ଗ-ସୌନ୍ଦର୍ଯ୍ୟର ଏକ ଝଲକ । ସେ ଦୃଶ୍ୟର ପୁନରାବୃତ୍ତି ହୋଇ ନାହିଁ । କିନ୍ତୁ କ୍ରମେ ଜାଣିଲି, ତାଙ୍କର ଆହୁରି କେତେ ସନ୍ତାନ ସେହି ସ୍ନିଗ୍ଧ ବିକିରଣର ଅଭିଜ୍ଞତା ଅର୍ଜିଛନ୍ତି — କାହାକୁ ବା ମିଳିଛି ମାହେଶ୍ୱରୀ-ରୂପୀ ଶ୍ରୀମାଙ୍କର ପ୍ରଜ୍ଞା-ସ୍ପର୍ଶ, କାହାକୁ ବା ମିଳିଛି ମହାକାଳୀରୂପୀ

ଶ୍ରୀମାଙ୍କର ଶକ୍ତି-ସ୍ପର୍ଶ, କାହାକୁ ବା ମିଳିଛି ମହାସରସ୍ୱତୀରୂପୀ ଶ୍ରୀମାଙ୍କର ପ୍ରେରଣାସ୍ପର୍ଶ ।

ଯୋଗେଶ୍ୱର ଶ୍ରୀଅରବିନ୍ଦଙ୍କ ସହ ଦିବ୍ୟଜନନୀ ଶ୍ରୀମାଙ୍କ ସାକ୍ଷାତ୍ ଆଧ୍ୟାତ୍ମିକତାର ଇତିହାସରେ ତଥା ବିବର୍ତ୍ତନର ପ୍ରଚ୍ଛନ୍ନ ଇତିହାସରେ ଏକ ଦେଦୀପ୍ୟମାନ ମୁହୂର୍ତ୍ତ ।

ସେହି ସାକ୍ଷାତର ଆଶୀର୍ବାଦରୁ ସମ୍ଭବପର ହୋଇଛି ଆମର ଏ ଆଶ୍ରମ, ସେହି ସାକ୍ଷାତର ଫଳ ଆମ ଭଳି ସହସ୍ର ନରନାରୀଙ୍କ ଚେତନାରେ ଶୁଭଙ୍କର ବିପ୍ଳବ, ମାନବର ଭବିଷ୍ୟତ୍ ଉପରେ ବିଶ୍ୱାସ – ବିଶ୍ୱବ୍ୟାପୀ ବହୁ ହତାଶାବ୍ୟଞ୍ଜକ ଘଟଣା ସତ୍ତ୍ୱେ । ସେହି ସାକ୍ଷାତ୍ ଯୋଗୁଁ ଆମ ଜୀବନରେ ଅନାସ୍ୱାଦିତ-ପୂର୍ବ ସାର୍ଥକତା ବୋଧର ଅଭ୍ୟୁଦୟ ।

ଶ୍ରୀମାଙ୍କ କହିବାନୁସାରେ, ଶ୍ରୀଅରବିନ୍ଦଙ୍କ ବିନା ତାଙ୍କ ଅସ୍ତିତ୍ୱହିଁ ନାହିଁ; ତାଙ୍କ ବିନା ଶ୍ରୀଅରବିନ୍ଦ ଅପ୍ରକଟିତ । (Without him, I exist not; without me he is unmanifest.)

୨୯ ମାର୍ଚ୍ଚ ୨୦୧୪ : ଆଜି ଆମ କୃତଜ୍ଞତା ବ୍ୟାପ୍ତ ହେଉ ଶହେ ବର୍ଷ ପଛକୁ – ଏବଂ ଅନାଗତ ଅମାପ ଶତାବ୍ଦୀ ଆଗକୁ । ✜

---

## ତଥ୍ୟ ନିର୍ଦ୍ଦେଶିକା


୧. ଟି. ଭି. କପାଳି ଶାସ୍ତ୍ରୀଙ୍କ Flame of White Lightରେ ଶ୍ରୀମାଙ୍କ ବାର୍ତ୍ତା (୨୨ ଜୁନ୍ ୧୯୫୮)
୨. Questions and Answers : ଶ୍ରୀମା (୧୯୫୬)
୩. ଡକ୍ଟର କେ. ଆର୍ ଶ୍ରୀନିବାସ ଆୟେଙ୍ଗାର : Sri Aurobindo : A Biography and History
୪. ଡକ୍ଟର କେ. ଆର୍ ଶ୍ରୀନିବାସ ଆୟେଙ୍ଗାର : On the Mother : The Chronicle of a Manifestation and Ministry
୫. ଏ. ବି. ପୁରାଣୀ : The Life of Sri Aurobindo
୬. SABCL Vol. 25, P. 231
୭. SABCL Vol. 23, P. 856
୮. SABCL Vol. 23, P. 1036
୯. Collected Works of the Mother, Vol. 14, P. 292
୧୦. Collected Works of the Mother, Vol. 14, P. 293
୧୧. Collected Works of the Mother, Vol. 13, P. 132
୧୨. Collected Works of the Mother, Vol. 13, P. 112

# ଶରୀରର ଜୀବକୋଷରେ ଯୋଗ

## ମମତା ଦାଶ

**(*ପୂର୍ବ ପ୍ରକାଶିତ ଉତ୍ତାରୁ...*)**

ଗୋଟିଏ ବିଶୁଦ୍ଧ ଜୀବକୋଷକୁ ଆବୃତ କରିଥିବା ବିଭିନ୍ନ ମାନସିକ ସ୍ତରକୁ ରୂପାନ୍ତରିତ କରିବା ସମ୍ବନ୍ଧରେ ଆମ୍ଭେମାନେ ଅବଗତ ହେଲେ । ପ୍ରକୃତ ଜୀବକୋଷର ପ୍ରଥମ ଆବରଣ ଭୌତିକମାନସକୁ ରୂପାନ୍ତରିତ କରିବା ସମ୍ଭବ ନୁହେଁ, ଏହାକୁ ସମ୍ପୂର୍ଣ୍ଣ ଭାବରେ ଦୂର କରିବାକୁ ହେବ ।

ଏହି ଅନାବୃତ, ବିଶୁଦ୍ଧ ଜୀବକୋଷହିଁ ଏହି ସୃଷ୍ଟିର ମୂଳ ସର୍ଜନଶୀଳ ଶକ୍ତିକୁ ଧାରଣ କରିଛି । ଶ୍ରୀଅରବିନ୍ଦ କହିଛନ୍ତି, ଏହାହିଁ ଅତିମାନସ ଚେତନାର ସ୍ଥୂଳ ରୂପାୟନ, ଅନ୍ତର୍ନିହିତ ସ୍ୱରୂପ – ଏହା ଉପରେ ଆବରଣ ପରେ ଆବରଣ ଘେରି ରହିଛି, ଶେଷକୁ ''ମାନସିକତା''ର ଖାଦମିଶି, ମାନସ ଚେତନା ସ୍ଥୂଳରୂପରେ ମନୁଷ୍ୟର ପ୍ରଜାତି ଭାବରେ ଏହି ପୃଥିବୀରେ ବିଚରଣ କରୁଛି । ମଣିଷର ପରବର୍ତ୍ତୀ ପର୍ଯ୍ୟାୟ, ''ଅତିମାନବ'' ବା ଅତିମାନସିକ ସତ୍ତାର ସ୍ଥୂଳରୂପ ନିମିତ୍ତ ଏହି ବିଶୁଦ୍ଧ ଜୀବକୋଷର ଆବିଷ୍କାର ଏକ ଅପରିହାର୍ଯ୍ୟ ବାସ୍ତବତା । ଶରୀରର ରୂପାନ୍ତର ନହେଲେ ଶ୍ରୀଅରବିନ୍ଦଙ୍କର ''ପୂର୍ଣ୍ଣଯୋଗ'' ଅର୍ଥାତ୍ ମନୁଷ୍ୟର ବିବର୍ତ୍ତନରେ ସଚେତନ ଅଂଶଗ୍ରହଣ କରିବାର ସିଦ୍ଧିଲାଭ ହେବ ନାହିଁ ।

ଏହାର ସମ୍ଭାବନାକୁ ବିଜ୍ଞାନ ଅଗ୍ରାହ୍ୟ କରିଦେଇପାରେ, ଏହାକୁ ''କଳ୍ପନାମାତ୍ର'' ବୋଲି କହି ପରିହାସ କରାଯାଇପାରେ, କିନ୍ତୁ ଆମେ ଯେତେବେଳେ ଶ୍ରୀଅରବିନ୍ଦଙ୍କର ଗଭୀର ଅବଧାରଣା ସହିତ ବିଷୟଟିକୁ ଲକ୍ଷ୍ୟକରୁ ସେତେବେଳେ ବୁଝିପାରୁ ଯେ ଏହା ସମ୍ପୂର୍ଣ୍ଣ ଭାବରେ ଯୁକ୍ତିସମ୍ମତ ଏବଂ ଏହା ଘଟିବା ଅନିବାର୍ଯ୍ୟ ମଧ୍ୟ । ଚାର୍ଲସ୍ ଡାରଉଇନ୍‌ଙ୍କର ''ବିବର୍ତ୍ତନବାଦ'' ଏ ଭିତରେ ଆହୁରି ବିବର୍ତ୍ତିତ ହୋଇଗଲାଣି । ଏଥିରେ ସନ୍ଦେହ ନାହିଁ ଯେ ମନୁଷ୍ୟ ବା ହୋମୋସାପିଏନ୍ ଏକ ଦୀର୍ଘ ବିବର୍ତ୍ତନର ପରିଣାମ । ଏକ ମହାଶୂନ୍ୟତାରେ ପ୍ରଜ୍ୱଳିତ ଘନପିଣ୍ଡ ଭିତରୁ ଧୀରେ ଧୀରେ ବିବର୍ତ୍ତିତ ହୋଇଛି ଏହି ପୃଥିବୀ । ବୈଜ୍ଞାନିକମାନେ ଏହା କିପରି ଘଟିଛି ସେହି ଗବେଷଣାରେ ଆଜି ମଧ୍ୟ ମଗ୍ନ ରହିଛନ୍ତି; କିନ୍ତୁ ଏହା କାହିଁକି ଘଟିଛି ତାହା ''ଦର୍ଶନ'' ଦ୍ୱାରା ସ୍ଥିରୀକୃତ ହୋଇଛି । ବିଭିନ୍ନ ଆଧ୍ୟାତ୍ମିକତାର ପରମ୍ପରା ଏସମ୍ବନ୍ଧରେ ଅନେକ ତଥ୍ୟ ଆବିଷ୍କାର କରିଛନ୍ତି । କିନ୍ତୁ ଶ୍ରୀଅରବିନ୍ଦହିଁ ପ୍ରଥମଥର ପାଇଁ କହିଛନ୍ତି, କେବଳ ଶାରୀରିକ ଉପାଦାନର ବିବର୍ତ୍ତନ ନୁହେଁ, ଏକ ପରମ ଚେତନା, ଏକ ପରମାଶକ୍ତି ଏହି ଜଡ଼ପଦାର୍ଥ ଭିତରେ ଅନ୍ତର୍ବର୍ତ୍ତିତ ହୋଇ କ୍ରମାନ୍ୱୟ ବିବର୍ତ୍ତନ ଫଳରେ ନିଜକୁ ସୃଷ୍ଟି ମଧ୍ୟରେ ଅଭିବ୍ୟକ୍ତ କରିଛନ୍ତି । ତେଣୁ ଏହି ପ୍ରକ୍ରିୟା ଅବ୍ୟାହତ ରହିବ ଏବଂ ମଣିଷ ପରବର୍ତ୍ତୀ ସତ୍ତା ମଣିଷର ଜୀବକୋଷର ନାମାନ୍ତରୀକରଣ ପ୍ରକ୍ରିୟା ଦ୍ୱାରା ଗଠିତ ଅନ୍ୟ ଏକ ଜୀବକୋଷରୁ ପୁନର୍ଗଠିତ ହେବ । କିନ୍ତୁ ଆମେ ପୂର୍ଣ୍ଣଯୋଗର ସାଧକସାଧିକାମାନେ, ନିଜର ସଚେତନ ପ୍ରଚେଷ୍ଟା ଦ୍ୱାରା ଓ ସାଧନାଦ୍ୱାରା ଜୀବକୋଷର ସଂଗଠନକୁ ବଦଳାଇଦେବାକୁ ଚାହୁଁଛେ, ଏହାର ନାମାନ୍ତରୀକରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ଚାହୁଁଛେ ଏବଂ ଅତିମାନସ ଶକ୍ତିର ଅବତାର ଶ୍ରୀଅରବିନ୍ଦ ଓ ଶ୍ରୀମାଙ୍କର ସହଯୋଗ, କରୁଣା ଓ ସାଧନାର ଯନ୍ତ୍ରସ୍ୱରୂପ ହୋଇଛେ ।

ପ୍ରତ୍ୟେକ ପ୍ରଜାତି ଅନ୍ୟ ଗୋଟିଏ ପ୍ରଜାତିକୁ ରୂପାନ୍ତରିତ ହେବାର କାରଣସବୁ ବୈଜ୍ଞାନିକମାନେ ନିର୍ଣ୍ଣୟ କରିଛନ୍ତି । ପ୍ରାକୃତିକ କାରଣ ପାଇଁ ହେଉ ବା ନିଜର ସୀମାକୁ ଅତିକ୍ରମ କରିବା ପାଇଁ ହେଉ ଏକକୋଟୀ ଜୀବ ''ଆମିବା'' ବହୁ ଜୀବକୋଷ-ବିଶିଷ୍ଟ ହୋଇଛି, ଜଳଚର ଜୀବ ସ୍ଥଳକୁ ଡେଇଁପଡ଼ିଛି, ଉଭୟଚର ଜୀବ ପ୍ରାଣୀରେ ପରିଣତ ହୋଇଛି, ସରୀସୃପଟିଏ ପକ୍ଷୀ ହୋଇ ଆକାଶରେ ଉଡ଼ିବୁଲିଛି – ବର୍ତ୍ତମାନ ମଣିଷ ତା'ର ନିଜର ସୀମା ଭିତରେ ଶ୍ୱାସରୁଦ୍ଧ ହୋଇ ''ଅନ୍ୟକିଛି''ରେ ପରିଣତ ହେବାକୁ ଚାହୁଁଛି । ସେଥିପାଇଁ ତାକୁ ''ଜୀବକୋଷ''ଟିକୁ ପରିଷ୍କୃତ କରିବାର ଭୟଙ୍କର ପୁଣି ଆଲୋକିତ ଏକ ଦାୟିତ୍ୱ ନେବାକୁ ପଡ଼ିଛି । ସେହି ପରମଚେତନା ସେଥିପାଇଁ ଅବତାର ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ମାଧ୍ୟମରେ ଆମମାନଙ୍କୁ ନିର୍ବାଚିତ କରିଛନ୍ତି ।

ଶରୀରର ଜୀବକୋଷର ରୂପାନ୍ତର ପ୍ରକ୍ରିୟା ଚାଲିଥିବା-ବେଳେ ଶ୍ରୀମା ଯେଉଁସବୁ ବାଧାବିଘ୍ନ ଭିତରଦେଇ ଯାଉଥିଲେ, ତାହା ଅବର୍ଣ୍ଣନୀୟ – ଏହା ସିଦ୍ଧ ହୋଇଯାଇଛି ଏବଂ ଆମମାନଙ୍କୁ

ସେହିଭଳି ଓ ସେତେବେଶୀ କଷ୍ଟ କରିବାକୁ ପଡ଼ିବ ନାହିଁ । କିନ୍ତୁ ଆମକୁ ଏସମ୍ବନ୍ଧରେ ସମସ୍ତ ଜ୍ଞାନ ହାସଲ କରି ତାହାକୁ କାର୍ଯ୍ୟରେ ପରିଣତ କରିବାକୁ ପଡ଼ିବ ।

ଯେତେବେଳେ ବୌଦ୍ଧିକ ମାନସ, ଆବେଗଗତ ମାନସ, ଇନ୍ଦ୍ରିୟଗତ ମାନସ ଓ ଶେଷରେ ଭୌତିକ ମାନସ ଜୀବକୋଷର ବଞ୍ଚିବାଧାରାରେ ଆଉ ହସ୍ତକ୍ଷେପ କରନ୍ତି ନାହିଁ ସେତେବେଳେ ପରିସ୍ଥିତି ଖୁବ୍ କଷ୍ଟକର ହୁଏ । ଶ୍ରୀମା ୧୯୬୨ଠାରୁ ୧୯୬୭ ମସିହା ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଭିତରଦେଇ ଯାଉଥିବାରୁ ଖୁବ୍ ଅସୁସ୍ଥ ହୋଇ ପଡୁଥିଲେ । ସେ ମୁହୁର୍ମୁହୁଃ ଚେତାଶୂନ୍ୟ ହୋଇ-ଯାଉଥିଲେ, ଯଦିଓ ଅସ୍ତିତ୍ୱର ଅନ୍ୟାନ୍ୟ ଅଂଶରେ ସେ ଏସମ୍ବନ୍ଧରେ ସଚେତନ ରହୁଥିଲେ । ବିଶୁଦ୍ଧ ଜୀବକୋଷଟି ହଠାତ୍ ବିସ୍ମୟ ଓ ଆତଙ୍କର ସହିତ ଦେଖେ ଯେ ତା'ର ଆଉ କୌଣସି କର୍ତ୍ତୃତ୍ୱବୋଧ ରହୁ ନାହିଁ । ସମସ୍ତ ଚିରାଚରିତ ଅଭ୍ୟାସ, ନିୟମକାନୁନ ଭାଙ୍ଗିପଡ଼ିଛି । ତେବେ ସେ କେଉଁ ନିୟମକୁ ଅନୁସରଣ କରିବ ? ନୂତନ ନିୟମକୁ ଶିକ୍ଷା କରିବା ପୂର୍ବରୁ ଏହି ମଧ୍ୟବର୍ତ୍ତୀ ସମୟ ଶରୀର ଚେତନା ପାଇଁ ଖୁବ୍ କଷ୍ଟକର ହୋଇପଡ଼େ ।

''There is a 'change of authority' for all the functions, functions that worked naturally – that is, in accordance with the forces of nature – all of a sudden go boom ! They stop working. They withdraw.'' (1972, p. 175)

''କର୍ତ୍ତୃତ୍ୱବୋଧରେ 'ଏକ ପରିବର୍ତ୍ତନ ଆସେ' ସବୁପ୍ରକାର କାର୍ଯ୍ୟକାରିତା ନିମିତ୍ତ, ଯାହା ସ୍ୱାଭାବିକ ଭାବରେ, ପ୍ରକୃତିର ଶକ୍ତିର ଅନୁସରଣରେ କର୍ମ କରୁଥିଲେ – ହଠାତ୍, ଫୁଃ ! ସେମାନେ କାମ କରିବା ବନ୍ଦ କରିଦିଅନ୍ତି, ସେମାନେ ପ୍ରତ୍ୟାହୃତ ହୋଇଯାଆନ୍ତି ।''

ଆମର ଶରୀରରେ କୋଟି କୋଟି ଜୀବକୋଷ ରହିଛନ୍ତି । ସେମାନେ ଯଦି ହଠାତ୍ ନିଜର କ୍ରିୟାକର୍ମକୁ ପ୍ରତ୍ୟାହାର କରିନିଅନ୍ତି, ଅବସ୍ଥା କ'ଣ ହେବ ? ଏବିଷୟରେ ମା' ପୁଣି କହିଛନ୍ତି :

''The moment of the change of authority is always difficult, and if one is not aware, one can take it to be the sign of illness. It is the cells, which no longer know whom to obey.'' (1969)

''କର୍ତ୍ତୃତ୍ୱବୋଧର ଏହି ପରିବର୍ତ୍ତନର ମୁହୂର୍ତ୍ତ ସଦାବେଳେ କଷ୍ଟକର ହୁଏ, ଏବଂ ଜଣେ ଯଦି ସଚେତନ ନହୁଏ, ଏହାକୁ ଏକ ଅସୁସ୍ଥତାର ଲକ୍ଷଣ ବୋଲି ଧରିନେଇପାରେ । ଜୀବକୋଷମାନେ କାହାର ଆଦେଶ ପାଳନ କରିବେ ଜାଣିପାରନ୍ତି ନାହିଁ ।'' ହଠାତ୍ ଯଦି ଗୋଟିଏ ଜୀବକୋଷ ଆତଙ୍କିତ ହୋଇଉଠେ, ତୁମେ ମୂର୍ଚ୍ଛା ହୋଇଯାଇପାର, ତେବେ କ'ଣ କରିବାକୁ ହେବ ? ମା' କହିଛନ୍ତି ଅପେକ୍ଷା କରିବାକୁ ହେବ । ଯେତେଦିନ ପର୍ଯ୍ୟନ୍ତ କେତୋଟି ଜୀବକୋଷ ଏ ସମ୍ବନ୍ଧରେ ଶିକ୍ଷା କରିନାହାନ୍ତି, ସେତେଦିନ ପର୍ଯ୍ୟନ୍ତ ଧୈର୍ଯ୍ୟ ଧରିବାକୁ ହେବ । କିଛିଦିନ ପରେ ସେମାନେ ଧୀରେ ଧୀରେ ଶାନ୍ତ ହୋଇଉଠନ୍ତି ଓ ନିଜ ନିଜର ମୂର୍ଖତା ବୁଝିପାରନ୍ତି ।

ତା'ପରେ ଆମ ଶରୀର ଅସୁସ୍ଥତାର, ରୋଗର ଏହି ଶିକ୍ଷାକୁ ବୁଝିଯାଏ । ମା' ପୁଣି କହିଛନ୍ତି – ''The body is learning the lesson of illness. It is very very amusing, the difference between the thing itself, as it is, the disorder, whatever it is and the old habit of healing and receiving the thing, the ordinary habit of feeling and receiving the thing, the ordinary habit, that people call illness : "I am ill". That is very amusing'' (1964)

''ଶରୀର ଅସୁସ୍ଥତାର ଶିକ୍ଷା ଲାଭ କରୁଛି । ଏହା ଖୁବ୍ ଆମୋଦଦାୟକ, ପ୍ରକୃତ ବସ୍ତୁଟି ଯେପରି ଏବଂ ଏହି ବିଶୃଙ୍ଖଳା, ତାହା ଯାହା ହେଉନା କାହିଁକି ବସ୍ତୁଟିକୁ ନିରାମୟ କରିବାର, ଗ୍ରହଣ କରିବାର ପୁରାତନ ଅଭ୍ୟାସ ଅର୍ଥାତ୍ ଅନୁଭବ କରିବାର ଓ ଗ୍ରହଣ କରିବାର ସାଧାରଣ ଅଭ୍ୟାସ, ଯାହାକୁ ଲୋକମାନେ ଅସୁସ୍ଥତା ବୋଲି କହନ୍ତି : ''ମୁଁ ଅସୁସ୍ଥ''– ଏହା ଭିତରେ ଯେଉଁ ପାର୍ଥକ୍ୟ ରହିଛି, ତାହା ଖୁବ୍ କୌତୁକପ୍ରଦ ।''

କିନ୍ତୁ ଆମେ ଯଦି ପୂର୍ଣ୍ଣ ଭାବରେ ସ୍ଥିରରହିବା, ପ୍ରାଣରେ ଓ ମନରେ ଏବଂ ଶରୀରର ଜୀବକୋଷମାନଙ୍କରେ ମଧ୍ୟ, ତେବେ ହଠାତ୍ ଗୋଟିଏ ଆଲୋକ ଝଲସିଯାଏ – ଏକ ଉଷ୍ମ ବିଦ୍ୟୁର ଝଲକ, ଏହା ଖୁବ୍ ଉଜ୍ଜ୍ୱଳ ହୋଇଥାଏ ଏବଂ ପୂର୍ଣ୍ଣ ଭାବରେ ସ୍ଥିର ରହିଥାଏ । କିନ୍ତୁ ଗୋଟିଏ ଅଂଶରେ ଏପରି ବିନ୍ଦୁଏ ମାତ୍ର ଆଲୋକିତ ସ୍ଥିରତା ପ୍ରତିଷ୍ଠିତ ହେଲେ ମଧ୍ୟ ଅନ୍ୟାନ୍ୟ ଅଂଶରେ ଚିରାଚରିତ ଯାନ୍ତ୍ରିକ ଓ ଅଚେତନ ଜୀବକୋଷମାନେ ଆତଙ୍କିତ ହୋଇ ସେହି ଅସୁସ୍ଥତାକୁ ଧରି ରଖନ୍ତି । ତା'ପରେ

ଏହି ଅସୁସ୍ଥତାର ନାଟକ ଆରମ୍ଭ ହୋଇଯାଏ । କିନ୍ତୁ ଏହି ସମୟରେ ସେହି ବିନ୍ଦୁଏ ଆଲୋକ ସଚେଯେପରି ମନେ ପକାଇଦିଏ, ''ଶାନ୍ତ ରହ, ଅସୁସ୍ଥତା ସହିତ ଜଡ଼ିତ ହୋଇ ଯାଅନା, ଆସକ୍ତ ହୋଇଯାଅନା'' – ତା'ପରେ ଯଦି ସେହି ଅଚେତନ ଜୀବକୋଷମାନେ ସମ୍ମତ ହୋଇଯା'ନ୍ତି, ତେବେ ଅସୁସ୍ଥତା ଉଭେଇଯାଏ । କିନ୍ତୁ ପୁନଶ୍ଚ ଯଦି ସେହି ଅଚେତନ ଜୀବକୋଷମାନେ ସନ୍ଦେହ କରନ୍ତି, ''ମୁଁ ତ ସତରେ ଅସୁସ୍ଥ'' – ତେବେ, ଆଶ୍ଚର୍ଯ୍ୟର କଥା ଯେ ସବୁକିଛି ପୁଣି ଆରମ୍ଭ ହୋଇଯାଏ । ମା' ନିଜ ଶରୀରରେ ସାଧନା କଲାବେଳେ ଏହି-ପରି ଅବସ୍ଥାର ସମ୍ମୁଖୀନ ହେଉଥିଲେ । ସଦାବେଳେ ତାଙ୍କର ଜୀବକୋଷମାନଙ୍କ ଭିତରେ ଏହାହିଁ ଘଟୁଥିଲା । ଯେତେଥର ଶରୀରର ଅଜ୍ଞାନ ଗଠିତ ଜୀବକୋଷମାନଙ୍କରେ ଶକ୍ତି ଓ ଆଲୋକ ପ୍ରତିଷ୍ଠିତ ହେଉଥିଲା ସେତେଥର ଏକ ପରାସ୍ତବାଦୀ ନାସ୍ତିତ୍ୱ ସେସବୁକୁ ନଷ୍ଟ କରିଦେଉଥିଲା । କିନ୍ତୁ ଧୀରେ ଧୀରେ କେତେକ ଜୀବକୋଷ ସଚେତନ ହୋଇଉଠନ୍ତି, ସେମାନେ ଏହି ଆଲୋକକୁ ସ୍ୱାଗତ କରନ୍ତି, ଗ୍ରହଣ କରନ୍ତି, ସ୍ୱୀକାର କରନ୍ତି – ଅଥଚ ପୁଣି ହରାଇ ପକାନ୍ତି । ଏହିପରି ବାରଂବାର ଘଟିବା ପରେ ଅନବରତ ସେମାନଙ୍କର ଶିକ୍ଷା ଚାଲିଥାଏ । ତା'ପରେ ମା' କହିଛନ୍ତି, "The Cells themselves call", ''ସ୍ୱୟଂ ଜୀବକୋଷମାନେହିଁ ଆହ୍ୱାନ କରନ୍ତି'' (୧୯୬୩) – କାରଣ ସେମାନଙ୍କର ମନେ ରହିଯାଏ ଯେ ଏହି ଆଲୋକିତ ବିନ୍ଦୁଟିହିଁ ସେମାନଙ୍କୁ ଅଜ୍ଞାନର, ମାୟାର, ପୁରାତନ ଅଭ୍ୟାସରୁ ଉଦ୍ଧାର କରିବ । ସେମାନେ ଧୀରେ ଧୀରେ ବିଶୁଦ୍ଧ ଜୀବକୋଷଗତ ଚେତନାରେ ପ୍ରତିଷ୍ଠିତ ହେବେ ଏବଂ ସବୁକିଛି ଭିନ୍ନ ହୋଇଉଠିବ, ''ଭିନ୍ନ କିଛି''ରେ ପରିଣତ ହେବ ।

ଏପ୍ରକାର ଏକ ଦୁରୂହ ସାଧନା କରିବା ପରେ ମା'ଙ୍କର ଜୀବକୋଷମାନେ ଧୀରେ ଧୀରେ ସଚେତନ ହୋଇଉଠିଥିଲେ ଯେ ସେମାନେ, ''ମନୁଷ୍ୟ''ରେ ପରିଣତ ହେବାପାଇଁ ଯେଉଁ ଅବସ୍ଥାରେ ରହିଛନ୍ତି, ତାହା ସେମାନଙ୍କର ଯଥାର୍ଥ ସ୍ୱରୂପ ନୁହେଁ । ଏପରିକି ମା' କହିଛନ୍ତି, "Everytime I ask my body, what IT would like, all the cells say, "No, no, we are immortal, we want to be immortal. We are not tired, we are ready to struggle for centuries if need be !" And that is precisely I notice, that the nearer one draws to the cell itself, the more the cell says : "But I am immortal."

– (୧୬, ଅକ୍ଟୋବର, ୧୯୬୨)

''ମୁଁ ଯେତେଥର ମୋର ଶରୀରକୁ, ''ସେ କ'ଣ ଚାହେଁ'' ବୋଲି ପଚାରେ, ସମସ୍ତ ଜୀବକୋଷ କହନ୍ତି : ''ନାଁ, ନାଁ, ଆମେ ଅମର, ଆମେ ଅମର ହେବାକୁ ଚାହୁଁ । ଆମେ କ୍ଲାନ୍ତ ନୋହୁଁ, ଯଦି ଆବଶ୍ୟକ ହୁଏ, ଆମେ ଶତାବ୍ଦୀ, ଶତାବ୍ଦୀ ଧରି ସଂଘର୍ଷ କରିବାକୁ ପ୍ରସ୍ତୁତ !'' ମୁଁ ଏହାହିଁ ଲକ୍ଷ୍ୟକରେ ଯେ ମୁଁ ଯେତେବେଳେ ଜୀବକୋଷର ନିକଟତର ହୁଏ, ଜୀବକୋଷଟି ଅଧିକତର ଭାବରେ କହେ ଯେ, ''କିନ୍ତୁ ମୁଁ ତ ଅମର ।''

ଯେଉଁ ଜୀବକୋଷମାନେ ଏହି ଅମରତ୍ୱକୁ, ଆଲୋକକୁ ଓ ଶକ୍ତିକୁ ଆହ୍ୱାନ କରନ୍ତି, ସେମାନଙ୍କ ଭିତରେ କି ପ୍ରକାର ଅବସ୍ଥା ସୃଷ୍ଟି ହୁଏ ଏବଂ ସେହି ଅବସ୍ଥାକୁ ଶ୍ରୀମା କିଭଳି ଭାବରେ ସମ୍ମୁଖୀନ ହୋଇଥିଲେ, ତାହା ପରବର୍ତ୍ତୀ ସମୟରେ ଆଲୋଚନା କରିବା ।

(କ୍ରମଶଃ) ✜

କେବଳ ଭଗବତ୍ କୃପା ଉପରେ ଏକ ଅଟଳ ବିଶ୍ୱାସ ନେଇ ତୁମେ ଯଦି ସଂପୂର୍ଣ୍ଣଭାବରେ ଶାନ୍ତ ଓ ଅବିଚଳ ରୁହ ତା'ହେଲେ ପରିସ୍ଥିତିକୁ ତୁମେ ଯେତେ ଅଧିକ ସମ୍ଭବ ଅନୁକୂଳ ହେବା ପାଇଁ ସାହାଯ୍ୟ କରିବ । ଯେଉଁମାନେ ସେମାନଙ୍କର ସମଗ୍ର ବିଶ୍ୱାସ ଓ ଭରସାକୁ ଭଗବାନଙ୍କ ଉପରେ, କେବଳ ଭଗବାନଙ୍କ ଉପରେ ସ୍ଥାପନ କରିଛନ୍ତି ସେମାନଙ୍କ ପାଇଁ ସବୁଠୁ ଯାହା ଉତ୍ତମ ସର୍ବଦା ତାହାହିଁ ଘଟେ ।

– ଶ୍ରୀମା

ପୂର୍ଣ୍ଣଯୋଗର ଭିତ୍ତି, ପ୍ରସ୍ତୁତି ଓ ପରିଣତି (୩୧)

# ମାନବଜୀବନ ଓ ସମାଜରେ ପୂର୍ଣ୍ଣଯୋଗର ପୂର୍ଣ୍ଣାଙ୍ଗ ପ୍ରୟୋଗ (୫)

**ଶ୍ରୀପତି ଦାସ**

ଏହି ଶୀର୍ଷକ ପୂର୍ବବର୍ତ୍ତୀ ପ୍ରବନ୍ଧରେ ଶ୍ରୀଅରବିନ୍ଦ ଓ ଶ୍ରୀମା'ଙ୍କ ଦ୍ୱାରା ପ୍ରବର୍ତ୍ତିତ ମାନସିକ ଶିକ୍ଷା ସମ୍ବନ୍ଧେ ଆଲୋଚନା କରାଯାଇଛି । ବର୍ତ୍ତମାନର ଆଲୋଚ୍ୟ ବିଷୟ ହେଉଛି ଚୈତ୍ୟ ଓ ଆଧ୍ୟାତ୍ମିକ ଶିକ୍ଷା । ଏହି ଶିକ୍ଷା କେବଳ ମାନବଜୀବନ ସକାଶେ ପ୍ରଯୋଜ୍ୟ । କାରଣ ମାନବ ବ୍ୟତୀତ ପୃଥିବୀପୃଷ୍ଠସ୍ଥ ଅନ୍ୟ କୌଣସି ପ୍ରାଣୀ ଏ ସମ୍ବନ୍ଧେ ସଚେତନ ନୁହେଁ । କେବଳ ମନୁଷ୍ୟହିଁ ସୃଷ୍ଟିର ଏକମାତ୍ର ପ୍ରାଣୀ ଯିଏ ତାହାର ଚୈତ୍ୟ ଓ ଆଧ୍ୟାତ୍ମିକ ସତ୍ତା ସମ୍ବନ୍ଧେ ସଚେତନ । ଅନ୍ୟ ପ୍ରାଣିସକଳ ମାନବଜାତିର ଅସ୍ତିତ୍ୱର ବହୁ ପୂର୍ବରୁ ବାସକରି ଆସୁଥିଲେ ମଧ୍ୟ ବିବର୍ତ୍ତନଧାରାରେ ସେମାନେ ବିଶେଷଭାବେ ବିକଶିତ ହୋଇପାରି ନାହାନ୍ତି । କାରଣ ସେମାନଙ୍କର ଗ୍ରହଣଶୀଳତା ମାନବଜାତିର ଗ୍ରହଣଶୀଳତା ଅପେକ୍ଷା ନିତାନ୍ତ କମ୍ । ମାନବ ହେଉଛି ଏକମାତ୍ର ପ୍ରାଣୀ ଯେ ପରମେଶ୍ୱରଙ୍କ ଅସ୍ତିତ୍ୱ ସମ୍ବନ୍ଧେ ସଚେତନ ଏବଂ ବିବର୍ତ୍ତନଧାରାରେ ନିଜର ଅଧିକ ଗ୍ରହଣଶୀଳତା ହେତୁ ଚୈତ୍ୟ ଓ ଆଧ୍ୟାତ୍ମିକ ବିଶେଷତ୍ୱ ସମ୍ବନ୍ଧେ କ୍ରମଶଃ ଅଧିକାଧିକ ଅଗ୍ରଗତି କରିଚାଲିଛି । ଏହି ଚୈତ୍ୟ ଓ ଆଧ୍ୟାତ୍ମିକ ଶିକ୍ଷା ସମ୍ବନ୍ଧେ 'ଶିକ୍ଷା' ପୁସ୍ତକରୁ ଶ୍ରୀମା'ଙ୍କ ବକ୍ତବ୍ୟ ନିମ୍ନରେ ପ୍ରଦତ୍ତ ହେଉଛି ।

''ପ୍ରତ୍ୟେକ ମନୁଷ୍ୟ ନିଜ ମଧ୍ୟରେ ତା'ର ସାଧାରଣ ଚେତନାର ଊର୍ଦ୍ଧ୍ୱରେ ଏକ ବୃହତ୍ତର ଚେତନାର ସମ୍ଭାବନାକୁ ଧାରଣ କରିଚାଲିଛି ଏବଂ ଏହି ଚେତନାର ମାଧ୍ୟମରେ ସେ ଏକ ମହତ୍ତର ଜୀବନରେ ପହଞ୍ଚିପାରେ । ବସ୍ତୁତଃ, ପ୍ରତ୍ୟେକ ଅସାଧାରଣ ବ୍ୟକ୍ତିଙ୍କ ମଧ୍ୟରେ ଏହି ଚେତନା ସବୁ ସମୟରେ ତାଙ୍କ ଜୀବନର ସକଳ ପାରିପାର୍ଶ୍ୱିକ ଘଟଣା ଏବଂ ବ୍ୟକ୍ତିଗତ ପ୍ରକ୍ରିୟାକୁ ନିୟନ୍ତ୍ରିତ ଓ ସଂଗଠିତ କରିପାରେ । ମନୁଷ୍ୟର ମାନସ ଚେତନା ଯାହା ଜାଣେ ନାହିଁ ଏବଂ କରିପାରେ ନାହିଁ, ଏହି ଚେତନା ତାହା ଜାଣିପାରେ ଓ କରିପାରେ । ଏହା ଏକ ଆଲୋକତୁଲ୍ୟ ସତ୍ତାର କେନ୍ଦ୍ରସ୍ଥଳରେ ଜଳୁଛି ଏବଂ ବାହ୍ୟ ଚେତନାର ଘନ ଆବରଣକୁ ଭେଦକରି ପ୍ରକାଶିତ ହେଉଛି । ଏହାର ଅସ୍ତିତ୍ୱ ସମ୍ବନ୍ଧେ କେତେକଙ୍କର ଏକ ଅସ୍ପଷ୍ଟ ଧାରଣା ରହିଛି । ବହୁ ଶିଶୁ ଏହାର ପ୍ରଭାବରେ ପରିଚାଳିତ ହୁଅନ୍ତି ଏବଂ ଅନେକ ସମୟରେ ସେମାନଙ୍କର ସ୍ୱତଃସ୍ଫୂର୍ତ୍ତ ପ୍ରତିକ୍ରିୟାରେ ଏବଂ ଏପରିକି ସେମାନଙ୍କ କଥାବାର୍ତ୍ତାରେ ଏହା ଅତି ସ୍ପଷ୍ଟରୂପେ ପ୍ରକାଶିତ ହେବାର ଦେଖାଯାଏ । ଦୁଃଖର ବିଷୟ ଅଧିକାଂଶ ମାତାପିତା ଏ ବିଷୟରେ ସମ୍ପୂର୍ଣ୍ଣ ଅଜ୍ଞ ଏବଂ ସେମାନଙ୍କ ସନ୍ତାନମାନଙ୍କ ମଧ୍ୟରେ କ'ଣ ଘଟୁଛି, ସେସମ୍ବନ୍ଧେ କିଛି ବୁଝିପାରନ୍ତି ନାହିଁ । ସେଥିପାଇଁ ସେମାନେ ଏସବୁ ଘଟଣା ଦେଖି ବିଶେଷ ଖୁସି ହୁଅନ୍ତି ନାହିଁ ଏବଂ ସେମାନେ ଯେଉଁ ଶିକ୍ଷା ଶିଶୁକୁ ଦିଅନ୍ତି, ସେଥିରେ ଏବିଷୟରେ ଶିଶୁକୁ ଯଥାସମ୍ଭବ ଅଜ୍ଞ ରଖନ୍ତି : ଶିଶୁର ସମସ୍ତ ଦୃଷ୍ଟିକୁ ବାହ୍ୟବସ୍ତୁ ଉପରେ ନିବଦ୍ଧ କରାନ୍ତି ଯଦ୍ଦ୍ୱାରା ଶିଶୁ ଭାବେ ଯେ ଏହି ବାହ୍ୟବସ୍ତୁହିଁ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ । ବାହ୍ୟବସ୍ତୁ ଉପରେ ମନୋନିବେଶ କରିବା ଖୁବ୍ ଉପକାରୀ, କିନ୍ତୁ ଏହାକୁ ଯଥାଯଥ ଭାବରେ କରିବାକୁ ହେବ । ଶିକ୍ଷାର ତ୍ରିବିଧ ଧାରା – ଶାରୀରିକ, ପ୍ରାଣିକ ଓ ମାନସିକ – ଏହି ବାହ୍ୟଦିଗଟିକୁ ଗ୍ରହଣ କରେ ଏବଂ ମାନବର ବ୍ୟକ୍ତିତ୍ୱଗଠନର କରଣଗୁଡ଼ିକ ସମ୍ବନ୍ଧେ ଆଲୋଚନା କରେ; ଗୋଟିଏ ଆକାରହୀନ ଅବଚେତନ ପିଣ୍ଡ ମଧ୍ୟରୁ ବ୍ୟକ୍ତିକୁ ତୋଳିଧରେ ଏବଂ ତାକୁ ଗୋଟିଏ ସଚେତନ ଓ ସୁସ୍ପଷ୍ଟ ରୂପ ପ୍ରଦାନ କରେ । କିନ୍ତୁ ଚୈତ୍ୟଶିକ୍ଷାରେ ଜୀବନର ଯଥାର୍ଥ ଉଦ୍ଦେଶ୍ୟ କ'ଣ, ପୃଥିବୀପୃଷ୍ଠରେ ଆମ୍ଭମାନଙ୍କର ଜୀବନଧାରଣର ସାର୍ଥକତା କେଉଁଠି, କେଉଁ ରହସ୍ୟ ଉଦ୍‌ଘାଟନ କରିବାରେ ଏହି ଜୀବନ ନିୟୋଜିତ ହେବା ଉଚିତ, ସେହି ଉଦ୍‌ଘାଟନର ଫଳ କ'ଣ ହେବ, ଶାଶ୍ୱତ ସତ୍ୟ ପାଖରେ ବ୍ୟକ୍ତିର ଆତ୍ମ-ନିବେଦନର ଅର୍ଥ କ'ଣ – ଏହି ସମସ୍ୟାଗୁଡ଼ିକ ଆଲୋଚିତ ହୁଏ । ଏହି ଆବିଷ୍କାର ବିଷୟ ଚିନ୍ତା କଲାବେଳେ ସାଧାରଣତଃ ଗୋଟିଏ ରହସ୍ୟମୟ ଭାବ, ଧର୍ମଗତ ଜୀବନର କଥା ମନରେ ଆସେ କାରଣ ବିଭିନ୍ନ ଧର୍ମହିଁ ଜୀବନର ଏହି ଦିଗଟି ସମ୍ବନ୍ଧେ ଚର୍ଚ୍ଚା କରିଥା'ନ୍ତି । କିନ୍ତୁ ଏପରି ହେବା ଯେ ଅନିବାର୍ଯ୍ୟ, ତାହା ନୁହେଁ;

ଭଗବାନଙ୍କର ଏକ ରହସ୍ୟମୟ ଧାରଣା ପରିବର୍ତ୍ତେ ଆମ୍ଭେମାନେ ସତ୍ୟର ଏକ ଯୁକ୍ତିସିଦ୍ଧ ଅଧିକ ଦାର୍ଶନିକ ଧାରଣା କରିପାରୁ, କିନ୍ତୁ ସେହି ମୂଳ ଉପଲବ୍ଧି ଏକହିଁ ପ୍ରକାରର ହେବ – କେବଳ ଏହି ମାର୍ଗରେ ଅତ୍ୟଧିକ ତାର୍କିକ ସ୍ଥୂଳବାଦୀମାନେ ମଧ୍ୟ ଯାତ୍ରା କରିପାରିବେ । କାରଣ ଚୈତ୍ୟ-ଜୀବନ ନିମିତ୍ତ ପ୍ରସ୍ତୁତ ହେବାକୁ ହେଲେ ଦେଖାଯାଏ ଯେ ମାନସିକ ଧାରଣା ଏବଂ ଭାବସମୂହର ମୂଲ୍ୟ ନିତାନ୍ତହିଁ ଗୌଣ । ଅସଲ କଥା ହେଲା ଉପଲବ୍ଧି, କାରଣ ଏହି ଉପଲବ୍ଧି ମଧ୍ୟରେହିଁ ତାହାର ନିଜସ୍ୱ ସତ୍ୟ ଏବଂ ଶକ୍ତି ଥାଏ,– ଏହା ପୂର୍ବରୁ, ସଙ୍ଗରେ ବା ପଛରେ ଥିବା କୌଣସି ମତବାଦ ଉପରେ ଏହା ନିର୍ଭର କରେ ନାହିଁ । ଅଧିକାଂଶ ସ୍ଥଳରେ ମତବାଦ ହେଲା ନିଜ ପାଖରେ ଦେଇଥିବା ନିଜର ବ୍ୟାଖ୍ୟା ମାତ୍ର – ତାହା ହେଲା ଜ୍ଞାନର ଆବରଣ । ଯେଉଁ ପାରିପାର୍ଶ୍ୱିକ ଅବସ୍ଥା ମଧ୍ୟରେ ମନୁଷ୍ୟ ଜନ୍ମଗ୍ରହଣ କରିଥାଏ, ଯେପରି ଶିକ୍ଷାଲାଭ କରିଥାଏ, ସେହି ଅନୁସାରେ ମନୁଷ୍ୟ ତାହାର ଆରାଧ୍ୟ ଆଦର୍ଶ ଏବଂ ପରମ ତତ୍ତ୍ୱକୁ ନାନା ବେଶ ପିନ୍ଧାଏ । ଯଦି ମନୁଷ୍ୟର ଐକାନ୍ତିକତା ବା ନିଷ୍ଠା ଥାଏ, ତେବେ ଉପଲବ୍ଧି ସର୍ବତ୍ର ପ୍ରାୟ ଏକ ହୁଏ, ପାର୍ଥକ୍ୟ କେବଳ ଦେଖାଯାଏ ବ୍ୟାଖ୍ୟାରେ ନିଜସ୍ୱ ପ୍ରତ୍ୟୟ ଏବଂ ମାନସିକ ଶିକ୍ଷା ଅନୁଯାୟୀ ପ୍ରତ୍ୟେକଙ୍କ ବ୍ୟବହୃତ କଥାରେ ଏବଂ କଥାର ଶବ୍ଦରେ ଏବଂ ବାକ୍ୟରେ । ସମସ୍ତ ସୂତ୍ର ବା ବ୍ୟାଖ୍ୟା କେବଳ ସତ୍ୟର ମୋଟାମୋଟି ପରିଚୟ ମାତ୍ର, ଅଭିଜ୍ଞତା ଯେତିକି ଯେତିକି ସୁନିର୍ଦ୍ଦିଷ୍ଟ ଓ ସୁସଂଗଠିତ ହେଉଥିବ ଏହି ବ୍ୟାଖ୍ୟା ମଧ୍ୟ ସେହି ଅନୁପାତରେ ଅଧିକ ସ୍ପଷ୍ଟ ଓ ନିର୍ଦ୍ଦିଷ୍ଟ ହେବା ଉଚିତ । ତଥାପି ଆମକୁ ଯଦି ଚୈତ୍ୟଶିକ୍ଷା ସମ୍ବନ୍ଧରେ ଏକ ସାଧାରଣ ସୂଚନା ଦେବାକୁ ହୁଏ, ତେବେ ତାହା ଯେତେ ଆପେକ୍ଷିକ ହେଲେ ମଧ୍ୟ, ଚୈତ୍ୟପୁରୁଷ କହିଲେ ଆମେ କ'ଣ ବୁଝୁ, ସେସମ୍ବନ୍ଧରେ ଏକ ଧାରଣାରହିବା ଉଚିତ । ଉଦାହରଣସ୍ୱରୂପ, କୁହାଯାଇପାରେ ଯେ ଏକ ବ୍ୟକ୍ତିସତ୍ତାର ଏହାହିଁ ହେଉଛି ସୃଜନ-ରହସ୍ୟ – ସମସ୍ତ ସୃଷ୍ଟିର ପରମ ଉତ୍ସଙ୍କ ଭିତରେ ଯେଉଁ ଅଗଣିତ ସମ୍ଭାବନା ସୁପ୍ତ ଭାବରେ ରହିଛି ତା' ଭିତରୁ ଗୋଟିଏ ଧାରା ନିଜକୁ ଦେଶ ଓ କାଳ ଭିତରେ ନିକ୍ଷିପ୍ତକରେ ଏବଂ ଏକ ଅଦ୍ୱୈତ ବିଶ୍ୱଚୈତନ୍ୟର ସହାୟତାରେ ଏହି ଧାରା ରୂପ ନିଏ ଏକ ବ୍ୟକ୍ତିସତ୍ତାର ଅନ୍ତର୍ନିହିତ ସତ୍ୟ ବା ନିୟମଭାବେ, ଏବଂ କ୍ରମଶଃ ଏକ ବିକାଶଶୀଳ ଅଭିବୃଦ୍ଧି ଫଳରେ ଏହାହିଁ ହୋଇଉଠେ ତାହାର ଚୈତ୍ୟପୁରୁଷ ବା ଅନ୍ତରାତ୍ମା ।

''ଅବଶ୍ୟ ମୁଁ ସ୍ପଷ୍ଟ କରିଦେବାକୁ ଚାହେଁ ଯେ ସଂକ୍ଷେପରେ ଏଠାରେ ମୁଁ ଯାହା କହିଲି, ତାହା ଏସମ୍ପର୍କରେ ସତ୍ୟର ଏକ ପରିପୂର୍ଣ୍ଣ ବ୍ୟାଖ୍ୟା ନୁହେଁ, ଏତିକିରେ ଏବିଷୟରେ ବ୍ୟାଖ୍ୟା ଶେଷ ହୋଇଗଲା ନାହିଁ । ଏକ ବ୍ୟାବହାରିକ ଉଦ୍ଦେଶ୍ୟ ପୂରଣ ପାଇଁ ଏହା ଏକ ସଂକ୍ଷିପ୍ତ ଟିପ୍‌ପଣୀ ମାତ୍ର, ଯଦ୍ୱାରା ଆମେ ଯେଉଁ ଶିକ୍ଷା ବିଷୟରେ ଏଠାରେ ଆଲୋଚନା କରୁଛୁ, ଏହା ତାହାର ଭିତ୍ତି ହୋଇପାରେ ।

''ଚୈତ୍ୟପୁରୁଷର ଜରିଆରେହିଁ ବ୍ୟକ୍ତି ତାହାର ସତ୍ତାର ଅନ୍ତର୍ନିହିତ ସତ୍ୟର ସ୍ପର୍ଶ ପାଏ ଏବଂ ତାହା ତା'ର ଜୀବନର ପରିସ୍ଥିତି ସମ୍ପର୍କରେ ମଧ୍ୟ ଆସେ । କହିବାକୁ ଗଲେ, ଅଧିକାଂଶ କ୍ଷେତ୍ରରେ ଏକ ଚୈତ୍ୟ ଉପସ୍ଥିତି ପରଦାର ଆଢୁଆଳରୁ ଅଜଣା ଅଚିହ୍ନାରୂପେ କାର୍ଯ୍ୟକରେ, କିନ୍ତୁ ଆଉ କେତେକ କ୍ଷେତ୍ରରେ ଏହାକୁ ଅନୁଭବ କରିହୁଏ ଏବଂ ଏହାର କ୍ରିୟାକୁ ମଧ୍ୟ ଚିହ୍ନିହୁଏ, ପୁଣି ଏମାନଙ୍କ ଭିତରୁ ଅଳ୍ପ କେତେଜଣଙ୍କ ମଧ୍ୟରେ ଏହି ଚୈତ୍ୟ ଉପସ୍ଥିତି ଖୁବ୍ ସ୍ପଷ୍ଟ ହୁଏ ଏବଂ ଏହାର କ୍ରିୟା ମଧ୍ୟ ହୁଏ ଖୁବ୍ ଫଳପ୍ରଦ । ଏହି ବ୍ୟକ୍ତିମାନେ ଜୀବନ-ପଥରେ ଏକ ଦୃଢ଼ ନିଶ୍ଚିତତା ଓ ଆସ୍ଥାର ସହିତ ଆଗେଇ ଯାଆନ୍ତି ଯାହାକି ସେମାନଙ୍କର ଏକାନ୍ତ ନିଜସ୍ୱ, ସେମାନେ ହୋଇଉଠନ୍ତି ନିଜ ଭାଗ୍ୟର ନିୟନ୍ତା ।

''ଏହି କର୍ତ୍ତୃତ୍ୱ ଲାଭ କରିବା ନିମନ୍ତେ ଏବଂ ଚୈତ୍ୟସତ୍ତାର ଉପସ୍ଥିତି ସମ୍ପର୍କରେ ସଚେତନ ହୋଇଉଠିବା ସକାଶେ ଚୈତ୍ୟଶିକ୍ଷାର ଅନୁଶୀଳନ ପ୍ରୟୋଜନ । କିନ୍ତୁ ଏଥିପାଇଁ ଅନ୍ୟ ଏକ ବିଶେଷ ଉପାଦାନ ଆବଶ୍ୟକ, ସେଇଟି ହେଉଛି ବ୍ୟକ୍ତିଗତ ସଂକଳ୍ପ । କାରଣ ଆଜି ପର୍ଯ୍ୟନ୍ତ ଚୈତ୍ୟପୁରୁଷର ଆବିଷ୍କାର ଓ ତାହା ସଙ୍ଗେ ଏକତ୍ୱସାଧନ ଶିକ୍ଷାର ସ୍ୱୀକୃତ ବିଷୟବସ୍ତୁ ଭିତରେ ଅନ୍ତର୍ଭୁକ୍ତ ହୋଇ ନାହିଁ । ଏହା ସତ୍ୟ ଯେ ସ୍ୱତନ୍ତ୍ର ଆଲୋଚନା-ସବୁରେ ଏହି ସମ୍ପର୍କରେ ମୂଲ୍ୟବାନ୍ ଓ ଉପଯୋଗୀ ସୂଚନାସବୁ ମିଳେ ଏବଂ ଭାଗ୍ୟବାନ୍ ବ୍ୟକ୍ତିମାନେ ଏଦିଗରେ ପଥପ୍ରଦର୍ଶନର କ୍ଷମତା ଥିବା ଗୁରୁଙ୍କ ସାକ୍ଷାତ୍ ପାଆନ୍ତି ଯାହାଙ୍କଠାରୁ ଏହି ପଥ ଅନୁସରଣ କରିବା ପାଇଁ ଆବଶ୍ୟକ ସମସ୍ତ ସାହାଯ୍ୟ ମିଳେ । ଅବଶ୍ୟ ଅଧିକାଂଶ ସ୍ଥଳରେ ଏଦିଗରେ ଉଦ୍ୟମ ପାଇଁ ବ୍ୟକ୍ତିକୁ ତା'ର ନିଜ ଉଦ୍ୟମ ଉପରେ ନିର୍ଭର କରିବାକୁ ହୁଏ । କାରଣ ଏହି ଆବିଷ୍କାର ଏକାନ୍ତ ବ୍ୟକ୍ତିଗତ ଏବଂ ଲକ୍ଷ୍ୟରେ ପହଞ୍ଚିବା ପାଇଁ ଏକ ଅଟଳ ସଂକଳ୍ପ, ଦୃଢ଼ ଇଚ୍ଛାଶକ୍ତି ଓ ଅକ୍ଳାନ୍ତ ଅଧ୍ୟବସାୟ ଆବଶ୍ୟକ । କହିବାକୁ ଗଲେ,

ପ୍ରତ୍ୟେକ ବ୍ୟକ୍ତିକୁ ତା'ର ନିଜର ବାଧାବିଘ୍ନ ଭିତରେ ପଥକାଟି ଚାଲିବାକୁ ହେବ । ଯେଉଁମାନଙ୍କର ଲକ୍ଷ୍ୟ ସମ୍ବନ୍ଧରେ କିଛି ପରିମାଣରେ ଧାରଣା ରହିଛି, କାରଣ ଯେଉଁମାନେ ଏହି ଲକ୍ଷ୍ୟରେ ପହଞ୍ଚିଛନ୍ତି, ସେମାନେ ଏସମ୍ପର୍କରେ ଉଣା-ଅଧିକେ ସ୍ପଷ୍ଟ ବର୍ଣ୍ଣନା ଦେଇଛନ୍ତି । କିନ୍ତୁ ଏହି ଆବିଷ୍କାରର ପରମ ମୂଲ୍ୟ ଏହାର ସ୍ୱତଃସ୍ଫୂର୍ତ୍ତତା ଓ ଆନ୍ତରିକତା ଭିତରେହିଁ ରହିଥାଏ ଯାହା ସବୁପ୍ରକାର ମାନସିକ ନିୟମର ବହିର୍ଭୂତ । ସେଥିପାଇଁ ଯିଏ ଏହି ପଥରେ ଚାଲିବାକୁ ଚାହାନ୍ତି ସାଧାରଣତଃ ସେ ପ୍ରଥମେ ଏପରି ଏକ ବ୍ୟକ୍ତିଙ୍କର ସହାୟତା ଖୋଜନ୍ତି ଯିଏକି ଏହି ପଥରେ ଗତିକରି ସଫଳତା ଲାଭ କରିଛନ୍ତି ଏବଂ ଯିଏ ତାଙ୍କୁ ସାହାଯ୍ୟ କରନ୍ତି ଓ ପଥର ସନ୍ଧାନ ଦେଇପାରନ୍ତି । ତଥାପି ଏହି ପଥରେ କେତେକ ସାଧକ ଏକାକୀ ଯାତ୍ରା କରନ୍ତି ଏବଂ ସେମାନଙ୍କ ପାଇଁ ଏହି କେତେକ ସାଧାରଣ ସୂଚନା ଅନେକ ଉପଯୋଗୀ ହୋଇପାରେ ।

''ଏଦିଗରେ ପ୍ରାରମ୍ଭିକ ବିଷୟ ହେଲା ନିଜ ଭିତରେ ସେହି ବସ୍ତୁକୁ ଖୋଜିବା ଯାହା ଦେହ ଓ ଜୀବନର ପରିସ୍ଥିତି ବା ଅବସ୍ଥାର ଅଧୀନ ନୁହେଁ; ତୁମେ ପାଇଥିବା ମାନସିକ ଗଠନ, ତୁମେ କହୁଥିବା ଭାଷା, ତୁମ ପରିବେଶର ଆଚାର ବା ପ୍ରଥା; ତୁମେ ବାସ କରୁଥିବା ଦେଶ ବା ଯୁଗ – ଏ କୌଣସିଟି ଭିତରୁ ଯାହାର ଜନ୍ମ ନୁହେଁ । ତୁମ ସତ୍ତାର ଗଭୀରତାରେ ତାହାକୁହିଁ ଆବିଷ୍କାର କରିବାକୁ ହେବ ଯେକି ସର୍ବଦା ନିଜ ଭିତରେ ଏକ ବିଶ୍ୱମୟତାର ବୋଧ, ଏକ ସୀମାହୀନ ବ୍ୟାପ୍ତି, ଏକ ଅଖଣ୍ଡ ନିରବଚ୍ଛିନ୍ନତା ବହନ କରି ଚାଲିଥାଏ । ସେତେବେଳେ ତୁମେ କେନ୍ଦ୍ରୀଭୂତ ହୋଇଯାଅ, ଚତୁର୍ଦ୍ଦିଗରେ ପ୍ରସାରିତ ହୋଇଯାଅ, ନିଜକୁ ଆହୁରି ବିସ୍ତୃତ କରିଦିଅ, ପ୍ରତ୍ୟେକଟି ବସ୍ତୁ ଭିତରେ ଓ ପ୍ରତ୍ୟେକ ସତ୍ତା ମଧ୍ୟରେ ତୁମେ ବାସ କରିବାକୁ ଆରମ୍ଭକର, ବ୍ୟକ୍ତିମାନଙ୍କୁ ପରସ୍ପରଠାରୁ ବିଚ୍ଛିନ୍ନ କରି ରଖୁଥିବା ପ୍ରାଚୀରଟି ଭାଙ୍ଗିପଡ଼େ । ସମସ୍ତଙ୍କର ଚିନ୍ତା ହୋଇଉଠେ ତୁମର ଚିନ୍ତା, ଅନ୍ୟ ସମସ୍ତଙ୍କର ଅନୁଭୂତିରେ ତୁମେ ସ୍ପନ୍ଦିତ ହୁଅ, ଅନ୍ୟମାନଙ୍କର ହୃଦୟର ଭାବରେ ତୁମ ହୃଦୟ ଆଲୋଡ଼ିତ ହୁଏ, ସମସ୍ତଙ୍କର ଜୀବନ ହୋଇଉଠେ ତୁମର ଜୀବନ । ଯାହା ଜଡ଼ ବୋଲି ମନେ ହେଉଥିଲା, ତାହା ହଠାତ୍ ପ୍ରାଣବନ୍ତ ହୋଇଉଠେ, ପ୍ରସ୍ତରଖଣ୍ଡରେ ଅନୁଭୂତ ହୁଏ ଗତି ଓ ସ୍ପନ୍ଦନ, ବୃକ୍ଷଲତାମାନେ ଅନୁଭବ କରନ୍ତି, ଇଚ୍ଛା କରନ୍ତି, ଯନ୍ତ୍ରଣା ଅନୁଭବ କରନ୍ତି, ପଶୁପକ୍ଷୀମାନେ ସେମାନଙ୍କ ନିଜ ଭାଷାରେ କଥା କହନ୍ତି, ତାହା ଯଦିଓ ଅପରିଣତ ତଥାପି ସ୍ପଷ୍ଟ ଓ ଭାବବ୍ୟଞ୍ଜକ ହୋଇଉଠେ – ସବୁକିଛି ଯେପରି ହୋଇଉଠେ ସୀମାହୀନ, କାଳହୀନ ଏକ ଅପରୂପ ଚେତନାରେ ପ୍ରାଣବନ୍ତ । ଚୈତ୍ୟ ଉପଲବ୍ଧିର ଏହା ଗୋଟିଏ ଦିଗ ମାତ୍ର । ଏହିପରି ଆହୁରି ଅନେକ ଦିଗ ଅଛି । ସବୁଗୁଡ଼ିକ ମିଳିମିଶି ତୁମକୁ ସାହାଯ୍ୟ କରନ୍ତି ତୁମ ଅହଂକାରର ଗଣ୍ଡି ଓ ତୁମ ବାହ୍ୟ ବ୍ୟକ୍ତିତ୍ୱର ବେଷ୍ଟନୀ ଭିତରୁ ବାହାରି ଆସିବାକୁ, ତୁମ କ୍ରିୟା-ପ୍ରତିକ୍ରିୟାର କ୍ଲୀବତାକୁ, ତୁମ ସଂକଳ୍ପର ଅକ୍ଷମତାକୁ ଅତିକ୍ରମ କରିଯିବାକୁ ।

''କିନ୍ତୁ ମୁଁ ଆଗରୁ ଯାହା କହିଛି – ଏହି ଉପଲବ୍ଧିରେ ପହଞ୍ଚିବାର ପଥ ଦୀର୍ଘ ଏବଂ ଦୁରୂହ, ସମସ୍ୟାସଂକୁଳ ଓ ତାହା ବାଧାବିପତ୍ତିରେ ପୂର୍ଣ୍ଣ; ସେସବୁର ସମ୍ମୁଖୀନ ହେବାକୁ ହେଲେ ଏପରି ଏକ ଦୃଢ଼ ସଂକଳ୍ପର ପ୍ରୟୋଜନ ଯାହାକି ସମସ୍ତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପାଇଁ, ସମସ୍ତ ବିଘ୍ନକୁ ଜୟ କରିବା ପାଇଁ ଅଭୀପ୍‌ସା ପୋଷଣକରେ । ଏହା ଯେପରି ଜଣେ ଆବିଷ୍କାରକଙ୍କର କୌଣସି ଅଗମ୍ୟ ଓ ଦୁର୍ଭେଦ୍ୟ ଅରଣ୍ୟ ଭିତର ଦେଇ ଯାତ୍ରା – ଏକ ଅଜଣା ରାଜ୍ୟର ସନ୍ଧାନରେ ଏକ ମହାନ୍ ଆବିଷ୍କାରର ଲକ୍ଷ୍ୟରେ । ଚୈତ୍ୟପୁରୁଷର ଆବିଷ୍କାର ମଧ୍ୟ ଏହିପରି ଏକ ମହାନ୍ ଆବିଷ୍କାର । ଏକ ନୂତନ ଦେଶର ଆବିଷ୍କାର ପରି ଏ କ୍ଷେତ୍ରରେ ମଧ୍ୟ ସମାନ ସାହସ, ଧୈର୍ଯ୍ୟ ଓ ସହିଷ୍ଣୁତା ଆବଶ୍ୟକ । ଏଥିପାଇଁ ପ୍ରୟାସ କରିବାକୁ ଯେଉଁମାନେ ଦୃଢ଼ପ୍ରତିଜ୍ଞ, ଏହି କେତେକ ଉପଦେଶ ସେମାନଙ୍କ ପାଇଁ ଉପଯୋଗୀ ହୋଇପାରେ ।

''ପ୍ରଥମ ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଯାହାକୁ କେବେ ବି ଭୁଲିବାର କଥା ନୁହେଁ, ତା'ହେଉଛି ମନଦ୍ୱାରା ଆଧ୍ୟାତ୍ମିକ ବିଷୟସବୁକୁ ବିଚାରକରିବା ସମ୍ପୂର୍ଣ୍ଣ ଅସମ୍ଭବ । ଯେଉଁମାନେ ଯୋଗସାଧନା ସମ୍ବନ୍ଧେ ଲେଖିଛନ୍ତି, ସମସ୍ତେ ଏହି କଥା କହିଛନ୍ତି, କିନ୍ତୁ ଖୁବ୍ କମ୍ ଲୋକ ଏହାକୁ କାର୍ଯ୍ୟରେ ପରିଣତ କରିଛନ୍ତି । ଅଥଚ ଯୋଗପଥରେ ଅଗ୍ରସର ହେବାକୁ ହେଲେ ସମସ୍ତ ପ୍ରକାର ମାନସିକ ବିଚାର, ମାନସିକ କ୍ରିୟା-ପ୍ରତିକ୍ରିୟା ଓ ମତାମତ ଆଦିରୁ ବିରତ ରହିବା ଏକାନ୍ତ ଅପରିହାର୍ଯ୍ୟ ।

''ନିଜର ବ୍ୟକ୍ତିଗତ ସୁଖ, ସନ୍ତୋଷ, ଆରାମ ଓ ଉପଭୋଗ ନିମନ୍ତେ ସମସ୍ତ ଇଚ୍ଛା ଓ ଉଦ୍ୟମକୁ ସମ୍ପୂର୍ଣ୍ଣରୂପେ ବର୍ଜନ କର । ଅଗ୍ରଗତି ନିମନ୍ତେ ହୋଇଉଠ ଏକ ଜ୍ୱଳନ୍ତ ଅଗ୍ନିଶିଖା ପରି, ତୁମ ନିକଟକୁ ଯାହା ବି ଆସୁନା କାହିଁକି, ତାକୁ ଅଗ୍ରଗତି

ନିମନ୍ତେ ସହାୟକ ବୋଲି ଗ୍ରହଣକର ଓ ଅବିଳମ୍ୱେ ଆବଶ୍ୟକ ପ୍ରଗତି ସାଧନକର ।

''ତୁମେ କରୁଥିବା ସମସ୍ତ କର୍ମରୁ ତୃପ୍ତି ପାଇବାକୁ ଚେଷ୍ଟାକର କିନ୍ତୁ ତୃପ୍ତି ପାଇଁ କୌଣସି କାର୍ଯ୍ୟ କର ନାହିଁ ।

''କେବେ ବି ଉତ୍ତେଜିତ, ଭୀତ ବା ବିଚଳିତ ହୁଅ ନାହିଁ । ଯାହା ଆସୁନା କାହିଁକି, ଯେକୌଣସି ଅବସ୍ଥାରେ ଓ ଯେକୌଣସି ବିଷୟରେ, ସମ୍ପୂର୍ଣ୍ଣ ଶାନ୍ତ ରହ । ତଥାପି ଅଗ୍ରସର ଦିଗରେ କ'ଣ ବାକି ରହିଛି, ସେସମ୍ପର୍କରେ ଜାଗ୍ରତ୍ ରୁହ ଓ କାଳ ବିଳମ୍ୱ ନକରି ତାହା ସାଧନ କର ।

''କେବଳ ବାହ୍ୟରୂପକୁ ଦେଖି କୌଣସି ଘଟଣାର ବିଚାର କରିବ ନାହିଁ । ସେଗୁଡ଼ିକ ସର୍ବଦା ଅନ୍ୟକିଛିକୁ ପ୍ରକାଶ କରିବା ନିମିତ୍ତ ଏକ ଅପାରଗ ଚେଷ୍ଟାମାତ୍ର, ତାହା ଭିତରେ ଯେଉଁ ପ୍ରକୃତ ସତ୍ୟ ରହିଥାଏ, ତାହା ତୁମର ଅଗଭୀର ବିଚାରବୁଦ୍ଧିର ସମ୍ପୂର୍ଣ୍ଣ ଅଗମ୍ୟ ।

''କାହାର ଆଚାର-ବ୍ୟବହାର ସମ୍ୱନ୍ଧରେ କୌଣସି ଅଭିଯୋଗ କରିବ ନାହିଁ, ଯଦି ତାହାର ଯେଉଁ ସ୍ୱଭାବ ଯୋଗୁଁ ସେ ଏପରି ଆଚରଣ କରୁଛି, ସେହି ସ୍ୱଭାବକୁ ବଦଳାଇ ଦେବାର କ୍ଷମତା ତୁମଠାରେ ନଥାଏ । ଯଦି ତୁମର ସେପରି କ୍ଷମତା ଥାଏ, ତେବେ ଅଭିଯୋଗ କରିବା ପରିବର୍ତ୍ତେ ତା'ର ସ୍ୱଭାବକୁ ବଦଳାଇ ଦିଅ ।

''ତୁମେ ଯାହା ବି କର ନା କାହିଁକି, ନିଜ ଆଗରେ ଯେଉଁ ଲକ୍ଷ୍ୟ ରଖିଛ, ତାହାକୁ କେବେବି ଭୁଲିଯାଅ ନାହିଁ । ଏହି ମହତ୍ ଆବିଷ୍କାରର ସାଧନରେ ଛୋଟ ବା ବଡ଼ ବୋଲି କିଛି ନାହିଁ, ସେଗୁଡ଼ିକ ସମାନ ଭାବରେ ଗୁରୁତ୍ୱପୂର୍ଣ୍ଣ ଏବଂ ତୁମର ସାଫଲ୍ୟକୁ ତ୍ୱରାନ୍ୱିତ କରିବାରେ ସହାୟକ ହୁଅନ୍ତି କିଂବା ବିଳମ୍ୱ ଘଟାନ୍ତି । ଏହି ଭାବରେ ଭୋଜନ ପୂର୍ବରୁ କିଛିକ୍ଷଣ ଏକାଗ୍ର ହୋଇ ଅଭୀପ୍ସା କର ଯେ ତୁମେ ଯେଉଁ ଖାଦ୍ୟଗ୍ରହଣ କରୁଛ ତାହା ତୁମ ଶରୀରକୁ ଏପରି ଉପାଦାନ ଆଣିଦେଉ ଯାହାକି ତୁମର ସେହି ମହତ୍ ଆବିଷ୍କାର ନିମନ୍ତେ ଉଦ୍ୟମର ସୁଦୃଢ଼ ଭିତ୍ତିସ୍ୱରୂପ ହେବ ଏବଂ ସେଦିଗରେ ଅଧ୍ୟବସାୟ ନିମନ୍ତେ ଆବଶ୍ୟକ ଶକ୍ତି ସଂଚାର କରିବ ।

''ଶୋଇବା ପୂର୍ବରୁ କିଛି ସମୟ ଏହି ଅଭୀପ୍ସାରେ ଏକାଗ୍ର ହୁଅ ଯେ ନିଦ୍ରା ଯେପରି ତୁମର ସ୍ୱାଭାବିକ କ୍ଳାନ୍ତି ଦୂରକରୁ ଏବଂ ତୁମର ମସ୍ତିଷ୍କରେ ଆଣିଦେଉ ପ୍ରଶାନ୍ତି ଓ ନୀରବତା ଯେପରିକି ନିଦ୍ରାଭଙ୍ଗ ପରେ ତୁମେ ପୁଣି ଦ୍ୱିଗୁଣ ଶକ୍ତି ଓ ଉତ୍ସାହ ନେଇ ତୁମ ମହତ୍ ଆବିଷ୍କାରର ପଥରେ ଯାତ୍ରାରମ୍ଭ କରିବ ।

''କୌଣସି କର୍ମରେ ପ୍ରବୃତ୍ତ ହେବା ପୂର୍ବରୁ ଏକାଗ୍ରତାର ସହ ଏହି ସଂକଳ୍ପ କର ଯେ ତୁମର ସେହି ମହାନ୍ ଆବିଷ୍କାରର ଯାତ୍ରାପଥରେ ଅଗ୍ରପଦକ୍ଷେପ ପାଇଁ ଏହି କର୍ମ ଯେପରି ସହାୟକ ହେଉ, ଅନ୍ତତଃ କୌଣସି ପ୍ରତିବନ୍ଧକ ନଆଣୁ ।

''କୌଣସି କଥା କହିବାକୁ ଗଲାବେଳେ ଶବ୍ଦ-ଉଚ୍ଚାରଣ ପୂର୍ବରୁ ଆବଶ୍ୟକ ସଂଯମ ପ୍ରୟୋଗ କର । କେବଳ ନିତାନ୍ତ ପ୍ରୟୋଜନୀୟ କଥା ବ୍ୟତୀତ ଅନ୍ୟ କିଛି କହ ନାହିଁ, ଯାହାକି ତୁମର ସେହି ମହାନ୍ ଆବିଷ୍କାର ପଥରେ କୌଣସି ଅନ୍ତରାୟ ସୃଷ୍ଟି କରିବ ।

''ସଂକ୍ଷେପରେ କହିବାକୁ ଗଲେ, ତୁମ ଜୀବନର ଲକ୍ଷ୍ୟ ଓ ଉଦ୍ଦେଶ୍ୟକୁ କେବେ ବି ଭୁଲିଯାଅ ନାହିଁ । ସେହି ମହାନ୍ ଆବିଷ୍କାର ନିମନ୍ତେ ଜାଗ୍ରତ୍ ସଂକଳ୍ପ ବରାବର ତୁମ ସତ୍ତାର ଊର୍ଦ୍ଧ୍ୱରେ ଜ୍ୟୋତିଃ ଓ ଆଲୋକର ଏକ ବିରାଟ ପକ୍ଷୀପରି ବିଚରଣ କରୁ ଓ ତୁମର ପ୍ରତିଟି କ୍ରିୟା ଓ ତୁମର ପ୍ରତିଟି ଗତିବୃତ୍ତିକୁ ତାହା ସର୍ବଦା ପ୍ରଭାବିତ ଓ ସଞ୍ଚାଳିତ କରୁ ।''

(କ୍ରମଶଃ)

ଚୈତ୍ୟଗତ ଭାବରେ ମା'ଙ୍କ ପ୍ରତି ଉନ୍ମୋଚିତ ହୋଇ ରହିବା ଦ୍ୱାରା କର୍ମ ପାଇଁ ବା ସାଧନା ପାଇଁ ଯାହାକିଛି ଆବଶ୍ୟକ ତାହା କ୍ରମଶଃ ଅଧିକରୁ ଅଧିକ ବିକଶିତ ହେବ, ଏହାହିଁ ହେଉଛି ସାଧନାର ପ୍ରଧାନ ରହସ୍ୟମାନଙ୍କ ଭିତରୁ ଅନ୍ୟତମ, ଏହାହିଁ ସାଧନାର କେନ୍ଦ୍ରୀୟ ଗୋପନ ରହସ୍ୟ ।

— ଶ୍ରୀଅରବିନ୍ଦ

# ଅମରତ୍ୱର ଦିଗ୍‌ଦର୍ଶିକା ଦିବ୍ୟଜନନୀ


## ଶ୍ରୀ ବିମଳ ପ୍ରସନ୍ନ ଦାସ


ପାର୍ଥିବ ଜୀବନରେ ମା' ଯେପରି ସ୍ନେହାଭିଷିକ୍ତ ପ୍ରେମ, ଦୟା, କ୍ଷମା ଓ ସହିଷ୍ଣୁତାର ଏକ ଅନନୁକରଣୀୟ ମାନବାୟନ; ଦିବ୍ୟଜନନୀ ସେହିପରି ସୃଷ୍ଟିର ସୌନ୍ଦର୍ଯ୍ୟ, ସୁଷମା, ସଂବେଦନା, ଶକ୍ତି, ସଂହତି ଓ ସର୍ବୋପରି ପ୍ରେମ, କରୁଣା ଏବଂ ଅମରତ୍ୱର ଅନାସ୍ୱାଦିତ ଅମୃତାୟନ । ସ୍ରଷ୍ଟାଙ୍କର ଏଇ ଦିବ୍ୟଜନନୀ ପରିକଳ୍ପନା ଜନସାଧାରଣଙ୍କ ପାଇଁ ଚିନ୍ତା ତଥା ଭାଷାର ଅତୀତ । 'ମା' ଏଇ ଗୋଟିଏ ଅକ୍ଷର ମଧ୍ୟରେ ବିଶ୍ୱନିୟନ୍ତା ସୃଷ୍ଟିର ସକଳ ରହସ୍ୟ ଭରିଦେଇଛନ୍ତି ଯାହା ମାନୁଷୀ ବିଚାରର ଅତୀତ ଏବଂ ଅପହୁଞ୍ଚ । ଅନୁପମା ସେ, ସକଳ ଉପମା ସେଠି ତୁଚ୍ଛ ।

ପାପ-ତାପ, କଳୁଷ-କାଳିମା, ଅମା-ଅନ୍ଧାର ମଧ୍ୟରେ ନିର୍ଯାତିତ ଜାଗତିକ ଜୀବନର ଉଦ୍ଧାର ପାଇଁ ଦିବ୍ୟଜନନୀ ଶ୍ରୀମା ଯଥାର୍ଥରେ ପତିତପାବନୀ ପବିତ୍ର ଜାହ୍ନବୀଧାରା । ମୃତ୍ୟୁମୁଖୀ ମଣିଷ ଓ ମରଣଶୀଳ ଧୂଳିମାଟିର ପୃଥିବୀ ପାଇଁ ସେହିଁ ଅମୃତ ଓ ଅମରତ୍ୱର ଉନ୍ମେଷକାରିଣୀ । ସଗର ବଂଶ ମୁକ୍ତିଲାଭ କଲା-ପରି ତାଙ୍କର ଆବାହନ ଓ ଆରାଧନାହିଁ ଏ ଯୁକ୍ତି-ବୁଦ୍ଧି ସର୍ବସ୍ୱ ମଣିଷକୁ ଅମରତ୍ୱର ଅନାସ୍ୱାଦିତ ଅମୃତର ପ୍ରତିଶ୍ରୁତି ଦେଇଛି । ମହାଯୋଗୀ ଶ୍ରୀଅରବିନ୍ଦଙ୍କର ମଣିଷଜାତି ପାଇଁ ସର୍ବଶ୍ରେଷ୍ଠ ଅବଦାନ ହେଉଛି ମାତୃ ମହାମନ୍ତ୍ର । ମହାଯୋଗୀଙ୍କ ପୂର୍ଣ୍ଣଯୋଗ ସାଧନାର ମୂଳ ହେଉଛନ୍ତି ଆଦିଶକ୍ତି ଶ୍ରୀମା । ପ୍ରେମ ଯଦି ପୂର୍ଣ୍ଣଯୋଗ ସାଧନାର ମୂଳମନ୍ତ୍ର, ମା' ସ୍ୱୟଂ ଏହି ଦିବ୍ୟପ୍ରେମର ମାନୁଷୀ ପ୍ରତିମା । ଯୋଗ-ସାଧନାମୟ ଜୀବନର ସଂଘର୍ଷ ପଥରେ ମା'ହିଁ ରକ୍ଷା କବଚ । କ୍ଷତ-ବିକ୍ଷତ ପୃଥିବୀର ଯନ୍ତ୍ରଣା ଉପଶମକାରିଣୀ ଶକ୍ତି ଓ ଶାନ୍ତିର ଉତ୍ସ । ସେହିଁ ସଂବେଦନାର ସ୍ୱସ୍ତି, ସନ୍ତାପର ସାନ୍ତ୍ୱନା, ସକଳ ରହସ୍ୟର ଛନ୍ଦ, ସକଳ ଅଶୁଭ ଭିତରେ ଶୁଭାଶିଷ, ଅଚେତନା ଭିତରେ ଚେତନା । ସକଳ ଉପରେ ଥିବା ଅପଶକ୍ତି ବିରୁଦ୍ଧରେ ସେହିଁ ଅଲଂଘନୀୟ ଓ ଅପରାଜେୟ ଶକ୍ତି । ସକଳ ଅନିଶ୍ଚୟତା ଭିତରେ ନିଶ୍ଚୟତାର ପ୍ରତିଶ୍ରୁତି । ମୃତ୍ୟୁ ଆଉ ନିୟତି ବିରୁଦ୍ଧରେ ସଂଗ୍ରାମରତ ବୀରମାନଙ୍କର ସେ ଦୁଃସାହସ । ସେ ସ୍ୱୟଂ ଜ୍ଞାନ, ବିଚାର, ବିବେକ ଓ ମର୍ଯ୍ୟାଦାର ମହିମା; ଦ୍ରଷ୍ଟାର ଦର୍ଶନ ଓ ଉଦ୍‌ଗାତାର ଉଦ୍ଦୀପନା; ଆକୁଳ ହୃଦୟରେ ଶାନ୍ତିର ଯମୁନା; ମୁମୂର୍ଷୁ ପ୍ରାଣରେ ସଞ୍ଜୀବନୀ ଧାରା । ମୃତ୍ୟୁର ଆଲିଙ୍ଗନ ଭିତରେ ସେ ଅମରତ୍ୱର ତୋରଣ । ମହା କୋଳାହଳ ଭିତରେ ଶାନ୍ତ, ଶୀତଳ ନୀରବତା ସେ । ଆକାଶ ପରି ଉଦାର, ଧରିତ୍ରୀ ପରି ସହନଶୀଳା ଓ ମହାସାଗର ପରି ଗଭୀର, ମଧୁର ମଣିମାଣିକ୍ୟରେ ରତ୍ନଗର୍ଭା ।

ଋଷିକବି ଶ୍ରୀଅରବିନ୍ଦ ତାଙ୍କ ରଚିତ ମହାକାବ୍ୟ ''ସାବିତ୍ରୀ''ରେ ଦିବ୍ୟଜନନୀଙ୍କୁ ଆବାହନ ଓ ଆରାଧନା କରିଛନ୍ତି ଏହିପରି :

"Descend, O happiness, with
thy moon-gold feet
Enrich earth's floors upon
whose sleep we lie."
(*Savitri,* P. 408)

ମଣିଷ ଯେଉଁ ଅମରତ୍ୱ ତଥା ସ୍ୱର୍ଗର ଅନ୍ୱେଷା କରିଆସିଛି ଓ ଏଯାବତ୍ ନପାଇ ମୃତ୍ୟୁର କବଳିତ ହୋଇ ଧୂଳି-ମାଟିର ଜୀବଟିଏ ଭାବରେ ଜରା, ବାର୍ଦ୍ଧକ୍ୟ ଭିତରେ ବଞ୍ଚିଛି ସେହି ଆକୁଳତାମୟ ପ୍ରାର୍ଥନାର ପ୍ରତ୍ୟୁତ୍ତର ଓ ପ୍ରତିଶ୍ରୁତି ସ୍ୱରୂପ ମା' ଧରାବତରଣ କରିଛନ୍ତି । ଋଷି କବି ସ୍ୱୟଂ ମା'ଙ୍କୁ ଆହ୍ୱାନ କରିଛନ୍ତି । ମୃତ୍ୟୁ ଦେବତାଙ୍କୁ ପରାହତ କରିବାର ଅପରାଜେୟ ଶକ୍ତି ଶ୍ରୀଅରବିନ୍ଦ ମା'ଙ୍କଠାରେ ଦେଖିଛନ୍ତି । ସେହି ବିଭୂତିମୟ ମୁହୂର୍ତ୍ତର ବର୍ଣ୍ଣନା କରି ମଣିଷର ଆଶ୍ୱାସନା ପାଇଁ ସାବିତ୍ରୀ ମହାକାବ୍ୟର Book I Canto IV, Page. 59ରେ ସେ ଉଲ୍ଲେଖ କରିଛନ୍ତି :

"A date is fixed in the calendar
of the Unknown,"

*

ଏହି ଶାଶ୍ୱତ ନିୟମରେ ସାବିତ୍ରୀଙ୍କର ସାକ୍ଷାତ୍ ହୋଇଛି ସତ୍ୟବାନ୍‌ଙ୍କ ସହିତ ଏକ ଅରଣ୍ୟର କାନ୍ତ ମଧୁମୟ ବିଜନତା ମଧ୍ୟରେ । ଋଷିକବି ଶ୍ରୀଅରବିନ୍ଦଙ୍କ ପ୍ରତିଶ୍ରୁତ ନୂତନ ପୃଥିବୀ ପାଇଁ ଏହା ହେଉଛି ଏକ ଅଭୂତପୂର୍ବ ଓ ଅସାଧାରଣ ମୁହୂର୍ତ୍ତ । ସେହି ଶୁଭ ମୁହୂର୍ତ୍ତରେ ସେହି ନୂତନ ଜଗତ୍ ତଥା ସୃଷ୍ଟିର ଗର୍ଭାଧାନ ହୋଇଛି । ନିୟତିନିର୍ଦ୍ଦିଷ୍ଟ ଏହି ମୁହୂର୍ତ୍ତଟିର ମିଳନ ମଧ୍ୟରୁ ଏକ ନୂତନ ସୃଷ୍ଟି ଜନ୍ମ ନେବା ପାଇଁ ଅପେକ୍ଷା କରିଛି ।

ସ୍ୱର୍ଣ୍ଣାଭ ସବୁଜିମାର ଅପରୂପ ଶୁଭ୍ରାଲୋକ ଭିତରେ ମଦ୍ର ରାଜନନ୍ଦିନୀ ସାବିତ୍ରୀଙ୍କର ଶାଲ୍ୱ ବଂଶର ବନବାସୀ ରାଜକୁମାର ସତ୍ୟବାନ୍‌ଙ୍କ ସହିତ ସାକ୍ଷାତ୍ ହୋଇଛି । ଦୁଇଟି ମହାନ୍ ଆତ୍ମାର ମହାମିଳନ – ସତେଯେପରି ଶ୍ୱେତପଦ୍ମ ସହିତ ରକ୍ତପଦ୍ମର, ପ୍ରେମ ସହିତ ପ୍ରଜ୍ଞାର, ଭକ୍ତି ସହିତ ଜ୍ଞାନର, ମହାପୁରୁଷଙ୍କ ସହିତ ମହାପ୍ରକୃତିଙ୍କର, ଜୀବାତ୍ମା ସହିତ ପରାମାତ୍ମାଙ୍କର ମିଳନ । ପୃଥିବୀକୁ ଅମରାବତୀରେ ପରିଣତ କରିବା ପାଇଁ ସତେଯେପରି ଏହି ମୁହୂର୍ତ୍ତହିଁ ବିଧିବିହିତ ଏବଂ ପୂର୍ବ ନିର୍ଦ୍ଧାରିତ ।

କୁମାରୀ ସାବିତ୍ରୀଙ୍କ ଅନ୍ତର୍ଦୃଷ୍ଟି ଖୋଲିଯାଇଛି । ସେହି ଦୃଷ୍ଟିରେ ସେ ସତ୍ୟବାନଙ୍କୁ ଦେଖିଛନ୍ତି । ସତ୍ୟବାନ୍‌ଙ୍କ ଅନ୍ତଃସତ୍ତା ତାଙ୍କର ଅନ୍ତର୍ଦୃଷ୍ଟିରେ ଆଉ ଅସ୍ପଷ୍ଟ ରହିଲା ନାହିଁ । ପତି ଅନ୍ୱେଷଣରେ ତାଙ୍କ ଦ୍ରୁତଗାମୀ ରଥ ସେଠାରେ ଅଟକି ଯାଇଛି । ସତେଯେପରି ମୁକ୍ତ ବନପଥରେ ବାୟୁ ଗତିହୀନ, ନିସ୍ପନ୍ଦ ଓ ଅଚଞ୍ଚଳ । ମାନବାତ୍ମାର ପ୍ରତୀକ ସତ୍ୟବାନଙ୍କ ତେଜୋଦୀପ୍ତ ମୁଖମଣ୍ଡଳ ତାଙ୍କୁ ଅଭିଭୂତ କରିଛି । ଚନ୍ଦ୍ରଙ୍କୁ ଚାହିଁ ସମୁଦ୍ର ଉଦ୍‌ବେଳିତ ହୋଇଉଠିଲା ପରି ସତ୍ୟବାନଙ୍କ ହୃଦୟ ଉଦ୍‌ବେଳିତ ହୋଇ ଉଠିଛି ଦେବୀ ସାବିତ୍ରୀଙ୍କ ସଂଦର୍ଶନରେ । ଅକଳ୍ପନୀୟ ଆଲୋଡ଼ନ ପରସ୍ପରକୁ ଏକ ନିବିଡ଼ ଆଲିଙ୍ଗନରେ ନିବଦ୍ଧ କରିଛି । ସତ୍ୟବାନ୍‌ଙ୍କ ମଧ୍ୟରେ ସାବିତ୍ରୀ ତାଙ୍କ ଜୀବନର ସାଥୀ, ପ୍ରଭୁ ଓ ଅନ୍ତରାତ୍ମାର ଅଧିକାରୀଙ୍କୁ ଦେଖିଛନ୍ତି । ସତ୍ୟବାନ୍ ମଧ୍ୟ ସାବିତ୍ରୀଙ୍କ ନୟନରେ ଏକ ଦିବ୍ୟପ୍ରତିଶ୍ରୁତି ଦେଖିଛନ୍ତି । ସେ ଯେପରି ଏକ ବହ୍ନି ଓ ତାଙ୍କ ଅନନ୍ତ କାଳର ସ୍ୱପ୍ନ ସତେଅବା ତାଙ୍କ ସମ୍ମୁଖରେ ମୂର୍ତ୍ତିମନ୍ତ । ବିଧି ଅଭିପ୍ରେତ ଦୁଇଟି ଆତ୍ମା ଏକାକାର, ଏକାତ୍ମ ହୋଇଯାଇଛନ୍ତି ।

ସତ୍ୟବାନ୍ ଓ ସାବିତ୍ରୀଙ୍କ ମହାମିଳନ ଆଦୌ ଆକସ୍ମିକ ନୁହେଁ । ଏ ପୃଥିବୀରେ ଯେଉଁଠି ଯିଏ ପରସ୍ପର ସହିତ ମିଳିତ ହୋଇଥା'ନ୍ତି, ତାହା ମଧ୍ୟ ଅପ୍ରତ୍ୟାଶିତ ନୁହେଁ । ସେମାନେ ଅତୀତ ଜନ୍ମରେ ମଧ୍ୟ ଏକତ୍ର ଏ ଧରାପାଇଁ କାମ କରିଥିଲେ । ଉତ୍ତରଦାୟୀ ଆତ୍ମାକୁ ଅପେକ୍ଷମାଣ ଆତ୍ମା ଚିହ୍ନିପାରେ । କେବଳ ସମୟର ଅନୁକୂଳତାକୁ ଏହା ଅପେକ୍ଷା କରିଥାଏ । ମଣିଷ ଭିତରେ ଏପରି ଏକ ଶକ୍ତି ରହିଛି ଯାହାକି ମସ୍ତିଷ୍କଠାରୁ ଅଧିକ ଜାଣିପାରେ । ପ୍ରେମହିଁ ସେଇ ରହସ୍ୟମୟ ଶକ୍ତି । ପ୍ରେମ ମଣିଷର ଅନ୍ତରରେ କଳିକାଟିଏ ପରି ଧୀରେ ଧୀରେ ପାଖୁଡ଼ା ମେଲି ପ୍ରସ୍ଫୁଟିତ ହୁଏ । ପ୍ରେମର ଏପରି ରହସ୍ୟମୟ ଶକ୍ତି ଅଛି ଯାହା ପାର୍ଥିବ ଆଧାରରେ ଦେବଜୀବନ ଆନୟନ କରିପାରେ ।

ସତ୍ୟବାନ୍ କହିଲେ ଖେଦଭରା କଣ୍ଠରେ : ଏ ଜଗତ୍ ଅସମ୍ପୂର୍ଣ୍ଣ ଓ ମନୁଷ୍ୟ ଖଣ୍ଡିତ । ମାତ୍ର ଏଇ ସସୀମ ଖଣ୍ଡିତ ସ୍ଥିତି ପ୍ରତି ଆସକ୍ତ, ବାହ୍ୟ ସ୍ଥୂଳ ସୁଖଦୁଃଖର ବନ୍ଧନରୁ ମୁକ୍ତ ହେବାକୁ ସେ ଚାହୁଁ ନାହିଁ । ଶାଶ୍ୱତ ଓ ଅମୃତତ୍ୱ ପ୍ରତି ତା'ର ଆସ୍ପୃହା ନାହିଁ । ଅରଣ୍ୟରେ ତପୋରତ ମୁନିଋଷିମାନେ ଧ୍ୟାନଧାରଣା, କଠୋର ସାଧନା କରିଛନ୍ତି ସତ, ମାତ୍ର ତହିଁରେ ଜଗତର ତଥା ମାନବଜୀବନର ମୂଳ ସମସ୍ୟାର ସମାଧାନ ହୋଇପାରି ନାହିଁ, ସେମାନଙ୍କ ତପସ୍ୟା ମୁକ୍ତି ବା ନିର୍ବାଣରେ ପରିସମାପ୍ତି ହେଉଛି ମାତ୍ର; ଜଡ଼ ଓ ଆତ୍ମା ମଧ୍ୟରେ ଯେଉଁ ବିଭେଦ ଥିଲା ତାହା ସେଇପରି ରହିଯାଇଛି, ଗୋଟିକୁ ହାତ ବଢ଼ାଇଲେ ଅନ୍ୟଟି ଖସି ଯାଉଛି ।

ସାବିତ୍ରୀଙ୍କ ମଧ୍ୟରେ ସତ୍ୟବାନ୍ ଦେଖିଛନ୍ତି ବିଶ୍ୱଜନନୀଙ୍କୁ । ତେଣୁ ସେ ତାଙ୍କୁ କହୁଛନ୍ତି : ହେ ଲାବଣ୍ୟମୟି ! ତୁମକୁ ଦେଖି ମୋର ଜଡ଼ ଅଚେତନାର ଘୋର ସୁପ୍ତି କଟିଯାଇଛି । ମୋର ଆତ୍ମାର ମୁକ୍ତି ସାଙ୍ଗରେ ମୋ ଜଡ଼ଶରୀର ବି ମୁକ୍ତ ଓ ଦିବ୍ୟ ହେବାକୁ ଯାଉଛି । ମୃତ୍ୟୁ ଓ ଅଜ୍ଞାନକୁ ପାର ହୋଇ ଆମେ ଆଲୋକ ଓ ଅମୃତଲୋକରେ ପହଞ୍ଚିବା । ବର୍ତ୍ତମାନ ନୂତନ ଯୁଗ ଆସିବାର ବେଳା ପହଞ୍ଚିଛି । ମୁଁ ବୁଝିଥିଲି ମଣିଷ ଜୀବନ କେବଳ ସୁଖଦୁଃଖ, ମିଳନ-ବିଚ୍ଛେଦର ସମାହାର ନୁହେଁ । ଆହୁରି ବିଶାଳତର, ମହତ୍ତର ଭାଗ୍ୟର ଅଧିକାରୀ ମଣିଷ – ଆଜି ସମୟ ଆସିଛି, ଯାହା ତୁମର ଆଗମନ ସୂଚାଇ ଦେଉଛି ।

ମାନବାତ୍ମାର ପ୍ରତିନିଧିଭାବରେ ସତ୍ୟବାନ୍ ନିଜର ଉପଲବ୍ଧି ପ୍ରକାଶ କରି ସାବିତ୍ରୀଙ୍କୁ କହିଛନ୍ତି ଯେ ମଣିଷ ଆତ୍ମାକୁ ଲାଭ କରିବାର ସାଧନାରେ ତା' ପାଇଁ ଜଗତ୍ ଅଦୃଶ୍ୟ ହୋଇଯାଉଛି ଏବଂ ସେ ଯେତେବେଳେ ଜଗତକୁ ଆପଣାର କରୁଛି ସେତେବେଳେ ଆତ୍ମାକୁ ହରାଇ ବସୁଛି । ଭଗବାନ୍ ଓ ବାସ୍ତବତା ଭିତରେ କେଉଁଠି ସେତୁ ଓ କିପରି ତା'ର ସଂଯୋଗ ସମ୍ଭବ, ତାହାକୁ ଜାଣିବା ପାଇଁ ସେ ସମର୍ଥ ହୋଇପାରୁ ନାହିଁ । ଏହି ଚିରନ୍ତନ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ସାବିତ୍ରୀ କହିଛନ୍ତି, ''ତୁମେହିଁ ସିଏ ଯାହାଙ୍କୁ ମୋ ଆତ୍ମା ଖୋଜି ଆସିଛି ନିତ୍ୟ, ଆମେ ଦୁହେଁ ମିଳି ଏ ଜୀବନ ଓ ଜଗତକୁ ଦିବ୍ୟାୟିତ କରିବା ନୂଆ ଭାବରେ'' । ଏହି ପ୍ରତିଶ୍ରୁତିରେ ମାନୁଷୀ ମୁହୂର୍ତ୍ତ ସାବିତ୍ରୀଙ୍କର ରୂପାନ୍ତରିତ ହୋଇଉଠିଛି ଦେବ ମୁହୂର୍ତ୍ତରେ । କବିଙ୍କ

ମନ୍ତ୍ରମୟୀ ଉକ୍ତି ଏଇଭଳି :

''ଏହି ବିଶ୍ୱ ରଙ୍ଗମଞ୍ଚେ
ନବନାଟ୍ୟେ ଦୁଇ ଜଣ ମିଶି
ଆରମ୍ଭିଲେ ନବତମ ମହତ୍ତର ଯୁଗ
ପରିଣତ ହେଲା ମାନୁଷୀ ମୁହୂର୍ତ୍ତ ଏକ ଦିବ୍ୟମୁହୂର୍ତ୍ତରେ''....

('ସାବିତ୍ରୀ' ପୃ : ୪୧୧ର ଭାଷାନ୍ତର)

ତା'ପରେ ସତ୍ୟବାନ୍‌ଙ୍କ ଜୀବନର କରୁଣ ବିୟୋଗାନ୍ତକ ଭବିଷ୍ୟତ୍ ସମ୍ପର୍କରେ ନାରଦଙ୍କ ନିର୍ଣ୍ଣୟାତ୍ମକ ବାଣୀ ଶୁଣି ରାଣୀ ସାବିତ୍ରୀଙ୍କୁ ନିଜ ନିଷ୍ପତ୍ତି ପରିବର୍ତ୍ତନ କରିବାକୁ କହିଛନ୍ତି । କିନ୍ତୁ ସାବିତ୍ରୀଙ୍କ ଉତ୍ତର ହେଉଛି :

''ଶୁଣ ମାତଃ ! ଏ ମୋର ହୃଦୟ
ବରେ ଏକବାର । ନୁହେଁ ବାରବାର ।
ଯାହା ମୁଁ କହିଛି ତାହା ନପାରେ ଫେରାଇ
ବିଧିର ବିଧାନେ ଯଥା ରହେ ଅଲିଖିତ
ନିୟତିର ବକ୍ଷେ ।...

ସାବିତ୍ରୀ ତାଙ୍କ ଭାଗ୍ୟ ଓ ତାଙ୍କ କରଣୀୟ କ'ଣ ସେ ବିଷୟରେ ପୂର୍ଣ୍ଣ ସଂକଳ୍ପବଦ୍ଧା ଥିଲେ । ସେଥିପାଇଁ ସେ ତାଙ୍କ ମା'ଙ୍କୁ କହୁଛନ୍ତି :

''ଶୁଣ ମାତଃ ! ମୃତ୍ୟୁ ଯଦି ନେଇଯାଏ ତାଙ୍କୁ
ତାଙ୍କ ସଙ୍ଗେ ସହଗାମୀ ହେବି ମଧ ମୁହିଁ ।
ଯଥା ଇଚ୍ଛା ଯଥା ସାଧ କରୁ ସେ ନିୟତି
ମୃତ୍ୟୁଠାରୁ ବଳି ମୁହିଁ ନିୟତିର ଊର୍ଦ୍ଧ୍ୱେ ।
ବିଶ୍ୱ ପଛେ ଯିବ ଡୁବି,
ପ୍ରେମ କିନ୍ତୁ ଚିରଂଜୀବୀ ମୋର
ବିଧିର ବିଧାନେ ହେବ ବିକଳ୍ପ ସମ୍ଭବ
ସତତ ସମାନ କିନ୍ତୁ ସଂକଳ୍ପ ମୋହର ।''

('ସାବିତ୍ରୀ' ପୃଷ୍ଠା ୪୩୨ର ଭାଷାନ୍ତର)

ତଥାପି ସାବିତ୍ରୀଙ୍କୁ ଶେଷ ଅନୁରୋଧ କରିଛନ୍ତି ତାଙ୍କର ଏ ଭାବପ୍ରବଣତା ପରିହାର କରି ନିଷ୍ପତ୍ତିର ପରିବର୍ତ୍ତନ ପାଇଁ । କିନ୍ତୁ ସାବିତ୍ରୀ ତଥାପି ଅଟଳା ଓ ଅପରିବର୍ତ୍ତିତା ।

ସାବିତ୍ରୀଙ୍କ ନିମ୍ନୋକ୍ତ ଅନ୍ତିମ ଉତ୍ତରରେ ମଣିଷର ପରିପୂର୍ଣ୍ଣ ସ୍ୱରୂପ ପ୍ରତିଫଳିତ ହେବା ସଙ୍ଗେ ସଙ୍ଗେ ଅମରତ୍ୱର ପ୍ରତିଶ୍ରୁତି ସ୍ପଷ୍ଟ ପ୍ରତିଭାତ ହୋଇଉଠିଛି ।

''ଏ ନୁହେଁ ନିୟତି ମୋର ଜନ୍ମିବା ଓ ମରିବା ମଧ୍ୟେ
ମାତ୍ର ମୁହୂର୍ତ୍ତକ ପାଇଁ ପ୍ରେମ ଅଭିନୟ ।
ଜାଣେ ମୁହିଁ ଏ ପୃଥିବୀ ପରେ
ଜନ୍ମ ମୋର କେଉଁ ଉଦ୍ଦେଶ୍ୟରେ ।
ଜାଣେ ବି ମୁଁ,
କିଏ ମୁହିଁ, କିଏ ପୁଣି ଏହି ସତ୍ୟବାନ୍,
ଯାହାଙ୍କୁ ମୁଁ ପ୍ରେମ କରେ
ଯାହାଙ୍କ ନୟନେ ଦେଖିଲି ମୁଁ ପ୍ରତିବିମ୍ବ
ମୋ ଅନ୍ତର ଆତ୍ମାର ।
ଦେଖିଲି ମୁଁ ସତ୍ୟବାନ୍ ରୂପେ
ଭଗବାନ୍ ହସୁଛନ୍ତି ଚାହିଁ
ମୋତେ, ମାନବର ବଦନ ମଣ୍ଡଳେ
ଦେଖିଲି ମୁଁ ଶାଶ୍ୱତଙ୍କ ରୂପ ।''

('ସାବିତ୍ରୀ' ପୃଷ୍ଠା : ୪୩୫-୩୬ର ଭାଷାନ୍ତର)

ଶ୍ରୀଅରବିନ୍ଦ ସାବିତ୍ରୀଙ୍କର ଏଇ ଯେଉଁ ଚିତ୍ର ଆମକୁ ଦେଇଛନ୍ତି ସେଥିରେ ରହିଛି ଚେତନାର ଅମୃତ ଦିଗନ୍ତ ଓ ଅମରତ୍ୱର ନିଶ୍ଚିତ ପ୍ରତିଶ୍ରୁତି, ସେଇ ଚିତ୍ର ଆମ ଆନ୍ତର ଓ ବାହ୍ୟ ଜୀବନରେ ପ୍ରତିଫଳିତ ହେଉ, ସେତିକିହିଁ ଆମର ମା'ଙ୍କର ଶୁଭ ଜନ୍ମଦିନରେ ତାଙ୍କୁ ପ୍ରାର୍ଥନା । ❖

'ସାବିତ୍ରୀ' ଏକ ସତ୍ୟୋଦ୍‌ଘାଟନ, ଏକ ଧ୍ୟାନ, ଅନନ୍ତ ଓ ଶାଶ୍ୱତର ଅନ୍ୱେଷଣ । 'ସାବିତ୍ରୀ' ଅଧ୍ୟୟନର ଅର୍ଥ ଯୋଗସାଧନ, ଆଧ୍ୟାତ୍ମିକ ଏକାଗ୍ରତା; ଭଗବତ୍ ଉପଲବ୍ଧି ସକାଶେ ଯେତେ ଯାହା ପ୍ରୟୋଜନ, ଜଣେ ସେଥିରୁ ସବୁ ପାଇପାରିବ ।

– ଶ୍ରୀମା

# ରାଗାନୁଗାଭକ୍ତି ଓ ଶ୍ରୀଚୈତନ୍ୟ

## (୭)

ଆଚାର୍ଯ୍ୟ କେଶବଭାରତୀଙ୍କ କଥାନୁଯାୟୀ ଶ୍ରୀଚୈତନ୍ୟ ନିଜ ଗର୍ଭଧାରିଣୀଙ୍କ ନିକଟରୁ ତାଙ୍କର ସ୍ୱେଚ୍ଛାକୃତ ଅନୁମତି ପାଇବାକୁ ପ୍ରଯତ୍ନ କରିଥିଲେ ଓ ସେଥିରେ ସଫଳ ହୋଇଥିଲେ । ପୁତ୍ରର ସ୍ୱଭାବସୁଲଭ ସଂସାରବୈରାଗ୍ୟ, ବିଦ୍ୟାପ୍ରତି ନିରଭିମାନତା, ଅର୍ଥ ଉପାର୍ଜନରେ ଅନାଗ୍ରହ, ଏସବୁ ସହିତ ପୂର୍ବେ ଯେଉଁ ଶାସ୍ତ୍ରଚର୍ଚ୍ଚା, ପାଣ୍ଡିତ୍ୟ ଓ ତର୍କପ୍ରିୟତା ଆଦି ପ୍ରତି ତା'ର ରୁଚିରେ ଏକ ପକ୍ଷପାତିତା ଥିଲା – ସେସବୁରୁ ନିରାସକ୍ତି ଆଦି ଦେଖି ନିଜକୁ ବୁଝାଇ ନେଇଥିଲେ ଯେ ତାଙ୍କର ସ୍ନେହର ନିମାଇ ଏ ଜାଗତିକ ସଂସାରରେ ଆଉ ବନ୍ଧା ପଡ଼ିବ ନାହିଁ, ଯାହାକୁ ବିବାହ-ବନ୍ଧନରେ ଦୁଇ ଦୁଇ ଥର ବାନ୍ଧି ମଧ୍ୟ ସେ ସଂସାରୀ କରିପାରି ନାହାନ୍ତି । ସେ ଅନ୍ୟ ଧାତୁରେ ଗଢ଼ା । ସେଥିପାଇଁ ମା' ଶଚୀଦେବୀ ତା'ର ସନ୍ନ୍ୟାସ ନେବାରେ ଆପତ୍ତି କଲେ ନାହିଁ, କାହିଁକି ଅବା ତା'ର ନିର୍ବାଚିତ ଇଷ୍ଟ ପଥରେ ବାଧା ଦେବେ ? ମା'ଙ୍କୁ ବୁଝାଇ ଶାନ୍ତ କରିବା ପାଇଁ ପୁତ୍ର ନିମାଇ କହିଲେ :

ଆନି ଦିବ କୃଷ୍ଣପ୍ରେମ ଆମି ହେନ ଧନ ।
ସକଳ ସମ୍ପଦ ସେଇ ଶ୍ରୀକୃଷ୍ଣଚରଣ ॥

ଏଣିକି ପତ୍ନୀଙ୍କୁ କେମିତି ସ୍ୱମତକୁ ଆଣିବେ, ସେବିଷୟରେ ପୁତ୍ର ଓ ତା'ର ମାତା ଉଭୟେ ଚିନ୍ତିତ ହେଲେ । ପତ୍ନୀ ବିଷ୍ଣୁପ୍ରିୟାଙ୍କର ବୟସ ଚଉଦବର୍ଷ, କିଛିଦିନ ପୂର୍ବରୁହିଁ ସେ ପିତ୍ରାଳୟରୁ ଆସିଛନ୍ତି, ସେଠାରୁ ବଧୂର ଓ ପତ୍ନୀର କର୍ତ୍ତବ୍ୟ ବିଷୟରେ ସେ ଶିକ୍ଷାପ୍ରାପ୍ତ ହୋଇଛନ୍ତି । ମାତ୍ର ପିତୃଗୃହକୁ ଆସିବା ପରେ ଯେବେଠାରୁ ଆଚାର୍ଯ୍ୟ ଭାରତୀ ଗୃହକୁ ଅତିଥିରୂପେ ଆସିଛନ୍ତି, ସେଇଦିନରୁ ବାଳିକାଟି ପାଖରେ ଏହା ସ୍ପଷ୍ଟ ହୋଇଯାଇଛି ଯେ ଯାହାକୁ ସେ ଜୀବନସର୍ବସ୍ୱ, ପ୍ରାଣଠାରୁ ବି ପ୍ରିୟ ବୋଲି ଭାବୁଥିଲା, ସିଏ ଅଚିରେ ଗୃହତ୍ୟାଗ କରିବାକୁ ଇଚ୍ଛୁକ । ଏ ପରିସ୍ଥିତିରେ ସେ ସ୍ୱାମୀ ଓ ଶ୍ୱଶ୍ରୁମାତାଙ୍କର ସେବା ପରିଚର୍ଯ୍ୟା କରିବ କେମିତି, ମନ ଯଦି ଅନ୍ୟତ୍ର, ସେଥିରେ ସେ ଅତିଥିଙ୍କ ଯତ୍ନ ଓ ଗୃହଦେବତାଙ୍କର ସେବା, ପୂଜା ଅବା କରିବ କେମିତି ? ବାଳିକା ବୟସ ହେଲେ କ'ଣ ହେବ, ସେକାଳର ସମାଜ ବ୍ୟବସ୍ଥାରେ ଯେଉଁ ଦୁଇଟି ମୁଖ୍ୟ ବୈପରିତ୍ୟ ଥିଲା ଗୃହୀ ଓ ସନ୍ନ୍ୟାସୀଙ୍କ ଆଶ୍ରମ ବ୍ୟବସ୍ଥାରେ ଓ ଜୀବନଚର୍ଚ୍ଚାରେ, ତାହା ପ୍ରାୟ ସମସ୍ତେ ଜାଣିଥିଲେ ।

ତେଣୁ ବିଷ୍ଣୁପ୍ରିୟାଙ୍କୁ ସର୍ବପ୍ରଥମେ ନିମାଇ ଧର୍ମମାର୍ଗର ତଥା ସରଳ ଶୁଦ୍ଧାଭକ୍ତିର ଉତ୍କର୍ଷତା ବୁଝାଇବାକୁ ଲାଗିଲେ । ନାରୀମାନଙ୍କ ପକ୍ଷରେ ଗୃହ ପରିବେଶରେ ରହି ଭଗବାନଙ୍କୁ ଭଜନପୂଜନ କରିବା, ପୁତ୍ରରୂପେ, ପିତାରୂପେ, ସଖାବନ୍ଧୁ ରୂପେ ତଥା ପ୍ରାଣବଲ୍ଲଭ ରୂପେ ଲାଭ କରିବା ଯେତିକି ସହଜ ସରଳ, ପୁରୁଷଙ୍କ ପାଇଁ ତାହା ସମ୍ଭବ ନୁହେଁ । ଧନଜନଠାରୁ ପୃଥକ୍, ନାରୀ-ମୁଖଦର୍ଶନ ତଥା ସଂସାରିଜନଙ୍କ ସହ ସହବାସ ଆଦି ମଧ୍ୟ ସନ୍ନ୍ୟାସୀ ପାଇଁ ଏକାନ୍ତ ବାରଣ । ଏଥିପାଇଁ ନିମାଇ ଯେ ସନ୍ନ୍ୟାସ ନେବେ – ସେକାଳର ବିଧାନାନୁଯାୟୀ ଅଧ୍ୟାତ୍ମ-ଯାତ୍ରୀ ପାଇଁ – ସେଇ ପଥହିଁ ଏକାନ୍ତ ବରଣୀୟ । ସୁତରାଂ ବିଷ୍ଣୁପ୍ରିୟା ସ୍ୱାମୀଙ୍କର ଏଇ କଠିନ ବ୍ରତପୂରଣରେ ସହାୟିକା ହୁଅନ୍ତୁ – ଏଇ କଥାଟି କିଶୋରୀ ପତ୍ନୀଙ୍କର ହୃଦୟଙ୍ଗମ କରାଇବା ପାଇଁ ସେ ଚେଷ୍ଟା କଲେ । ଏହାଛଡ଼ା, ବିଷ୍ଣୁପ୍ରିୟା ଯେପରି ନିଜକୁ ସ୍ୱାମୀ-ପରିତ୍ୟକ୍ତା ବୋଲି ମନେ ନକରନ୍ତି, ନିଜ ଭାଗ୍ୟକୁ ନ ନିନ୍ଦନ୍ତି, ସେ ବିଷୟଟି ବି ସେ ବୁଝାଇଲେ । ବରଂ ସିଏ ଅଧ୍ୟାତ୍ମ-ସାଧନାରେ ସହାୟିକା, ବ୍ରତ ପରିପୂରଣରେ ସହଯାତ୍ରୀ – ଏକଥା ତାଙ୍କୁ ସିଏ ନାନା ଉଦାହରଣ ତଥା ଉପଦେଶ ଆଦି ଦେଇ ବୁଝାଇଲେ । ଦିନେ ଦୁଇଦିନରେ ଯଥାତଥା କରି ବିଷ୍ଣୁପ୍ରିୟାଙ୍କୁ ଉପଦେଶ ଦେଇ ସେ ତାଙ୍କ କର୍ତ୍ତବ୍ୟ ଶେଷ କଲେ ନାହିଁ, ଯେତେଦିନ ଗୃହସ୍ଥାଶ୍ରମରେ ଥିଲେ ସ୍ୱୀୟ ମାତାଙ୍କୁ ଶାସ୍ତ୍ରପୁରାଣାଦି ପାଠ ଓ ବ୍ୟାଖ୍ୟା କରି ଶୁଣାଇଲେ, ଯେଉଁଥିରେ ସେ ମାତାଙ୍କ ଆଗରେ ପ୍ରତିପନ୍ନ କଲେ ଯେ ଆଦି ନିରଞ୍ଜନ ତତ୍ତ୍ୱରୁହିଁ ବିଶ୍ୱଭୁବନ ଜୀବ-ଜଗତ୍, ଗ୍ରହନକ୍ଷତ୍ର, ଲୋକ-ଲୋକାନ୍ତର ସୃଷ୍ଟ, ସେଇ ନିରଞ୍ଜନହିଁ ଆଦିପୁରୁଷ, ସିଏହିଁ ବରଣୀୟ ଶ୍ରେଷ୍ଠ ଏବଂ ବିଷ୍ଣୁପ୍ରିୟାଙ୍କୁ ସରଳ ଭକ୍ତିତତ୍ତ୍ୱର ବଳରେ ପ୍ରଭୁଙ୍କର ନିକଟତର ହେବାର ଉପାୟ ବତାଇଲେ ବହୁ ଭକ୍ତ ନରନାରୀ ଓ ଧ୍ରୁବ, ପ୍ରହ୍ଲାଦ ଭଳି ବାଳକଙ୍କ ଉଦାହରଣ ଦେଇ, ବିଶେଷ କରି ଗୋପରମଣୀଗଣଙ୍କର ଅଦ୍ଭୁତ କୃଷ୍ଣପ୍ରେମର କଥା କହି । ନିଜ ଜୀବନର ପ୍ରମୁଖ ଆଦର୍ଶ ସେଇ ଗୋପାଙ୍ଗନାଗଣ,

ଯାହାଙ୍କର ଚିତ୍ତ ସଦାସର୍ବଦା ଶ୍ରୀକୃଷ୍ଣଙ୍କ ସହ ମିଳନାକାଙ୍କ୍ଷାରେ ଉନ୍ମୁଖ । ନିମାଇ ପିଲାଟି ଦିନରୁ ସେଇମାନଙ୍କୁ ଅନୁସରଣ କରିବାକୁ ଇଚ୍ଛା କରୁଥିଲେ ବି ଅନ୍ୟାନ୍ୟ ଉଚ୍ଚାଶାରେ ଭ୍ରମୁଥିଲେ, ଏବେ ଯଦି ବିଷ୍ଣୁପ୍ରିୟା ତାଙ୍କ ସାଧନାରେ ଅନୁକୂଳତା ଆଣି ଦିଅନ୍ତି, ତେବେ ତାଙ୍କର ଭାବିଜୀବନ ସେ ନିରଙ୍କୁଶଭାବେ କୃଷ୍ଣ-ତନ୍ମୟତାରେ ବିତାଇବେ । ଏସମସ୍ତ କହିବା ଫଳରେ କିଶୋରୀ ପତ୍ନୀ ପତିଦେବଙ୍କର ଭକ୍ତି-ସାଧନାରେ ସହାୟିକା ହେବାକୁ ଇଚ୍ଛା କଲେ । ମାତ୍ର ତଥାପି କହିଲେ, ଯଦି ସ୍ୱାମୀଙ୍କର ଏହାହିଁ ଆଦର୍ଶ, ପତ୍ନୀ ମଧ୍ୟ ତାହାଙ୍କୁ ଅନୁସରଣ କରି ଗୃହତ୍ୟାଗୀ ହୋଇ ସାଧନା କରିବ । ତହୁଁ ନିମାଇ ତାଙ୍କୁ ବୁଝାଇଲେ ଯେ ନାରୀର ଯେତିକି ସମ୍ମାନ ଓ ମର୍ଯ୍ୟାଦା ଗୃହପରିବେଶରେ ରହିଛି, ବାହାର ପରିବେଶରେ ସେଭଳି ନାହିଁ, ତା'ଛଡ଼ା ସାଧନା କରିବା ପାଇଁ ବାହ୍ୟ ପରିବେଶରେ ସେମାନଙ୍କ ପାଇଁ ଯଥେଷ୍ଟ ଅଧିକ ପ୍ରତିକୂଳତା, ବିପଦ-ଆପଦ ରହିଛି । ସୁତରାଂ ତାଙ୍କୁ ସନ୍ନ୍ୟାସିନୀ ହେବାକୁ ପଡ଼ିବ ନାହିଁ । ସକଳ କର୍ତ୍ତବ୍ୟକର୍ମ ଭିତରେ ସେ ଭକ୍ତି ନିବେଦନ ଜପ, ଇଷ୍ଟଦେବ ରଘୁନାଥଙ୍କର ସେବା, ପୂଜା, ଅତିଥି ପରିଚର୍ଯ୍ୟା, ମା' ଶଚୀଦେବୀଙ୍କର ଯତ୍ନ – ଏସମସ୍ତର ଭିତରଦେଇ ଭଗବାନଙ୍କ ନିକଟତର ହୋଇପାରିବେ । ଯା'ହେଉ ବିଷ୍ଣୁପ୍ରିୟା ଏଥିରେ ଆଶ୍ୱସ୍ତ ହେଲେ; ମାତ୍ର ଅଳି କଲାପରି କହିଲେ : ଅନ୍ତତଃ ମା'ଙ୍କର ଜୀବଦ୍ଦଶା ମଧ୍ୟରେ ସନ୍ନ୍ୟାସ ନନେଇ ଗୃହବାସ କରି ତାଙ୍କୁ ସେ ସୁଖୀ କରିପାରନ୍ତେ ପୁତ୍ରଭାବେ ।

ମାତୃଦତ୍ତ ପ୍ରାଣ ନିମାଇ ଯେ ତତ୍ପୂର୍ବରୁ ମା'ଙ୍କଠାରୁ ଗୃହତ୍ୟାଗୀ ସନ୍ନ୍ୟାସୀ ହେବାର ଅନୁମତି ପାଇ ସାରିଛନ୍ତି, ଏହା ତାଙ୍କୁ ଜଣାଇଲେ । ବିଷ୍ଣୁପ୍ରିୟାଙ୍କୁ ହୁଏତ ଏ କଥାଟା ବାଧିଥିବ, ତଥାପି ସଂଯମର ସହ ମାତାପୁତ୍ରଙ୍କର ବୁଝାମଣାକୁ ମାନିନେଲେ ସିଏ, ଶ୍ରେୟଃ କାର୍ଯ୍ୟରେ ବିଘ୍ନ ନହୋଇ ସେ ହେଲେ ସହାୟିକା । କିଶୋରୀଟିର ଚିତ୍ତ ପ୍ରସନ୍ନତା ପାଇଁ ପ୍ରତିଦିନ ସେ ଭକ୍ତ ଓ ଭଗବାନଙ୍କ ଚରିତମାନ ଶୁଣାଇଲେ । ଏମିତି ବି କୁହାଯାଏ ଯେ ଶ୍ରୀଚୈତନ୍ୟ ଗୃହ ଛାଡ଼ିବା ଆଗରୁ ବିଷ୍ଣୁପ୍ରିୟାଙ୍କୁ ମନ୍ତ୍ରଦୀକ୍ଷା ଦେଇଥିଲେ (ଶ୍ରୀରାମକୃଷ୍ଣ ମିସନ ପ୍ରଣୀତ 'ଶ୍ରୀଚୈତନ୍ୟ') । ଯା'ହେଉ କିଶୋରୀ ପତ୍ନୀ ପାଇଁ ଦୈନନ୍ଦିନ-ଜୀବନଚର୍ଚ୍ଚାର ପୂରା ଛକ ବାନ୍ଧିଦେଲେ ସଦାଶୟ ବିଶ୍ୱମ୍ଭର । ତତ୍ପରେ ସିଏ ଇଶାନଙ୍କୁ ଡାକି ଗୃହବ୍ୟବସ୍ଥାର ଯାବତୀୟ ପରିଚାଳନାର ଦାୟିତ୍ୱ ଦେଲେ । ଏଇ ଇଶାନ ଥିଲେ ଜାତିରେ କାୟସ୍ଥ, ସିଏ ସମ୍ଭବତଃ ଜଗନ୍ନାଥ ମିଶ୍ରଙ୍କ ସମୟରୁ ଏଇ ମିଶ୍ର ପରିବାରର ଭଲମନ୍ଦ ବୁଝାବୁଝି କରୁଥିଲେ । ତାଙ୍କୁ ବିଶ୍ୱମ୍ଭର ସବିନୟ ଅନୁରୋଧ କଲେ ଜନନୀ ତଥା ବଧୂମାତାଙ୍କ ପ୍ରତି ସଜାଗ ଦୃଷ୍ଟି ରଖିବାକୁ । ମନେ ମନେ ଆଶ୍ୱସ୍ତ ହେଲେ ଯେ ଆଚାର୍ଯ୍ୟ କେଶବଭାରତୀଙ୍କ ନିର୍ଦ୍ଦେଶ ମୁତାବକ ସେ ସମସ୍ତ କାର୍ଯ୍ୟ ସମ୍ପାଦନ କରିଛନ୍ତି ।

ଗୃହତ୍ୟାଗର ଦିନବାର ସେ ପୂର୍ବରୁ ସ୍ଥିର କରି ରଖିଥିଲେ; ଦୁଇଜଣ ବିଶ୍ୱସ୍ତ ବନ୍ଧୁଙ୍କୁ ସେଇ ରାତ୍ରିରେ ବହିଃପ୍ରକୋଷ୍ଠରେ ରଖାଇ ମଧ୍ୟରାତ୍ରିରେ ବାହାରିଲେ ସିଏ । ଯେତେ ଅନୁମତି ଦେଲେ ମଧ୍ୟ ମାତାଠାକୁରାଣୀ ବା ବିଷ୍ଣୁପ୍ରିୟାଙ୍କୁ; ସିଏ ବୁଝି ନେଇଥିଲେ – କେହି ବି ଆପଣା ସମ୍ମୁଖରୁ ପ୍ରିୟଜନଙ୍କୁ ବିଦାୟ ନେବା ଦେଖି ସହି ପାରିବେ ନାହିଁ, ତେଣୁ ସେମାନଙ୍କ ଅଜ୍ଞାତସାରରେହିଁ ଗୃହରୁ ପ୍ରସ୍ଥାନ କରିବାକୁ ହେବ । ଉନ୍ନିଦ୍ର ରହି ସିଏ ସେ ରାତି ଜପଧ୍ୟାନରେ ବିତାଇ ରଘୁନାଥଙ୍କ ମନ୍ଦିର ବାହାରପଟୁ ସାଷ୍ଟାଙ୍ଗ ପ୍ରଣାମ କରି ପ୍ରାର୍ଥନା ଜଣାଇଲେ ଯେପରି ତାଙ୍କର ଅଭୀଷ୍ଟ ସଫଳ ହୁଏ, ସାଧନା-ଜୀବନ ସାର୍ଥକ ହୁଏ । ତତ୍ପରେ ସିଏ ମାତୃଦେବୀଙ୍କ କୋଠରି ବାହାରୁ ହୃଦୟରେ ତାଙ୍କର ଚରଣଯୁଗଳ ସ୍ପର୍ଶ କରି ବିଦାୟ ମାଗିନେଲେ ଓ ତାଙ୍କ ଆଶୀର୍ବାଦ ପ୍ରାର୍ଥନା କଲେ ଶୁଭକାର୍ଯ୍ୟରେ । ଗୃହରୁ ବାହାରି ସୋପାନରେ ଓହ୍ଲାଇଲେ, ଦାଣ୍ଡ ଦୁଆରେ ଠିଆହୋଇ ସେ କେତେପୁରୁଷର ଗୃହଭିଟାକୁ ଯୁକ୍ତହସ୍ତରେ ନମସ୍କାର କଲେ ଓ ନିଜର କୃତଜ୍ଞତା ଜଣାଇଲେ । ବିଶ୍ୱମ୍ଭର ନିଜେ ଯେମିତି ଶୁଭମନୋଭାବ ପୋଷଣ କରୁଥିଲେ, ତାଙ୍କର ଛୋଟବଡ଼ ସକଳ କାର୍ଯ୍ୟରେ ସେଇଭଳି ଆତ୍ମୀୟତା ଥିଲା । ବନ୍ଧୁଦ୍ୱୟଙ୍କୁ ନେଇ ସେ ଗଙ୍ଗାକୂଳରେ ପହଞ୍ଚିଲେ । କାଟୋୟାରେ ପହଞ୍ଚିବାକୁ ହେଲେ ନଦୀରେ ସନ୍ତରଣ ବ୍ୟତୀତ ଅନ୍ୟ ଉପାୟ ନାହିଁ । ତେଣୁ ବନ୍ଧୁ ଦୁଇଜଣଙ୍କୁ ଆଲିଙ୍ଗନ କରି ବିଦାୟ ନେଲେ ସାଶ୍ରୁ ନୟନରେ ଓ ଗଙ୍ଗା ବକ୍ଷରେ ଝାମ୍ପଦେଲେ । ସେସମୟରେ ତାଙ୍କ ବୟସ ଥିଲା ଚବିଶ ବର୍ଷ ।

ଶୁଣାଯାଏ ଭାବୁକ କବି ବିଲ୍ୱମଙ୍ଗଳ ପ୍ରେୟସୀ ଚିନ୍ତାମଣିଙ୍କ ନିକଟରେ ପହଞ୍ଚିବାକୁ ତର ସହି ନପାରି ସର୍ପସଂକୁଳ ଭରା ନଦୀ ସନ୍ତରଣ କରି ପାର ହୋଇଥିଲେ । ଭକ୍ତ କବି ତୁଳସୀ ଦାସ ତାଙ୍କ ପୂର୍ବାଶ୍ରମରେ ଥରେ ପତ୍ନୀଙ୍କର ବିରହ ସହ୍ୟ କରି ନପାରି ବନ୍ୟାପ୍ଲାବିତ ନଦୀରେ ସନ୍ତରଣ କରି ପତ୍ନୀ ରତ୍ନାବଳୀଙ୍କର ପିତ୍ରାଳୟରେ ପହଞ୍ଚିଥିଲେ । ଏ ଉଭୟ କବି ପ୍ରିୟଜନଙ୍କଠାରୁ ତିରସ୍କାର ଲାଭ କରି ଅନ୍ତର୍ମୁଖୀ ହେଲେ ଓ ଯଥାର୍ଥ ଇଷ୍ଟପଥ ବାଛିନେଲେ । କିନ୍ତୁ ବିଶ୍ୱମ୍ଭର ଗୃହଜନଙ୍କୁ ନିଜର ଅନୁକୂଳ କରି ସନ୍ନ୍ୟାସ ନେବା ପାଇଁ ପଥ ପ୍ରସ୍ତୁତ କଲେ ନିଜେ ।

ଏଥିରୁ ତାଙ୍କର ସଂକଳ୍ପର ନିଷ୍ଠୟତା ବୁଝାପଡ଼େ । ରାତ୍ରି ପ୍ରଭାତ ହେଲେ ବା ନୌକାଯୋଗେ କାଟୋୟା ଅଭିମୁଖରେ ଯାତ୍ରା କଲେ ଲୋକ-ଜଣାଜଣି ହେବ ଓ ନବଦ୍ୱୀପ ସାରା ହୁଲସ୍ଥୁଲ ପଡ଼ିଯିବ ଓ ଶୁଭଯାତ୍ରାରେ ବିଘ୍ନ ଘଟିବ – ଏ ଭୟରେ ସେ ରାତ୍ରି ଥାଉଁ ଥାଉଁ ପହଁରି ପହଁରି କାଟୋୟାରେ ପହଞ୍ଚିଲେ । ଏମିତି ତ ସିଏ ସଂଯମୀ ଓ ସୁସ୍ୱାସ୍ଥ୍ୟର ଅଧିକାରୀ ଥିଲେ । ଯା'ହେଉ ସେଇ ଆର୍ଦ୍ର ବସ୍ତ୍ରରେ କୂଳରୁ ଆଚାର୍ଯ୍ୟଙ୍କ ଆଶ୍ରମ ପର୍ଯ୍ୟନ୍ତ ପଦବ୍ରଜରେ ଯାଇ ମୁଖ୍ୟ ଫାଟକ ପାଖରେ ଯୁକ୍ତହସ୍ତରେ ଅପେକ୍ଷା କଲେ ।

କ୍ରମେ ଫରଚା ହେଲା, କାକପକ୍ଷୀ ରାବିଲେ । ସେ ଅଞ୍ଚଳର କେହି କେହି ନଦୀତୀରକୁ ସ୍ନାନ ଓ ଆହ୍ନିକ ପାଇଁ ଗଲେ । ସେମାନେ ସମସ୍ତେ ବିଶ୍ୱମ୍ଭରଙ୍କୁ ପ୍ରତ୍ୟୁଷରୁ ଦେଖି ଆଶ୍ଚର୍ଯ୍ୟ ହେଲେ । ଯେତିକି ସମୟ ଠିଆ ହେଲେ ଗୁରୁପ୍ରଦତ୍ତ ଦୀକ୍ଷା-ମନ୍ତ୍ର ଜପ କଲେ, କ୍ରମଶଃ ଦଣ୍ଡାୟମାନ ଅବସ୍ଥାରେ ଧ୍ୟାନର ଆବେଶ ଆସିଗଲା । ଫାଟକ ଖୋଲି ଆଚାର୍ଯ୍ୟଙ୍କର ପ୍ରଥମେ ଯାହା ଉପରେ ଦୃଷ୍ଟି ପଡ଼ିଲା – ସିଏ ବିଶ୍ୱମ୍ଭର ମିଶ୍ର, ଯାହାଙ୍କ ଗୃହରେ କିଛିଦିନ ଆଗରୁ ସେ ଅତିଥି ହୋଇଥିଲେ । ସେଇ ଆର୍ଦ୍ରବସ୍ତ୍ର, ଆୟତନୟନ, ଉନ୍ନତ ଭାଲଦେଶ, କୁଞ୍ଚିତ କେଶଯୁକ୍ତ ଆକର୍ଷଣୀୟ ମୁଖମଣ୍ଡଳ, ଆଜାନୁଲମ୍ବିତ ବାହୁ, ଧ୍ୟାନମୁଦ୍ରାରେ ମୁଦ୍ରିତ ଚକ୍ଷୁ – ଏସମସ୍ତ ତାଙ୍କୁ ଏ ଜଗତର ବୋଧ ହେଲା ନାହିଁ – ଇୟେ କୌଣସି ପ୍ରତ୍ୟାବିଷ୍ଟ ମହାମାନବ, ଆଚାର୍ଯ୍ୟଙ୍କର ସହାୟତା ବ୍ୟତୀତ ଯିଏ ଇଷ୍ଟଲାଭ କରିପାରିବେ । ଯା'ହେଉ ବିଶ୍ୱମ୍ଭର ଭାବିଗୁରୁଙ୍କର ଚରଣ ସ୍ପର୍ଶକରି ତାଙ୍କର ଅଭିଳାଷ ନିବେଦନ କଲେ । ଆଚାର୍ଯ୍ୟ କେଶବ ଭାରତୀ ଯୁବକର ସଂକଳ୍ପ ଜାଣିଥିଲେ ବି ତଥାପି ପଚାରିଲେ, ''ତୁମର ମାତା ଓ ପତ୍ନୀ ସ୍ୱ-ଇଚ୍ଛାରେ ଅନୁମତି ଦେଇଛନ୍ତି ତ, ସେମାନଙ୍କର ରକ୍ଷଣାବେକ୍ଷଣର ସୁବ୍ୟବସ୍ଥା କରିଛ ତ ?'' ସବିନୟରେ ଜଣାଇଲେ ଯୁବକ ଯେ ଆଚାର୍ଯ୍ୟଙ୍କ ପରାମର୍ଶ ମୁତାବକ ସେ ସମସ୍ତ ସମ୍ପନ୍ନ କରିଛନ୍ତି । ପୁନରାୟ ପ୍ରଶ୍ନ ହେଲା : 'ତୁମର ପିତୃପୁରୁଷଙ୍କ ପାଇଁ କିଛି ଦାୟ ତୁମର ରହିଯାଇଛି, ସେ ଋଣରୁ ମୁକ୍ତ ହୋଇ ନାହଁ ତୁମେ' । ଧୀର ନମ୍ର ବିଶ୍ୱମ୍ଭର ଉତ୍ତର ଦେଲେ, ''ସଂସାରରେ ମୁଁ ରହିଥିଲି ମାତାପିତାଙ୍କର ସୁଖବର୍ଦ୍ଧନ ପାଇଁ । ଏବେ ତା'ର ଆବଶ୍ୟକତା ବୋଧ କରୁ ନାହିଁ । ତା' ଛଡ଼ା ବହୁ ମହାପୁରୁଷଙ୍କ ଜୀବନୀରୁ ମୁଁ ଜାଣେ ସେମାନଙ୍କର ପ୍ରବଳ ସଂସାର ବୈରାଗ୍ୟ ତଥା ଭଗବତ୍ ମିଳନର ତୀବ୍ର ଇଚ୍ଛାହିଁ ସବୁ ପ୍ରତିକୂଳତାକୁ ଅତିକ୍ରମ କରିଛି । ଏ ସମସ୍ତ ବ୍ୟତୀତ ମୁଁ ଆପଣଙ୍କ ଭଳି ପ୍ରବୀଣ ଅଧ୍ୟାତ୍ମ ଉପଦେଷ୍ଟା ଆଉ ପାଇବି ନାହିଁ, କୃଷ୍ଣଙ୍କ ସହ ଅନ୍ତରେ ବାହାରେ ଏକାତ୍ମ ହେବା ପାଇଁ, ତାଙ୍କୁ ଜୀବନରେ ପ୍ରେଷ୍ଠ କରି ପାଇବା ପାଇଁ ଇଚ୍ଛୁକ ହୋଇ ମୁଁ ଆପଣଙ୍କ ଚରଣ ଯୁଗଳରେ ଆଶ୍ରୟ ନେବାକୁ ଚାହେଁ । ପୂର୍ବରୁ ମୁଁ ସେଇ ଅନୁରାଗରେ ବିକଶିତ ହେବା ପାଇଁ ଶ୍ରୀମଦ୍ ଈଶ୍ୱରପୁରୀଙ୍କ ଦ୍ୱାରା ଗୋପାଳମନ୍ତ୍ରରେ ଦୀକ୍ଷିତ ହୋଇଛି । ସେଇ ଗୁରୁବରହିଁ ମୋର ବିଦ୍ୟାଭିମାନକୁ ତାଙ୍କ ସଂସ୍ପର୍ଶରେ ବିଦୂରିତ କରିଛନ୍ତି । ଆପଣ ମୋତେ ସନ୍ନ୍ୟାସରେ ଦୀକ୍ଷିତ କରନ୍ତୁ ଓ ଉପଦେଶ ଦେଇ ମୋତେ କୃତାର୍ଥ କରନ୍ତୁ – ଏତିକି ମୋର ପ୍ରାର୍ଥନା ।'' ପ୍ରଣତ ବିଶ୍ୱମ୍ଭରଙ୍କୁ ତଳୁ ଉଠାଇ ଆଚାର୍ଯ୍ୟ 'ସ୍ୱସ୍ତି ଲାଭ କର' ବୋଲି କହିଲେ ଏବଂ ଆଶ୍ରମର ପ୍ରବୀଣ ସନ୍ନ୍ୟାସୀମାନଙ୍କୁ ଡାକି ବିରଜା ହୋମ ଓ ସନ୍ନ୍ୟାସ ନେବାର ଅନ୍ୟାନ୍ୟ ଆୟୋଜନ କରିବାକୁ ଆଦେଶ ଦେଲେ ଓ ବିଶ୍ୱମ୍ଭରଙ୍କର ବର୍ତ୍ତମାନ ପାଇଁ ଯାହା କରଣୀୟ, ସେକଥା ବୁଝାଇ ଦେଲେ ।

ସନ୍ନ୍ୟାସ ନେବାର ପ୍ରଥମପର୍ବ ଆରମ୍ଭ ହେଲା । ନିକଟସ୍ଥ ମଧୁ ନାପିତର ଆସ୍ଥାନରେ ପହଞ୍ଚି ତାଙ୍କର ମସ୍ତକ ମୁଣ୍ଡନ କରିଦେବା ପାଇଁ ନାପିତକୁ ଅନୁରୋଧ କଲେ । କେଶ ହେଉଛି ବ୍ୟକ୍ତିର ନିଜସ୍ୱ ସୌନ୍ଦର୍ଯ୍ୟବୋଧର ପ୍ରଥମ ଅସ୍ମିତା, ସର୍ବାଦୌ ସେଇ ଅସ୍ମିତା-ବୋଧରୁ ମୁକ୍ତ ହେବାକୁ ପଡ଼ିବ, ପରବର୍ତ୍ତୀ ଅନୁଷ୍ଠାନ ବେଶ ବିନ୍ୟାସ ଓ ଜାତ୍ୟାଭିମାନରୁ ମୁକ୍ତି । ମାତ୍ର ଯିଏ ନିତ୍ୟମୁକ୍ତ ଓ ଜଗତର ମୁକ୍ତିର କାରଣ, ତାକୁ କିଏ ମୁକ୍ତ କରିବ, ଯିଏ ନିତ୍ୟସିଦ୍ଧ, ତାକୁ କିଏ ସାଧନାର ପଥ ଦେଖାଇବ ! ସେଥିପାଇଁ କବିରାଜ ଗୋସାଇଁ କେଶବଭାରତୀଙ୍କ ମୁଖ ଦେଇ କହୁଛନ୍ତି :

ଭାରତୀ କହେନ : ତୁମି ଈଶ୍ୱର ଅନ୍ତର୍ଯାମୀ ।
ଯେଇ କହ ସେଇ କରି ସ୍ୱତନ୍ତ୍ର ନାହି ଆମି ॥
(ଚୈ. ଚ - ମଧ୍ୟଲୀଳା)

ମଧୁ ନାପିତ ସୁନ୍ଦର ଯୁବାପୁରୁଷଙ୍କ କଥା ଶୁଣିଥିଲା, ତାଙ୍କର ସନ୍ନ୍ୟାସ ନେବା ପାଇଁ ମସ୍ତକ ମୁଣ୍ଡନର ନିମିତ୍ତ ହେବାକୁ ଆଦୌ ରାଜି ହେଲା ନାହିଁ । ବହୁ ଅନୁନୟ ବିନୟ ପରେ ସେ ବିଶ୍ୱମ୍ଭରଙ୍କୁ ଲୁଣ୍ଡିତ ମସ୍ତକରେ ବିଦାୟ ଦେଲା ଆଖିରୁ ଲୁହ ପୋଛି ପୋଛି । ଶ୍ରୀ ଗୌରାଙ୍ଗଙ୍କର ଗ୍ରୀବାଦେଶ ଯାଏଁ ଲମ୍ବିଥିବା କୁଞ୍ଚିତ କେଶଗୁଚ୍ଛକୁ କାଟିବା ଉପରେ ଅନେକ କବିତା ଓ ନାଟକର ଅବତାରଣା ହୋଇଛି ବଙ୍ଗ ଭାଷାରେ, ତାଙ୍କର ମାତା,

ପୁତ୍ରର ଲଣ୍ଡିତ ମସ୍ତକ ଦେଖି ଶୋକାଚ୍ଛନ୍ନ ହୋଇଗଲେ, ତାହାର ବି ବର୍ଣ୍ଣନା ଅଛି । ଯା' ବି ହେଉ ଏ ସମସ୍ତ ଶେଷକରି ସେ ଗଙ୍ଗାସ୍ନାନ କରିବାକୁ ଗଲେ । ସ୍ନାନକୃତ୍ୟ ଶେଷକରି ସେ ଆଚାର୍ଯ୍ୟଙ୍କ ଆଶ୍ରମରେ ଉପନୀତ ହେଲେ । ପଥ ମଧ୍ୟରେ ବହୁଲୋକଙ୍କ ଦୃଷ୍ଟି ଆକର୍ଷିତ ହେଲା, ଲୋକେ ଭାବିଲେ ପରିଚିତ ଭଳି ଲାଗୁଛନ୍ତି, ଅଥଚ କିଛି ନୂତନତା ବି ରହିଛି । ମା-ମାଉସୀଙ୍କ ସମବୟସ୍କା କେହି କେହି ବୃଦ୍ଧା ସ୍ତ୍ରୀଲୋକ ଏତେ ଅଳ୍ପବୟସ୍କ ଯୁବକର ସନ୍ନ୍ୟାସ ମନୋଭାବରେ ଦୁଃଖପ୍ରକାଶ କଲେ ଆପଣା ଭିତରେ । କେହି କେହି ସାହସ କରି ପଚାରିଲେ ଓ ବାରଣ ବି କଲେ । ବିନମ୍ର ବିଶ୍ୱମ୍ଭରଙ୍କୁ ଆଶ୍ରମରେ ଶୁଭ୍ର ବସ୍ତ୍ରାଦି ଦିଆଗଲା । ଏହା ମଧ୍ୟରେ ସମ୍ବାଦ ପାଇ ଜଗଦାନନ୍ଦ, ନିତ୍ୟାନନ୍ଦ ପ୍ରଭୃତି ଅଭିଭାବକ ସଦୃଶ ତାଙ୍କର ମଉସା ଚନ୍ଦ୍ରଶେଖର ଆଚାର୍ଯ୍ୟଙ୍କୁ ବି ସଙ୍ଗରେ ନେଇ ଆସିଥିଲେ । ଚନ୍ଦ୍ରଶେଖର ଉଦୀୟମାନ ଯୁବକର ବିଦ୍ୟାଚର୍ଚ୍ଚା ତଥା ଯଶଃ ଖ୍ୟାତିରେ ପୂର୍ବରୁହିଁ ନିଜକୁ ଭାଗ୍ୟବାନ୍ ମନେ କରୁଥିଲେ । ମାତ୍ର ଅତର୍କିତ ପରିବର୍ତ୍ତନରେ ବିମୂଢ଼ ହୋଇ ଯାଇଥିଲେ, ତେବେ ବିଶ୍ୱମ୍ଭରଙ୍କର ଅଧ୍ୟାତ୍ମ ପଥରେ ଯିବାର ସଂକଳ୍ପ, ଭକ୍ତିଧର୍ମକୁ ବରଣ କରିବାର ନିଷ୍ଠା ଆଦି ଲକ୍ଷ୍ୟ କରି ସନ୍ନ୍ୟାସ ନେବାକୁ ମନା କରି ପାରିଲେ ନାହିଁ; ବରଂ ଆଶୀର୍ବାଦ କଲେ, ''ବତ୍ସ ! ତୁମର ଅଭୀଷ୍ଟ ଲାଭ ହେଉ, ଶ୍ରୀକୃଷ୍ଣଙ୍କ ଲୀଳାସ୍ଥାନ ଆଦି ଦର୍ଶନ କର, ମାତାପିତା ତୁମ ଭଳି ସନ୍ତାନ ଲାଭକରି ଏ ଜନ୍ମମୃତ୍ୟୁର ଜଗତ୍-ସଂସାରରୁ ମୁକ୍ତି ପାଆନ୍ତୁ ।'' କଥା କହୁ କହୁ ବୃଦ୍ଧଙ୍କର କଣ୍ଠରୁଦ୍ଧ ହୋଇଗଲା ।

ଏସବୁ ପରେ ହୋମଯଜ୍ଞ ଆରମ୍ଭ ହେଲା । ପ୍ରବୀଣ ସନ୍ନ୍ୟାସିଗଣ ବ୍ରହ୍ମଚାରୀ ବିଶ୍ୱମ୍ଭରଙ୍କ ଚାରିପଟେ ମଣ୍ଡଳାକାରରେ ବସି ବେଦମନ୍ତ୍ର ପାଠ କଲେ । ବିଶ୍ୱମ୍ଭର ପିତୃପୁରୁଷଙ୍କୁ ପିଣ୍ଡଦାନ କରିସାରି ନିଜକୁ ବି ପିଣ୍ଡ ଦାନକଲେ ଓ ନିଜେ ସେଇ ପିଣ୍ଡ ଗ୍ରହଣ କଲେ ମଧ୍ୟ, ଫଳରେ ଜନ୍ମ ଓ ଗୋତ୍ର ଛିନ୍ନ ହେଲା, ସେ ହୋଇଗଲେ ପରମବ୍ରହ୍ମଙ୍କର ସନ୍ତାନ, ବ୍ରହ୍ମବାନ୍ଧବ ପରିବାରର ଅନ୍ତର୍ଭୁକ୍ତ । ସେ ଆଉ ଏଣିକି ଜଗନ୍ନାଥ ମିଶ୍ରଙ୍କର ପୁତ୍ର ବିଶ୍ୱମ୍ଭର ମିଶ୍ର ନୁହନ୍ତି କି ମାତା ଶଚୀଦେବୀଙ୍କର ସ୍ନେହର ଦୁଲାଳ ନିମାଇ ନୁହନ୍ତି । ସମୁଦାୟ ଜଗତ୍ ତାଙ୍କର ଆବାସ, ଆକାଶ ତାଙ୍କର ପିତା, ବସୁନ୍ଧରା ତାଙ୍କର ମାତା, ସକଳ ତୀର୍ଥ ତାଙ୍କର ଗୃହ – ସେ ହେଲେ ଅନିକେତ, ପ୍ରସନ୍ନକାନ୍ତି ସନ୍ନ୍ୟାସିବୃନ୍ଦ ହେଲେ ତାଙ୍କର ଅଗ୍ରଜ । ଆସନୋପରି ଶିବ ସଦୃଶ ଯତିରାଜ କେଶବ ଭାରତୀ, ତାଙ୍କ ସମ୍ମୁଖରେ ଯଜ୍ଞାଗ୍ନିକୁ ମୁଖ କରି ଶିଖାସୂତ୍ରଧାରୀ ବ୍ରହ୍ମଚାରୀଭାବେ ତେଜୋପୁଞ୍ଜଭରା ପ୍ରଜ୍ଞାବାନ୍ ଶିଷ୍ୟ । ଅଗ୍ନି ଯେତିକି ଶିଖାମେଲି ଊର୍ଦ୍ଧ୍ୱାୟିତ ହେଲା, ବ୍ରତଧାରୀ ବିଶ୍ୱମ୍ଭର ଭୂମାଚେତନା ମଧ୍ୟକୁ ସେତିକି ଉନ୍ନୀତ ହେଲେ । ବିଷ୍ଣୁମୟ ଚେତନା ମଧ୍ୟରେ ଏ ଜଗତର ସବୁକିଛିକୁ ସମ୍ମିଳିତ କରିବା – ଅନ୍ତର ବାହାର; ସ୍ଥାବର-ଜଙ୍ଗମ; ସ୍ଥୂଳ-ସୂକ୍ଷ୍ମ ଏସବୁରେ ସେ ଭଗବାନଙ୍କୁ ପ୍ରତ୍ୟକ୍ଷ କଲେ । ଆତ୍ମାକୁ ପରମାତ୍ମାଙ୍କ ସହ ବାନ୍ଧିବା ହେଉଛି ତାଙ୍କର ଈଶ୍ୱରାଦିଷ୍ଟ କାର୍ଯ୍ୟ । ସେଇ ଅଗ୍ନିରେ ନିଜର ବୋଲି ଯାହାକିଛି ଥିଲା – ବର୍ଣ୍ଣ, ଜାତି, ଆଶ୍ରମ, ଦେହ, ମନ, ବୁଦ୍ଧି, ଚିତ୍ତ, ଅହଂକାର, ଇହଲୋକ ଓ ପରଲୋକର ଯାବତୀୟ ଭୋଗବାସନା ସେ ଆହୁତି ଦେଲେ । ସେ ଏବେ ହେବେ ଆତ୍ମବିତ୍, ସର୍ବବିତ୍, ବ୍ରହ୍ମବିତ୍ । ଗୁରୁ ତାଙ୍କର ଶିଖା ଓ ଯଜ୍ଞସୂତ୍ର କାଟି ଅଗ୍ନିରେ ସମର୍ପି ଦେଲେ । ନାମ ଦେଲେ : 'ଶ୍ରୀକୃଷ୍ଣ ଚୈତନ୍ୟ ଭାରତୀ' ଅର୍ଥାତ୍ ଯାହାଙ୍କର ସମୁଦାୟ ଅସ୍ତିତ୍ୱ – ଅନ୍ତଃ ଓ ବାହ୍ୟ ଶ୍ରୀକୃଷ୍ଣଙ୍କ ଚେତନା ସହ ସଂଯୁକ୍ତ, ଅଭିନିବିଷ୍ଟ, ସର୍ବାଙ୍ଗୀଣ ଭାବେ ଅଭିନ୍ନ ଓତପ୍ରୋତ । ପରେ ସେ ଚୈତନ୍ୟଦେବ ବା ଶ୍ରୀଗୌରାଙ୍ଗ ଭାବରେ (ବିଶେଷ କରି ଉତ୍କଳ ଖଣ୍ଡରେ) ପରିଚିତ ହେଲେ । ଶିଷ୍ୟ ଗୁରୁ ଚରଣରେ ନିଜକୁ ସମର୍ପିତ କଲେ । ତହୁଁ ଗୁରୁ କେଶବ ଭାରତୀ ତାଙ୍କୁ ଗୈରିକ ରଞ୍ଜିତ ବସ୍ତ୍ର, ଉତ୍ତରୀୟ, କୌପୀନ ଏବଂ ଦଣ୍ଡ, କମଣ୍ଡଳୁ ଦେଲେ । ସେଥିରେ ସଜ୍ଜିତ ହୋଇ ନବୀନ ସନ୍ନ୍ୟାସୀ ପୁଣି ଆସନରେ ଉପବିଷ୍ଟ ହେଲେ । ତାହାଙ୍କ ଦ୍ୱାରା ଗୁରୁଦେବ ପରମହଂସ ଗାୟତ୍ରୀ, ପୈଷ ମନ୍ତ୍ର, ବ୍ରହ୍ମ ମନ୍ତ୍ର ଆବୃତ୍ତି କରାଇଲେ । ଉଚ୍ଚସ୍ୱରରେ ସନ୍ନ୍ୟାସିବୃନ୍ଦ ଉପନିଷଦର ମହାବାକ୍ୟାଦି ଉଚ୍ଚାରଣ କଲେ, ସେମାନଙ୍କ ସହିତ ସନ୍ନ୍ୟାସୀ ଚୈତନ୍ୟ ଦେବ ମଧ୍ୟ ଆବୃତ୍ତି କରି ଚାଲିଲେ; ସନ୍ନ୍ୟାସୀମାନଙ୍କ କେନ୍ଦ୍ରରେ ଉପବିଷ୍ଟ ଶ୍ରୀଚୈତନ୍ୟ ଦେଖା ଯାଉଥିଲେ ଜ୍ୱଳନ୍ତ ପାବକ ଭଳି । ପରିବେଶ ମନେ ହେଉଥିଲା ଯେମିତି ପ୍ରାଚୀନ ପୁଣ୍ୟଭୂମି ଆର୍ଯ୍ୟାବର୍ତ୍ତରେ ମହର୍ଷିଗଣ ଶିଷ୍ୟ ପରମ୍ପରା କ୍ରମେ ଦେବତାଙ୍କୁ ଆବାହନ କରି ପ୍ରତିଷ୍ଠା କରିଛନ୍ତି ।

ନବୀନ ସନ୍ନ୍ୟାସୀ କ୍ରମେ ଅନ୍ତରଗୁହା ମଧ୍ୟରେ ପ୍ରବେଶ କରି ବିଷ୍ଣୁଚେତନାରେ ନିମଜ୍ଜିତ ହେଲେ । ତାଙ୍କ ପାଇଁ ନିରାକାର ଓ ସାକାର, ନିର୍ଗୁଣ ଓ ସଗୁଣ ସମସ୍ତ କିଛି ବ୍ୟାପକ ବିଷ୍ଣୁମୟ ହୋଇଗଲା; ଯାହାକିଛି ପରିଦୃଶ୍ୟମାନ ଓ ଯାହାକିଛି ଅପ୍ରକାଶ୍ୟ – ସେ ସମସ୍ତହିଁ ସେଇ ବିଷ୍ଣୁ ଚୈତନ୍ୟରେ ଭରିଗଲା । କିଛି ବି ମାୟା ମରୀଚିକା ନୁହେଁ ବରଂ ସମସ୍ତ କିଛି

ବିଷ୍ଣୁଲୀଳା, ଲୀଳାମୟ ବିଷ୍ଣୁଙ୍କର କ୍ରୀଡ଼ାଙ୍ଗନ । ସେ ସମାଧିରେ ଲୀନ ହୋଇଗଲେ – ନିର୍ବିକଳ୍ପ ସମାଧିରେ ନୁହେଁ ସବିକଳ୍ପ* ସମାଧି ଭିତରେ । ବେଦଧ୍ୱନି, ଜ୍ୱଳନ୍ତ ହୋମାଗ୍ନି ଫୁଟି ଆସୁଥିବା ପଦ୍ମକୋରକ ଦେହରେ ସୂର୍ଯ୍ୟତାପ ଭଳି କାର୍ଯ୍ୟକଲା, ପଦ୍ମ କଳୀ ତା'ର ସୌରଭ ଓ ସୁଗନ୍ଧ ଲାଭ କଲା ପୂର୍ଣ୍ଣଭାବେ । ଶିଷ୍ୟର ବାହ୍ୟଜ୍ଞାନ ରହିଲା ନାହିଁ ଆଉ । ଗୁରୁ ଶିଷ୍ୟର ଏ ଦଶାରେ ଚମତ୍କୃତ ହେଲେ । ନବୀନ ସନ୍ନ୍ୟାସୀ ବାହ୍ୟ-ଚେତନା ହରାଇଲେ । ସାରାରାତ୍ରି ସେଇପରି ଭାବେ କଟିଲା, ପରଦିନ ପ୍ରଭାତରୁ ଉଠି ସେ ଗୁରୁଦେବଙ୍କ ଅନୁମତିରେ ପଦବ୍ରଜରେ ତୀର୍ଥ-ଦର୍ଶନ ପାଇଁ ଉଦ୍ୟତ ହେଲେ ଯେବେ, କେଶବ ଭାରତୀ ଶିଷ୍ୟର ଅର୍ଦ୍ଧବାହ୍ୟ ଦଶା ଦେଖି ତାଙ୍କ ସାଥିରେ କେହି ସହଚର ଯା'ନ୍ତୁ ବୋଲି ପରାମର୍ଶ ଦେଲେ । ଶେଷ ଉପଦେଶ ଦେଲେ, ''ହେ ବ୍ରହ୍ମଚାରି, ଜ୍ଞାନକୁ ଅଭ୍ୟାସରେ ତଥା ସନ୍ନ୍ୟାସବ୍ରତରେ ଜାରିତ କର । ପଥ ମଧ୍ୟରେ ବିପଦ-ସଂପଦ ସବୁ ଆସିବ – ବୈରାଗ୍ୟର ଅସ୍ତ୍ରଦେଇ ସବୁ ବିଘ୍ନ ପାରହେବ । ରାଗ-କ୍ରୋଧରୁ ମୁକ୍ତ ରହିବ । ଅନ୍ତର୍ଯାମୀ ତୁମର ସହାୟ ହୁଅନ୍ତୁ । ଏ ଜଗତ୍ ଓ ତା'ର ସମସ୍ତ ପ୍ରଭୁଙ୍କର ପ୍ରସାଦ ମନେକରି ସମଚିତ୍ତରେ ଆଚରଣ କରିବ ।''

(କ୍ରମଶଃ)

ସଂଗ୍ରହ ଓ ଉପସ୍ଥାପନା : କୃଷ୍ଣାଦେବୀ

---

* ନିର୍ବିକଳ୍ପ ସମାଧି ଭଳି ସବିକଳ୍ପ ସମାଧି ମଧ୍ୟ ରହିଛି, ଯାହା ବିଷୟରେ ଶ୍ରୀରାମକୃଷ୍ଣ ପ୍ରାୟଶଃ କହୁଥିଲେ । ସାଧନାବସ୍ଥାର ଉଚ୍ଚତମ ସ୍ଥିତିରେ ଅନ୍ତର ଓ ବାହ୍ୟ ସର୍ବତ୍ର ବିଷ୍ଣୁ ପରିବ୍ୟାପ୍ତ ବୋଲି ବୋଧହୁଏ, ଏପରିକି ସ୍ୱୟଂକୁ ମଧ୍ୟ ବିଷ୍ଣୁଙ୍କର ଜାଗ୍ରତ୍ ପ୍ରତିମୂର୍ତ୍ତି ମନେହୁଏ । ସେତେବେଳେ ଏ ସୃଷ୍ଟିର ପ୍ରକୃତ ରହସ୍ୟ, ଉଦ୍ଦେଶ୍ୟ ଆଦି ଗୋଚରୀଭୂତ ହୁଏ – ଯେମିତି ସମସ୍ତହିଁ ବିଷ୍ଣୁ କଳେବର, ତାଙ୍କର ପୂର୍ଣ୍ଣ ଅବୟବର ଏକ ଏକ ଅଂଶବିଶେଷ । ଉକ୍ତ ଚେତନାର ଭୂମିରେ ବ୍ରହ୍ମ କେବଳ ନିର୍ବିଶେଷ, ଶୂନ୍ୟ, ନିରପେକ୍ଷ, ଅଚିନ୍ତ୍ୟ ଅନିର୍ବଚନୀୟ ନୁହନ୍ତି, ସେ ପୂର୍ଣ୍ଣ । ଏ ଜଗତ୍ ତାଙ୍କର ଏକାଂଶରେ ସ୍ଥିତ, ଜୀବ ତାଙ୍କର ଚିତ୍କଣା ବିଶେଷ । ସମସ୍ତ ରୂପ ତାଙ୍କରହିଁ ରୂପ, ସମସ୍ତ ନାମ ତାଙ୍କରହିଁ ନାମ, ସମସ୍ତ କାଳ ତାଙ୍କରହିଁ କାଳସ୍ଥିତି – ଅତୀତ, ବର୍ତ୍ତମାନ, ଭବିଷ୍ୟ ଏକତ୍ର ରହି ମଧ୍ୟ ପୃଥକ୍ । କିଛି ବି ମିଥ୍ୟା ନୁହେଁ, କାରଣ ପରମାତ୍ମାହିଁ ସର୍ବସତ୍ୟ । ଶ୍ରୀଚୈତନ୍ୟ ଚେତନାର ସେଇ ଦିବ୍ୟଭୂମିକୁ ଆରୋହଣ କରି ସେଠାରେ ନିତ୍ୟ ଅବସ୍ଥାନ କଲେ ।

THE BEST WAY TO EXPRESS ONE'S GRATITUDE TO THE DIVINE IS TO FEEL SIMPLY HAPPY.
(*23 APRIL 1954*) – THE MOTHER

*With best compliments from :*

**SRI JAGANNATH RICE MILL**

**MAITAPUR, BALASORE (ORISSA)**

ଅନ୍ତରାଳ ଜଗତ୍

# ଗୁହ୍ୟବିଦ୍ୟା ଓ କେତେକ ଅନୁଭୂତି

## ଶ୍ରୀମା

ମୋତେ ବାରବର୍ଷ ହୋଇଥିବା ବେଳେ ମୁଁ ଗୁହ୍ୟବିଦ୍ୟା (Occultism)ର ଅଭ୍ୟାସ କରୁଥିଲି । କିନ୍ତୁ ଗୋଟିଏ କଥା କହିବି ଯେ ମୋ ଭିତରେ ଭୟ ବୋଲି କୌଣସି ଜିନିଷ ଆଦୌ ନ ଥିଲା – ମୁଁ କୌଣସି କିଛିକୁ ଭୟ କରୁ ନ ଥିଲି । ତୁମେ ନିଜ ଶରୀରରୁ ବାହାରକୁ ବାହାରି ଯିବ, ପ୍ରାୟ ଅଦୃଶ୍ୟ ସୂତାଖିଅ ଭଳି କିଛି ତୁମକୁ ତୁମ ଶରୀର ସଙ୍ଗେ ବାନ୍ଧି ରଖିଥିବ – ଯଦି ସେହି ସୂକ୍ଷ୍ମ ସୂତାଖିଅଟି ଛିଡ଼ିଯାଏ, ତେବେ ସବୁକିଛି ସେଇଠି ଶେଷ ହୋଇଯିବ । ତୁମ ଜୀବନ ମଧ୍ୟ ଶେଷ ହୋଇଯିବ । ତୁମେ ଶରୀର ବାହାରକୁ ଚାଲିଯାଇ, ଯେଉଁ ସୂକ୍ଷ୍ମ ଜଗତ୍-ସବୁରେ ପ୍ରବେଶ କରିବ, ସେହିସବୁ ଜଗତର ଦୃଶ୍ୟଗୁଡ଼ିକୁ ଦେଖିବାକୁ ପାଇବ । ସାଧାରଣତଃ ପ୍ରଥମେ ପ୍ରଥମେ ଯେଉଁସବୁ ଦୃଶ୍ୟ ଦେଖିବାକୁ ପାଅ ସେଗୁଡ଼ିକ ଖୁବ୍ ଭୀତିପ୍ରଦ ମନେ ହୁଅନ୍ତି । କାରଣ ତୁମ ପାଇଁ ସେହି ସ୍ଥାନଗୁଡ଼ିକ ବାୟୁଶୂନ୍ୟ, ପବନର କୌଣସି ଚଳାଚଳ ନାହିଁ – ତୁମେ ଦେଖିବ କିଛି ନୀଳ ବା ଧବଳ ରଙ୍ଗ, ମେଘଖଣ୍ଡ ଓ ସୂର୍ଯ୍ୟାଲୋକ, ଏବଂ ସେଗୁଡ଼ିକ ଖୁବ୍ ମନୋରମ – କିନ୍ତୁ ଯେତେବେଳେ ଅନ୍ୟାନ୍ୟ ଦୃଶ୍ୟସବୁ ତୁମର ଦୃଷ୍ଟିପଥାରୂଢ଼ ହେବ ସେତେବେଳେ ଦେଖିବ ସେଗୁଡ଼ିକ ଅଗଣିତ ଛୋଟ ଛୋଟ ଗଠନରେ ପରିପୂର୍ଣ୍ଣ, ଯେଉଁଗୁଡ଼ିକ କି କାମନାବାସନାର ବା ମାନସିକ ନାନା ବିରୂପ ଗଠନର ଅବଶିଷ୍ଟାଂଶ ରୂପେ ସେଠାରେ ପଣପଣ ହୋଇ ରହିଥାଆନ୍ତି । ଏକାଠି ମେଞ୍ଚା ମେଞ୍ଚା ହୋଇ ରହିଥିବା ସେହିସବୁ ଉପାଦାନଗୁଡ଼ିକର ଦୃଶ୍ୟ ଖୁବ୍ ଦୃଷ୍ଟିକଟୁ ହୋଇଥାଏ ଓ ସମୟ ସମୟରେ ଅତି ବୀଭତ୍ସ ମଧ୍ୟ ହୋଇଥାଏ । ଏହା ଦ୍ୱାରା ତୁମେ ଆକ୍ରାନ୍ତ ହୁଅ – ଏହା ଦେଖାଦେଇ ତୁମ ଉପରକୁ ମାଡ଼ି ଆସେ, ତୁମକୁ ଆକ୍ରମଣ କରେ ଏବଂ ତୁମେ ଯଦି ଭୟ ପାଇଯାଅ, ତେବେ ଏହା ନାନା ଧରଣର ବିକଟ ଓ ଭୟାନକ ରୂପ ଗ୍ରହଣ କରେ । ଅବଶ୍ୟ ଏହା ସ୍ୱାଭାବିକ ଯେ ତୁମେ ଯଦି ଘାବରେଇ ନ ଯାଇ ଏହି ଦୃଶ୍ୟଗୁଡ଼ିକୁ ଏକ ସୁସ୍ଥ କୌତୂହଳର ମନୋଭାବ ନେଇ ଦେଖି ଚାଲ, ତା'ହେଲେ ଦେଖିବ ଯେ ଏଥିରେ ଆଦୌ ଭୟ ପାଇବାର କିଛି ନାହିଁ, ଏଗୁଡ଼ିକ ମନୋରମ ନ ହୋଇପାରେ କିନ୍ତୁ ଭୀତିପ୍ରଦ ନୁହେଁ ।

ଏ ସଂପର୍କରେ ତୁମକୁ ଏକ ଛୋଟ ଗପ କହିପାରେ ।

ଡେନ୍‌ମାର୍କ ଦେଶର ଜଣେ ଚିତ୍ରକରଙ୍କୁ ମୁଁ ଜାଣିଥିଲି, ଯେ ବେଶ୍ ପ୍ରତିଭାବାନ୍ ଥିଲେ ଓ ଗୁହ୍ୟବିଦ୍ୟା ଶିଖିବା ପାଇଁ ଇଚ୍ଛୁକ ଥିଲେ (ଅଧିକନ୍ତୁ ସେ ଏଠାକୁ ଆସିଥିଲେ ଓ ଶ୍ରୀଅରବିନ୍ଦଙ୍କୁ ସାକ୍ଷାତ୍ କରିଥିଲେ, ଏପରିକି ସେ ତାଙ୍କ ପ୍ରତିକୃତି ମଧ୍ୟ ଆଙ୍କିଥିଲେ – ଏହା ଥିଲା ପ୍ରଥମ ବିଶ୍ୱଯୁଦ୍ଧ ସମୟର କଥା) ଏବଂ ସେ ଯେତେବେଳେ ଫ୍ରାନ୍ସକୁ ଫେରି ଆସିଥିଲେ ତାଙ୍କୁ କିଛି ଗୁହ୍ୟବିଦ୍ୟା ଶିଖାଇବା ପାଇଁ ମୋତେ ଅନୁରୋଧ କରିଥିଲେ । କିପରି ଶରୀର ଭିତରୁ ବାହାରକୁ ଯିବାକୁ ହୁଏ ଓ ସେଥିପାଇଁ ଆବଶ୍ୟକ ନିୟନ୍ତ୍ରଣ ଆଦି ସଂପର୍କରେ ମୁଁ ତାଙ୍କୁ ଶିଖାଇଥିଲି । ମୁଁ ତାଙ୍କୁ କହିଥିଲି ଯେ ସର୍ବୋପରି ପ୍ରଥମେ ଯାହା ଆବଶ୍ୟକ ତା' ହେଉଛି କୌଣସି ଭୟକୁ ଆଦୌ ସ୍ଥାନ ନ ଦେବା । ତା'ପରେ ଦିନେ ସେ ଆସି ମୋତେ କହିଲେ ଯେ ସେହି ରାତ୍ରିରେ ସେ ଏକ ସ୍ୱପ୍ନ ଦେଖିଛନ୍ତି । କିନ୍ତୁ ପ୍ରକୃତରେ ଏହା ଏକ ସ୍ୱପ୍ନ ନ ଥିଲା, କାରଣ ମୁଁ ତୁମକୁ ଯାହା କହିଛି, ଶରୀରରୁ ବାହାରି ଯିବାର କିଛିଟା କୌଶଳ ସେ ଶିଖିଥିଲେ ଏବଂ ସଚେତ ଭାବରେ ସେ ଶରୀରରୁ ବାହାରି ଯାଇଥିଲେ । ଏବଂ ଥରେ ଶରୀରରୁ ବାହାରକୁ ବାହାରିଯିବା ପରେ, ସେ ତାଙ୍କର ଚାରିପଟର ଦୃଶ୍ୟସବୁକୁ ଦେଖିବାକୁ ଲାଗିଲେ, ଯେତେବେଳେ କି ହଠାତ୍ ଦେଖିଲେ ଏକ ଭୟଙ୍କର ବିରାଟ ବ୍ୟାଘ୍ର ତାଙ୍କ ଆଡ଼କୁ ମାଡ଼ି ଆସୁଛି, ତାଙ୍କୁ ଆକ୍ରମଣ କରିବାର ଉଦ୍ଦେଶ୍ୟ ନେଇ ବାଘଟି ଖୁବ୍ ପାଖେଇ ଆସୁଛି... । ସେତେବେଳେ ସେ ସ୍ମରଣ କଲେ ମୁଁ ତାଙ୍କୁ ଯାହା କହିଥିଲି ଯେ ସେ ଯେପରି ଆଦୌ ଭୟଭୀତ ନ ହୁଅନ୍ତି । ତେଣୁ ସେ ନିଜକୁ କହିବାକୁ ଲାଗିଲେ, "ଡରିବାର କିଛି କାରଣ ନାହିଁ, ମୁଁ ସୁରକ୍ଷିତ, ମୋର କିଛି ବି କ୍ଷତି ଘଟିବ ନାହିଁ, ସୁରକ୍ଷାର ଏକ ଶକ୍ତି ଦ୍ୱାରା ମୁଁ ବେଷ୍ଟିତ ହୋଇ ରହିଛି" ଏବଂ ଆଦୌ କୌଣସି ଭୟ ବିନା ସେ ବାଘଟିକୁ ସେହିପରି ଚାହିଁ ରହିଲେ । ଏବଂ ଯେତେବେଳେ ସେ ବାଘଟିକୁ ଅନାଇ ରହିଲେ, ତତ୍‌କ୍ଷଣାତ୍ ସେହି ବାଘଟିର ଆକାର କ୍ରମଶଃ କ୍ଷୁଦ୍ରରୁ କ୍ଷୁଦ୍ରତର ହୋଇ ଆସିବାକୁ ଲାଗିଲା ଏବଂ ଶେଷରେ ତାହା ପରିଣତ ହେଲା ଏକ ଛୋଟ କୁନି ବିରାଡ଼ିଟିରେ ।

*

ମୁଁ ଯେତେବେଳେ ଗୁହ୍ୟବିଦ୍ୟା ଶିଖିବା ଆରମ୍ଭ କଲି, ମୁଁ ଜାଣିବାକୁ ପାଇଲି – ଠିକ୍ ଯେଉଁ ସମୟରେ ମୋର ରାତ୍ରିଗୁଡ଼ିକ ଉପରେ କ୍ରିୟା କରୁଥିଲି ନିଦ୍ରିତାବସ୍ଥାରେ ସଚେତନ ରହିବା ପାଇଁ – ସେତେବେଳେ ସଚେତ ହେଲି ଯେ ସୂକ୍ଷ୍ମ ଦୈହିକ କ୍ରିୟା ଓ ସବୁଠାରୁ ସ୍ଥୂଳ ଭୌତିକ-ପ୍ରାଣିକ କ୍ରିୟା ଭିତରେ ଏକ ଛୋଟ ଅଞ୍ଚଳ ରହିଛି, ଅତ୍ୟନ୍ତ କ୍ଷୁଦ୍ର, କିନ୍ତୁ ତାହା ଯଥେଷ୍ଟ ବିକଶିତ ହୋଇ ନାହିଁ ଯାହା ଫଳରେ ତାହା ଏଇ ଦୁଇ ଧରଣର କ୍ରିୟା ଭିତରେ ଏକ ସଚେତ ଯୋଗସୂତ୍ର ଭଳି କାମ କରି ପାରିବ । ତେଣୁ ସବୁଠୁ ଭୌତିକ ପ୍ରାଣିକ ଚେତନାରେ ଯାହା ଘଟୁଥିଲା ତାହା ସବୁଠୁ ସୂକ୍ଷ୍ମ ଦୈହିକ ଚେତନାରେ ଧରା ଦେଇ ନିର୍ଭୁଲ ଭାବରେ ରୂପାୟିତ ହୋଇ ପାରୁ ନ ଥିଲା । ଏଥି ଭିତରୁ କିଛିଟା ପଥ ମଧ୍ୟରେହିଁ ହରାଇବାକୁ ପଡୁଥିଲା, କାରଣ ଏହା ଯଦିଓ ପୂରାପୂରି ଶୂନ୍ୟ ନ ଥିଲା, କିନ୍ତୁ ଅର୍ଦ୍ଧଚେତନ ହୋଇ ରହୁଥିଲା ବା ଯଥେଷ୍ଟ ବିକଶିତ ହୋଇ ପାରି ନ ଥିଲା । ମୁଁ ଜାଣିଥିଲି ଏଥିପାଇଁ ଗୋଟିଏ ମାତ୍ର ବାଟ ରହିଛି ଏବଂ ତା' ହେଉଛି ଏହାକୁ ବିକଶିତ କରାଇବା ପାଇଁ  କାମ କରିବା । ମୁଁ ଏ ଦିଗରେ କାମ ଆରମ୍ଭ କରିଦେଲି । ଏହା ଘଟିଥିଲା ପାଖାପାଖି ଫେବ୍ରୁଆରୀ ମାସରେ ବୋଲି ମୁଁ ଭାବୁଛି । ମାସେ ଗଲା, ଦୁଇ ମାସ ଗଲା, ତିନି-ଚାରି ମାସ ଅତିବାହିତ ହୋଇଗଲା, କିନ୍ତୁ ଫଳ କିଛି ହୋଇ ନଥିଲା । କିନ୍ତୁ କାମଟିକୁ ଚଳାଇ ରଖିଲି । ପାଞ୍ଚ ମାସ, ଛ ମାସ, ବୋଧହୁଏ ଜୁଲାଇ ଶେଷ ବା ଅଗଷ୍ଟ ପ୍ରାରମ୍ଭରେ ... ... ପ୍ୟାରିସ୍‌ରେ ମୁଁ ରହୁଥିବା ଘର ଛାଡ଼ି ଗ୍ରାମାଞ୍ଚଳର ଏକ ସ୍ଥାନକୁ ଆସିଲି, କେତେକ ବନ୍ଧୁଙ୍କ ସଙ୍ଗେ ରହିବା ପାଇଁ । ତାଙ୍କର ଏକ ଛୋଟ ବଗିଚା ଥିଲା, ସମୁଦ୍ର କୂଳରେ ଛୋଟ ଜାଗାଟିଏ । ଏହି ବଗିଚାରେ ଲନ୍‌ଟିଏ ଥିଲା, କିଛି ଫୁଲଗଛ ଓ ଚାରିପଟେ କେତେକ ବଡ଼ ବଡ଼ ଗଛ । ଏହା ଏକ ଚମତ୍କାର ସ୍ଥାନ ଥିଲା, ଖୁବ୍ ଚୁପ୍‌ଚାପ୍, ଶାନ୍ତ ଓ ନୀରବ । ଘାସ ଉପରେ ମୁଁ ଏହିପରି ପେଟେଇ ଶୋଇଥିଲି, ମୋର କହୁଣି ଘାସ ଉପରେ ଥିଲା, ଏବଂ ତା'ପରେ ହଠାତ୍ ବିଶ୍ୱ ପ୍ରକୃତିର ସମଗ୍ର ଜୀବନ, ବୃକ୍ଷଲତା ଓ ପ୍ରକୃତି ଭିତରେ ଅତ୍ୟନ୍ତ ସଦ୍ୟ ଓ ସଜୀବ ହୋଇ ରହିଥିବା ସମଗ୍ର ଜୀବନ ସୂକ୍ଷ୍ମଦୈହିକ ଓ ସବୁଠୁ ଭୌତିକ-ପ୍ରାଣିକ ମଧ୍ୟରେ ଥିବା ଚେତନାର ସେହି ଅଞ୍ଚଳଟିରେ ହଠାତ୍ ପୂରା ଜୀବନ୍ତ, ନିବିଡ଼, ସଚେତ ଓ ବିସ୍ମୟକର ଭାବରେ ସୁନ୍ଦର ହୋଇଉଠିଲା; ଏଥିପାଇଁ କୌଣସି ମଧ୍ୟବର୍ତ୍ତୀ ଅବସ୍ଥା ଭିତରଦେଇ ଯିବାକୁ ପଡ଼ିଲା ନାହିଁ, ସବୁକିଛି ଘଟିଲା ତତ୍‌କ୍ଷଣାତ୍ ଓ ହଠାତ୍ । ଏବଂ ଏହାହିଁ ଥିଲା ପରିଣତି ଓ ଛ'ମାସ ଧରି ଚାଲିଥିବା ପ୍ରୟାସର ଫଳଲାଭ; ସେଇ ଛ'ମାସରେ ମୋତେ କିଛି ବି ମିଳି ନ ଥିଲା, କିନ୍ତୁ ହଠାତ୍ ଏହି ଫଳଲାଭ ଓ ଅପୂର୍ବ ଅନୁଭୂତି । ମୁଁ କିଛି ବି ଲକ୍ଷ୍ୟ କରୁ ନ ଥିଲି, କିନ୍ତୁ ସାମାନ୍ୟ ଟିକେ ଅନୁକୂଳ ପରିବେଶ ଏବଂ ହଠାତ୍ ଏହି ଫଳଲାଭ ।

*

ବର୍ଷକରୁ ଅଧିକ କାଳ ମୁଁ ଏଇ ଧରଣର ଶୃଙ୍ଖଳିତ କାମରେ ନିଜକୁ ବ୍ୟାପୃତ ରଖିଥିଲି (ସ୍ୱପ୍ନଗୁଡ଼ିକୁ ଲେଖି ରଖିବା) । ମୁଁ ପ୍ରତ୍ୟେକଟି କଥା ଲେଖି ରଖୁଥିଲି – କିଛି ଶବ୍ଦ, ବାକ୍ୟ, ମନରେ ଛାପ ରଖୁଥିବା ଅଳ୍ପ କେତେକ ବିଷୟ, କିଛି ଧାରଣା, – ଏବଂ ମୁଁ ଚେଷ୍ଟା କରୁଥିଲି ସ୍ୱପ୍ନର ଗୋଟିଏ ସ୍ମୃତିରୁ ଆଉ ଗୋଟିଏ ସ୍ମୃତିକୁ ଚାଲିଯାଇ ସେଗୁଡ଼ିକୁ ଧରି ରଖିବା ପାଇଁ । ପ୍ରଥମେ ପ୍ରଥମେ ଏଗୁଡ଼ିକ ବିଶେଷ ଫଳପ୍ରଦ ହେଉ ନ ଥିଲା, କିନ୍ତୁ ପ୍ରାୟ ୧୪ ମାସର ପ୍ରଚେଷ୍ଟା ପରେ ମୁଁ ସମର୍ଥ ହୋଇଥିଲି ସ୍ୱପ୍ନଗୁଡ଼ିକୁ ପୂରା ମୂଳରୁ ଶେଷଯାଏ ମନେ ପକାଇ ପାରିବାକୁ, ରାତ୍ରିର ପ୍ରାରମ୍ଭରୁ ଶେଷଯାଏ ଦେଖିଥିବା ସମସ୍ତ ସ୍ୱପ୍ନ ଓ ତହିଁରେ ଘଟିଥିବା ସମସ୍ତ ଘଟଣା ଓ ତା'ର ସମସ୍ତ ଗତିବୃତ୍ତିକୁ ଅନୁସରଣ କରିପାରୁଥିଲି । ଏହି ପ୍ରଚେଷ୍ଟା ତୁମକୁ ଏପରି ଏକ ସଚେତନ, କ୍ରମାଗତ ସଚେତ ଅବସ୍ଥାକୁ ନେଇଯାଏ ଯେ ଶେଷରେ ତାହା ଆଉ ନିଦ୍ରା ହୋଇ ରୁହେ ନାହିଁ । ମୋର ଶରୀର ବିଛଣାରେ ପଡ଼ି ରହୁଥିଲା, ଗଭୀର ନିଦ୍ରାମଗ୍ନ, କିନ୍ତୁ ଚେତନାରେ କୌଣସି ଅବସର, ବିଶ୍ରାନ୍ତି ନ ଥିଲା । ଏହାର ଫଳାଫଳ ଥିଲା ସଂପୂର୍ଣ୍ଣ ବିସ୍ମୟକର : ତୁମେ ନିଦ୍ରାର ବିଭିନ୍ନ ପର୍ଯ୍ୟାୟ ସଂପର୍କରେ ସଚେତ ହୋଇଉଠ, ତହିଁରେ ଯାହାସବୁ ଘଟୁଥାଏ, ଟିକିନିଖି ଭାବରେ ପ୍ରତ୍ୟେକଟି ସଂପର୍କରେ ତୁମେ ପୂରା ସଚେତ ହୋଇଯାଅ, ଏବଂ କୌଣସି କିଛି ଆଉ ତୁମର ଆୟତ୍ତ ବା କର୍ତ୍ତୃତ୍ୱରୁ ବାହାରି ଯାଇପାରେ ନାହିଁ । ❖

# ସଂପାଦକୀୟ ....

୨୦୧୪ ମସିହାରେ ଦିବ୍ୟ ଜନନୀ ଶ୍ରୀମାଙ୍କର ଭାରତ ମାଟିରେ ପାଦ ରଖିବାର ଶହେ ବର୍ଷ ପୂରିଯାଉଛି । ଏହି ବର୍ଷ ମାର୍ଚ୍ଚ ୨୯ ତାରିଖରେ, ବିଶ୍ୱର ଆଧ୍ୟାତ୍ମିକ ଇତିହାସରେ ଏକ ଅଭୂତପୂର୍ବ ଅନନ୍ୟ ଘଟଣା – ପରମ ପ୍ରଭୁ ଶ୍ରୀଅରବିନ୍ଦଙ୍କ ସହ ଦିବ୍ୟ ଜନନୀ ଶ୍ରୀମାଙ୍କର ପ୍ରଥମ ସାକ୍ଷାତର ମଧ ଶତବାର୍ଷିକୀ । ଏହି ଉପଲକ୍ଷେ 'ନବଜ୍ୟୋତି'ର ଏହି ସଂଖ୍ୟାରେ ସନ୍ନିବେଶିତ ହୋଇଥିବା କେତେକ ବିଷୟ ଶ୍ରୀଅରବିନ୍ଦ ଓ ଶ୍ରୀମା'ଙ୍କ ଦିବ୍ୟରଚନାବଳୀରୁ ସଂଗୃହୀତ ।

ପରମ ସତ୍ୟର ଉପଲବ୍ଧି ଓ ପ୍ରକାଶର କ୍ଷେତ୍ରରେ, ଜୀବନ ଓ ଅସ୍ତିତ୍ୱର ପୂର୍ଣ୍ଣତା ପାଇଁ ଆମ ଆକୁତିର କ୍ଷେତ୍ରରେ, ଏପରି କୌଣସି ଜିଜ୍ଞାସା, ଏପରି କୌଣସି ପ୍ରଶ୍ନ ନାହିଁ ଯାହାର ଉତ୍ତର ଓ ସମାଧାନ ଶ୍ରୀଅରବିନ୍ଦ ଓ ଶ୍ରୀମାଙ୍କ ରଚନାବଳୀରୁ ଆମେ ପାଇପାରିବୁ ନାହିଁ । ସେହି ସମାଧାନଗୁଡ଼ିକ କେବଳ ତାତ୍ତ୍ୱିକ ବିଚାର ବା ଦାର୍ଶନିକ ସିଦ୍ଧାନ୍ତ ମାତ୍ର ନୁହେଁ, କେବଳ ନୈତିକ ଶିକ୍ଷା ବା ଆଧ୍ୟାତ୍ମିକ ଉପଦେଶ ମାତ୍ର ନୁହେଁ, ଦିବ୍ୟସତ୍ୟର ପୂର୍ଣ୍ଣାଙ୍ଗ ଉପଲବ୍ଧି ଓ ଜୀବନର ସର୍ବାଙ୍ଗୀଣ ପୂର୍ଣ୍ଣତାଲାଭର ପଥରେ ଆଗେଇଯିବା ପାଇଁ ଦୁଃସାହସିକ ଅଭିଯାନର ଆହ୍ୱାନ ସହିତ ତହିଁରେ ରହିଛି ପଥପ୍ରଦର୍ଶନର ସମସ୍ତ ଆଲୋକ ଏବଂ ଶକ୍ତି, ପ୍ରେରଣା ଓ ଉତ୍ସାହ ଏବଂ ଲକ୍ଷ୍ୟ-ଲାଭର ସମସ୍ତ ପ୍ରତିଶ୍ରୁତି । ଦିବ୍ୟ-ଅଭିଯାନର ସେହି ପଥରେ ଆମେ ଯେପରି ନିଶ୍ଚିତ ଓ ଦୃଢ଼ ପଦକ୍ଷେପ ନେଇ ଆଗେଇ ଯାଇପାରୁ, ଆମର ସେହି ଯାତ୍ରା ଯେପରି ସମସ୍ତ ବିପଦ ଓ ବାଧାବିଘ୍ନରୁ ସୁରକ୍ଷିତ ହୋଇ ସର୍ବତୋଭାବେ ମଙ୍ଗଳମୟ ହୁଏ, ସେଥିପାଇଁ ଶ୍ରୀଅରବିନ୍ଦ ଓ ଶ୍ରୀମା'ଙ୍କ ଅମୋଘ ଆଶୀର୍ବାଦ ଓ ଦିବ୍ୟକୃପାର ଅବିରାମ ଧାରା ଆମ ଉପରେ ବର୍ଷି ଚାଲିଛି । ତାଙ୍କର ଜାଗ୍ରତ୍ ଓ ପ୍ରତ୍ୟକ୍ଷ ଦିବ୍ୟ-ଉପସ୍ଥିତି ନିୟତ ନିରନ୍ତର ଆମ ସଙ୍ଗେ ସଙ୍ଗେ ରହିଛି । କିନ୍ତୁ ସେହି ଦିବ୍ୟ-ଉପସ୍ଥିତି ସମ୍ପର୍କରେ ସଚେତ ରହିବା ପାଇଁ ଆମେ କେତେଟିକିଏ ଧ୍ୟାନ ଦେଉଛୁ, କେତେଟିକିଏ ଯତ୍ନ କରୁଛୁ ?

ଶ୍ରୀଅରବିନ୍ଦ ଓ ଶ୍ରୀମା ଆମ ଆଗରେ ଯେଉଁ ମହାନ୍ ସତ୍ୟଗୁଡ଼ିକୁ ଜାଗ୍ରତ୍ ଓ ଜୀବନ୍ତ ରୂପରେ ତୋଳି ଧରିଛନ୍ତି, ଆମେ ଯଦି ସେଥିପ୍ରତି ସମ୍ପୂର୍ଣ୍ଣ ଉଦାସୀନ ଓ ଶିଥିଳ ହୋଇରହୁ, ଗଭୀର ତାମସରେ ବୁଡ଼ିଯାଇ ସେଥିପ୍ରତି ଆମ ଗ୍ରହଣଶୀଳତାର ସମସ୍ତ ଦ୍ୱାର ବନ୍ଦ କରିଦେଉ ତେବେ ଆମର ବ୍ୟକ୍ତି-ଜୀବନ ତଥା ସମଷ୍ଟି-ଜୀବନ ଆଜି ଯେଉଁ ଘୋର ଦୁର୍ଦ୍ଦଶା ଓ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି ତହିଁରୁ ମୁକୁଳିବାର ବାଟ ପାଇବୁ କିପରି ? ଅଜ୍ଞାନ ଓ ଅନ୍ଧକାର ଶକ୍ତିର କବଳରୁ ମୁକ୍ତି ପାଇବା ପାଇଁ ଏବଂ ଜ୍ଞାନ, ଶକ୍ତି, ଆନନ୍ଦ ଓ ଆଲୋକ ପଥରେ ଆଗେଇ-ଯିବା ପାଇଁ ଅଭ୍ରାନ୍ତ ପଥନିର୍ଦ୍ଦେଶ ଶ୍ରୀଅରବିନ୍ଦ ଓ ଶ୍ରୀମା'ଙ୍କ ରଚନାବଳୀରେ ରହିଛି । କିନ୍ତୁ ସେଗୁଡ଼ିକୁ ଅଧ୍ୟୟନ କରି ତା'ର ପ୍ରକୃତ ଅର୍ଥ ଓ ମର୍ମ ବୁଝିବା ପାଇଁ, ଜୀବନ ତଥା ଚେତନାରେ ସେଗୁଡ଼ିକର ଅଭ୍ୟାସ ଓ ପ୍ରୟୋଗ ପାଇଁ ଆମେ କେତେଟିକିଏ ଚେଷ୍ଟା କରୁଛୁ ? ଶ୍ରୀମା କହିଥିଲେ ଶ୍ରୀଅରବିନ୍ଦଙ୍କ ରଚନାଗୁଡ଼ିକ ହେଉଛି ଶକ୍ତିର ବିପୁଳ ଭଣ୍ଡାର (Batteries of Forces) କିନ୍ତୁ ଜୀବନ ଓ ଚେତନାର ବାସ୍ତବ ଅନୁଭୂତିର କ୍ଷେତ୍ରରେ ସେଗୁଡ଼ିକର ଅଭ୍ୟାସ ଓ ପ୍ରୟୋଗ ବିନା ସେଗୁଡ଼ିକର ଯଥାର୍ଥ ମୂଲ୍ୟ ଓ ତାତ୍ପର୍ଯ୍ୟ ଅନୁଭବ କରିହେବ ନାହିଁ । କିନ୍ତୁ ସେଦିଗରେ ଆମେ କେତେ ତତ୍ପର ? ଆମର ଆଧ୍ୟାତ୍ମିକ ପରମ୍ପରାରେ ସ୍ୱାଧ୍ୟାୟ ପାଇଁ ଏବଂ ଶ୍ରବଣ, ମନନ ଓ ନିଦିଧ୍ୟାସନ ଅର୍ଥାତ୍ ପ୍ରତ୍ୟକ୍ଷ ଉପଲବ୍ଧି ସମ୍ପର୍କରେ ଏତେ ଉପଦେଶ ଦିଆଯାଇଛି । କିନ୍ତୁ ସେହି ଉପଦେଶଗୁଡ଼ିକ ପ୍ରତି ଆମେ ଆଦୌ କର୍ଣ୍ଣପାତ କରୁଛୁ କି ?

ଆମର ଏହିସବୁ ଶିଥିଳତାର ମନୋଭାବ ଫଳରେ ଦିବ୍ୟଗୁରୁ ଓ ପଥପ୍ରଦର୍ଶକଙ୍କ ଅଭ୍ରାନ୍ତ ନିର୍ଦ୍ଦେଶଗୁଡ଼ିକ ପ୍ରତି ବଧିର ବା ଶୁଣି ନଶୁଣିଲାର ଭାବ ରଖିବା ଫଳରେ, ଆମେ ଶ୍ରୀମା'ଙ୍କ କଥାରେ *'ପରେ କରିବାର ମନୋଭାବ'*କୁ ପ୍ରଶ୍ରୟ ଦେଇ ସମର୍ପଣର ଆଳରେ ନିଜ ଖିଆଲ ଖୁସିରେ ମଜ୍ଜି ରହିବା ଫଳରେ ଆମର ସାଫଲ୍ୟ ଓ ବିଜୟର ସମସ୍ତ ସମ୍ଭାବନାକୁ ଖର୍ବ, ନିଷ୍ଫଳ ଓ ବିଡ଼ମ୍ବିତ କରିରଖିଛୁ, ବ୍ୟର୍ଥ ଓ ବ୍ୟାହତ କରି ରଖିଛୁ । ଶ୍ରୀଅରବିନ୍ଦଙ୍କ କଥାରେ "As yet we have only accomplished weakness and effort and a defeated victory." ''ଏପର୍ଯ୍ୟନ୍ତ ଆମେ ଯାହାକିଛି ସମ୍ପନ୍ନ କରିଛୁ ତାହା କେବଳ ଦୁର୍ବଳତା ଓ ଉଦ୍ୟମ ଏବଂ ଏକ ପରାଭୂତ ବିଜୟ ।''

ତା'ହେଲେ କ'ଣ ଆମ ଭବିଷ୍ୟତ୍ ସମ୍ପର୍କରେ ଏକ ନୈରାଶ୍ୟବାଦୀ ମନୋଭାବ ରଖି ହତାଶ, ନିଶ୍ଚେଷ୍ଟ ଓ ମ୍ରିୟମାଣ

ହୋଇ ରହିବା ? ନା ନୂତନ ଆଶା, ସଂକଳ୍ପ, ଉଦ୍ୟମ ଓ କର୍ମୋତ୍ସାହ ନେଇ ନିଜର ଅଭୀଷ୍ଟ ଲକ୍ଷ୍ୟ ଓ ସିଦ୍ଧି ପଥରେ ଆଗେଇ ଯିବା ପାଇଁ ତତ୍ପର ହେବା ? ଯୋଗୀ, ଋଷି, ଦ୍ରଷ୍ଟା ମହାପୁରୁଷ ଓ ଅବତାରମାନେ ନିଜର ଅନୁଭୂତି ଓ ଉପଲବ୍ଧିକୁ ଭିତ୍ତିକରି କହି ଯାଇଛନ୍ତି ଯେ ଆମର ଗଭୀର ଅନ୍ତଶ୍ଚେତନାରେ ସାର୍ଥକ ଜୀବନର ସମସ୍ତ ଗୋପନ ରହସ୍ୟ ବିଦ୍ୟମାନ ରହିଛି । ଖାଲି ସେତିକି ନୁହେଁ, ଗୀତାର ଉକ୍ତି ଅନୁସାରେ ଆମ ଚେତନାର ଗଭୀର ଅନ୍ତରରେ ସ୍ୱୟଂ ଭଗବାନ୍ ଅନ୍ତର୍ଯାମୀ ରୂପେ ବିରାଜମାନ ହୋଇ ରହିଛନ୍ତି । ତେଣୁ ବିବର୍ତ୍ତନର ନିୟମ ଓ ବିଧି ଅନୁସାରେ ଭଗବତ୍ ଉପସ୍ଥିତିର ସେହି ଦିବ୍ୟ-ଆଲୋକ ଆମର ବାହ୍ୟ ଚେତନା ଓ ବାହ୍ୟ ଜୀବନରେ ଦିନେ ନା ଦିନେ ପ୍ରକଟିତ ହେବ — ଏହି ବିଶ୍ୱାସ ଓ ଭରସା ରଖିପାରିଲେ ତାହାହିଁ ଆମକୁ ନୈରାଶ୍ୟର ସମସ୍ତ ଗ୍ଲାନିରୁ ମୁକ୍ତ କରି ଦେଇ ଆମ ଚେତନାରେ ଆଶା ଓ ଆଲୋକର ନୂତନ ବାତାବରଣ ସଞ୍ଚାରିତ କରିଦେଇ ପାରିବ । ✤


There is a great power in the simple confidence of a child.

*(17 November 1954)* — THE MOTHER

*With best compliments from :*

**SRI HANUMAN FLOUR MILL**

**MAITAPUR, BALASORE (ORISSA)**